# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୬/୨୦୨୨ (୧୬ ପୃଷ୍ଠା) | Bhubaneswar, Monday, December 26/2022 | Page 16 | ₹ 7.00 | ★★★★

୪୯ଶ ଭାଗ ୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 33 | ମୂଲ୍ୟ ₹୭/-




**ଅଶ୍ୱିନ ପ୍ଲେୟର ଅଫ୍ ଦି ମ୍ୟାଚ**
ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତର ରବିଚନ୍ଦ୍ରନ ଅଶ୍ୱିନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୪

୧୨

**ଫଟୋଗ୍ରାଫର୍‌ଙ୍କୁ ସୋନମଙ୍କ ଆକଟ**
ମୁମ୍ବାଇ ଏୟାରପୋର୍ଟରେ ପୁଅ ବାୟୁଙ୍କ ଫଟୋ ନ ଉଠାଇବା ପାଇଁ ବଲିଉଡ୍ ଅଭିନେତ୍ରୀ ସୋନମ କପୁର ଅହୁଜା ଫଟୋଗ୍ରାଫର୍‌ଙ୍କୁ ଆକଟ କରିଥିଲେ।





ଭୁବନେଶ୍ୱର ବିମାନ ବନ୍ଦର ନିକଟରେ ହକି ବିଶ୍ୱକପ୍ ଟ୍ରଫିକୁ ରବିବାର ହକି ଇଣ୍ଡିଆ, ରାଜ୍ୟ କ୍ରୀଡ଼ା ବିଭାଗ କର୍ମକର୍ତ୍ତା ଓ ହକିପ୍ରେମୀମାନେ ସ୍ୱାଗତ କରୁଛନ୍ତି। **(ଫଟୋ- ବିକାଶ)**

# ହକି ଟ୍ରଫିକୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ହକି ବିଶ୍ୱକପ୍ ପାଇଁ ଉତ୍କଣ୍ଠା ବଢ଼ିଛି। ନୂଆ ରୂପରେ ସଜେଇ ହେଉଛି ଉଭୟ ସହର। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଭ୍ରମଣ କରିବା ପରେ ବିଶ୍ୱକପ୍ ଟ୍ରଫି ରବିବାର ଭୁବନେଶ୍ୱରରେ ପହଞ୍ଚିଛି। ଅପୂର୍ବ ଉତ୍ସାହ, ଆନନ୍ଦ ଓ ଉଦ୍ଦୀପନା ମଧ୍ୟରେ ଭୁବନେଶ୍ୱର ହକିପ୍ରେମୀ ଟ୍ରଫିକୁ ସ୍ୱାଗତ କରିଛନ୍ତି। ବିଜ୍ଞାନ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଟ୍ରଫିକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଯୋଡ଼ି ଶଙ୍ଖ, ଘୋଡ଼ାନାଚ ସହ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସେଠାରେ କ୍ରୀଡ଼ାମନ୍ତ୍ରୀ ଟ୍ରଫିକୁ ମେୟରଙ୍କୁ ହସ୍ତାନ୍ତର କରିଥିଲେ। ବିମାନବନ୍ଦରରେ ପହଞ୍ଚିବା ପରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପାଖରେ ବିଏମ୍‌ସି ପକ୍ଷରୁ ଭବ୍ୟ ସ୍ୱାଗତ ଜଣାଯାଇଥିଲା। ସେଠାରେ ୧୧୦ ଓଡ଼ିଶୀ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ଶହ ଶହ ସଂଖ୍ୟାରେ ଉପସ୍ଥିତ ମହିଳା ଶଙ୍ଖ, ହୁଳହୁଳି ସହ ଫୁଲ ବର୍ଷା କରିଥିଲେ।

ଏହାପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବାଇକ୍ ରାଲି ସହ ଲିଙ୍ଗରାଜ ମନ୍ଦିରକୁ ନିଆଯାଇଥିଲା। ସେଠାରେ ପୁରୀରୁ ଆସିଥିବା ଶ୍ରୀ ଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ୧୦୧ ଛାତ୍ର ଓ ପଣ୍ଡିତ ବେଦମନ୍ତ୍ର ପାଠକରି ଟ୍ରଫିକୁ ସ୍ୱାଗତ କରିଥିଲେ। ସେଠାରୁ ଏସ୍‌ପ୍ଲାନେଡ୍ ମଲ୍‌କୁ ନିଆଯାଇଥିଲା। ସେଠାରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଯୁବପିଢ଼ି ଟ୍ରଫିକୁ ଦେଖି ଆନନ୍ଦ ଉଠାଇଥିଲେ। ପରେ ଟ୍ରଫି ସୋଆ ବିଶ୍ୱବିଦ୍ୟାଳୟ ଏବଂ ଶେଷରେ କିଟ୍ ବିଶ୍ୱବିଦ୍ୟାଳୟ ପରିକ୍ରମା କରିଥିଲା। କିଟ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଯିବା ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିମାନବନ୍ଦରରୁ କିଟ୍ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆସିଥିବା ସମସ୍ତ ରାସ୍ତାରେ ଫୁଲ, ରଙ୍ଗୋଲିରେ ରାଜଧାନୀବାସୀ ଟ୍ରଫିକୁ ସ୍ୱାଗତ କରିଥିଲେ। ଏହାପରେ ପର୍ଯ୍ୟାୟକ୍ରମେ ଟ୍ରଫି ରାଜ୍ୟର ସମସ୍ତ ଜିଲାକୁ ଯିବ ଏବଂ ଜାନୁୟାରୀ ୧୧ରେ ପୁନର୍ବାର ଭୁବନେଶ୍ୱର ଫେରିବ। ସୂଚନାଯୋଗ୍ୟ, ଡିସେମ୍ବର ୫ରେ ଏହି ଟ୍ରଫିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀଙ୍କୁ ହସ୍ତାନ୍ତର କରିଥିଲେ। ଟ୍ରଫି ଟୁର୍ ୫ରୁ ଆରମ୍ଭ ହୋଇ ଦେଶର ବିଭିନ୍ନ ସହର ଦେଇ ପୁଣି ୨୫ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଛି। ଏହା ୧୨ଟି ରାଜ୍ୟ ଓ ଗୋଟିଏ ☞ପୃଷ୍ଠା-୪

# ରାଜ୍ୟରେ କମିଛି ମାଓବାଦୀ ହିଂସା

ଭୁବନେଶ୍ୱର,୨୫।୧୨ (ଆଇଏଏନ୍‌ଏସ୍)

ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ସାଧାରଣ ଲୋକଙ୍କ ନିମନ୍ତେ କେତେକ ଆର୍ଥିକ ଓ କଲ୍ୟାଣମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଯୋଗୁ ଓଡ଼ିଶାରେ ୨୦୨୧ରେ ମାଓବାଦୀ ହିଂସା ତଥା ବାମପନ୍ଥୀ ଉଗ୍ରବାଦ ହ୍ରାସ ପାଇଛି। ୨୦୧୦ରେ ରାଜ୍ୟରେ ୨୧୮ଟି ବାମପନ୍ଥୀ ଉଗ୍ରବାଦ ଘଟଣା ଘଟିଥିବାବେଳେ ୨୦୨୧ରେ ତାହା ୩୨ରେ ସୀମିତ ରହିଛି। ସେହିପରି ଏଭଳି ହିଂସାରେ ଘଟୁଥିବା ସୁରକ୍ଷାକର୍ମୀ ଏବଂ ସାଧାରଣ ଜନତାଙ୍କ ମୃତ୍ୟୁ ମଧ୍ୟ କମିଛି। ୨୦୧୦ରେ ମାଓବାଦୀଙ୍କ ହିଂସାରେ ୭୯ ଜଣଙ୍କ ପ୍ରାଣହାନି ହୋଇଥିବାବେଳେ ୨୦୨୧ରେ ମାତ୍ର ୩ ଜଣଙ୍କ ମୃତ୍ୟୁ ଘଟିଛି। ସରକାରୀ ତଥ୍ୟ ଅନୁଯାୟୀ ଗତ ୧୨ବର୍ଷ ମଧ୍ୟରେ ରାଜ୍ୟରେ ୧,୨୪୬ଟି ବାମପନ୍ଥୀ ଉଗ୍ରବାଦଜନିତ ହିଂସା ଦ୍ୱାରା ସୁରକ୍ଷାକର୍ମୀଙ୍କୁ ମିଶାଇ ମୋଟ ୩୫୭ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି କ୍ରମରେ ହାରାହାରି ବର୍ଷକୁ ପ୍ରାୟ ୧୦୩ ହିଂସା ଏବଂ ୨୯ ଜଣଙ୍କ ପ୍ରାଣହାନି ହୋଇଛି। କିନ୍ତୁ ଏହି ହାରକୁ ଦେଖିଲେ ୨୦୨୧ରେ ଓଡ଼ିଶାରେ ବାମପନ୍ଥୀ ଉଗ୍ରବାଦ କାର୍ଯ୍ୟକଳାପ ବହୁ ପରିମାଣରେ ହ୍ରାସ ପାଇଛି।

କେବଳ ହିଂସା ନୁହେଁ, ରାଜ୍ୟରେ ବାମପନ୍ଥୀ ଉଗ୍ରବାଦ କାର୍ଯ୍ୟକଳାପର ଭୌଗୋଳିକ ପରିସର ମଧ୍ୟ ହ୍ରାସ ପାଇଛି। ବର୍ତ୍ତମାନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ସିକ୍ୟୁରିଟି ରିଲେଟେଡ୍ ଏକ୍ସପେଣ୍ଡିଚର (ଏସ୍‌ଆର୍‌ଇ) ସ୍କିମ୍ ଅଧୀନରେ ଓଡ଼ିଶାର ୧୦ ଜିଲା ରହିଛି। ପୂର୍ବରୁ ୧୯ ଜିଲାରେ ଏହି ସ୍କିମ୍ କାର୍ଯ୍ୟକାରୀ ହେଉଥିଲା। ରାଜ୍ୟଗୁଡ଼ିକରେ ବାମପନ୍ଥୀ



- **୨୦୧୦ରେ ୨୧୮ ହିଂସାରେ ୭୯ ମୃତ୍ୟୁ**
- **୨୦୨୧ରେ ୩୨ ହିଂସାରେ ୩ ଜୀବନହାନି**

ଉଗ୍ରବାଦଜନିତ ସମସ୍ୟାର ମୁକାବିଲା ପାଇଁ ୧୯୯୬ ଏପ୍ରିଲ ୧ରୁ ଏହି ସ୍କିମ୍ କାର୍ଯ୍ୟକାରୀ ହେଉଛି। ସମ୍ପ୍ରତି ୧୦ ଜିଲା ତଥା ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଏବଂ ସୁନ୍ଦରଗଡ଼ରେ ଏହି ସ୍କମ୍ ଚାଲୁରହିଛି। ଏଥିମଧ୍ୟରୁ କନ୍ଧମାଳ, ମାଲକାନଗିରି ଏବଂ କଳାହାଣ୍ଡିକୁ ସବୁଠୁ ଅଧିକ ମାଓବାଦୀ ପ୍ରଭାବିତ ଜିଲାଭାବେ ବର୍ଗୀକରଣ କରାଯାଇଛି। ଏହାପଛକୁ କୋରାପୁଟ ଚିନ୍ତାଜନକ ଜିଲା ଭାବେ ବର୍ଗୀକୃତ ହୋଇଛି।

ଲୋକ ସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି ଯେ, ସରକାରଙ୍କ ଦ୍ୱାରା ଓଡ଼ିଶାର ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଉଛି। କେତେକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ଆଉ କେତେକ ଚାଲୁ ରହିଛି। ସେଥିମଧ୍ୟରେ ଦୁଇଟି ଯୋଜନାରେ ୯୭୪ କି.ମି. ରାସ୍ତା ନିର୍ମାଣ କରାଯାଇଛି। ଟେଲି ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ୨୫୬ଟି ମୋବାଇଲ ☞ପୃଷ୍ଠା-୪

# ପୋଖରୀରେ ବୁଡ଼ି ୨ ଭଉଣୀ ମୃତ

ନିଶ୍ଚିନ୍ତକୋଇଲି,୨୫।୧୨(ସ୍ୱ.ପ୍ର.)

ପୋଖରୀରେ ବୁଡ଼ି ୨ ନାବାଳିକା ଭଉଣୀଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ରବିବାର କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡ଼ା ପଞ୍ଚାୟତର ବନମାଳୀପୁର ଗ୍ରାମରେ। ମୃତକ ଦ୍ୱୟ ହେଲେ ଉକ୍ତ ଗ୍ରାମର ସତ୍ୟସୁନ୍ଦର ପଣ୍ଡାଙ୍କ ବଡ଼ ଝିଅ ଲିପ୍ସିତା(୯) ଓ ସାନଝିଅ ଇପ୍ସିତା (୪)। ଏନେଇ ସତ୍ୟସୁନ୍ଦର ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଅଭିଯୋଗ ଅନୁଯାୟୀ, ଲିପ୍ସିତା ସ୍ଥାନୀୟ ବିଦ୍ୟାଳୟର ପଞ୍ଚମ ଶ୍ରେଣୀରେ ଓ ଇପ୍ସିତା ଅଙ୍ଗନୱାଡ଼ି କେନ୍ଦ୍ରରେ ଅଧ୍ୟୟନ କରନ୍ତି। ରବିବାର ଛୁଟି ଥିବାରୁ ୨ ଭଉଣୀ ବିଦ୍ୟାଳୟକୁ ନ ଯାଇ ଘରେ ରହିଥିଲେ। ଉଭୟେ ସକାଳେ ଘର ପାଖରେ ଥିବା ଏକ ପୋଖରୀ କୂଳରେ ଖେଳୁଥିଲେ। କିଛି ସମୟ ପରେ ☞ପୃଷ୍ଠା-୪


ଆଜିର ସମ୍ପାଦକୀୟ

ଯେଉଁଠି ମା', ଝିଅ, ଭଉଣୀ ଅଲୋଡ଼ା







# ପ୍ରଚଣ୍ଡ ନେପାଳ ପ୍ରଧାନମନ୍ତ୍ରୀ

କାଠମାଣ୍ଡୁ,୨୫।୧୨

ସିପିଏନ୍-ମାଓଇଷ୍ଟ ସେଣ୍ଟର ଅଧ୍ୟକ୍ଷ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'ଙ୍କୁ ନେପାଳର ନୂଆ ପ୍ରଧାନମନ୍ତ୍ରୀ ଭାବେ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ରବିବାର ନିଯୁକ୍ତି ପ୍ରଦାନ କରିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୭୬ ଧାରା ୨ ଅନୁଯାୟୀ ପ୍ରଚଣ୍ଡଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଥିବା ରାଷ୍ଟ୍ରପତି କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ସରକାର ଗଢ଼ିବା ଲାଗି ଦାବି ଜଣାଇବା ନିମନ୍ତେ ରବିବାରକୁ ଶେଷ ଦିନ ଧାର୍ଯ୍ୟ କରାଯାଇଥିଲା। ଏହା ପୂର୍ବରୁ ପ୍ରଚଣ୍ଡ ରାଷ୍ଟ୍ରପତିଙ୍କୁ ଭେଟି ଏଥିପାଇଁ ଦାବି ଉପସ୍ଥାପନ କରିଥିଲେ। ସୋମବାର ଅପରାହ୍ନ ୪ଟାରେ ମାଓବାଦୀ ନେତା ପ୍ରଚଣ୍ଡ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ପ୍ରଚଣ୍ଡଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେବା ଲାଗି ସିପିଏନ୍-ୟୁଏମ୍‌ଏଲ୍ ଅଧ୍ୟକ୍ଷ କେ.ପି. ଶର୍ମା ଓଲି, ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ଅଧ୍ୟକ୍ଷ ରବି ଲାମିଛୋନେ, ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ମୁଖ୍ୟ ରାଜେନ୍ଦ୍ର ଲିଙ୍ଗ୍‌ଡେନ ଓ ଅନ୍ୟ ☞ପୃଷ୍ଠା-୪



ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'

# ସୀମା ବିବାଦର ସମାଧାନ ପାଇଁ ଭାରତ ସହ କାର୍ଯ୍ୟ କରିବାକୁ ପ୍ରସ୍ତୁତ: ଚାଇନା

ବେଜିଂ,୨୫।୧୨

ସୀମା ବିବାଦର ସମାଧାନ ଲାଗି ଭାରତ ସହ ଏକାଠି କାର୍ଯ୍ୟ କରିବାକୁ ବେଜିଂ ପ୍ରସ୍ତୁତ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି। ଭାରତ ସହ ଚାଇନାର ସମ୍ପର୍କ ଉପରେ ୱାଙ୍ଗ୍ ଖବରଦାତାମାନଙ୍କୁ କହିଥିଲେ, ଉଭୟ କୂଟନୈତିକ ଏବଂ ସାମରିକ ଚ୍ୟାନେଲ ଦେଇ ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ଜାରି ରହିଛି। ସୀମାରେ ସ୍ଥିରତା ବଜାୟ ରଖିବା ଲାଗି ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ। ଦୁଇ ଦେଶର ସମ୍ପର୍କ ବଢ଼ାଇବା ଦିଗରେ ଏକତ୍ର କାର୍ଯ୍ୟ କରିବାକୁ ବେଜିଂ ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଅରୁଣାଚଳପ୍ରଦେଶର ତୱାଙ୍ଗ ସେକ୍ଟରରେ ଭାରତୀୟ ଯବାନ ଓ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଗତ ୨୦ ତାରିଖରେ ଚୁଶୁଲ-ମୋଲ୍‌ଡୋ ସୀମାରେ ଦୁଇ ଦେଶର ସେନା ଅଧିକାରୀଙ୍କ ମଧ୍ୟରେ କର୍ପସ୍ କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ପଶ୍ଚିମାଞ୍ଚଳ ସେକ୍ଟରରେ ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ଲାଗି ଉକ୍ତ ବୈଠକରେ ଚାଇନା ପକ୍ଷ ରାଜି ହୋଇଥିଲେ। ଉଭୟ ପକ୍ଷ ଯୋଗାଯୋଗରେ ରହିବା ସହ ସାମରିକ ଏବଂ କୂଟନୈତିକ ଚ୍ୟାନେଲ ଜରିଆରେ ଆଲୋଚନା ଜାରି ରଖିବା ଏବଂ ସୀମା ପ୍ରସଙ୍ଗର ସମାଧାନ ଲାଗି ଯଥାଶୀଘ୍ର ସମ୍ଭବ ଗ୍ରହଣୀୟ ସମାଧାନ ସୂତ୍ର ଆପଣାଇବାକୁ ରାଜି ହୋଇଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା।



ୱାଙ୍ଗ୍ ୟି






୬ ଫେବୃୟାରୀ
ଲତା ମଙ୍ଗେସ୍କର

୮ ସେପ୍ଟେମ୍ବର
ରାଣୀ ଏଲିଜାବେଥ୍ ଦ୍ବିତୀୟ

# ମନେ ରହିବେ

ଜନ୍ମନେଲେ ମୃତ୍ୟୁ ଅବଶ୍ୟମ୍ଭାବୀ। କିନ୍ତୁ ଅବାକ ଲାଗେ, ଯେତେବେଳେ ଅକାଳରେ ଉଡ଼ିଯାଏ ଜୀବନ ହଂସ। କଳା, ସଂସ୍କୃତି, ଶିକ୍ଷା, ସାହିତ୍ୟ, ରାଜନୀତି, ମନୋରଞ୍ଜନ, କ୍ରୀଡ଼ା, ଶିଳ୍ପ ଆଦି କ୍ଷେତ୍ରରେ ସ୍ବତନ୍ତ୍ର ପାଲଟିଥିବା ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମେ ହରାଇଛୁ ବିଦାୟୀ ବର୍ଷରେ। ହେଲେ ସ୍ମରଣୀୟ ହୋଇରହିବ ସେମାନଙ୍କ ଅପ୍ରମିତ ବ୍ୟକ୍ତିତ୍ୱ।



୧୦ ଅକ୍ଟୋବର
ମୁଲାୟମ ସିଂ ଯାଦବ

୮ ଜୁଲାଇ
ଶିଞ୍ଜୋ ଆବେ



୧୬ ଫେବୃୟାରୀ
ବାପି ଲାହିରୀ

୧୭ ଏପ୍ରିଲ୍
ପ୍ରଫୁଲ୍ଲ କର

୧୧ ଜାନୁୟାରୀ
ମିହିର ଦାସ

୧ ଡିସେମ୍ବର
ଝରଣା ଦାସ

୩୧ ମେ
କେକେ

୨୧ ସେପ୍ଟେମ୍ବର
ରାଜୁ ଶ୍ରୀବାସ୍ତବ

୧୭ ଜାନୁୟାରୀ
ପଣ୍ଡିତ ବିର୍ଜୁ ମହାରାଜ



୪ ସେପ୍ଟେମ୍ବର
ସାଇରସ ମିସ୍ତ୍ରି

୩୦ ଜୁଲାଇ
ନିର୍ମଳା ମିଶ୍ର

୧୮ ଜୁଲାଇ
ଭୂପିନ୍ଦର ସିଂ

୮ ଡିସେମ୍ବର
ଉମେଶ ଚନ୍ଦ୍ର କର

୧୧ ସେପ୍ଟେମ୍ବର
ସ୍ୱାମୀ ସ୍ବରୁପାନନ୍ଦ ସରସ୍ବତୀ

୨୩ ମେ
ଶିବାଜୀ ପଟ୍ଟନାୟକ

୧୨ ଫେବୃୟାରୀ
ରାହୁଲ ବଜାଜ



୧୦ ମେ
ପଣ୍ଡିତ ଶିବକୁମାର ଶର୍ମା

୮ ମେ
ରଜତ କୁମାର କର

୨୪ ଏପ୍ରିଲ୍
ବୀଣାପାଣି ମହାନ୍ତି

୨୪ ଜୁନ୍
ରାଇମୋହନ ପରିଡ଼ା

୧୯ ନଭେମ୍ବର
ଗଗନେନ୍ଦ୍ର ନାଥ ଦାସ

୫ ଫେବୃୟାରୀ
ପଣ୍ଡିତ୍ ଦାମୋଦର ହୋତା

୩୦ ଅଗଷ୍ଟ
ମିଖାଇଲ ଗୋର୍ବାଚେଭ୍



୨୬ ନଭେମ୍ବର
ବିକ୍ରମ ଗୋଖଲେ

୧୬ ନଭେମ୍ବର
ଅବସର ବେଉରିଆ

୧୧ ମେ
ସୁଖରାମ

୧୪ ଅଗଷ୍ଟ
ରାକେଶ ଝୁନ୍‌ଝୁନ୍‌ୱାଲା

୩୧ ଅକ୍ଟୋବର
ଜାମସେଦ୍ ଜେ ଇରାନୀ

୨୯ ଅଗଷ୍ଟ
ଅଭିଜିତ୍ ସେନ୍

୭ ଫେବୃୟାରୀ
ପ୍ରବୀଣ କୁମାର ସୋବ୍‌ତୀ



୯ ଅଗଷ୍ଟ
ରଣଜିତ୍ ପଟ୍ଟନାୟକ

୨୦ ଏପ୍ରିଲ
ଟି. ରାମାରାଓ

୧୯ ଜୁଲାଇ
ଅଜୟ ପରିଡ଼ା

୪ ମାର୍ଚ୍ଚ
ଶେନ୍ ୱର୍ଣ୍ଣ

୬ ଜାନୁୟାରୀ
ସିଡ୍‌ନୀ ପୋଏଟିୟର

୨ ଫେବୃୟାରୀ
ଉଦୟ ନାରାୟଣ ଦେବ

୨ ଫେବୃୟାରୀ
ପ୍ରମୋଦ କୁମାର ମହାନ୍ତି



୨୮ ସେପ୍ଟେମ୍ବର
ଜୟନ୍ତୀ ପଟ୍ଟନାୟକ

୧୮ ଜାନୁୟାରୀ
ନାରାୟଣ ଦେବନାଥ

୩୧ ଅଗଷ୍ଟ
ଜଷ୍ଟିସ୍ ଦେବପ୍ରିୟ ମହାପାତ୍ର

୧୨ ଡିସେମ୍ବର
ମୋହନ ଜେନା

ଜାନୁୟାରୀ ୧୩
ସରୋଜ ପଟ୍ଟନାୟକ

୨୫ ଫେବୃୟାରୀ
ହେମାନନ୍ଦ ବିଶ୍ୱାଳ

୧୯ ସେପ୍ଟେମ୍ବର
ବିଷ୍ଣୁ ସେଠୀ

# ଆରମ୍ଭ ହୋଇନି ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ


ଗୋବିନ୍ଦ ସାହୁ

## ଜେଲରେ ଗୋବିନ୍ଦଙ୍କ ମୃତ୍ୟୁକୁ ୬ ଦିନ ବିତିଲା


ମମିତା ମେହେର

- ହ୍ୟାଣ୍ଡ ରାଇଟିଂ ମେଳ କଲା କ୍ରାଇମବ୍ରାଞ୍ଚ
- କଣ୍ଟାବାଞ୍ଜି ସବ୍‌ଜେଲରେ ପୁଣି ୪ ଘଣ୍ଟାର ତନାଘନା
- ଜେଲରେ ମୃତ୍ୟୁ ପୂର୍ବରୁ ଗୋବିନ୍ଦଙ୍କୁ କିଏ ଭେଟିଥିଲେ ଯାଞ୍ଚ ହେବ

**ବଲାଙ୍ଗୀର ଅଫିସ, ୨୫।୧୨**

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ କଣ୍ଟାବାଞ୍ଜି ସବ୍‌ଜେଲରେ ମୃତ୍ୟୁକୁ ୬ ଦିନ ବିତିଛି। ମାମଲାର ତଦନ୍ତଭାର ନେଇଥିବା କ୍ରାଇମବ୍ରାଞ୍ଚ ଟିମ୍ ଗତ ୬ ଦିନ ହେଲା କଣ୍ଟାବାଞ୍ଜି ଏବଂ ମହାଲିଙ୍ଗରେ ତନାଘନା ଚଳାଇଛି। ଇତିମଧ୍ୟରେ କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା କଣ୍ଟାବାଞ୍ଜି ଜେଲକୁ ଆସି ଫେରିଛନ୍ତି। ଜେଲରେ ମୁଖ୍ୟ ଅଭିଯୁକ୍ତ ସାହୁଙ୍କ ମୃତ୍ୟୁ ହୋଇଥିବାରୁ ଏନ୍ଏଚ୍ଆର୍‌ସି ଏବଂ ସୁପ୍ରିମ୍‌କୋର୍ଟ ଗାଇଡ୍‌ଲାଇନ୍ ଅନୁସାରେ ଏହାର ସବିଶେଷ ତଦନ୍ତ କରାଯିବ ବୋଲି କୁହାଯାଇଥିଲା। ମିଳିଥିବା ତଥ୍ୟ ମୁତାବକ, ଜଣେ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ ଜରିଆରେ ଏହି ମୃତ୍ୟୁ ଘଟଣାର ଅନୁସନ୍ଧାନ ହେବ। ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ ଏନେଇ ବଲାଙ୍ଗୀର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ କିଭଳି ପରିସ୍ଥିତିରେ ଜେଲରେ ଗତ ୨୦ ତାରିଖରେ ମୃତ୍ୟୁ ହେଲା ତା'ର କାରଣ ଖୋଜିବା ସହ କ୍ରାଇମବ୍ରାଞ୍ଚ କିଭଳି ତଦନ୍ତ କରୁଛି ତା'ର ମଧ୍ୟ ଯାଞ୍ଚ କରିବେ ବୋଲି ଜଣାପଡ଼ିଛି। ଏନେଇ ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚାରିବାରୁ ମାଜିଷ୍ଟ୍ରେଟ୍‌ସ୍ତରୀୟ ଜୁଡିସିଆଲ ଅନୁସନ୍ଧାନ ପାଇଁ ତାଙ୍କ ପାଖକୁ କୌଣସି ନିର୍ଦ୍ଦେଶ ଏଯାଏ ଆସିନାହିଁ ବୋଲି କହିଛନ୍ତି।

ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ମହାଲିଙ୍ଗ କଲେଜ ଏବଂ ଗୋବିନ୍ଦ ସାହୁଙ୍କ ଘରକୁ ଯାଇ ତଦନ୍ତ କରିଥିଲା। କଲେଜରୁ କିଛି ରେଜିଷ୍ଟର ନେଇ କଣ୍ଟାବାଞ୍ଜି ଫେରିଥିଲା। ଗୋବିନ୍ଦ ସାହୁ ଲେଖିଥିବା ଶେଷ ଚିଠିରେ ତାଙ୍କ ହ୍ୟାଣ୍ଡ ରାଇଟିଂ ମେଳ ଖାଉଛି କି ନାହିଁ ତାହା ଯାଞ୍ଚ କରିବାକୁ ରେଜିଷ୍ଟର ଆଣିଥିବା କୁହାଯାଇଛି। ରବିବାର ପୁଣି ଥରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ କଣ୍ଟାବାଞ୍ଜି ଜେଲ ଭିତରକୁ ଯାଇ ଦୀର୍ଘ ୪ ଘଣ୍ଟା ଧରି ତନାଘନା ଚଳାଇଥିଲା। ସେମାନେ ଜେଲର ମୁଲାକାତ୍ ରେଜିଷ୍ଟର ଯାଞ୍ଚ କରିବା ସହ ଏହାର ଫଟୋକପି ଆଣିଥିବା ଜଣାପଡ଼ିଛି। ଏହି ରେଜିଷ୍ଟରକୁ ତର୍ଜମା କରିବା ପରେ ପୁଣିଥରେ ଜେଲ କର୍ତ୍ତୃପକ୍ଷଙ୍କ ଜିମା ଦିଆଯାଇଛି। ଏହି ରେଜିଷ୍ଟରରୁ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ପୂର୍ବରୁ ତାଙ୍କୁ କିଏ ଭେଟିବାକୁ ଆସିଥିଲେ ତା'ର ତଦନ୍ତ କରାଯାଇ ତଥ୍ୟ ସଂଗ୍ରହ କରାଯିବ ବୋଲି ଜଣାପଡ଼ିଛି।

## ଝିଅ କହିଲେ ବାପାଙ୍କ ଚିଠି ଦିଅ

**ବଲାଙ୍ଗୀର ଅଫିସ, ୨୫।୧୨**

ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ କଣ୍ଟାବାଞ୍ଜି ଜେଲରେ ମୃତ୍ୟୁ ଦିନକୁ ଦିନ ରହସ୍ୟଜନକ ହେଉଛି। ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ମହାଲିଙ୍ଗ ଗସ୍ତ କରି ଗୋବିନ୍ଦ ସାହୁଙ୍କ ବାସଭବନ ଏବଂ କଲେଜ ଯାଇଥିଲା। ଏହି ଟିମ୍ ଗୋବିନ୍ଦଙ୍କ ଘର ଲୋକଙ୍କୁ ଭେଟି କେତେକ ପ୍ରଶ୍ନ କରିଥିଲା। ଏତିକିବେଳେ ଗୋବିନ୍ଦଙ୍କ ବଡ଼ଝିଅ ଲିପିକା କ୍ରାଇମବ୍ରାଞ୍ଚ ଅଧିକାରୀଙ୍କୁ ମୃତ୍ୟୁ ପୂର୍ବରୁ ତାଙ୍କ ଉଦ୍ଦେଶ୍ୟରେ ଲିଖିତ ବାପାଙ୍କ ଶେଷଚିଠି ମାଗିଥିଲେ। ମାମଲାର ଅନୁସନ୍ଧାନ ଚାଲିଥିବାରୁ ସେଇ ଚିଠିକୁ ଦେଇପାରିବେ ନାହିଁ ବୋଲି କ୍ରାଇମବ୍ରାଞ୍ଚ ଅଧିକାରୀ କହିଥିଲେ। ତେବେ ଉକ୍ତ ଚିଠିରେ କ'ଣ ଲେଖାଯାଇଛି କୁହନ୍ତୁ ବୋଲି ଲିପିକା ପଚାରିଥିବା ଜଣାପଡ଼ିଛି। ଏହା ମଧ୍ୟ କହିପାରିବେ ନାହିଁ ବୋଲି କ୍ରାଇମବ୍ରାଞ୍ଚ ଅଧିକାରୀ କହିଥିବା ଜଣାପଡ଼ିଛି। ପରିବାର ଲୋକେ ଗୋବିନ୍ଦଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରୁଥିବାରୁ ବାସ୍ତବରେ ସେ ଚିଠି ଲେଖି ତାକୁ ଯୋଜନାବଦ୍ଧ ଭାବେ ତାଙ୍କ ଜ୍ୟାକେଟ୍ ପକେଟରେ ରଖାଯାଇଥିଲା କି ତାହା ମଧ୍ୟ ସନ୍ଦେହଘେରରେ ରହିଛି। ରବିବାର ପରିବାରର କେତେକ ସଦସ୍ୟ ଗୋବିନ୍ଦଙ୍କ ଅସ୍ଥି ବିସର୍ଜନ ନିମନ୍ତେ ପ୍ରୟାଗ୍‌ରାଜ ଯାଇଥିବା ସୂଚନା ମିଳିଛି।




# ଆକ୍ରାନ୍ତଙ୍କ ସଂଖ୍ୟା ୪୮ ଛୁଇଁଲା

**ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ)**

## ଆଉ ୨ ପଜିଟିଭ ଚିହ୍ନଟ



- ସମସ୍ତେ ଓମିକ୍ରନ ସବ୍‌ଭାରିଆଣ୍ଟ ବିଏଫ୍-୭ ଦ୍ୱାରା ଆକ୍ରାନ୍ତ
- ୨୭ରେ ଜିଲା ସ୍ତରରେ ହେବ ମକ୍‌ଡ୍ରିଲ୍

ରାଜ୍ୟରେ ଆଉ ୨ଜଣ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଏ ପର୍ଯ୍ୟନ୍ତ ରାଜ୍ୟରେ ୪୮ ଜଣ ପଜିଟିଭ ଚିହ୍ନଟ ହେଲେଣି। ସମସ୍ତେ ଓମିକ୍ରନ୍ ସବ୍‌ଭାରିଆଣ୍ଟ ବିଏଫ୍-୭ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ଅପରପକ୍ଷେ ଆକ୍ରାନ୍ତଙ୍କ ମଧ୍ୟରୁ କେହି ମେଡିକାଲରେ ଭର୍ତ୍ତି ହୋଇ ନ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ରାଜ୍ୟରେ ଦୁଇଟି ଟିକା ନେବା ପରେ ଲୋକଙ୍କ ଭିତରେ ହାଇବ୍ରିଡ ଇମ୍ୟୁନିଟି ସୃଷ୍ଟି ହୋଇଛି। ସଚେତନତା ମଧ୍ୟ ବଢ଼ିଛି। କୋଭିଡର ଆଉ ଏକ ଲହର ଆସିଲେ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ରହିଛନ୍ତି। ରାଜ୍ୟରେ ପ୍ରତି ଜିଲା ହସ୍ପିଟାଲରେ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଏଥିସହ ଆବଶ୍ୟକ ଔଷଧ ମଧ୍ୟ ମହଜୁଦ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ଅପରପକ୍ଷେ ରବିବାର ଭିଡିଓ କନ୍‌ଫରେନ୍ସରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ କରାଯାଇଥିଲା। ଜିଲାସ୍ତରରେ କୋଭିଡ୍ ମୁକାବିଲା ପ୍ରସ୍ତୁତ ପରଖିବାକୁ ଆସନ୍ତା ୨୭ରେ ମକ୍‌ଡ୍ରିଲ ହେବ। ଏଥିସହ ବିଭିନ୍ନ ଦେଶରେ କୋଭିଡ୍ ଭୟାବହତା ବଢୁଥିବାରୁ ଟେଷ୍ଟିଂ ବଢାଇବା ସହ ଲୋକଙ୍କ ମଧ୍ୟରେ ସଚେତନତା ଜୋରଦାର କରିବାକୁ ସମସ୍ତ ଜିଲା ପ୍ରଶାସକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ସରକାରୀ ମେଡିକାଲ କଲେଜ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ପାଇଁ ସ୍ୱତନ୍ତ୍ର ବେଡ୍ ଏବଂ ଅକ୍ସିଜେନ୍ ସୁବିଧା ଥିବା ବେଡ୍ ସହ ଆଇସିୟୁ ସଂରକ୍ଷଣ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ରାଜ୍ୟରେ ଦ୍ୱିତୀୟ କୋଭିଡ୍ ୱେଭର ପିକ୍ ଲୋଡ୍ ଭଳି ସ୍ଥିତିର ସାମ୍ନା କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ମାସକ ପାଇଁ ଟେଷ୍ଟିଂ କିଟ୍ ଏବଂ ଔଷଧ ମହଜୁଦ ରହିଥିବା ଏହି ବୈଠକରେ ସୂଚନା ଦିଆଯାଇଛି।


ଖ୍ରୀଷ୍ଟମାସ ପାଇଁ ରବିବାର ସନ୍ଧ୍ୟାରେ ରସୁଲଗଡ଼ ଏସ୍‌ପ୍ଲାନେଡ୍ ଛକ ରାସ୍ତା ଜାମ୍ ହୋଇଯାଇଛି।

# ବାଇକ୍‌ରୁ ଟେକିନେଇ ଚାଷୀଙ୍କୁ ଦଳିଦେଲା ଦନ୍ତା

**ପରଜଙ୍ଗ, ୨୫।୧୨(ଡି.ଏନ୍.ଏ.)**

ମାଛ ଦାନା ପକାଇବାକୁ ପୋଖରୀକୁ ଯାଉଥିବାବେଳେ ବାଇକ୍‌ରୁ ଟେକିନେଇ ଜଣେ ଚାଷୀଙ୍କୁ କଚାଡ଼ି ମାରିଦେଇଛି ଗୋଠଛଡ଼ା ଦନ୍ତା। ଢେଙ୍କାନାଳ ଜିଲା ମହାବିରୋଡ୍ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ କଲଦା ଗ୍ରାମରେ ରବିବାର ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତକ ହେଲେ ରମେଶ ଚନ୍ଦ୍ର ସାହୁ।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ରମେଶ ଭୋର୍ ସମୟରେ ବାଇକ୍‌ରେ ମାଛଦାନା ଧରି ପୋଖରୀକୁ ଯାଉଥିଲେ। ଏହି ସମୟରେ ଆମ୍ବପଳାସ-ଟାସିରି ରାସ୍ତାରେ ପଲରୁ ଅଲଗା ହୋଇଥିବା ଏକ ଦନ୍ତା ସମ୍ମୁଖକୁ ଚାଲି ଆସିଥିଲା। ରମେଶ କିଛି ଭାବିବା ଆଗରୁ ହାତୀଟି ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେବା ସହ ଦଳିଦେଇଥିଲା। ସୂଚନା ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବନ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଦାଖଲ ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଫରେଷ୍ଟର ଅଜିତ୍ ଦଳେଇ ସୂଚନା ଦେଇଛନ୍ତି। ଆମ୍ବପଳାସ, ରୋଡ୍, କୁଆଲୋ, ନୟାକୁଆଲୋ, କୁଲେଇ, କଲଦା ଅଞ୍ଚଳରେ ଏକାଧିକ ଦନ୍ତା ଆତଙ୍କ ସୃଷ୍ଟି କରୁଛନ୍ତି। ବିଶେଷ କରି କଲଦା ଅଞ୍ଚଳରେ ଘୂରି ବୁଲୁଥିବା ଦନ୍ତା ଅଧିକ ହିଂସ୍ର ଆଚରଣ ପ୍ରଦର୍ଶନ କରିବା ସହ ବ୍ୟାପକ କ୍ଷୟକ୍ଷତି କରୁଛି। ତୁରନ୍ତ ଉକ୍ତ ହାତୀକୁ ଅନ୍ୟତ୍ର ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଘଟଣାସ୍ଥଳରେ ରମେଶଙ୍କ ବାଇକ୍।

# ଘରେ ନାବାଳିକାଙ୍କୁ ଖଟାଇ ଦେଉଥିଲେ ନିର୍ଯାତନା

- ଉଦ୍ଧାର କଲା ଚାଇଲ୍ଡଲାଇନ୍
- ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ
- ଘର ଛାଡ଼ି ମାଲିକ, ମାଲିକାଣୀ ଫେରାର

**ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)**

ଜଣେ ନାବାଳିକାଙ୍କୁ ଘରେ ରଖି ଖଟାଉଥିଲେ। ପ୍ରତିଦିନ ଅକଥନୀୟ ନିର୍ଯାତନା ଦେଉଥିଲେ। କେତେବେଳେ ତଣ୍ଟି ଚିପି ଦେଉଥିଲେ ତ ଆଉ କେବେ ନିସ୍ତୁକ ମାଡ଼ ମାରୁଥିଲେ। ୩ବର୍ଷ ହେଲା ମାଲିକ ଓ ମାଲିକାଣୀଙ୍କଠାରୁ ନିର୍ଯାତନା ପାଇ ପେଟ ପୋଷିବାକୁ ସବୁ କାମ କରୁଥିଲେ ବି ମୁହଁ ଖୋଲିବାକୁ ସାହସ ଜୁଟାଇ ପାରୁ ନ ଥିଲେ ୧୪ ବର୍ଷୀୟା ନାବାଳିକା। ତେବେ ରବିବାର ପୋଲିସ ସହାୟତାରେ ଚାଇଲ୍ଡ ଲାଇନ୍ ସମ୍ପୃକ୍ତ ନାବାଳିକାଙ୍କୁ ତାଙ୍କ ମାଲିକଙ୍କ ଘରୁ ଉଦ୍ଧାର କରିଛି। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣୀ ଅଞ୍ଚଳର ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ରାଜଧାନୀରେ ଆଲୋଡ଼ନ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ନାବାଳିକାଙ୍କ ମା' ଓ ବାପା ଭୁବନେଶ୍ୱରର ପୋଖରୀପୁଟ ଅଞ୍ଚଳରେ ରହୁଛନ୍ତି। ସେମାନେ ଶ୍ରମିକ ଶ୍ରେଣୀର ହୋଇଥିବାବେଳେ ଆର୍ଥିକ ସଙ୍କଟ ଲାଗି ରହିବାରୁ ନାବାଳିକା ଝିଅକୁ କେଉଁଠି କାମରେ ନିୟୋଜିତ କରିବାକୁ ଚାହିଁଥିଲେ। ସ୍ଥାନୀୟ ଅଞ୍ଚଳରେ ରହୁଥିବା ଅଶୋକ କୁମାର ସ୍ୱାଇଁଙ୍କ ବାପା ଅଜୟ ସ୍ୱାଇଁ ନାବାଳିକାଙ୍କୁ ନେଇ ଆସିଥିଲେ। ପଳାଶୁଣୀସ୍ଥିତ ବ୍ୟାଙ୍କର୍ସ ଏନ୍‌କ୍ଲେଭ୍‌ରେ ଏକ ଫ୍ଲାଟରେ ରହୁଥିବା ତାଙ୍କ ପୁଅ, ବୋହୁଙ୍କ ପାଖରେ ନାବାଳିକାଙ୍କୁ ଛାଡ଼ିଥିଲେ। ଏଥିପାଇଁ ନାବାଳିକାଙ୍କ ପରିବାର ଲୋକଙ୍କୁ ଟଙ୍କା ଦିଆଯାଉଥିଲା। ତେବେ ନାବାଳିକାଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦିଆଯାଉଥିଲା। ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକେ ରବିବାର ପୂର୍ବାହ୍ନରେ ଚାଇଲ୍ଡ ଲାଇନ୍‌କୁ ଜଣାଇଥିଲେ। ଚାଇଲ୍ଡଲାଇନ୍ କର୍ତ୍ତୃପକ୍ଷ ପୋଲିସ ସହ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ମାଲିକ ଓ ମାଲିକାଣୀଙ୍କ ମାଡ଼ରେ ନାବାଳିକାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ନାବାଳିକାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଅତିରିକ୍ତ ସିଡବ୍ଲୁସିଙ୍କ ନିର୍ଦ୍ଦେଶକ୍ରମେ କଳିଙ୍ଗବିହାରସ୍ଥିତ ବିଶ୍ୱ ଜୀବନ ସେବା ସଂଘ ଓପନ୍ ଶେଲ୍ଟର ହୋମ୍‌ରେ ରଖାଯାଇଛି। ଅପରପକ୍ଷରେ ଘଟଣା ସଂକ୍ରାନ୍ତରେ ଚାଇଲ୍ଡଲାଇନ ପକ୍ଷରୁ ମଞ୍ଚେଶ୍ୱର ଥାନାରେ ମାଲିକ ଅଶୋକ କୁମାର ସ୍ୱାଇଁ ଏବଂ ଅନ୍ୟମାନଙ୍କ ନାମରେ ଏତଲା ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୪୯୭/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ମାଲିକ ଅଶୋକ ଓ ତାଙ୍କ ସ୍ତ୍ରୀ ମାନିନୀ ଅନୁରାଧା ବିଶ୍ୱାଳ ନିଜ ୪ ବର୍ଷର ଝିଅ ସହ ଘର ଛାଡ଼ି ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ଖୋଜାଚାଲିଥିବା ସେ ପ୍ରକାଶ କରିଛନ୍ତି। ଚାଇଲ୍ଡଲାଇନ ଅଧ୍ୟକ୍ଷ ବେଣୁଧର ସେନାପତି କହିଛନ୍ତି, ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ଏନେଇ ଭୁବନେଶ୍ୱର ଡିସିପିଙ୍କୁ ଅବଗତ କରାଯିବ।



ନାବାଳିକାଙ୍କୁ ମାଲିକଙ୍କ ଘରୁ ଉଦ୍ଧାର କରାଯାଇ ଅଣାଯାଉଛି।

## ହୋଣ୍ଡା ସୋ'ରୁମ୍‌ରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)**

ବରମୁଣ୍ଡା ଫାୟାର ଷ୍ଟେଶନ ନିକଟ ହୋଣ୍ଡା ସୋ'ରୁମ୍‌ରେ ରବିବାର ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗିବାରୁ ସୋ'ରୁମ୍ ବାହାର ପଟ କାନ୍ଥ ଜଳିଯାଇଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ।

# ଓଡ଼ିଶା ସୀମାନ୍ତ ଗ୍ରାମରେ ଆନ୍ଧ୍ର ଉପ ମୁଖ୍ୟମନ୍ତ୍ରୀ ପାଳିଲେ ଖ୍ରୀଷ୍ଟପର୍ବ

**ପଟ୍ଟାଙ୍ଗି, ୨୫।୧୨(ଡି.ଏନ.ଏ.)**

୨୦୨୨ ଶେଷ ହେବାକୁ ଆଉ କେତୋଟି ଦିନ ବାକି ରହିଛି। ତଥାପି ପଡୋଶୀ ଆନ୍ଧ୍ର ପ୍ରଦେଶ ଓଡ଼ିଶାର ସୀମାନ୍ତ ଗ୍ରାମ ଉପରେ ନଜର ପକାଇବାକୁ ପଛଘୁଞ୍ଚା ଦେଇନି। ରବିବାର ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପିଡିକା ରାଜାନା ଦୋରା ଓଡ଼ିଶାର ଏକ ସୀମାନ୍ତ ଗ୍ରାମରେ ଅନୁପ୍ରବେଶ କରି ଗ୍ରାମବାସୀଙ୍କ ସହ ଖ୍ରୀଷ୍ଟପର୍ବ ପାଳନ କରିଛନ୍ତି। ଏହି ଖବର ଜଣାପଡିବା ପରେ ଓଡ଼ିଶାର କୋରାପୁଟ ଜିଲା ପ୍ରଶାସନ ଓ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି।

ଖବରରୁ ଜଣାପଡିଛି, ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ତାଡିବାଲସା ଗ୍ରାମରେ ଖ୍ରୀଷ୍ଟମାସ୍ ଅବସରରେ ପାଷ୍ଟର ଗୁଡିୱାଡା ସୁରି ନାରାୟାଣାଙ୍କ ଅଧ୍ୟକ୍ଷତାରେ ଖ୍ରୀଷ୍ଟପର୍ବ ଆୟୋଜିତ ହୋଇଥିଲା। ଏଥିରେ ଆନ୍ଧ୍ର ଉପ ମୁଖ୍ୟମନ୍ତ୍ରୀ ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଗ୍ରାମବାସୀ ଏବଂ ଗ୍ରାମର ଖ୍ରୀଷ୍ଟ ଧର୍ମାବଲମ୍ବୀ ପରିବାରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏପରି ଏକ କାର୍ଯ୍ୟକ୍ରମରେ ମୁଁ ନିମନ୍ତ୍ରିତ ହୋଇଥିବାରୁ ନିଜକୁ ଧନ୍ୟ ମନେକରୁଛି ବୋଲି ଦୋରା କହିଥିଲେ। ଆନ୍ଧ୍ର ସରକାର ସୀମାନ୍ତ ଗ୍ରାମବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସବୁବେଳେ ଉଦ୍ୟମ ଜାରି ରଖିଛନ୍ତି। ସୀମାନ୍ତ ଗ୍ରାମଗୁଡିକରେ ଶିକ୍ଷାଠାରୁ ଆରମ୍ଭ କରି ପାନୀୟ ଜଳ, ରାସ୍ତାଘାଟ, ବାର୍ଦ୍ଧକ୍ୟ ଭତ୍ତା, ରାଶନ ସାମଗ୍ରୀ ଆଦି ଯୋଜନାର ସୁଫଳ କିପରି ପ୍ରତି ଘରେ ପହଞ୍ଚିବ ସେଥିପାଇଁ ଆନ୍ଧ୍ର ସରକାର ନିଜ ଚେଷ୍ଟା ଜାରି ରଖିଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଟିଆ ପଞ୍ଚାୟତର ନେରିଡିବାଲସା, ଉପରସେମ୍ଭି, ତଳସେମ୍ଭି, ଧୂଳିପଦର, କୁମ୍ଭିମାଡା ଆଦି ଗ୍ରାମରୁ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ। ଉପ ମୁଖ୍ୟମନ୍ତ୍ରୀ ଦୋରା ମନ୍ତ୍ରିମଣ୍ଡଳରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ କୋଟିଆ ପଞ୍ଚାୟତ ପ୍ରତି ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ପଟ୍ଟାଙ୍ଗି ବିଡିଓ ସୌମ୍ୟସାର୍ଥକ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ଏ ସମ୍ପର୍କରେ ମୋ ପାଖରେ କିଛି ଖବର ନାହିଁ। ତଥାପି ମୁଁ ଦେଖିବି। ଜିଲାପାଳଙ୍କୁ ଏନେଇ ରିପୋର୍ଟ କରିବି ବୋଲି କହିଥିଲେ।


ଆନ୍ଧ୍ର ଉପ ମୁଖ୍ୟମନ୍ତ୍ରୀ ପିଡିକା ରାଜାନା ଦୋରା ଉଦ୍‌ବୋଧନ ଦେଉଛନ୍ତି।

**ଆଜିର ମନ୍ତବ୍ୟ**

"ବିଦାୟୀ ବର୍ଷ ୨୦୨୨ ଭାରତ ପାଇଁ ପ୍ରେରଣାଦାୟୀ ଏବଂ ଚମତ୍କାର ବର୍ଷ ଥିଲା। ଏହି ସମୟରେ ଦେଶ ଅନେକ ସଫଳତା ହାସଲ କରି ବିଶ୍ୱ ଦରବାରରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରଜାର ଭଣ୍ଡାର ଫିଟେ
ଭଣ୍ଡାରିର ଛାତି ଫାଟେ ।**

ପ୍ରଜାମାନଙ୍କ ଦୁର୍ଦ୍ଦିନରେ ରାଜା ତାଙ୍କ ଭଣ୍ଡାର ଖୋଲି ମୁକ୍ତ ହସ୍ତରେ ଦାନ କରିଥାନ୍ତି। ତେବେ ଭଣ୍ଡାର ଘର ଜଗି ଜଗି ଏକପ୍ରକାର ମୋହ ଆସିଯାଇଥିବା କାରଣରୁ ଭଣ୍ଡାରରକ୍ଷକ ପକ୍ଷେ ଏସବୁ ସହ୍ୟକରିବା କଷ୍ଟକର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରଙ୍କ ସଞ୍ଚେ ଧନ
ତାକୁ ମୂଷା କରେ ଜଳପାନ ।**

ଯାହା ପାଖରେ ଯେଉଁଟା ଯେତେ ଅଭାବ ତା' ପାଇଁ ସେଇଟା ସେତେ ମୂଲ୍ୟବାନ। ଅଭାବୀ ବ୍ୟକ୍ତି ପକ୍ଷେ ଦୁଃଖ କଷ୍ଟରେ ପେଟରୁ କାଟି ଗଚ୍ଛିତ ରଖିଥିବା ଧନ ପ୍ରତି ମନରେ ଅହେତୁକ ଦୁର୍ବଳତା ଭାବ ରହିବା ସ୍ୱାଭାବିକ। ଏପରି ସ୍ଥଳେ ସେହି ଧନକୁ ଆତ୍ମସାତ କରିନେବା ଅମାନବିକତା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବାଇକ୍ ଧକ୍କାରେ ଯୁବ ଖେଳାଳି ମୃତ

**ରସୁଲପୁର, ୨୫।୧୨ (ଡି.ଏନ.ଏ.)**

ଯାଜପୁର ଜିଲା କୁଆଖିଆ ଥାନା ରସୁଲପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମର ସ୍ୱର୍ଗତ ଜଡ଼ା ରାଉତଙ୍କ ସାନପୁଅ ତଥା ଯୁବ ଭଲିବଲ୍ ଖେଳାଳି ଗୁଡୁ ଓରଫ୍ ସମୀର ରାଉତଙ୍କ ଶନିବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ରାତିରେ ସାଙ୍ଗକୁ ଛାଡିବାକୁ ଗୁଡୁ କୁଆଖିଆ ବଜାରକୁ ଯାଇଥିଲେ। ସେ ତାଙ୍କ ବନ୍ଧୁଙ୍କ ସହ ବାଇକ୍ ପଛରେ ବସି ଘରକୁ ଫେରୁଥିଲେ। ଏହି ସମୟରେ ପଛପଟୁ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେବାରୁ ଗୁଡୁଙ୍କ ଗୁପ୍ତାଙ୍ଗରେ ମାଡ଼ ହୋଇଥିଲା। ତାଙ୍କୁ ସାଙ୍ଗମାନେ ନେଇ ଘରେ ଛାଡି ଦେଇଥିଲେ। ଶନିବାର ଅପରାହ୍ନରେ ସେ ଶରୀରରେ ଆଘାତ ପାଇଥିବା ସ୍ଥାନରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ସନ୍ଧ୍ୟାରେ ତାଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡ଼ିବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।


ସମୀର ରାଉତ

**ପ୍ରଥମ ପୃଷ୍ଠାରୁ...**

## ରାଜ୍ୟରେ କମିଛି ....

ଟାୱାର ସ୍ଥାପନ କରାଯାଇଥିବାବେଳେ ଆଉ ୪୮୩ଟି ଟାୱାର ପ୍ରତିଷ୍ଠା ପାଇଁ କାର୍ଯ୍ୟାଦେଶ ଜାରି ହୋଇଛି। ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କ ପାଇଁ ଆବଶ୍ୟକ ଭିତ୍ତିଭୂମି ଏବଂ ସେବା ଯୋଗାଇଦେବା ନିମନ୍ତେ ସ୍ପେଶାଲ ସେଣ୍ଟ୍ରାଲ ଆସିଷ୍ଟାଣ୍ଟ ସ୍କିମ୍ ଅଧୀନରେ ମୋଟ ୨୩୪.୩୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେଥିରେ ରାସ୍ତା ମରାମତି, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ, ଶିକ୍ଷା ସମ୍ପର୍କିତ ଏବଂ ଗ୍ରାମାଞ୍ଚଳ ଭିତ୍ତିଭୂମି ଆଦି ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯାଉଛି। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ସଶକ୍ତୀକରଣ ପାଇଁ ୫ଟି ଆଇଟିଆଇ ଏବଂ ୧୦ଟି ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ପ୍ରତିଷ୍ଠା ନିମନ୍ତେ ଦକ୍ଷତା ବିକାଶ ଯୋଜନାରେ ମଞ୍ଜୁର କରାଯାଇଛି। ସେହିପରି କେନ୍ଦ୍ର ପକ୍ଷରୁ ୬୪ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସେଥିରୁ ୧୮ଟି କାର୍ଯ୍ୟକ୍ଷମ ହୋଇସାରିଛି। ଅନ୍ୟପକ୍ଷରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ନିମନ୍ତେ ୪୯ଟି ବ୍ୟାଙ୍କ, ୯୫ଟି ଏଟିଏମ୍ ପ୍ରତିଷ୍ଠା କରାଯିବା ସହ ୧୧୪୪ ଜଣ ବ୍ୟାଙ୍କିଙ୍ଗ୍ କରେସ୍‌ପେଣ୍ଡେଣ୍ଟଙ୍କୁ ନିୟୋଜିତ କରାଯାଇଛି। ଗତ ୭ ବର୍ଷରେ ୨ଟି ପର୍ଯ୍ୟାୟରେ ୨୪୭ଟି ପୋଷ୍ଟ ଅଫିସ୍ ମଧ୍ୟ ଖୋଲାଯାଇଛି।

## ହକି ଟ୍ରଫିକୁ ...

କେନ୍ଦ୍ରଶାସିତ ଅଞ୍ଚଳକୁ ଯାଇଥିଲା। ଜାନୁୟାରୀ ୧୩ରୁ ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲାରେ ବିଶ୍ୱକପ୍ ହକି ଅନୁଷ୍ଠିତ ହେବାକୁ ଯାଉଛି। ଏଭଳି ଏକ ନିଷ୍ପତ୍ତି ଦେଶର ସମସ୍ତ ହକିପ୍ରେମୀଙ୍କୁ ଉତ୍ସାହିତ କରିବ ବୋଲି ହକି ଇଣ୍ଡିଆ ସଭାପତି କହିଛନ୍ତି।

## ପ୍ରଚଣ୍ଡ ନେପାଳ ...

ନେତାମାନେ ରାଷ୍ଟ୍ରପତିଙ୍କୁ ପ୍ରସ୍ତାବ ଦେଇଥିଲେ। ୨୭୫ ସଦସ୍ୟ ବିଶିଷ୍ଟ ନେପାଳ ପ୍ରତିନିଧି ସଭାରେ ପ୍ରଚଣ୍ଡଙ୍କ ପଛରେ ୧୬୫ଜଣଙ୍କ ସମର୍ଥନ ରହିଛି। ସମର୍ଥନ ଦେଇଥିବା ଦଳ ମଧ୍ୟରେ ସିପିଏନ୍-ୟୁଏମ୍ଏଲ୍‌ର ୭୮ ସଦସ୍ୟ ଥିବାବେଳେ ସିପିଏନ୍-ଏମ୍‌ସିର ୩୨, ଆର୍‌ଏସ୍‌ପି ୨୦, ଆର୍‌ପିପି ୧୪, ଜେଏସ୍‌ପି ୧୨, ଜନମତ ୬ ଏବଂ ନାଗରିକ ଉନ୍ମୁକ୍ତି ପାର୍ଟିର ୩ ସଦସ୍ୟ ଅଛନ୍ତି।

ପ୍ରଚଣ୍ଡ ୧୩ ବର୍ଷ ଲୁଚି ରହିବା ପରେ ରାଜନୀତିର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିଲେ। ଦୀର୍ଘ ଦଶନ୍ଧିର ହିଂସା ପରିତ୍ୟାଗ କରି ସିପିଏନ୍-ମାଓଇଷ୍ଟ ଶାନ୍ତିପୂର୍ଣ୍ଣ ରାଜନୀତିକୁ ଆପଣାଇଥିଲା। ପ୍ରଚଣ୍ଡ ୨୦୦୬ ନଭେମ୍ବରରେ ସରକାରଙ୍କ ସହ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିଥିଲେ। ରବିବାର ସକାଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଓଲିଙ୍କ ବାସଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ପ୍ରଚଣ୍ଡଙ୍କ ନେତୃତ୍ୱରେ ସରକାର ଗଢ଼ିବା ପାଇଁ ସିପିଏନ୍-ମାଓଇଷ୍ଟ ସେଣ୍ଟର ଓ ଅନ୍ୟ ଛୋଟ ଦଳଗୁଡ଼ିକ ରାଜି ହୋଇଥିଲେ। ପ୍ରଚଣ୍ଡ ଏବଂ ଓଲିଙ୍କ ମଧ୍ୟରେ ପାଳିରେ ସରକାର ଗଢ଼ିବା ଲାଗି ବୁଝାମଣା ହୋଇଛି। ସେହି ଅନୁଯାୟୀ ପ୍ରଥମ ପାଳିରେ ପ୍ରଚଣ୍ଡ ପ୍ରଧାନମନ୍ତ୍ରୀ ହେବା ଲାଗି ଓଲି ରାଜି ହୋଇଥିଲେ।

## ପୋଖରୀରେ ବୁଡ଼ି ...

ସେମାନଙ୍କୁ ଆଉ ଦେଖିବାକୁ ମିଳି ନ ଥିଲା। ପରିବାର ଲୋକେ ଖୋଜାଖୋଜି କରିବା ପରେ ୨ ଭଉଣୀଙ୍କ ମୃତଦେହ ପାଣିରେ ଭାସୁଥିବା ଜଣାପଡ଼ିଥିଲା। ଗାଁ ଲୋକଙ୍କଠାରୁ ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଭଉଣୀଙ୍କୁ ନେଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାର ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ଘଟଣା ପ୍ରଚାରିତ ହେବାପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ୨ ମାସ ପୂର୍ବେ ସତ୍ୟସୁନ୍ଦରଙ୍କ ସ୍ତ୍ରୀ ନିଶ୍ଚିନ୍ତକୋଇଲି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରିଥିଲେ। ଏବେ ୨ ଝିଅଙ୍କ ଜୀବନ ଚାଲିଯିବା ପରେ ପରିବାର ସଦସ୍ୟ ଭାଙ୍ଗି ପଡ଼ିଛନ୍ତି। ସୂଚନାଯୋଗ୍ୟ, ଦୁଇଦିନ ପୂର୍ବେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ବାଗପାଟିଆ ଗାଁରେ ୩ ଜଣ ପିଲା ପୋଖରୀରେ ଗାଧୋଉଥିବାବେଳେ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ।

# ୨୧୦୦ ବେଳକୁ ଲୋପ ପାଇଯିବେ ପେଙ୍ଗୁଇନ୍

## ବିଲୁପ୍ତପଥେ ଆଣ୍ଟାର୍କଟିକାର ୯୭% ସ୍ଥଳଚର ପ୍ରାଣୀ

**ମେଲ୍‌ବୋର୍ନ, ୨୫।୧୨**

ଜଳବାୟୁ ପରିବର୍ତ୍ତନ ଯୋଗୁ ଆଣ୍ଟାର୍କଟିକା ମହାଦେଶର ପ୍ରାଣୀ ଜଗତ ବିପଦରେ ପଡ଼ିଛନ୍ତି। ଯଦି ଏହାର ପ୍ରତିକାର ଦିଗରେ କାର୍ଯ୍ୟ କରା ନ ଯାଏ ତେବେ ୨୧୦୦ ମସିହା ବେଳକୁ ଏଠାକାର ୯୭% ସ୍ଥଳଚର ପ୍ରାଣୀ ବିଲୁପ୍ତ ହୋଇଯିବେ। ଅନ୍ୟପକ୍ଷେ ଆଣ୍ଟାର୍କଟିକାର ମୁଖ୍ୟ ଆକର୍ଷଣ ପାଲଟିଥିବା ପେଙ୍ଗୁଇନ୍‌ଙ୍କ ବଂଶ ମଧ୍ୟ ଲୋପ ପାଇଯିବ ବୋଲି ଅଷ୍ଟ୍ରେଲିଆର ୨୯ ଜଣିଆ ବିଶେଷଜ୍ଞଙ୍କ ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି। ସ୍ଥଳଚର ପ୍ରାଣୀଙ୍କ ସୁରକ୍ଷା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ବାହାର କରାଯାଇଥିବା ଉପାୟରେ ପ୍ରତିବର୍ଷ ୨୩ ନିୟୁତ ଡଲାର ଖର୍ଚ୍ଚ ହେବ। ଏହାଫଳରେ ଆଣ୍ଟାର୍କଟିକାର ପ୍ରାୟ ୮୪% ପକ୍ଷୀ, ସ୍ତନ୍ୟପାୟୀ ପ୍ରାଣୀ ଏବଂ ଗଛ ବାୟୁମଣ୍ଡଳ ତାପମାତ୍ରା ବୃଦ୍ଧିଜନିତ କ୍ଷତିରୁ ସୁରକ୍ଷିତ ରହିପାରିବେ। ଖାଲି ପ୍ରାଣୀ ନୁହନ୍ତି, ଆଣ୍ଟାର୍କଟିକାରେ ଦେଖାଯାଉଥିବା ୨ଟି ବିଶେଷ ପ୍ରକାର ଫୁଲଗଛ ହାର୍ଡିମସ୍ ଏବଂ ଲିଚେନ୍ସ ମଧ୍ୟ ବିଲୁପ୍ତ ପଥରେ ପହଞ୍ଚିଛନ୍ତି। ଜଳବାୟୁ ପରିବର୍ତ୍ତନ, ଗ୍ଲୋବାଲ୍ ୱାର୍ମିଂ ଛଡ଼ା ପର୍ଯ୍ୟଟକଙ୍କ ପାଇଁ ମଧ୍ୟ ଆଣ୍ଟାର୍କଟିକାକୁ ଅସୁବିଧା ଭୋଗିବାକୁ ପଡୁଛି। ପେଙ୍ଗୁଇନ୍‌ଙ୍କ ସାମ୍ରାଜ୍ୟ କୁହାଯାଉଥିବା ଆଣ୍ଟାର୍କଟିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆସୁଥିବା ବିଦେଶୀ ସେଠାକାର ପରିବେଶକୁ ଅପରିଷ୍କାର କରୁଛନ୍ତି। ବର୍ତ୍ତମାନର ସ୍ଥିତି ଯଦି ଆଗାମୀ ଦିନରେ ଜାରି ରୁହେ ତେବେ ୩୭% ପ୍ରାଣୀଙ୍କ ସମ୍ପୂର୍ଣ୍ଣ ବିନାଶ ଘଟିବ। ଅନ୍ୟପକ୍ଷେ ବରଫାବୃତ ଅଞ୍ଚଳରେ ରହିବା ସହଜ ମନେକରୁଥିବା ପେଙ୍ଗୁଇନ୍‌ଙ୍କ ଉପରେ ଏହାର ଅଧିକ ପ୍ରଭାବ ପଡ଼ିବା ଆରମ୍ଭ ହୋଇଛି। ଅଲଗା ପ୍ରାଣୀମାନେ ନିଜକୁ ପ୍ରତିକୂଳ ପରିସ୍ଥିତିରେ ବଞ୍ଚାଇ ରଖିବାର ଉପାୟ ବାଛି ବାହାର କରିବାରେ ସଫଳ ହୋଇଥିବାବେଳେ ପେଙ୍ଗୁଇନ୍‌ଙ୍କ କ୍ଷେତ୍ରରେ ଏହା ଅସମ୍ଭବ ପ୍ରାୟ। କାରଣ ସେମାନଙ୍କ ଶାରୀରିକ ଗଠନ ଓ ଜୀବନଶୈଳୀ ବରଫାଞ୍ଚଳ ଛଡ଼ା ଅନ୍ୟ କୌଣସିଠାରେ ସହଜ ନୁହେଁ। ଏହି ବିରଳ ପ୍ରଜାତିର ପ୍ରାଣୀଙ୍କୁ ବଞ୍ଚାଇ ରଖିବାକୁ ହେଲେ ସତର୍କତାର ସହ ଏମାନଙ୍କୁ ସୁହାଇଲା ଭଳି କାର୍ଯ୍ୟପନ୍ଥା ଅବଲମ୍ବନ କରିବା ଜରୁରୀ ବୋଲି ବିଶେଷଜ୍ଞ ନିଜ ମତ ପ୍ରକାଶ କରିଛନ୍ତି। ଅନ୍ୟପଟେ ନିର୍ଦ୍ଧାରିତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ପାଣ୍ଠି ବାବଦରେ ବିଶେଷଜ୍ଞ ଓ କର୍ତ୍ତୃପକ୍ଷଙ୍କ ଭିତରେ ଆଲୋଚନା ଜାରି ରହିଛି।



# ଜେଲ ଗଲେ ୩ ଯୁବକ, ମୁଖ୍ୟ ଅଭିଯୁକ୍ତ ଫେରାର

■ **ସେକ୍ସ ରାକେଟ ଠାବ ଘଟଣା**

**ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣି ଭାଗବତ ବସ୍ତିରେ ସେକ୍ସ ର୍ୟାକେଟ ଚଳାଇବା ଘଟଣାରେ ଗିରଫ ହୋଇଥିବା ୩ ଯୁବକଙ୍କୁ ରବିବାର ପୋଲିସ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ାର ଚନ୍ଦ୍ରମଣି ସାହୁ, ଜଗତସିଂପୁରର ସନ୍ତୋଷ ପଟ୍ଟନାୟକ ଏବଂ ଦେବଗଡ଼ର ଫିରୋଜ ଆନ୍‌ସାରୀ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଉଦ୍ଧାର ଯୁବତୀଙ୍କୁ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତମାନେ ବେଆଇନ କାର୍ଯ୍ୟରେ ଲିପ୍ତ କରିଥିବା ଅଭିଯୋଗ ହୋଇଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ମିକା ପ୍ରଧାନ ଏବେ ବି ଫେରାର ଥିବାରୁ ତାଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଜାରି ରଖିଛି। ଏଥିସହ ୪ ଯୁବତୀଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ମଞ୍ଚେଶ୍ୱର ଥାନା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅର୍ଦ୍ଧନିର୍ମିତ ଘରୁ କ୍ଷତବିକ୍ଷତ ମୃତଦେହ ଜବତ

**ବାରଙ୍ଗ, ୨୫।୧୨ (ଡି.ଏନ୍.ଏ.)**

ବାରଙ୍ଗ ରେଳଷ୍ଟେଶନ ନିକଟ ଏକ ଅର୍ଦ୍ଧନିର୍ମିତ କୋଠାଘରୁ ରବିବାର ସନ୍ଧ୍ୟାରେ ଜଣେ ଅଜଣା ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହକୁ ନନ୍ଦନକାନନ ଥାନା ପୋଲିସ ଜବତ କରିଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୧୪/୨୨) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ରବିବାର ସକାଳେ ମୃତଦେହଟି ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପ୍ରଥମେ ଘଟଣାସ୍ଥଳଠାରୁ ମାତ୍ର କିଛିଦୂରରେ ଥିବା ଜିଆର୍‌ପି ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ପୋଲିସ ନ ଆସିବାରୁ ବାରଙ୍ଗ ଥାନା ପରେ ନନ୍ଦନକାନନ ଥାନାକୁ ଖବର ଦିଆଯାଇଥିଲା। ମୃତଦେହ ପଡ଼ିଥିବା ସ୍ଥାନ କେଉଁ ଥାନା ଅଧୀନରେ ଯାଉଛି, ତାହାକୁ ନେଇ ବିବାଦ ଲାଗିରହିବାରୁ ଦୀର୍ଘ ସମୟ ଧରି ମୃତଦେହଟି ସେଠାରେ ପଡ଼ିରହିଥିଲା। ଉକ୍ତ ଘଟଣା ନନ୍ଦନକାନନ ଥାନା ଅଞ୍ଚଳରେ ହୋଇଥିବା ଜାଣି ସନ୍ଧ୍ୟାରେ ନନ୍ଦନକାନନ ପୋଲିସ ଆସି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ମୃତଦେହ ନିକଟରେ ଏକ ଜରିବ୍ୟାଗ୍ ଥିବାବେଳେ ବ୍ୟକ୍ତି ଜଣକ ଏକ ବ୍ଲୁ ରଙ୍ଗର ପ୍ୟାଣ୍ଟ, ଧୂଷର ରଙ୍ଗର ଟି-ଶାର୍ଟ ପିନ୍ଧିଛନ୍ତି। ତାଙ୍କ ବୟସ ୩୦ରୁ ୩୫ ବର୍ଷ ଭିତରେ ହୋଇଥିବା ଅନୁମାନ କରାଯାଉଛି। ତାଙ୍କ ମୁହଁ, ମୁଣ୍ଡ, ବାମପାର୍ଶ୍ୱ କାନରେ ଗଭୀର କ୍ଷତଚିହ୍ନ ରହିଛି। ନିକଟରେ ପଡ଼ିଥିବା ଇଟାରେ ଛେଚି ତାଙ୍କୁ ହତ୍ୟା କରାଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଅନୁମାନ କରାଯାଉଛି। ମୃତଦେହ ପାଖରେ ପ୍ଲାଷ୍ଟିକ୍ ପାଣିବୋତଲ, ପ୍ଲାଷ୍ଟିକ ଗ୍ଲାସ୍, ଚା' ଗ୍ଲାସ ଓ ଚପଲ ପଡ଼ିଛି। ଅର୍ଦ୍ଧନିର୍ମିତ କୋଠାଘରର ଚଟାଣ ବାଲି ହୋଇଥିବାରୁ ଚପଲ ଚିହ୍ନ ସହ ରକ୍ତଲଗା ଏକ ଛୋଟ ପଥର ପଡ଼ିଛି। ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି।


କୋଭିଡ୍ କଟକଣା ଯୋଗୁ ଦୁଇବର୍ଷ ଧରି ବନ୍ଦ ରହିବା ପରେ ରାଜଧାନୀ ଭୁବନେଶ୍ୱରରେ ରବିବାରଠାରୁ ଆରମ୍ଭ ହୋଇଥିବା ପଥ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଅନ୍ତର୍ଜାତୀୟ ଯୋଗିନୀ ମହୋତ୍ସବ ଉଦ୍‌ଯାପିତ

■ **ସ୍ନେହପ୍ରଭାଙ୍କୁ ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ**
■ **ରଞ୍ଜନ ଦାସଙ୍କୁ ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନ**

**ବାଲକାଟୀ, ୨୫।୧୨ (ଡି.ଏନ୍.ଏ.)**

ନୃତ୍ୟ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ହୀରାପୁରସ୍ଥିତ ମହାମାୟାଙ୍କ ପୀଠରେ ୩ ଦିନ ଧରି ଆୟୋଜିତ ଷୋଡ଼ଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୋ ପରିବାରର ମୁଖ୍ୟ ଆଇପିଏସ୍ ଅରୂପ ପଟ୍ଟନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଆଇଏଏସ୍ ରଞ୍ଜନ ଦାସ, ଷ୍ଟାର କିରଣ ଟିଭିର ପ୍ରୋଗ୍ରାମ ମୁଖ୍ୟ ଶ୍ରୀଜିତ ଶତପଥୀ ଯୋଗଦେଇ ପୀଠର ଗରିମା ବଖାଣି ନିଜକୁ ଧନ୍ୟ ମନେକରିଥିଲେ। ସହସମ୍ପାଦିକା ପ୍ରତିଭାଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ହୀରାପୁରବାସୀଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ ଷୋଡ଼ଶ ୬୪ ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ ଏବଂ ଭାରତୀୟ ପ୍ରଶାସନିକ ଅଧିକାରୀ ରଞ୍ଜନ ଦାସଙ୍କୁ ୬୪ ଯୋଗିନୀ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ. ରଜନୀ ରଞ୍ଜନଙ୍କ ଅଧ୍ୟକ୍ଷତାରେ ଉକ୍ତ ସଭା ଆୟୋଜିତ ହୋଇଥିଲା। ପରେ ପରେ ଆରମ୍ଭ ହୋଇଥିଲା ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ। ମାହାରି ନୃତ୍ୟରୁ ସାଂସ୍କୃତିକ ସନ୍ଧ୍ୟାର ପ୍ରଥମ ଅର୍ଘ୍ୟ ଆରମ୍ଭ ହୋଇଥିଲା। କାନାଡ଼ାରୁ ଆସିଥିବା ନୃତ୍ୟଶିଳ୍ପୀ ସୁଶ୍ରୀ ମିଶ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ରାୟପୁରରୁ ଆସିଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ ଆରୟା ନନ୍ଦେଙ୍କ ଏକକ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଅଂଶୁମାନ ମିଶ୍ର ଓ ତାଙ୍କ ଦଳ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କୋଲ୍‌କାତାରୁ ଆସିଥିବା ଅନୁରାନଙ୍କ ମଣିପୁରୀ ନୃତ୍ୟକୁ ଉପସ୍ଥିତ ଦର୍ଶକ ମନଭରି ଉପଭୋଗ କରିଥିଲେ। ଗୀତିନାଟ୍ୟ ମହିରାବଣ ବଧ ସନ୍ଧ୍ୟାର ଅନ୍ତିମ ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା। ଭୁବନେଶ୍ୱର କପିଳନାଥ ନାଟ୍ୟସଂଘର କଳାକାରମାନେ ଏହି ଗୀତିନାଟ୍ୟ ପରିବେଷଣ କରିଥିଲେ। ୩ ଦିନ ଧରି ଚାଲିଥିବା ଏହି ମହୋତ୍ସବ ଦେଖିବାକୁ ଆଖପାଖ ଗ୍ରାମ ଏପରିକି ରାଜଧାନୀରୁ ମଧ୍ୟ ଶହ ଶହ ଦର୍ଶକଙ୍କ ଭିଡ଼ ଜମୁଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଇଂ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। ସମ୍ପାଦିକା ପ୍ରତିଭା ପଣ୍ଡା ଧନ୍ୟବାଦ ଦେଇଥିଲେ।



ଚଉଷଠି ଯୋଗିନୀର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ସ୍ନେହପ୍ରଭା ସାମନ୍ତରାୟ ଓ ରଞ୍ଜନ ଦାସଙ୍କୁ ସମ୍ମାନିତ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ପ୍ରତିବନ୍ଧକ ହେତୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଅନ୍ୟମାନଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ସଭାସମିତି ଓ ସଙ୍ଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ଅଶ୍ୱିନୀ ନକ୍ଷତ୍ରର ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ।

**ବୃଷ**
ଆଜି ଆନୁଷ୍ଠାନିକ କାମରେ କେତେକ ସମସ୍ୟା ସୃଷ୍ଟି ହୋଇପାରେ। ରୋହିଣୀ ନକ୍ଷତ୍ର ସକାଶେ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। କୌଣସି ମୂଲ୍ୟବାନ ଜିନିଷ ଖରିଦ ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ।

**ମିଥୁନ**
ମାନସିକ ଅସ୍ଥିରତା କାରଣରୁ କାମରେ ମନ ଲାଗିବ ନାହିଁ। ସଦାବେଳେ ଝଗଡ଼ା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କରିବାକୁ ପଡ଼ିପାରେ। କୃତି ଓ କୃତିତ୍ୱ ହେତୁକ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ନିଜର ସୁଖ ସୁବିଧାକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହୋଇପାରନ୍ତି।

**କର୍କଟ**
ବନ୍ଧୁଗହଣରେ କଡ଼ା ଭାଷା ପ୍ରୟୋଗ କରି ଶତ୍ରୁତା ଅର୍ଜନ କରିବେ। ଯେଉଁ କ୍ଷେତ୍ରରେ ଯାହାକି ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଓଲଟପାଲଟ ହୋଇଯିବ। ମିତ୍ରମାନେ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ। ଆରଦ୍ରା ନକ୍ଷତ୍ରର ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ସିଂହ**
କର୍ମକ୍ଷେତ୍ରରେ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। ବହୁ ପୂର୍ବରୁ ପାଇବାର ଥିବା ଅର୍ଥ ଆଜି ମିଳିବାର ସୂଚନା ରହିଛି। ମଘା ନକ୍ଷତ୍ରର ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଉନ୍ନତି କରିବେ।

**କନ୍ୟା**
ସମ୍ପର୍କୀୟମାନେ ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ଆପଣଙ୍କ ପାରିବାରିକ କ୍ଷେତ୍ରକୁ ସମସ୍ୟା ବହୁଳ କରିପାରନ୍ତି। ଚିତ୍ରା ନକ୍ଷତ୍ର ସକାଶେ ନିଜ ନିଜ ମଧ୍ୟରେ ଭୁଲ୍ ବୁଝାମଣା ହିଁ ଏହାର ପ୍ରଧାନ କାରଣ ହେବ। ଯାନ ବାହନରେ ସତର୍କ ନ ହେଲେ ସମସ୍ୟା ଉପୁଜିପାରେ। ସହକର୍ମୀଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ତୁଳା**
ଆଜି ସ୍ୱାତୀ ନକ୍ଷତ୍ର କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟା ବଢ଼ାଇପାରେ। ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ଦେବାର୍ଚ୍ଚନା ପାଇଁ ଦୂର ସ୍ଥାନକୁ ଯାତ୍ରା କରିବାକୁ ମନ ବଳାଇପାରନ୍ତି।

**ବିଛା**
ପରିସ୍ଥିତି ଭିନ୍ନମୋଡ଼ ନେବା କାରଣରୁ ଆପଣଙ୍କ ପ୍ରତ୍ୟେକ ପରିସ୍ଥିତି ସୁଧୁରି ଯିବ। ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। ଲେଖା ପଢ଼ାରୁ, କଳା, ସାହିତ୍ୟରେ, ସାମ୍ବାଦିକତାରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଜ୍ୟେଷ୍ଠା ନକ୍ଷତ୍ର ଗୃହସୀମାକୁ କେନ୍ଦ୍ର କରି ବିତର୍କ ହୋଇପାରେ।

**ଧନୁ**
ଆପଣଙ୍କ ଜନହିତକର କାମ ଲୋକପ୍ରିୟତାକୁ ବୃଦ୍ଧି କରିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରି ସମସ୍ୟାକୁ ନିମନ୍ତ୍ରଣ କରିବେ। କେତେକ ନୂତନ କାମର ପରିକଳ୍ପନାରେ ଖର୍ଚ୍ଚଭାର ବୃଦ୍ଧି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର ପାରିବାରିକ ସ୍ଥିତିରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମକର**
ପରିବାରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଟେନସନ୍‌ରେ ରହିବେ। ଘରକୁ ଆଗନ୍ତୁକ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଆର୍ଥିକ ସ୍ଥିତି ଭଲ ରହିଥିଲେ ମଧ୍ୟ ବିଭିନ୍ନ କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଉପରିସ୍ଥଙ୍କ ପ୍ରଶଂସାରେ ଖୁସି ରହିବେ। ଧନିଷ୍ଠା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ବିଗିଡ଼ିପାରେ।

**କୁମ୍ଭ**
ବାହାରେ ରହୁଥିବା ପିଲାଙ୍କର କୌଣସି ସମସ୍ୟା ମନକୁ ବିଚଳିତ କରିପାରେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କଲେ ପାରିବାରିକ ଶାନ୍ତି ବ୍ୟାହତ ହେବ। ଜମିଜମା ସମସ୍ୟା, ବ୍ୟବସାୟ କିମ୍ବା ପରିବହନରେ ଝଗଡ଼ା କ୍ରମଶଃ ଜଟିଳ ହେବ। ଯେତେ ଭଲ କାମ କଲେ ମଧ୍ୟ ଶତଭିଷା ନକ୍ଷତ୍ର ନିଜ ପରିସରରେ ସମାଲୋଚିତ ହେବେ।

**ମୀନ**
ଆଜିର କର୍ମକ୍ଷେତ୍ରରେ ଆପଣ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ଋଣ ପରିଶୋଧ କରିବା ସକାଶେ ବନ୍ଧୁଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡ଼ିପାରେ। ପଡ଼ୋଶୀଙ୍କ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଆଜି ଆପଣ ଗୃହ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇପାରନ୍ତି।

ଆଜି ଡିସେମ୍ବର ୨୬ ତାରିଖ, ବୀରବାଳକ ଦିବସ, ପୌଷ ଶୁକ୍ଳ ଚତୁର୍ଥୀ ସୋମବାର, ରାଶି ନକ୍ଷତ୍ର-ବଣା/ମକର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬/୨୨ ଗତେ, ଘ.୦୭/୪୩ ମଧ୍ୟେ, ଘ.୦୯/୧୫ ଗତେ, ଘ.୧୧/୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭/୪୩ ଗତେ, ଘ.୦୯/୦୪ ମଧ୍ୟେ ରାହୁକାଳ ॥



ବଡ଼ଦିନ ଉପଲକ୍ଷେ ରବିବାର ଦୀଘା ବେଳାଭୂମିରେ ପର୍ଯ୍ୟଟକମାନେ ଗାଧୋଇବାର ମଜା ନେଉଛନ୍ତି।

## ସଂକ୍ଷେପରେ

### ନିଖୋଜ ଶିଶୁକନ୍ୟାଙ୍କ ମୃତଦେହ କୂଅରୁ ମିଳିଲା

**ଆସିକା,୨୫।୧୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ବଡଖୋଲି ଗ୍ରାମରେ ଶନିବାର ସନ୍ଧ୍ୟାରୁ ନିଖୋଜ ହୋଇଥିବା ୩ ବର୍ଷୀୟା ଶିଶୁକନ୍ୟାଙ୍କ ମୃତଦେହ ରବିବାର ସକାଳେ ମିଳିଛି। ଘରଠାରୁ ମାତ୍ର ୨ଶହ ମିଟର ଦୂର ବାରିପଟ କୂଅରୁ ପୋଲିସ ଅଗ୍ନିଶମ ଦଳ ସହାୟତାରେ ମୃତଦେହ ବାହାର କରିଥିଲା । ମୃତା ଶିଶୁକନ୍ୟା ହେଲେ ବଡ଼ଖୋଲି ଗ୍ରାମର ରାଜେଶ ସେଠୀଙ୍କ ଝିଅ ପ୍ରୀତିପର୍ଣ୍ଣା । ଆସିକା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ବାରିଆଡ଼େ ଖେଳିବା ବେଳେ ଖୋଲା କୂଅରେ ଶିଶୁକନ୍ୟାଟି ଗଳି ପଡିଥିବା ଅନୁମାନ କରାଯାଇଛି। ଶିଶୁଟି ଅପରାହ୍ନରେ ବାହାରକୁ ଖେଳିବାକୁ ଯାଇ ନ ଫେରିବାରୁ ପରିବାର ପକ୍ଷରୁ ଆସିକା ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ ୯୩୩/୨୨ରେ ନିଖୋଜ ମାମଲା ରୁଜୁ କରିଥିଲା।

### କୁକୁରକୁ ବଞ୍ଚାଇବାକୁ ଯାଇ ପ୍ରାଣ ଗଲା

### ବାଇକ୍‌ରୁ ଖସିପଡ଼ି ଆର୍‌ଆଇଙ୍କ ମୃତ୍ୟୁ

**ରାଇରଙ୍ଗପୁର,୨୫।୧୨(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଧୀନ ଦିଘିଆବେଡ଼ା ନିକଟରେ ରବିବାର ଏକ କୁକୁରକୁ ବଞ୍ଚାଇବାକୁ ବାଇକ୍‌ରୁ ଖସିପଡ଼ି ଜଣେ ଆର୍‌ଆଇ (ରାଜସ୍ୱ ନିରୀକ୍ଷକ)ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଦାମପାହାଡ଼ ଥାନା କୁସୁମୀ ତହସିଲ ହାଟବାଦଡ଼ା ସର୍କଲର ରାଜସ୍ୱ ନିରୀକ୍ଷକ ବିରବଲ ମାଝୀ। ତାଙ୍କ ଘର ଏହି ଥାନା ଅଧୀନ ପଡ଼ିହା ନିକଟସ୍ଥ ମହୁଲଡିହାରେ। ସେ ପୂର୍ବାହ୍ନରେ ନିଜ ବାଇକ୍‌ରେ ହାଟବାଦଡ଼ାରୁ ଘରକୁ ଫେରୁଥିଲେ। ଉକ୍ତ ଛକରେ ଏକ କୁକୁର ଆଗକୁ ଚାଲି ଆସିଥିଲା। କୁକୁରକୁ ବଞ୍ଚାଇବାକୁ ଯାଇ ସେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୪୫/୨୦୨୨) ରୁଜୁ କରାଯାଇଛି।

# ସ୍ଲରି ପାଇପ ଲାଇନ କାମ ବନ୍ଦ କଲା ବନ ବିଭାଗ

**କେନ୍ଦୁଝର, ୨୫।୧୨(ସ୍ୱ.ପ୍ର.)**

- ନଷ୍ଟ ହେଉଛି ଜଙ୍ଗଲ, ହାତୀ ଚଲାପଥ କ୍ଷତିଗ୍ରସ୍ତ
- ତଦନ୍ତ ପରେ ହେବ କାର୍ଯ୍ୟାନୁଷ୍ଠାନ

କେନ୍ଦୁଝରର ସଦର ରେଞ୍ଜ ଅନ୍ତର୍ଗତ ଏନ୍‌ଏଚ୍-୨୦ କଡ଼ରେ ନରଣପୁର ସଂରକ୍ଷିତ ଜଙ୍ଗଲରେ ସ୍ଲରି ପାଇପ ଲାଇନ ବିଛାଯାଉଥିବାରୁ ବ୍ୟାପକ ଜଙ୍ଗଲ ନଷ୍ଟ ହେଉଛି। ବହୁ ପରିମାଣରେ ଶାଳ ଅନ୍ୟାନ୍ୟ କିସମର ଗଛ କଟାଯାଉଛି। ମେଶିନରେ ଗଛ ଓପାଡ଼ି ମାଟିରେ ପୋତି ଦିଆଯାଇଥିବା ବେଳେ ଅନେକ ଗଛ ଅସୁରକ୍ଷିତ ଅବସ୍ଥାରେ ରହିଛି। ଏନେଇ ବାରମ୍ବାର ଅଭିଯୋଗ ପରେ ବନ ବିଭାଗ ରବିବାର ପାଇପ୍ ବିଛା କାମ ବନ୍ଦ କରିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ପ୍ରକାଶ ଯେ, ବଡ଼ବିଲଠାରୁ ପାରାଦୀପକୁ ଲୁହାପଥର ଗୁଣ୍ଡ ପରିବହନ ପାଇଁ ସ୍ଲରି ପାଇପ ବିଛାଇବା କାମ ଚାଲିଛି। ପାଇପ ରାସ୍ତାଠାରୁ ନିର୍ଦ୍ଦିଷ୍ଟ ଦୂରତ୍ୱରେ ବିଛାଇବାକୁ ଅନୁମତି ମିଳିଛି। ଏଥିପାଇଁ ଜଙ୍ଗଲ ବିଭାଗର ଅନୁମତି ମିଳିବା ପରେ ଓଡ଼ିଶା ବନ ଉନ୍ନୟନ ନିଗମ ଦ୍ୱାରା ଗଛକଟା ସରିବା ପରେ ପାଇପ ବିଛା କାମ ଆରମ୍ଭ ହୋଇଥିଲା । ତେବେ ସ୍ଲରିପାଇପ ଲାଇନ ବିଛାଇବା ସମୟରେ ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରି ଠିକାସଂସ୍ଥା ବହୁ ପୁରାତନ ଶାଳ ଏବଂ ଅନ୍ୟାନ୍ୟ ଗଛ ମୂଳରୁ ଉପାଡ଼ି ପୋତିଦେଉଛି। ନରଣପୁର ସଂରକ୍ଷିତ ଜଙ୍ଗଲ ଘଞ୍ଚ ହୋଇଥିବାରୁ ଏଠାରେ ବର୍ଷତମାମ ହାତୀ ଚଳପ୍ରଚଳ ରହିଥାଏ । ଉକ୍ତ ଅଞ୍ଚଳରେ ରାସ୍ତା ପାର ହୋଇ ହାତୀ ଯାତାୟାତ କରିଥାନ୍ତି। ଏଣୁ ଉକ୍ତ ସ୍ଥାନରେ ବନ ବିଭାଗ ପକ୍ଷରୁ ସତର୍କତା ଫଳକ ଲଗାଯିବା ସହ ନିରୀକ୍ଷଣ କରିବାକୁ କ୍ୟାବିନ୍ ନିର୍ମାଣ କରାଯାଇଛି। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ହାତୀ ଚଲାପଥ କ୍ଷତିଗ୍ରସ୍ତ ହେବା ସହ ବନ୍ୟପ୍ରାଣୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏ ସମ୍ପର୍କରେ ସଦର ରେଞ୍ଜର ବିଜୟ ମହାନ୍ତ କହିଛନ୍ତି, ଖବର ପାଇବା ପରେ ଫରେଷ୍ଟରଙ୍କୁ ପଠାଇ କାମ ବନ୍ଦ କରାଯାଇଛି। କାମ କରୁଥିବା ସଂସ୍ଥାକୁ ଡକାଯାଇଛି। କୌଣସି ଅନିୟମିତତା ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ ଆବଶ୍ୟକ ଜାଗା ଚିହ୍ନଟ କରାଯିବା ସହ କଟାଯିବାକୁ ଥିବା ଗଛ ଗଣନା କରାଯାଇ କଟାଯାଇଥିଲା। କେତେକ ଛୋଟ ଛୋଟ ଗଛକୁ ସୁରକ୍ଷିତ ଭାବେ ଉଠାଇ ନେଇ ଅନ୍ୟତ୍ର ଲଗାଯାଇଥିଲା। ଏବେ ବିନା ଅନୁମତିରେ କିଭଳି ଗଛ କଟାଯାଇ ମାଟି ତଳେ ଚପାଇ ଦେବାକୁ ଉଦ୍ୟମ କରାଯାଇଛି। ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି ବୋଲି ପରିବେଶବିତ୍ ପ୍ରଦୀପ ମହାନ୍ତି କହିଛନ୍ତି।



ଜେସିବି ଦ୍ୱାରା ପାଇପ୍ ଲାଇନ୍ କାମ ଚାଲିଛି।



ମାଟି ତଳେ ପୋତି ହୋଇଥିବା ଗଛ।

# ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲ, ୧ ଲକ୍ଷ ଜରିମାନା

**ଫୁଲବାଣୀ ଅଫିସ, ୨୫।୧୨**

**ନାବାଳିକା ବଳାତ୍କାର ମାମଲା**

ଫୁଲବାଣୀ ଫାଷ୍ଟ ଟ୍ରାକ ପୋକ୍‌ସୋ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୪ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କୋଟଗଡ ଥାନା ମୁଣ୍ଡାସାହିର ମନୁ ପାଟଗୁରୁ (୨୯)।

ନାବାଳିକା ଜଣକ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ୨୦୧୮ ସେପ୍ଟେମ୍ବର ୨୧ ତାରିଖ ରାତି ପ୍ରାୟ ୧୦ଟାରେ ସେ ପରିସ୍ରା କରିବାକୁ ଯାଇଥିଲେ। ଅଭିଯୁକ୍ତ ମନୁ ତାଙ୍କ ମୁହଁ ବନ୍ଦ କରି ଅପହରଣ କରିନେଇ ନିକଟସ୍ଥ ନାଳ ପାଖରେ ବଳାତ୍କାର କରିଥିଲେ। ପୀଡ଼ିତା ଘରକୁ ଫେରି ସବୁକଥା କହିଥିଲେ। ଏ ନେଇ ନାବାଳିକାଙ୍କ ବାପା କୋଟଗଡ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୪୪/୧୮ରେ ମାମଲା ରୁଜୁ କରି ମନୁଙ୍କୁ ଗିରଫ କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଏବଂ ମେଡିକାଲ ରିପୋର୍ଟକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।




# ଆଜି ଓୟୁଏଟିର ୩୯ତମ ସମାବର୍ତ୍ତନ ଉତ୍ସବ

## ମୃତ୍ୟୁଞ୍ଜୟ ମହାପାତ୍ର, ସୁଶ୍ରୀ ସାବରମତୀ ପାଇବେ ଡକ୍ଟରେଟ୍ ଉପାଧି

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୩୯ତମ ସମାବର୍ତ୍ତନ ଉତ୍ସବ ସୋମବାର ପାଳନ ହେବ । ଏହି ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ ପୌରୋହିତ୍ୟ କରିବେ। ଭାରତର କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ଏବଂ ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ଯୁବ କୃଷି ଉଦ୍ୟୋଗୀ ପଦ୍ମଶ୍ରୀ ସୁଶ୍ରୀ ସାବରମତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯିବ। ଏହି ସମାବର୍ତ୍ତନ ଉତ୍ସବରେ ୮୨୧ ଜଣଙ୍କୁ ସ୍ନାତକ, ୫୧୦ ଜଣଙ୍କୁ ସ୍ନାତକୋତ୍ତର ଏବଂ ୬୪ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ଦିଆଯିବ। ଏହା ବ୍ୟତୀତ ୧୧୩ଟି ସ୍ୱର୍ଣ୍ଣପଦକ ଏବଂ ୬ଟି ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏ ନେଇ ରବିବାର ଓୟୁଏଟି ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.କେ.ରାଉଳ, ନିର୍ଦ୍ଦେଶକ ଏଚ୍.କେ. ପାତ୍ର ଏବଂ ରେଜିଷ୍ଟ୍ରାର ଲୋପାମୁଦ୍ରା ମହାନ୍ତି ସୂଚନା ଦେଇଛନ୍ତି।




ଖବରଦାତା ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପି.କେ.ରାଉଳ ସୂଚନା ଦେଉଛନ୍ତି।

# ୧୭୧ କିସମ ବିକଶିତ କରିଛି ଓୟୁଏଟି

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ଓୟୁଏଟି ପକ୍ଷରୁ ବର୍ତ୍ତମାନ ଯାଏ ବିଭିନ୍ନ ଫସଲର ୧୭୧ଟି କିସମ ବିକଶିତ ହୋଇଛି। ଚଳିତ ବର୍ଷ କଳିଙ୍ଗ ସୁଆଁ ୧୮ ନାମରେ ଏକ ସୁଆଁ କିସମ ବିକାଶ କରାଯାଇଛି। ଗତ ୨୦୨୧-୨୨ ବର୍ଷରେ ଧାନ, ଚିନାବାଦାମ, ସୁଆଁ, ଆଖୁ, ବିରି, ରାଶି ଓ କପା ଫସଲରେ ୧୫ଟି କିସମ ବିକଶିତ ହୋଇଛି ବୋଲି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଶ୍ୱବିଦ୍ୟାଳୟର କୃଷି ଯନ୍ତ୍ରୀମାନେ ଗୋଟିଏ ବଳଦ ଟଣା ବାଜରା ଅମଳ ଯନ୍ତ୍ର ଏବଂ ଗୋଟିଏ କ୍ଷୁଦ୍ର ଶସ୍ୟ ବୁଣିବା ଯନ୍ତ୍ର ବିକଶିତ କରିଛନ୍ତି। ଏହାଛଡ଼ା 'ଓୟୁଏଟି କଳିଙ୍ଗ ପଲିଶ୍ରୀ' ନାମରେ ଏକ ରଙ୍ଗିନ୍ କୁକୁଡ଼ା ବିକାଶ କରାଯାଇଛି। କୃଷକଙ୍କ ନିକଟରେ ନୂତନ ଜ୍ଞାନକୌଶଳ ପହଞ୍ଚାଇବା ନିମନ୍ତେ ରାଜ୍ୟର ୨୮ଟି ଜିଲାରେ ୩୧ଟି କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରୁଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାକୃତିକ କୃଷିର ପ୍ରସାର ନିମନ୍ତେ ୧୦ଟି କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି। ଓଡ଼ିଶା ସରକାରଙ୍କ ସହାୟତାରେ ଧାନଚାଷ ପରେ ପଡ଼ିଆ ପଡୁଥିବା ୫୦୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଚାଷ ପାଇଁ ଉଦ୍ୟମ କରାଯାଇଛି।




# ପୃଥିବୀ ପାଇଁ ଭାରତର ସ୍ୱାଧୀନତା ଚାହିଁଥିଲେ ଶ୍ରୀଅରବିନ୍ଦ

**ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ)**

ଶ୍ରୀଅରବିନ୍ଦ ସମଗ୍ର ପୃଥିବୀ ପାଇଁ ଭାରତର ସ୍ୱାଧୀନତା ଚାହିଁଥିଲେ। କୋଲକାତାସ୍ଥିତ ଶ୍ରୀ ଅରବିନ୍ଦ ଭବନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅରବିନ୍ଦ ଭବନରେ 'ଭାରତର ସ୍ୱାଧୀନତା ସଂଗ୍ରାମକୁ ଶ୍ରୀ ଅରବିନ୍ଦଙ୍କ ଅବଦାନ' ଶୀର୍ଷକ ଜାତୀୟ ସେମିନାର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପ୍ରଫେସର ବିଶ୍ୱନାଥ ରାୟ ଏହା କହିଥିଲେ। ସେ କହିଥିଲେ, ଇଂଲଣ୍ଡରେ ଥିବା ସମୟରୁ ଶ୍ରୀ ଅରବିନ୍ଦ ଭାରତର ସ୍ୱାଧୀନତା ସମ୍ପର୍କରେ ଉଦ୍ୟମ ଆରମ୍ଭ କରିଥିଲେ। ସେ ଦେଶପ୍ରେମ, ଜାତୀୟତା ଓ ମାନବତାର ସ୍ଥପତି ଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ପୌରୋହିତ୍ୟ କରି କହିଲେ, ଭାରତର ସ୍ୱାଧୀନତା ଆନ୍ଦୋଳନ ଆମୂଳଚୂଳ ଶ୍ରୀ ଅରବିନ୍ଦଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଭାଗ୍ୟ ଅନ୍ୟ ପ୍ରକାରର ହୋଇଥାନ୍ତା। ସେ ଅହିଂସାର ବିରୋଧୀ ନ ଥିଲେ, ମାତ୍ର ଅତି ଅହିଂସାର ପରିଣତିକୁ ନେଇ ଶଙ୍କାକୁଳ ଥିଲେ ବୋଲି କହିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଓ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ପୁଡୁଚେରୀ ଶ୍ରୀ ଅରବିନ୍ଦ ଆଶ୍ରମରୁ ଆସିଥିବା ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ।

ବୈଷୟିକ ଅଧିବେଶନରେ ଡ. ସୌମିତ୍ର ବସୁ, ଡ. ଜନ୍ମେଜୟ ଦ୍ୱିବେଦୀ, ଡ. ଗୋଲକବିହାରୀ ସାହୁ, ଡ. ଦିଲୀପ କୁମାର ରାୟ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ବସନ୍ତ କୁମାର ପଣ୍ଡା ଓ ଦ୍ୱିତୀୟ ଅଧିବେଶନରେ ଡ. ସୁସ୍ମିତା ପାଣି ପୌରୋହିତ୍ୟ କରିଥିଲେ। ପ୍ରଫେସର ଅମର୍ତ୍ତ୍ୟ କୁମାର ଦତ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଳକାନନ୍ଦା ରାୟ ଓ ଚନ୍ଦନଲୋକ ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।



କୋଲକାତାସ୍ଥିତ ଶ୍ରୀ ଅରବିନ୍ଦ ଭବନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଭାରତର ସ୍ୱାଧୀନତା ସଂଗ୍ରାମକୁ ଶ୍ରୀ ଅରବିନ୍ଦଙ୍କ ଅବଦାନ' ଶୀର୍ଷକ ଜାତୀୟ ସେମିନାରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।



> ହତବୁଦ୍ଧି ହୋଇ ଯାଅନା। ଭୁଲିଯିବା ପାଇଁ ଚେଷ୍ଟା କରନା। ଅବଚେତନା ଭିତରକୁ ଖସିପଡନା। କାରଣ, ତୁମକୁ ଶେଷ ପର୍ଯ୍ୟନ୍ତ ଯିବାକୁ ହିଁ ପଡିବ। ... ଗୋଟିଏ ଦିନରେ କେହି ନିଜ ପ୍ରକୃତିକୁ ଜୟ କରିପାରେ ନାହିଁ। ଧୈର୍ଯ୍ୟ ଓ ସ୍ଥିର ସଂକଳ୍ପ ଥିଲେ ବିଜୟ ସୁନିଶ୍ଚିତ। –ଶ୍ରୀମା

# ଯେଉଁଠି ମା', ଝିଅ, ଭଉଣୀ ଅଲୋଡ଼ା

ଇରାନୀୟ ମହିଳା ମହସା ଅମିନିଙ୍କ ୧୬ ସେପ୍ଟେମ୍ବର ୨୦୨୨ରେ ମୃତ୍ୟୁ ହେବା ପରେ ସେ ଦେଶରେ ଶାସକ ବିରୋଧୀ ପ୍ରତିବାଦ ସର୍ବୋଚ୍ଚରେ ପହଞ୍ଚିଛି। ମହିଳାମାନେ ରାସ୍ତାକୁ ଆସି ବିକ୍ଷୋଭ କରିବା ସହ ଅନ୍ତର୍ଜାତୀୟ ମଞ୍ଚରେ ହିଜାବ ପ୍ରସଙ୍ଗ ଉଠାଇ ଏହାର ନାଗରିକମାନେ ଇରାନ ସରକାରକୁ ଅପଦସ୍ଥ କରିଦେଇଛନ୍ତି। ଫଳସ୍ୱରୂପ ସେଠାକାର ସରକାର ନୈତିକ ପୋଲିସର ଗତିବିଧି ଉପରେ ରୋକୋ ଲଗାଇବାକୁ ବାଧ୍ୟ ହୋଇଛି। ଏଭଳି ନିଷ୍ପତ୍ତି ଇରାନୀୟ ମହିଳାଙ୍କୁ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି। ବର୍ତ୍ତମାନ ପଡ଼ୋଶୀ ଆଫଗାନିସ୍ତାନ ମହିଳାଙ୍କ ପାଇଁ ଏକ ଭିନ୍ନ ପ୍ରକାର ସମସ୍ୟା ଆରମ୍ଭ ହେଲାଣି। ଗତ ସପ୍ତାହରେ ବିଶ୍ୱବିଦ୍ୟାଳୟରେ ମହିଳାଙ୍କ ଉଚ୍ଚଶିକ୍ଷାକୁ ନିଷେଧ କରାଯାଇଥିଲା। ଏହା ପରେ ଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ବାହାରେ କାନ୍ଦୁଥିବା ଦେଖାଯାଇଥିଲା। କେଉଁଥିପାଇଁ ସେମାନଙ୍କୁ ଉଚ୍ଚଶିକ୍ଷାରୁ ବଞ୍ଚିତ କରାଗଲା ତାହାର କାରଣ ଦର୍ଶାଯାଇ ନ ଥିଲା। ଏବେ ତାଲିବାନ୍ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି, ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରୀମାନଙ୍କୁ ଶିକ୍ଷାରୁ ବଞ୍ଚିତ କରିବା ପଛର କାରଣ ହେଉଛି ସେମାନେ ଉପଯୁକ୍ତ ଡ୍ରେସ୍ କୋଡ୍ ମାନୁ ନାହାନ୍ତି। ମୁଖ୍ୟତଃ ଅନେକେ ହିଜାବ ପିନ୍ଧୁ ନ ଥିବାରୁ ସେମାନଙ୍କ ଉପରେ ଏପରି କଟକଣା ଲାଗୁ କରାଯାଇଛି। ତେବେ ଅଧିକ ପରିତାପର ବିଷୟ ପୁଣି ସାମ୍ନାକୁ ଆସିଛି। ଆଫଗାନ ମହିଳାଙ୍କୁ ନିଯୁକ୍ତି ନ ଦେବାକୁ ତାଲିବାନ ସରକାର ବିଦେଶୀ ଓ ଦେଶର ସ୍ୱେଚ୍ଛାସେବୀ ସଙ୍ଗଠନ (ଏନ୍‌ଜିଓ)ଗୁଡ଼ିକୁ ନିର୍ଦ୍ଦେଶନାମା ଦେବା ହେଉଛି ସଦ୍ୟତମ ପ୍ରହାର। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ୨୫ ଡିସେମ୍ବରରେ ମହିଳାମାନେ ହେରାଟ୍ ସିଟିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ଏବେ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି।

ଶିକ୍ଷା ହେଉଛି ମଣିଷର ମାନବିକ ଅଧିକାର। ସମଗ୍ର ପୃଥିବୀରେ ମହିଳାଙ୍କୁ ଶିକ୍ଷିତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦାୟିତ୍ୱ ଭାବେ ବିଚାର କରାଯାଏ। ଶିକ୍ଷାକୁ ଯେଉଁ ସରକାର, ସଙ୍ଗଠନ ବା ଗୋଷ୍ଠୀ ସଙ୍କୁଚିତ କରିଥାଏ, ତାହା ବିରୋଧରେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିବାଦ ହେବା ଉଚିତ। ହେଲେ ମୌଳବାଦୀଙ୍କ ଦ୍ୱାରା ଶାସିତ ଭୂଖଣ୍ଡକୁ ମନାଇବା ସହଜ ହୋଇପାରୁ ନାହିଁ। ଦୀର୍ଘବର୍ଷ ପରେ ଆଫଗାନିସ୍ତାନରେ ତାଲିବାନ ଶାସନ ଫେରିବା ପରେ ଏହାର ନେତାମାନେ ପୂର୍ବାପେକ୍ଷା ଉଦାର ହେବେ ବୋଲି କହିଥିଲେ। ମହିଳା ଓ ସଂଖ୍ୟାଲଘୁଙ୍କ ପ୍ରତି ସେଠାକାର ସରକାର ଅଧିକ ସମ୍ବେଦନଶୀଳ ହୋଇ ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବା ଦିଗରେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଶାସନର ମଙ୍ଗ ଧରିବା ପରେ ତାଲିବାନ୍ ପୁନଶ୍ଚ କଠୋର ଇସ୍‌ଲାମୀୟ ଆଇନ ବା ଶରିୟାତ୍‌କୁ ଅନୁସରଣ କରି ମହିଳାଙ୍କ ଅଧିକାରକୁ ସମ୍ପୂର୍ଣ୍ଣ ସଙ୍କୁଚିତ କରିଦେଇଛି। ଶିକ୍ଷା ପରେ ସେମାନଙ୍କ ଆର୍ଥିକ ଦିଗକୁ ମାଡ଼ କରାଯିବା ଦ୍ୱାରା ସେମାନେ ଆହୁରି ଦୁର୍ବଳ ହୋଇଯିବେ। ବିଶେଷଜ୍ଞଙ୍କ ମତରେ ତାଲିବାନ୍ ସରକାରରେ ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କ ଘୋର ଅଭାବ ରହିଛି। ସମ୍ଭବତଃ ସେଥିପାଇଁ ସେମାନେ ଚାହୁଁନାହାନ୍ତି ଦେଶରେ ମହିଳାମାନେ ଉଚ୍ଚଶିକ୍ଷିତ ହୁଅନ୍ତୁ। ଏହା ସବୁ ସମୟରେ ଦେଖାଯାଇଛି ଯେ, ଯେଉଁ ପରିବାରରେ ମହିଳା ଶିକ୍ଷିତ ସେଠାରେ ପିଲାମାନେ ସାଧାରଣରେ ବିପଥଗାମୀ ହୋଇ ନ ଥାଆନ୍ତି। ଶିକ୍ଷା ମଣିଷର ଚିନ୍ତନ ପ୍ରକ୍ରିୟାକୁ ଊର୍ଦ୍ଧ୍ୱଗାମୀ କରୁଥିବାରୁ ପଶ୍ଚାତ୍‌ପଦ ଭାବନାର ସମାଧି ଘଟିଥାଏ। ଆଧୁନିକ ବିଜ୍ଞାନସମ୍ମତ ଶିକ୍ଷାର ପ୍ରସାର ଘଟିଲେ ଅନ୍ଧ ଧାର୍ମିକ ଚିନ୍ତାଧାରା ମଧ୍ୟ ହ୍ରାସ ପାଇଥାଏ। ହୁଏତ ତାଲିବାନ୍‌ର ଭୟ ଏଇଥିପାଇଁ ଶିକ୍ଷା ପ୍ରତି ରହିଛି। ଶିକ୍ଷିତ ମହିଳା ଯେତେବେଳେ ଘରେ ପିଲାଙ୍କୁ ଦିଗ୍‌ଦର୍ଶନ ଦେବେ ସେତେବେଳେ ଅନ୍ଧବିଶ୍ୱାସ ଦୂର ହେବା ସହିତ ଶିଶୁଙ୍କ ଜୀବନ ଆଲୋକିତ ହୋଇଯିବ। ଆଫଗାନିସ୍ତାନରେ ମହିଳାମାନେ ଉଚ୍ଚଶିକ୍ଷିତ ହୋଇଗଲେ ପରବର୍ତ୍ତୀ ବଂଶଧର ମୂଢ଼ ଶାସକଙ୍କ କଳାକାରନାମା ବିଷୟରେ କାଳେ ଅବଗତ ହେବେ ଓ ତାହାକୁ ବଦଳାଇବା ସକାଶେ ଝୁଙ୍କ୍ ଦେଖାଇବେ, ସମ୍ଭବତଃ ସେହି ଆଶଙ୍କାରେ ତାଲିବାନ୍‌ମାନେ କଠୋର ପଦକ୍ଷେପ ନେଉଛନ୍ତି।

ଏକବିଂଶ ଶତାବ୍ଦୀରେ ଅନ୍ତର୍ଜାତୀୟ ସ୍ତରରେ ବିଜ୍ଞାନସମ୍ମତ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଉଛି। ପ୍ରଯୁକ୍ତିସଂଲଗ୍ନ ଯନ୍ତ୍ର ବ୍ୟବହାର କରାଯାଇ ମଣିଷର ଜୀବନଯାତ୍ରାକୁ ସୁଗମ କରାଯାଉଛି। ଯୁଦ୍ଧ ଓ ବିସ୍ତାରବାଦୀ ମନୋଭାବକୁ ଅନେକ ମଣିଷ ଆଉ ଲୋଭକରି ଯନ୍ତ୍ରଣା ଭୋଗିବାକୁ ଚାହୁଁନାହାନ୍ତି। କାରଣ ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ ଓ ମହାମାରୀ ଯୋଗୁ ପୃଥିବୀବାସୀ କଳବଳ ହେଉଥିବା ବେଳେ ମନୁଷ୍ୟକୃତ ବିପଦକୁ ଆହ୍ୱାନ କରୁଥିବା ବର୍ଗ ପ୍ରତି ଗୋଟେ ଘୃଣାଭାବ ସୃଷ୍ଟି ହୋଇଯାଇଛି। ରୁଷିଆରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଯୁଦ୍ଧପ୍ରିୟ ପଦକ୍ଷେପକୁ ନାଗରିକମାନେ ବିରକ୍ତିର ସହ କେବଳ ସହୁଛନ୍ତି। ଚାଇନାରେ ଶି ଜିନ୍‌ପିଙ୍ଗଙ୍କ ବିରୋଧରେ କୋଭିଡ୍‌ଜନିତ ଯନ୍ତ୍ରଣାମିଶ୍ରିତ ପ୍ରତିବାଦର ଗୋଟେ 'ଘୋ' ସୃଷ୍ଟି ହୋଇଯାଇଛି। ଏଭଳି ସ୍ଥଳେ ଆଫଗାନିସ୍ତାନରେ ମହିଳାଙ୍କ ଅଧିକାରକୁ ହନନ କରୁଥିବା ତାଲିବାନ୍‌କୁ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦା କରାଯିବା ଦରକାର। ଇରାନ୍ ମହିଳାମାନେ ଯେଭଳି ଦୀର୍ଘ ସମୟ ଧରି ସେମାନଙ୍କ ଅଧିକାର ପାଇଁ ପ୍ରତିବାଦ ଜାରି ରଖିଛନ୍ତି, ଅନୁରୂପ ବିକ୍ଷୋଭ ଅଫଗାନ୍ ମହିଳାଙ୍କୁ କରିବାକୁ ପଡ଼ିବ। ହକ୍ ପାଇଁ ଲଢ଼େଇ ଜାରି ରହିଲେ ଶାସକ ଦୁର୍ବଳ ହେବା ସ୍ୱାଭାବିକ। ଯେହେତୁ ମୌଳବାଦୀମାନେ ସେଠାରେ ଶାସନ ମଙ୍ଗ ଧରିଛନ୍ତି, ସେମାନଙ୍କୁ ଦୋହଲାଇବାକୁ ହେଲେ ଅନ୍ତର୍ଜାତୀୟ ସମୁଦାୟ ଆର୍ଥିକ ଓ ବହିର୍ବ୍ୟାପାର କଟକଣା ଲଗାଇଲେ ହୁଏତ ଅଫଗାନ୍ ମହିଳାମାନେ ନ୍ୟାୟ ପାଇପାରନ୍ତେ।

ଇରାନ୍ ଓ ଆଫଗାନିସ୍ତାନରୁ ଭାରତ ମଧ୍ୟ ଅନେକ ଶିକ୍ଷା ପାଆନ୍ତା। ଯେଉଁଠି ଅନ୍ଧବିଶ୍ୱାସରେ ଧର୍ମକୁ ମୁଖ୍ୟ କରିଦିଆଯାଏ, ସେଠାରେ ଶିକ୍ଷିତ ନାଗରିକ କେବଳ ସମସ୍ୟା ସୃଷ୍ଟି କରିପାରିବେ। ସେଥିପାଇଁ ଧର୍ମବାଟରେ ଯାଉଥିବା ପ୍ରଶାସନ, ନିଜର ଚେର ସୁଦୃଢ଼ କରିସାରିବା ପରେ, ଶିକ୍ଷା ଓ ମହିଳାଙ୍କୁ ଦମନ କରିବାକୁ ସବୁବେଳେ ଚେଷ୍ଟା କରନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | 1 | | | | 5 |
| | | | 9 | 4 | | 7 | | |
| | | 2 | 3 | | | | | |
| | | | | | 6 | | | 1 |
| 8 | 2 | | | | | | | 4 |
| | | 1 | | | | 8 | | |
| | | | | | 7 | 9 | | |
| | 1 | 5 | | | | 2 | | |
| 4 | 9 | | | | | | 3 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 9 | 6 | 4 | 7 | 8 | 5 | 2 |
| 6 | 8 | 4 | 5 | 3 | 2 | 9 | 7 | 1 |
| 5 | 2 | 7 | 9 | 1 | 8 | 6 | 3 | 4 |
| 7 | 6 | 2 | 3 | 9 | 1 | 4 | 8 | 5 |
| 9 | 4 | 8 | 2 | 7 | 5 | 3 | 1 | 6 |
| 3 | 5 | 1 | 8 | 6 | 4 | 7 | 2 | 9 |
| 8 | 9 | 6 | 1 | 2 | 3 | 5 | 4 | 7 |
| 2 | 7 | 3 | 4 | 5 | 9 | 1 | 6 | 8 |
| 4 | 1 | 5 | 7 | 8 | 6 | 2 | 9 | 3 |

ଗତକାଲିର ଉତ୍ତର

# ଯୁବପିଢ଼ିର ଅଧ୍ୟୟନ ବିତୃଷ୍ଣା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଦିନ ଥିଲା ପ୍ରକାଶକମାନେ ପ୍ରଖ୍ୟାତ ଲେଖକଙ୍କ ନିକଟକୁ ଯାଇ ସେମାନଙ୍କଠାରୁ ପାଣ୍ଡୁଲିପି ସଂଗ୍ରହ କରି ବହି ପ୍ରକାଶ କରୁଥିଲେ ଓ ଲେଖକମାନଙ୍କୁ ରୋଚକ ପ୍ରାପ୍ୟ ଦେଉଥିଲେ। ପ୍ରଭାବଶାଳୀ ବହିର ବାରମ୍ବାର ସଂସ୍କରଣ ପ୍ରକାଶ ପାଉଥିଲା। ଆଜି ଆଉ ସେ ସମୟ ନାହିଁ। ଲେଖକମାନେ ନିଜେ ସମସ୍ତ ବ୍ୟୟ ବହନ କରି ପ୍ରକାଶକମାନଙ୍କ ମାଧ୍ୟମରେ ବହି ପ୍ରକାଶ କରୁଛନ୍ତି। ପ୍ରକାଶକମାନେ କହୁଛନ୍ତି ବହି ବିକ୍ରୟ ହେଉନାହିଁ। ଏଣୁ ସେମାନେ କ୍ଷତି ସହିବା ପାଇଁ ବହି ଛାପିବାରେ ଅର୍ଥ ନିବେଶ କରିବାକୁ ଚାହୁଁନାହାନ୍ତି। ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ପୁସ୍ତକମେଳାର ଦୃଶ୍ୟ ଦେଖିଲେ ପ୍ରକାଶକମାନଙ୍କ ଏହି କଥା ଭୁଲ୍ ବୋଲି କହିହେବ ନାହିଁ। ପ୍ରକାଶକମାନେ ନିଜ ନିଜ ଷ୍ଟଲ୍‌ରେ ବହି ମେଲାଇ ବସିଛନ୍ତି, ମାତ୍ର ବହିକ୍ରେତାଙ୍କ ସଂଖ୍ୟା ନଗଣ୍ୟ। ଆଜିର ଯୁବପିଢ଼ି ବହି ପଢୁନାହାନ୍ତି। ହାତରେ ମୋବାଇଲ ଫୋନ୍‌ଟିଏ ଥିଲେ ସେମାନେ ଭାବୁଛନ୍ତି ଦୁନିଆର ସବୁଜ୍ଞାନ ସେମାନଙ୍କ ହାତରେ। ପୁସ୍ତକ ଅଧ୍ୟୟନ ଦ୍ୱାରା ଚେତନା ବିକଶିତ ହୁଏ। ଆଜି ତଥାକଥିତ ଶିକ୍ଷିତ ଯୁବତୀ ଯୁବକମାନଙ୍କ ଅବିକଶିତ ଚେତନା ହିଁ ଯାବତୀୟ ଅଜ୍ଞାନ ଓ ଅଶାନ୍ତିର କାରଣ।

ସପ୍ତମ ଶତାବ୍ଦୀରେ ଚାଇନା ପରିବ୍ରାଜକ ହୁଏନ୍‌ସାଂ କେତେ ନଦୀ, ପର୍ବତ, ଅରଣ୍ୟ, ବିପଦସଙ୍କୁଳ ପଥ ଅତିକ୍ରମ କରି ଭାରତରେ ପହଞ୍ଚିଥିଲେ। ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବା ଥିଲା ତାଙ୍କର ଲକ୍ଷ୍ୟ। ସେତେବେଳେ ନାଳନ୍ଦାରେ ଏକ ବିରାଟ ପାଠାଗାର ଥିଲା। ହୁଏନ୍‌ସାଂ ସେଠାରେ ଅସଂଖ୍ୟ ବହି ଅଧ୍ୟୟନ କରି ସେଗୁଡ଼ିକୁ ମାଣ୍ଡାରିନ୍ ଭାଷାରେ ଅନୁବାଦ କଲେ। ନିଜ ଦେଶକୁ ଫେରିବାବେଳେ ସେ ୬୫୭ଟି ବିରଳ ଗ୍ରନ୍ଥକୁ ଘୋଡ଼ାପିଠିରେ ଲଦିନେଇ ଯାଉଥିଲେ। ଏକ ପାର୍ବତ୍ୟନଦୀରେ ବହିତକ ବୁଡ଼ିଯାଇଥିଲା ଓ ସେ ବହୁକଷ୍ଟରେ ସେଥିରୁ ଅଧାପ୍ରାୟ ବହି ଉଦ୍ଧାର କରି ଚାଇନା ନେଇଗଲେ। ବହି ଥିଲା ତାଙ୍କ ପାଇଁ ବଡ଼ ଆକର୍ଷଣ। ଆବ୍ରାହମ୍ ଲିଙ୍କନ୍ ଯେତେବେଳେ ଆଇନ ଅଧ୍ୟୟନ କରୁଥିଲେ, ସେ ଶୁଣିଲେ ନଈ ଆରପାଖରେ ଓଗମୋନ୍ ନାମକ ସ୍ଥାନରେ ଅବସରପ୍ରାପ୍ତ ଜଣେ ନ୍ୟାୟାଧୀଶଙ୍କ ପାଖରେ ଅଛି ଅସଂଖ୍ୟ ବହି। ଦିନେ ପ୍ରଚଣ୍ଡ ଥଣ୍ଡା ପଡୁଥିବା ସତ୍ତ୍ୱେ ସେ ଗୋଟିଏ ଛୋଟ ଡଙ୍ଗା ନେଇ ନଈ ପାରିହେବାକୁ ଚେଷ୍ଟା କଲେ ତାଙ୍କ ପାଖରେ ପହଞ୍ଚିବା ପାଇଁ। ଦୁର୍ଭାଗ୍ୟବଶତଃ ନଈମଝିରେ ତାଙ୍କ ଡଙ୍ଗାଟି ଭାଙ୍ଗିଗଲା। ତା'ପରେ ସେ ପହଁରି ପହଁରି ଆରକୂଳରେ ପହଞ୍ଚିଲେ। ନ୍ୟାୟାଧୀଶଙ୍କୁ ସାକ୍ଷାତ୍ କଲେ ଓ ତାଙ୍କୁ ବହି ପଢ଼ିବାର ସୁଯୋଗ ଦେବା ପାଇଁ ଅନୁରୋଧ କଲେ।



ବହି ହେଉଛି ଏଭଳି ଏକ ଝରକା, ଯାହା ବିଶାଳ ପୃଥିବୀକୁ ଦେଖିବାର ସୁଯୋଗ ଦିଏ। ବିଖ୍ୟାତ ଲେଖକ ରସ୍‌କିନ୍ ବଣ୍ଡ୍ ତାଙ୍କ ପିଲାଦିନେ ମସୌରିରେ ଏକ ଅତିଥିଶାଳାରେ ଏକୁଟିଆ ଥିବାବେଳେ ଏକ ପରିତ୍ୟକ୍ତ କୋଠରିରେ ଏକ ବିଶାଳ ପାଠାଗାରର ସନ୍ଧାନ ପାଇଲେ। ସେହି ପାଠାଗାରକୁ ତିଆରି କରିଥିଲେ ଜଣେ ଗୋରା ସାହେବ। ପାଠାଗାରରେ ଥିଲା ଅସଂଖ୍ୟ ବିରଳ ବହି, ମାତ୍ର ଅବ୍ୟବହୃତ ହୋଇ ରହିଥିବାରୁ ଚାରିଆଡ଼େ ଥିଲା ବୁଢ଼ିଆଣୀ ଜାଲ ଓ ଧୂଳି। ସେସବୁକୁ ଝାଡ଼ି ବାଳକ ରସ୍‌କିନ୍ ସେହି ବହିସବୁ ପଢ଼ିବା ଆରମ୍ଭ କଲେ। ସେହି ଅଧ୍ୟୟନ ତାଙ୍କ ଜୀବନଧାରାକୁ ବଦଳେଇ ଦେଇଥିଲା। ତାଙ୍କ ଚେତନାର ବିକାଶ ଘଟିଲା ଓ ସେ ଲେଖିଲେ ଅସଂଖ୍ୟ ବହି ଓ ପାଠକମାନଙ୍କ ପାଇଁ ହେଲେ ପ୍ରେରଣାର ଉତ୍ସ। ପ୍ରଖ୍ୟାତ କବି ବୋଦଲୟାର କର୍ମକ୍ଷେତ୍ରରୁ ଘରକୁ ଫେରି ବହିଗୁଡ଼ିକ ମଧ୍ୟରେ ନିଜକୁ ହଜାଇ ଦେଇ କହୁଥିଲେ 'ମୁଁ ମୋର ଅସଲ ବନ୍ଧୁଙ୍କ ଗହଣକୁ ଫେରିଲି'। ଯୋଗୀ ଶ୍ରୀ ଅରବିନ୍ଦ ଅଧ୍ୟାପକ ଥିବାବେଳେ ରିକ୍‌ସାରେ ବହି ବୋଝେଇ କରି ପଢ଼ିବା ପାଇଁ ଘରକୁ ଆଣୁଥିଲେ। ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ରେଭେନ୍ସା କଲେଜର ଛାତ୍ର ଥିବାବେଳେ ତାଙ୍କ ଘରେ ''ଭାରତୀ ମନ୍ଦିର'' ନାମରେ ଏକ ପାଠାଗାର ଖୋଲିଥିଲେ। ତାଙ୍କ ସହ ଥିଲେ ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ୍, ନିକୁଞ୍ଜ କିଶୋର ଦାସ ପ୍ରମୁଖ। ଏହି ପାଠାଗାର ବୃହତ୍ ଭାରତୀୟ ଭାବନା ସୃଷ୍ଟି କରିବାରେ ସମର୍ଥ ହୋଇଥିଲା। ନବକୃଷ୍ଣ ଚୌଧୁରୀ ମୃତ୍ୟୁପର୍ଯ୍ୟନ୍ତ ଜଣେ ଛାତ୍ରଙ୍କ ଭଳି ପଢୁଥିଲେ।

ଯୁଗେ ଯୁଗେ ବହି ସାମାଜିକ ବିପ୍ଳବ ସୃଷ୍ଟି କରିଛି। ୧୯୫୨ରେ ପ୍ରକାଶିତ ହାରିଏଟ୍ ବିଚର ଷ୍ଟୋଙ୍କ ଉପନ୍ୟାସ ''ଟମ କକାଙ୍କ କୁଟୀର'' ଯୁକ୍ତରାଷ୍ଟ୍ର ଆମେରିକାରେ ଘୃଣ୍ୟ କ୍ରୀତଦାସ ପ୍ରଥା ବିରୋଧରେ ମଞ୍ଜି ବୁଣିଥିଲା। ଆବ୍ରାହମ୍ ଲିଙ୍କନ୍ ଏହି ପୁସ୍ତକ ଦ୍ୱାରା ଏତେ ପ୍ରଭାବିତ ହୋଇଥିଲେ ଯେ ସେ ଏହି ବହିର ସ୍ରଷ୍ଟାଙ୍କୁ ଭେଟନ୍ତେ କହିଲେ, ''ଓଃ ଆପଣ ହେଉଛନ୍ତି ସେହି ଲେଖିକା, ଯାହାଙ୍କ ବହି ଏହି ମହାନ୍ ଯୁଦ୍ଧ ସମ୍ଭବ କରିପାରିଲା।'' ମକ୍ସିମ୍ ଗର୍କୀଙ୍କ ଉପନ୍ୟାସ 'ମଦର' ରୁଷିଆର ଅତ୍ୟାଚାରୀ ଜାର ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ପ୍ରେରଣା ଦେଇଥିଲା। ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ ଥିବାବେଳେ ଈଶ୍ୱର ଓ ଧର୍ମ ସମ୍ପର୍କରେ ଜାଣିବା ପାଇଁ ବନ୍ଧୁ କୋଟସ୍‌ଙ୍କ ସାହାଯ୍ୟରେ ଗୋଟିଏ ପାଠାଗାର କରିଥିଲେ ଓ ଗୋଟିଏ ବର୍ଷରେ ୮୦ ଖଣ୍ଡ ବହି ପଢ଼ିଥିଲେ। ଏହିସବୁ ପୁସ୍ତକ ଅଧ୍ୟୟନ ହିଁ ମହାତ୍ମା ଗାନ୍ଧୀଙ୍କୁ ନିର୍ମାଣ କରିଥିଲା। ଅତୀତର ସେହି ବିଶିଷ୍ଟ ବ୍ୟକ୍ତିବୃନ୍ଦଙ୍କ ବ୍ୟକ୍ତିତ୍ୱ ପୁସ୍ତକ ଅଧ୍ୟୟନରେ ଫଳଶ୍ରୁତି ଜାଣି ସୁଦ୍ଧା ଆଜିର ଯୁବପିଢ଼ି ପୁସ୍ତକ ଅଧ୍ୟୟନରୁ ଦୂରେଇ ଯାଇ ମୋବାଇଲ ଫୋନ୍ ନିଶାରେ ଭ୍ରମିତ ହୋଇ ସମୟ ଅପଚୟ କରୁଛନ୍ତି। ଏବେ ବି ସମୟ ଅଛି ସେମାନେ ସୁସାହିତ୍ୟ ପଢ଼ନ୍ତୁ, ନ ହେଲେ ଦିନେ ସେମାନଙ୍କୁ ସେହି ପୁରାତନ କାହାଣୀର ତିନି ଅଶ୍ୱାରୋହୀଙ୍କ ଭଳି ସନ୍ତପ୍ତ ହେବାକୁ ପଡ଼ିବ।

ତାହା ଥିଲା ଏକ ଜ୍ୟୋତ୍ସ୍ନାବିଧୌତ ରଜନୀ। ତିନିଜଣ ଅଶ୍ୱାରୋହୀ ଆଗେଇ ଚାଲିଥିଲେ। ହଠାତ୍ ଶୁଣିଲେ ଏକ ସ୍ୱର 'ଗତି ବନ୍ଦ କର'। ସ୍ୱରଟି ଏତେ ପ୍ରଭାବଶାଳୀ ଥିଲା ଯେ ସେମାନେ ଅଟକିଗଲେ। ସ୍ୱରଟି ଥିଲା ଏକ ଅଶରୀରୀର। ତା'ପରେ ଆଉ ଏକ ସ୍ୱର ନିର୍ଦ୍ଦେଶ ଦେଲା, 'ଅଶ୍ୱ ପୃଷ୍ଠରୁ ଅବତରଣ କର'। ସେମାନେ ଓହ୍ଲାଇଲେ। ପୁଣି ତୃତୀୟ ନିର୍ଦ୍ଦେଶ ଆସିଲା – 'ତଳେ ପଡ଼ିଥିବା ଗୋଡ଼ିମାଟିରୁ ଯେତେ ଇଚ୍ଛା ସେତେ ଉଠାଇ ନେଇ ତୁମ ଥଳିରେ ପୂରାଅ।' ସେହି ଅଲୌକିକ ନିର୍ଦ୍ଦେଶକୁ ସେମାନେ ଭୟରେ ପାଳନ କଲେ। ମାତ୍ର ଗୋଡ଼ିମାଟି ଭଳି ମୂଲ୍ୟହୀନ ପଦାର୍ଥକୁ ସେମାନେ ବେଶି ପରିମାଣରେ ସଂଗ୍ରହ ନ କରି ମାତ୍ର ମୁଠାଏ କିମ୍ବା ଦୁଇମୁଠା ଗୋଟାଇଲେ। ଶେଷରେ ନିର୍ଦ୍ଦେଶ ଆସିଲା– 'ଏଥର ଯାଅ। ଯେତେବେଳେ ସକାଳ ହେବ ତୁମେ ଯେତିକି ପୁଲକିତ ହେବ, ସେତିକି ସନ୍ତପ୍ତ ମଧ୍ୟ ହେବ।' ତିନି ଅଶ୍ୱାରୋହୀ ପୁଣି ଯାତ୍ରା ଆରମ୍ଭ କଲେ। ସକାଳ ହୁଅନ୍ତେ ସେମାନେ ଦେଖିଲେ ସବୁ ଗୋଡ଼ିମାଟି ହୀରା, ନୀଳା, ମୋତି ମାଣିକ୍ୟରେ ରୂପାନ୍ତରିତ ହୋଇଯାଇଛି। ସେମାନେ ପୁଲକିତ ହେଲେ ସତ, ମାତ୍ର ଥଳି ଭର୍ତ୍ତିକରି ଗୋଡ଼ିମାଟି ଆଣି ନ ଥିବାରୁ ଅଧିକ ସନ୍ତପ୍ତ ହେଲେ। ଠିକ୍ ସେପରି ଯୁବପିଢ଼ି ବହି ପଠନକୁ ଅନାବଶ୍ୟକ ଭାବି ବହି ସଂଗ୍ରହ ନ କରି ପରିଣତ ବୟସରେ କୌଣସି ବହି ପଢୁ ପଢୁ ମୁଗ୍ଧ ହେଲେ ସେମାନଙ୍କୁ ଅଶ୍ୱାରୋହୀଙ୍କ ଭଳି ଅନୁତପ୍ତ ହୋଇ କହିବାକୁ ନ ପଡୁ 'ଯୁବକ ସମୟରେ ବହି ନ ପଢ଼ି ଭୁଲ୍ କରିଛି।'

ମୋ:୯୪୩୭୩୨୯୨୬୩

# ଶାକାହାରୀ, ମାଂସାହାରୀ ଓ ଭେଗାନ୍



ଡ. ବିଜୟ କେତନ ପଟ୍ଟନାୟକ

ଖ୍ରୀଷ୍ଟପୂର୍ବ ୭୦୦ବର୍ଷ ତଳୁ ଶାକାହାରୀ ଖାଦ୍ୟପେୟ ସମ୍ପର୍କରେ ବିଭିନ୍ନ ଶାସ୍ତ୍ରରେ ବର୍ଣ୍ଣନା ରହିଛି। ଶାକାହାରୀ ବ୍ୟକ୍ତି ଜୀବଜନ୍ତୁଙ୍କଠାରୁ ମିଳୁଥିବା ମାଂସ, ତାହା ଛେଳିମାଂସ, କୁକୁଡ଼ାମାଂସ, ଗୋମାଂସ ବା ଅନ୍ୟ କୌଣସି ଜୀବ ବା ପକ୍ଷୀର ମାଂସ ଏବଂ ମାଛ, କଙ୍କଡ଼ା ଆଦି ଖାଆନ୍ତି ନାହିଁ। ଏହି ବ୍ୟକ୍ତିମାନଙ୍କୁ ନିରାମିଷାଶୀ ମଧ୍ୟ କୁହାଯାଇଥାଏ। ପ୍ରମୁଖ ଶାକାହାରୀ ଖାଦ୍ୟ ମଧ୍ୟରେ ରହିଛି ଫଳ, ପନିପରିବା, ଅନ୍ନ, ଡାଲି ଜାତୀୟ ଖାଦ୍ୟ, ଶିମ୍ବ ଆଦି ମଞ୍ଜି ଜାତୀୟ ଫଳ, ନଡ଼ିଆ, ବାଦାମ ପରି କଠିନ ଆବରଣଯୁକ୍ତ ଫଳ, ଦୁଗ୍ଧ ଜାତୀୟ ପଦାର୍ଥ ଇତ୍ୟାଦି। ଶାକାହାରୀ ଗୋଷ୍ଠୀର କେତେକେ ମାଛ, ମାଂସ ଖାଆନ୍ତି ନାହିଁ କିନ୍ତୁ ଅଣ୍ଡା ଖାଇଥାନ୍ତି। ସେମାନଙ୍କୁ 'ଲାକ୍ଟୋ ଓଭୋ' ଶାକାହାରୀ କୁହାଯାଏ। ଯେଉଁମାନେ ମାଛ ମାଂସ ସହିତ ଅଣ୍ଡା ମଧ୍ୟ ଖାଆନ୍ତି ନାହିଁ, ସେମାନଙ୍କୁ 'ଲାକ୍ଟୋ' ଶାକାହାରୀ ଶ୍ରେଣୀଭୁକ୍ତ କରାଯାଏ। ଏମାନଙ୍କ ବ୍ୟତୀତ ଅନ୍ୟ ଏକ ଶୁଦ୍ଧ ଶାକାହାରୀ ଗୋଷ୍ଠୀ ଅଛନ୍ତି, ଯାହାଙ୍କୁ 'ଭେଗାନ୍' କୁହାଯାଏ। ଯେଉଁମାନେ ମାଛ, ମାଂସ ଆଦି ଆମିଷ ଖାଦ୍ୟ ନ ଖାଇବା ସହିତ ଜୀବଜନ୍ତୁଙ୍କଠାରୁ ଉତ୍ପାଦିତ କୌଣସି ଖାଦ୍ୟ ପଦାର୍ଥ ଯଥା କ୍ଷୀର ବା ଦୁଗ୍ଧ ଜାତୀୟ ଦ୍ରବ୍ୟ ଏବଂ ଅଣ୍ଡା ମଧ୍ୟ ଆହାର କରନ୍ତି ନାହିଁ। 'ଭେଗାନ୍' ଗୋଷ୍ଠୀର ଅଭ୍ୟୁଦୟ ଖୁବ୍ ନିକଟରେ ହୋଇଛି।

ପୌଷ୍ଟିକ ଖାଦ୍ୟ, ସୁଷମ ବା ସନ୍ତୁଳିତ ଖାଦ୍ୟ ସୁସ୍ଥ ଓ ନିରାମୟ ଜୀବନ ପାଇଁ ଜରୁରୀ। ଏହା ମନୁଷ୍ୟ ଶରୀରକୁ ଅନେକ ଅଣସଂକ୍ରାମକ ରୋଗ ଯଥା ହୃଦ୍‌ରୋଗ, ମଧୁମେହ ଏବଂ କ୍ୟାନ୍‌ସର ଓ ବିଭିନ୍ନ ପୁରାତନ, ଦୀର୍ଘସ୍ଥାୟୀ ରୋଗରୁ ରକ୍ଷା କରିଥାଏ। ଉଦ୍ଭିଦ ବିଜ୍ଞାନ ଦୃଷ୍ଟିକୋଣରୁ ଆମେ ଗ୍ରହଣ କରୁଥିବା ଖାଦ୍ୟକୁ ସାଧାରଣତଃ ଚାରିଭାଗରେ ବିଭକ୍ତ କରାଯାଇପାରେ। (କ) ମୁଖ୍ୟ ଖାଦ୍ୟ: ଧାନ, ଗହମ, ବାର୍ଲି, ରାଇ, ମାଣ୍ଡିଆ, ମକା ଆଦି ଖାଦ୍ୟଶସ୍ୟ, (ଖ) ଛୁଇଁ ଜାତୀୟ (ଶିମ୍ବ, ବିନ୍, ମଟର), ତୈଳବୀଜ (ରାଶି, ପେଶି, ସୋରିଷ) ଏବଂ ଡାଲି ଜାତୀୟ (ମୁଗ, ବିରି, ଚଣା ଶସ୍ୟ), (ଗ) ଫଳ ଓ ପନିପରିବା, (ଘ) ଜୀବଜନ୍ତୁଙ୍କଠାରୁ ମିଳୁଥିବା ଖାଦ୍ୟ: (ମାଂସ, ମାଛ, ଅଣ୍ଡା ଓ ଦୁଗ୍ଧ)। ପ୍ରଥମ ତିନି ଜାତୀୟ ଖାଦ୍ୟ ଉଦ୍ଭିଦଜାତ ହୋଇଥିବାରୁ ସେଥିରେ 'ବିଟା କାରୋଟିନ୍' ଥାଏ; ଯାହା ଶରୀରକୁ ଜୀବସାର 'କ' ଯୋଗାଇଥାଏ। ମୂଳା, ଗାଜର ଓ ମିଠା ଆଳୁରେ ମଧ୍ୟ ଜୀବସାର 'କ' ଥାଏ। ଫଳ ଓ ପନିପରିବା ଯଥା– କମଳା, ଲେମ୍ବୁ, ଷ୍ଟ୍ରବେରି, ବିଲାତି ବାଇଗଣ, କିୱି, ବ୍ରୋକୋଲ ନାଲି ଓ ସବୁଜ କ୍ୟାପ୍‌ସିକମ୍‌ରେ ଜୀବସାର 'ଗ' ଥାଏ। ବାଦାମ ମଞ୍ଜି, ଉଷୁନା ଚାଉଳ, ପାଳଙ୍ଗ ଶାଗରେ ଜୀବସାର 'ଚ' ଓ ସବୁଜପତ୍ରଯୁକ୍ତ ପରିବାରୁ ଜୀବସାର 'ଖ' ମିଳିଥାଏ।

ଉଭୟ ଆମିଷ ଓ ନିରାମିଷ ଖାଦ୍ୟରେ ଭିନ୍ନ ଭିନ୍ନ ପୌଷ୍ଟିକତା ରହିଛି। ମାଂସ, କୁକୁଡ଼ାମାଂସ, ସମୁଦ୍ରମାଛ, ଦୁଗ୍ଧଜାତୀୟ ପଦାର୍ଥରେ ଜୀବସାର 'ଖ' ଏବଂ ବିଶେଷକରି ଅଣ୍ଡାରେ ଜୀବସାର ଖ–୧୨ ଥାଏ। କିନ୍ତୁ ଅତ୍ୟଧିକ ଆମିଷ ଭକ୍ଷଣ ସ୍ୱାସ୍ଥ୍ୟପକ୍ଷେ ହିତକାରୀ ନୁହେଁ। ଛେଳିମାଂସକୁ ଲାଲ୍‌ମାଂସ କୁହାଯାଇଥାଏ। ଏଥିରେ ଅଧିକ ପରିତୃପ୍ତ ମେଦାମ୍ଳ ଥିବାରୁ ଅଧିକ ଛେଳିମାଂସ ଖାଇଲେ ହୃଦ୍‌ଘାତ, ସ୍ତନ ଓ ବୃହଦନ୍ତ୍ର କର୍କଟ ରୋଗର ଆଶଙ୍କା ଥାଏ। ଛେଳି ମାଂସ ଅପେକ୍ଷା କୁକୁଡ଼ା ମାଂସରେ ଅପେକ୍ଷାକୃତ କମ୍ ମେଦାମ୍ଳ ଥାଏ। ତେଣୁ କମ୍ କ୍ଷତିକାରକ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରକାଶିତ ବୁଲେଟିନ୍‌ରୁ ଜଣାପଡ଼େ, ମାଂସ ଆହାର ଦ୍ୱାରା ମଣିଷ ୧୬୦ ପ୍ରକାରର 'ଜୁନୋସିସ୍' ରୋଗରେ ଆକ୍ରାନ୍ତ ହୋଇଥାଏ। ଶରୀରରେ ଅଧିକ 'କୋଲେଷ୍ଟେରଲ୍' ଏବଂ 'ଟ୍ରାଇଗ୍ଲିସେରାଇଡ୍' ମଧ୍ୟ ସୃଷ୍ଟି ହୋଇଥାଏ; ଯାହା ହୃଦ୍‌ଘାତ ଜନିତ ରୋଗର ମୁଖ୍ୟ କାରଣ। ଉଭୟ ମାଛ ଓ ମାଂସ ଖାଇଲେ ଅଧିକ 'ୟୁରିକ୍ ଏସିଡ୍' ଉତ୍ପନ୍ନ ହୋଇଥାଏ।



ଅନ୍ୟପକ୍ଷରେ ମାଂସରେ ଲୌହ, ଜିଙ୍କ୍ ଓ ଜୀବସାର ଖ–୧୨ ଥାଏ। ଲୌହ ଶରୀରରେ ହିମୋଗ୍ଲୋବିନ ସୃଷ୍ଟି କରେ। ଜିଙ୍କ୍ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରେ। ମାଂସରେ ଶରୀର ଆବଶ୍ୟକ କରୁଥିବା ସବୁପ୍ରକାର ଆମିନୋ ଏସିଡ୍ ମଧ୍ୟ ଥାଏ; ଯାହା ନିରାମିଷ ଖାଦ୍ୟରେ ମିଳେ ନାହିଁ। ଅଣ୍ଡାରେ ପୁଷ୍ଟିସାର, ଜୀବସାର ଖ–୧୨ ଓ ଜୀବସାର 'ଘ' ଥାଏ; ଫଳରେ ସ୍ନାୟୁରୋଗ ଦୂର ହୁଏ, ହାଡ଼ ଓ ଦାନ୍ତ ଶକ୍ତ ହୁଏ ଏବଂ ଦୃଷ୍ଟିଶକ୍ତି ବୃଦ୍ଧି ପାଏ।

ଶୁଦ୍ଧ ଶାକାହାରୀ ବା 'ଭେଗାନ୍' ଖାଦ୍ୟ ତାଲିକାରେ ଆମିଷ ଖାଦ୍ୟ ସହିତ ପଶୁ, ପକ୍ଷୀମାନଙ୍କଠାରୁ ସଂଗୃହୀତ ହେଉଥିବା ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଏବଂ ଅଣ୍ଡାକୁ ମଧ୍ୟ ବାଦ୍ ଦିଆଯାଇଛି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରୁ ଜଣାପଡ଼ିଛି, ଯେଉଁ ବ୍ୟକ୍ତିମାନେ ଦୈନିକ ୧୦୦ ବା ୨୦୦ ଗ୍ରାମର ମାଂସ, ଖାଆନ୍ତି, ସେମାନେ ଦିନକୁ ୭.୨ କିଲୋଗ୍ରାମ ଅଙ୍ଗାରକାମ୍ଳ ସମତୁଲ, ଉତ୍ସର୍ଜନ କରିଥାନ୍ତି। ଶାକାହାରୀ ବ୍ୟକ୍ତି ସେହି ତୁଳନାରେ ଦୈନିକ ୩.୫ କିଲୋଗ୍ରାମ ଓ 'ଭେଗାନ୍' ମାନେ ୨.୯ କିଲୋଗ୍ରାମ୍ ଅଙ୍ଗାରକାମ୍ଳ ସମତୁଲ ଉତ୍ସର୍ଜନ କରନ୍ତି। 'ନ୍ୟୁ ସାଇଣ୍ଟିଷ୍ଟ' ପତ୍ରିକାରେ ପ୍ରକାଶିତ ଏକ ସନ୍ଦର୍ଭରେ ଜଣେ 'ଭେଗାନ୍' ବ୍ୟକ୍ତି ଆହାର ପ୍ରକ୍ରିୟାରୁ ଉତ୍ପନ୍ନ ହେଉଥିବା ଅଙ୍ଗାରକାମ୍ଳ ବାଷ୍ପ ୬୦ ପ୍ରତିଶତ ହ୍ରାସ କରି ଜଳବାୟୁ ପରିବର୍ତ୍ତନରେ ସହାୟକ ହୋଇପାରିବ ଏବଂ ସେ ମଧୁମେହ ବା ଅନ୍ୟାନ୍ୟ ହୃଦ୍‌ଘାତ ଜନିତ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ମଧ୍ୟ ଯଥେଷ୍ଟ କମିଯିବ। କିନ୍ତୁ ଦୁଗ୍ଧ, ଦୁଗ୍ଧଜାତ ଦ୍ରବ୍ୟ ଓ ଅଣ୍ଡାକୁ ବାଦ ଦେଇ ପ୍ରସ୍ତୁତ 'ଶୁଦ୍ଧ ଶାକାହାର ଆହାର' କେତେଦୂର ସୁଷମ ବା ସମତୁଲ ଖାଦ୍ୟ ହୋଇପାରିବ ବା ଶରୀର ପାଇଁ ଆବଶ୍ୟକ ହେଉଥିବା ପୋଷକ ତତ୍ତ୍ୱର ଅଭାବ କେତେଦୂର ପୂରଣ କରିପାରିବ, ସେ ବିଷୟରେ ସନ୍ଦେହ ପ୍ରକାଶ କରିବାର ଯଥେଷ୍ଟ ଅବକାଶ ରହିଛି। ତେଣୁ ଭବିଷ୍ୟତରେ ସ୍ୱାସ୍ଥ୍ୟ ସମସ୍ୟାକୁ ଏଡ଼ାଇବା ପାଇଁ 'ଭେଗାନ' ଖାଦ୍ୟରେ ଆବଶ୍ୟକ ମୁତାବକ 'କାଲୋରି' ମିଳୁଛି ନା ନାହିଁ, ସେଥିପ୍ରତି ଦୃଷ୍ଟିଦେବା ଉଚିତ।

**୫୭, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର**

**ମୋ: ୯୪୩୭୦୦୦୯୦୪**

## ଏଇ ଭାରତରେ

ରାସ୍ତାରେ ଭିକ୍ଷାବୃତ୍ତି କରୁଥିବା ଏବଂ ଶ୍ରମିକ ଭାବେ ଖଟୁଥିବା ଶିଶୁଙ୍କ ଉଦ୍ଧାର କ୍ଷେତ୍ରରେ ଜଣେ ପୋଲିସ ଅଧିକାରୀଙ୍କ ପ୍ରୟାସ ପ୍ରଶଂସନୀୟ। ଉତ୍ତରାଖଣ୍ଡ ପୋଲିସ ମହାନିର୍ଦ୍ଦେଶକ ଅଶୋକ କୁମାର ୨୦୧୭ରେ 'ଅପରେଶନ ମୁକ୍ତି' ଅଭିଯାନ ଆରମ୍ଭ କରି ଉକ୍ତ କାର୍ଯ୍ୟ ଜାରି ରଖିଛନ୍ତି। ତାଙ୍କ ମତରେ 'ଅପରେଶନ ମୁକ୍ତି' କହିଲେ ଭିକ୍ଷାବୃତ୍ତି ଓ ଶ୍ରମିକ ବେଡ଼ିରୁ ଶିଶୁଙ୍କୁ ମୁକ୍ତି ଦେବା। ଅଶୋକ କୁମାର ଏବେ ସୁଦ୍ଧା ୧,୭୦୦ ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କୁ ବିଭିନ୍ନ ସରକାରୀ ସ୍କୁଲରେ ନାମ ଲେଖାଇଛନ୍ତି। ଗତବର୍ଷ ପୋଲିସ ୧୮ ଜଣ ଶିଶୁଙ୍କୁ ନାମ ଲେଖାଇବାକୁ ସକ୍ଷମ ହୋଇଥିଲା। ସେ ମଧ୍ୟ ପାରିବାରିକ ହିଂସାର ଶିକାର ହୋଇଥିବା ଅସହାୟ ଶିଶୁ, ଶିଶୁ ଚାଲାଣ ର୍‌ୟାକେଟ୍‌ରୁ ଶିଶୁମାନଙ୍କୁ ଉଦ୍ଧାର କରି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି। ଏହି ପିଲାମାନଙ୍କ ପୋଷାକ, ଖାଇବା, ରହିବା ଓ ପଢ଼ା ଖର୍ଚ୍ଚ ପୋଲିସ ତରଫରୁ ବନ୍ଦୋବସ୍ତ କରାଯାଇଛି। ଅଶୋକ କୁମାରଙ୍କ ଅଭିଯାନରେ ଉତ୍ତରାଖଣ୍ଡ ପୋଲିସର ୧୦୦ ଜଣ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ଅଞ୍ଚଳରେ ଶିଶୁ ଶ୍ରମିକ ଓ ଭିକ୍ଷାବୃତ୍ତି ବିରୋଧରେ ସଚେତନ କରିବା ଲାଗି ପଥପ୍ରାନ୍ତ ନାଟକ କରାଯାଉଛି ବୋଲି କହନ୍ତି ଡିଜିପି ଅଶୋକ କୁମାର। ଏଥିପାଇଁ ତାଙ୍କୁ ଏବେ ପିଲାମାନେ ଶ୍ରଦ୍ଧାରେ 'ପୋଲିସ ଅଙ୍କଲ' ବୋଲି ସମ୍ବୋଧନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଡିସେମ୍ବର ୧୯୯୭

- ଆଲଜେରିଆର ଦକ୍ଷିଣ–ପଶ୍ଚିମ ତିଆରେଟ ଇଲାକାର ଦୁଇଟି ଗ୍ରାମ ଉପରେ ଇସ୍‌ଲାମୀୟ ଉଗ୍ରବାଦୀମାନେ ଆକ୍ରମଣ କରିବା ଫଳରେ ୫୯ ନିହତ।
- ଲାହୋରଠାରୁ ଦକ୍ଷିଣ–ପଶ୍ଚିମକୁ ୧୫୦ କିମି ଦୂର ଝାଙ୍ଗର ଉପକଣ୍ଠ ରୁସ୍ତମ ସରଗାନା ନାମକ ରେଳଷ୍ଟେଶନଠାରେ ଦୁଇଟି ଟ୍ରେନ୍ ଧକ୍କା ଲାଗି ୩୫ ମୃତ।
- ସୁନାମଧନ୍ୟ ଚିତ୍ରଶିଳ୍ପୀ ଡଃ ମୁରଲୀଧର ଝାଲିଙ୍କ ୮୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

କାନନେ ଡାକେ ମୟୂରୀ
ନଦୀରେ ଡାକେ ଭଉଁରି
ଶିଖରି ଚୂଳରେ ମେଘ ଡାକିଲାଣି,
ଭୁବନେ ଡାକିଲେ ସକଳ,
ମୋହରି ପାଇଁ ସେ ବିକଳ।
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦଳ ସର୍ବସ୍ୱ ପ୍ରଶାସନ

ମହାଶୟ,

ଖବରକାଗଜରେ ରଙ୍ଗିନ ବିଜ୍ଞାପନ ବାହାରୁଛି ଭୋଟର ସଚେତନତା ପାଇଁ ଶନିବାର/ରବିବାର ବୁଥ୍ ସ୍ତରୀୟ ଅଧିକାରୀ ଭୋଟର ସଂଶୋଧନ ଆଧାର ସଂଯୋଗ ପ୍ରଭୃତି ପାଇଁ। ମାତ୍ର ବୁଥ୍‌ରେ ପହଞ୍ଚିଲେ କେହି ନାହାନ୍ତି। ପଞ୍ଚାୟତର ସରପଞ୍ଚ ୱାର୍ଡମେମ୍ବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ ମାହାଙ୍ଗା ବ୍ଲକରେ କେବେ ମିଳନ୍ତି ନାହିଁ। ସବୁଦିନ ମିଟିଂରେ ବ୍ୟସ୍ତ। ବ୍ଲକ କାର୍ଯ୍ୟାଳୟରେ କାହାକୁ କହିବା ? ଜିଲାପାଳଙ୍କୁ କହିଲେ ଉତ୍ତର ମିଳୁ ନାହିଁ। କାମ ହେବ କେମିତି ? କୁଣ୍ଡି ପଞ୍ଚାୟତ ସମବାୟ ସମିତି କାର୍ଯ୍ୟାଳୟ କେଉଁଠି। ଗାଁର ଅନେକ ଲୋକ କି ପଞ୍ଚାୟତର କେହି ଜାଣନ୍ତି ନାହିଁ। ସୂଚନା ଅଧିକାର ଫର୍ମରେ ଆବେଦନ କଲେ ମଧ୍ୟ କାଳିଆ, ବଳିଆ ଯୋଜନା, ବୟସ୍କ ଭତ୍ତା, ଆବାସ ଯୋଜନା ତାଲିକା ମିଳୁ ନାହିଁ। ଏହିଭଳି ଆମର ବ୍ୟବସ୍ଥା ? ବ୍ୟାଙ୍କ ସବୁ ଗ୍ରାମାଞ୍ଚଳରେ କେବଳ ଦେଖିବା ପାଇଁ ସବୁ କାମ ଜନସେବା କେନ୍ଦ୍ରରେ ପଇସା ଅତ୍ୟଧିକ ଦେଇ କରିବାକୁ ପଡୁଛି। କିଏ. କେଉଁ କାମର ସାମ୍ବିଧାନିକ ଅଧିକାରୀ ଓ ତାଙ୍କର କାମ କ'ଣ ଜାଣିବା ମୁସ୍କିଲ ହେଲାଣି। ଯେହେତୁ ଉପରିସ୍ଥ ଅଧିକାରୀମାନଙ୍କର ଜ୍ଞାନ ଓ କ୍ଷମତା ସାହିଁ, ସେଥିପାଇଁ ସବୁ ବିଭ୍ରାଟ। ଦଲାଲ ସର୍ବସ୍ୱ ଆମର କାର୍ଯ୍ୟ ପ୍ରଣାଳୀ ଓ ପ୍ରଶାସନ । ଦେଶ ସେହି ପରାଧୀନତା ଆଡ଼କୁ ଯାଉଛି।

**–ରାଜୀବ ଷଡ଼ଙ୍ଗୀ, ସୂର୍ଯ୍ୟନିଳୟମ, କୁଣ୍ଡି, କୁମୁଡ଼ା ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବସ୍ ଓଲଟି ୨ ଆହତ

**ପଟ୍ଟାମୁଣ୍ଡାଇ,(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଥାନା ଗଙ୍ଗାରାମପୁର ନିକଟରେ ପିକ୍‌ନିକ୍ ଯାତ୍ରୀଙ୍କୁ ଛାଡି ଫେରୁଥିବା ବେଳେ ବସ୍‌ଟି ଭାରସାମ୍ୟ ହରାଇ ବିଲ ତଳକୁ ଓଲଟି ପଡିଥିଲା । ଫଳରେ ବସ୍ ଚାଳକ ଓ ହେଲପର ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପଟ୍ଟାମୁଣ୍ଡାଇ ଆରଡପଲି ଗ୍ରାମର ୪୦ ଜଣ ଯାତ୍ରୀ ଶନିବାର ଶ୍ରୀମନ୍ଦିର ବସ୍ ରିଜର୍ଭ କରି ପୁରୀ ବୁଲିବାକୁ ଯାଇଥିଲେ। ରାତି ପ୍ରାୟ ୧୧ ଟାବେଳେ ସେମାନେ ଘରକୁ ଫେରିଥିଲେ। ଯାତ୍ରୀଙ୍କୁ ଘରେ ଛାଡି ବସ୍‌ଟି କେନ୍ଦ୍ରାପଡ଼ା ଅଭିମୁଖେ ଫେରୁଥିବା ବେଳେ ଘନ କୁହୁଡି ପାଇଁ ଓଲଟି ପଡିଥିଲା। ବସ୍‌ରେ କେହି ନ ଥିବା ବେଳେ ଡ୍ରାଇଭର ଓ ହେଲପର ଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

## ସଂକ୍ଷେପରେ

### ରଡ୍ କାମବେଳେ ବିଦ୍ୟୁତ୍ ଆଘାତରେ ମିସ୍ତ୍ରିଙ୍କ ମୃତ୍ୟୁ

**ରାଜନଗର,୨୫।୧୨(ଡି.ଏନ.ଏ.):** ରାଜନଗର ଥାନା ସାତଭାୟା ଥଇଥାନ ଅଞ୍ଚଳ ବଗପାଟିଆର ରୋହିତ ବେହେରାଙ୍କ ଘରେ ରଡ଼ ମିସ୍ତ୍ରି ଭାବେ କାମ କରୁଥିବା ହେମନ୍ତ ମଣ୍ଡଳଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ମୃତ ହେମନ୍ତ ଘର ଏହି ଥାନା ଅନ୍ତର୍ଗତ କଣ୍ଡିରା ପଞ୍ଚାୟତର ପଦଲାପୁର ଗାଁରେ। ସେ କିଛିଦିନ ହେବ ସେଠାରେ କାମ କରୁଥିଲେ। ସେ ଧରିଥିବା ରଡଟି ଅସାବଧନତା ବଶତଃ ୩୩ କେଭି ଲାଇନ ସଂସ୍ପର୍ଶରେ ଆସି ଯିବାରୁ ଛିଟିକି ପଡିଥିଲେ। ଘର ମାଲିକ ରୋହିତ ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ ଗୁପ୍ତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ଭାଜପା ପକ୍ଷରୁ ଆଳିରେ ସୁଶାସନ ଦିବସ

**ଆଳି,୨୫।୧୨(ଡି.ଏନ.ଏ.):** ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୮ତମ ଜୟନ୍ତୀ ଓ ସୁଶାସନ ଦିବସ ରବିବାର ଆଳି ଭାଜପା ପକ୍ଷରୁ ପାଳିତ ହୋଇଯାଇଛି। ଆଳି ଲକ୍ଷ୍ମୀବରାହ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ସଭା ଭାଜପା ନେତା ବ୍ରଜ ସୁନ୍ଦର ଭୂୟାଁଙ୍କ ନେତୃତ୍ୱରେ ନେଇଥିଲେ। ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଭାଜପା କେନ୍ଦ୍ରାପଡ଼ା ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ନିର୍ବାଚନ ମଣ୍ଡଳୀ ସଂଯୋଜକ ରଶ୍ମିରଞ୍ଜନ ବେହୁରା, ବୈକୁଣ୍ଠ ପରିଡା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ଶରତ ଚନ୍ଦ୍ର ଜଗଦ୍ଦେବ, ଭକ୍ତବନ୍ଧୁ ମିଶ୍ର, ସୁବାସ ପାତ୍ର, ଦେବାଶିଷ କୁଅଁର, ମଣ୍ଡଳ ସଭାପତି ବାଦଲ ନନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ବରାହ ପଣ୍ଡା, ଉତ୍କଳ ସାମଲ, ତନୁଜ ପଲାଇ, ସଞ୍ଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭାଜପାର ମିଶ୍ରଣ ପର୍ବ

**ରାଜନଗର,୨୫।୧୨(ଡି.ଏନ.ଏ.):** ରାଜନଗର ବ୍ଲକ ଜରିମୂଳ ସ୍ଥିତ ମା' ମାଟିଆ ମଙ୍ଗଳା ପୀଠରେ ରାଜନଗର ବ୍ଲକ ଭାଜପା ପକ୍ଷରୁ ସୁଶାସନ ଦିବସ ଓ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ ପ୍ରଭାରୀ ସୁନାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଭାଜପା ନେତା ବିଷ୍ଣୁ ଦାସ, ଅଜୟ କୁମାର ବେହେରା ଯୋଗଦେଇ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୮ ତମ ଜନ୍ମଦିନ, ସୁଶାସନ ଦିବସ ପାଳନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରୁ କଂଗ୍ରେସ ଓ ବିଜେଡି କର୍ମୀ ଭାଜପାରେ ମିଶିଥିଲେ। ଡେରା ପଞ୍ଚାୟତର ଗୁରୁବାରୀ ରାଉତ, ମହୁଲିଆରୁ ଯୁଧିଷ୍ଠିର ନାୟକ, ସଞ୍ଜୟ ରାଉତ, ମହିଷାସୁରରୁ ଟିଙ୍କି ବିଶ୍ୱାଳ, ଭିତରଗଡ଼ର ପ୍ରେମାନନ୍ଦ ଚଣ୍ଡ, ଅଜୟ ପରିଡା, ଘଡ଼ିଆମାଳର ନରତ୍ତମ ପ୍ରଧାନ, ଚାନ୍ଦିବାଉସମୂଳର ଅକ୍ଷୟ ସାମଲ ମକର ସେଠୀ, ଗୁପ୍ତିର ବଳରାମ ମଣ୍ଡଳ, ରବୀନ୍ଦ୍ରନାଥ ମଣ୍ଡଳ ପ୍ରମୁଖଙ୍କୁ ଦଳୀୟ ନେତୃମଣ୍ଡଳୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ । ସଞ୍ଜୟ ସାହୁ, ରାଜକିଶୋର ସାହୁ, ସମୀର ପାତ୍ର, ଶ୍ରୀଧର ପ୍ରଧାନ ନୀଳମଣି ସାହାଣୀ ପ୍ରମୁଖ ଯୋଗ ଯୋଗ ଦେଇଥିଲେ।

# ବଡ଼ଦିନ: ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼

**ରାଜନଗର, ୨୫।୧୨(ଡି.ଏଡ଼.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଭିତରକନିକାରେ ବଡଦିନ ଅବସରରେ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଛି। ରବିବାର ଗୋଟିଏ ଦିନରେ ୨୮୧୩ ପର୍ଯ୍ୟଟକ ୧୦୮ଟି ବୋଟ୍‌ରେ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ପର୍ଯ୍ୟଟକମାନେ ଖୋଲା, ଗୁପ୍ତି, ଜୟନଗର, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ବୋଟ୍ ଯୋଗେ ଡାଙ୍ଗମାଳ ଆସିବା ବାଟରେ ପ୍ରାକୃତିକ ପରିବେଶରେ ନଦୀ ପଠାରେ ଖରା ପୋଉଁଥିବା କୁମ୍ଭୀରଙ୍କୁ ଦେଖିବା ସହ ଜଳ ଭିତରେ ସେମାନଙ୍କ ଜଳକ୍ରୀଡା ଦେଖି ବିମୋହିତ ହୋଇଥିଲେ। ଡାଙ୍ଗମାଳରେ ପହଞ୍ଚି ଆବଦ୍ଧ ପୋଖରୀରେ ଥିବା ଗୋରୀ ଓ ମଲ୍ଲୀ କୁମ୍ଭୀରକୁ ଦେଖିଥିଲେ। କୁମ୍ଭୀର ପ୍ରଜନନ କେନ୍ଦ୍ର ବୁଲିବା ସହ ସେଠାରେ ଥିବା ଧଳା କୁମ୍ଭୀର ଛୁଆକୁ ଦେଖିଥିଲେ। ଡାଙ୍ଗମାଳଠାରେ ଲୁଣା ଜଙ୍ଗଲ ନର୍ସରୀ ଓ ମ୍ୟୁଜିୟମ ଦେଖି ଖୁସି ହୋଇଥିଲେ। ଖୋଲା ଏଣ୍ଟ୍ରିପଏଣ୍ଟ ଦେଇ ୮୦ଟି ବୋଟ୍‌ରେ ୯୫୭ଜଣ ପର୍ଯ୍ୟଟକ, ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୨୦ଟି ବୋଟ୍‌ରେ ୨୩୮ଜଣ, ଚାନ୍ଦବାଲି ଏଣ୍ଟ୍ରିପଏଣ୍ଟ ଦେଇ ୮ଟି ବୋଟ୍‌ରେ ୧୧୮ଜଣ, ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ୧୫୦୦ ଜଣ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ଆସିଥିବା ୧୫୦୦ଜଣଙ୍କ ମଧ୍ୟରୁ ୩୪ଟି ବୋଟ୍‌ରେ ୬୪୦ଜଣ ଡାଙ୍ଗମାଳରୁ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି।

ଏବେ ଚାଲିଛି ପିକ୍‌ନିକ୍ ଋତୁ। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣଭୂମି ପାଲଟିଯାଇଛି ଏବେ ପର୍ଯ୍ୟଟକମାନଙ୍କ ଭୂସ୍ୱର୍ଗ। ଭିତରକନିକାକୁ ଆସୁଥିବା ପର୍ଯ୍ୟଟକମାନେ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଜାତୀୟ ଉଦ୍ୟାନରେ ଭିଡ ଜମାଇଥିବା



ପର୍ଯ୍ୟଟକମାନେ ଭିତରକନିକା ବୁଲିବା ପାଇଁ ବୋଟରେ ଚଢୁଛନ୍ତି।

ବିଦେଶୀ ଓ ଦେଶୀ ପକ୍ଷୀଙ୍କ କାକଳିରେ ପର୍ଯ୍ୟଟକମାନଙ୍କୁ ବିମୋହିତ କରୁଛି। ଭିତରକନିକାରେ ଥିବା ବିରଳ ବଉଳା କୁମ୍ଭୀର, ଡଲଫିନ୍, ଅଲିଭ୍‌ରିଡ୍‌ଲେ କଇଁଛ, ହରିଣ, ବାରହା, ସମ୍ବର, ଫିସିଂ କ୍ୟାଟ୍, ହାଏନା, ଝିଙ୍କ ସହ ପାଣିଗୋଧି, ଅଜଗର, ଅହିରାଜ ଆଦି ସରୀସୃପ ଭଳି ବିରଳ ପ୍ରାଣୀ ବି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଏଥିସହ ଅଭୟାରଣ୍ୟରେ ଅନ୍ୟତ୍ର ଲୁପ୍ତପ୍ରାୟ ହେନ୍ତାଳବଣ ଓ ୬୩ ପ୍ରକାରର ଲୁଣା ଜଙ୍ଗଲ ରହିଛି। ହେନ୍ତାଳ, ସୁନ୍ଦରୀ, ଶିଶୁମାର, କେରୁଆଁ, ରାଇ, ବଣି, ଗରଣି, ଖରସି, ବନ୍ଦରୀ, ପାଣିଆମ୍ବ, ସିଙ୍ଗଡା, ପିତାମ୍ବରୀ, ପିତକୋରୁଆ ଭଳି ବିରଳ ଉଦ୍ଭିଦ ସହିତ ମନୋରମ ପ୍ରକୃତି ଓ ପରିବେଶ କେବଳ ପଶୁପକ୍ଷୀଙ୍କୁ ସୁହାଉନି, ଏହା ପର୍ଯ୍ୟଟକଙ୍କ ମନ ମଧ୍ୟ କିଣି ନେଇଛି। ଏଥିସହ ଗୌରୀ, ଶଙ୍ଖୁଆ, ହାଇଦ୍ରାବାଦୀ ସକାଳ ସମୟରେ କୁଦାମାରି କଙ୍କଡା ଖାଇବାର ଦୃଶ୍ୟ ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣ ପାଲଟିଛି। ଏବେ ସବୁଠୁ ଅଧିକ କେନ୍ଦ୍ରବିନ୍ଦୁ ପାଲଟିଛି ଡାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ର ମଧ୍ୟରେ ଥିବା ୩ଫୁଟର ଆଉ ଏକ ଧଳା କୁମ୍ଭୀର। ଏହାବାଦ୍ ମ୍ୟୁଜିୟମ୍‌ରେ ୧୯, ୧୭ ଫୁଟ୍ ଲମ୍ବର ୨ ବଉଳା କୁମ୍ଭୀରଙ୍କ କଙ୍କାଳ ସହିତ ଭିତରକନିକାରେ ଥିବା ପ୍ରାୟ ସମସ୍ତ ସ୍ତନ୍ୟପାୟୀ ଓ ସରୀସୃପ ପ୍ରାଣୀଙ୍କ କଙ୍କାଳ। ପ୍ରକୃତି ଓ ପରିବେଶ ମଧ୍ୟରେ ଭିତରକନିକାକୁ ପାଖରେ ଦେଖିବା ପାଇଁ ଏବେ ପ୍ରତିଦିନ ପର୍ଯ୍ୟଟକମାନେ ଭିଡ ଜମାଉଛନ୍ତି। ଏହାବାଦ୍ ଭିତରକନିକାରେ ଚଳିତବର୍ଷ ନିର୍ମାଣ ହୋଇଥିବା ବୋଟ୍ ଲାଇବ୍ରେରୀ, ଶହୀଦ ସ୍ତମ୍ଭ ଓ ସେଲଫି ପଏଣ୍ଟ ଏବେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

# 'ଅଞ୍ଚଳବାସୀଙ୍କୁ ଭ୍ରାତୃତ୍ୱ ଭାବରେ ବାନ୍ଧି ରଖିଛି'

**ଡେରାବିଶ,୨୫।୧୨(ସ୍ୱ.ପ୍ର.)**

### ୧୧ତମ ଡେରାବିଶ ମହୋତ୍ସବ ଉଦ୍‌ଘାଟିତ

ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ରବିବାର ସନ୍ଧ୍ୟାରେ ୧୧ତମ ଡେରାବିଶ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ୭ ଦିନିଆ ମହୋତ୍ସବକୁ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଆୟୋଜିତ ଉତ୍ସବରେ ସାଂସ୍କୃତିକ ସଙ୍ଗଠନର ସଭାପତି ଡ. ଭକ୍ତକବି ଦାସ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଦଳେଇ ଯୋଗଦେଇ ଯେଉଁ ଅଞ୍ଚଳବାସୀଙ୍କ ସଂସ୍କୃତି ଓ ପରମ୍ପରା ଯେତେ ମହାନ ସେ ସେମାନଙ୍କ ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ସେତେ ଆଗକୁ ବଢି ପାରିଛନ୍ତି। ତେଣୁ ଡେରାବିଶରେ ଜାତି, ଧର୍ମ, ବର୍ଣ୍ଣ, ଦଳମତ ନିର୍ବିଶେଷରେ ଅଞ୍ଚଳବାସୀଙ୍କୁ ସ୍ନେହ, ପ୍ରେମ



ମହୋତ୍ସବରେ ଆରଡିସି ସୁରେଶ ଚନ୍ଦ୍ର ଦଳେଇ ଓ ଅନ୍ୟମାନେ।

ଓ ଭାତୃତ୍ୱର ସୁତାଖିଅରେ ବାନ୍ଧି ରଖିବାର ପରିକଳ୍ପନା ହେଉଛି ଏହି ମହୋତ୍ସବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଦେବୀଦତ୍ତ ମହାନ୍ତି ଯୋଗଦେଇ ଏହି ମହାନ ମାଟିରେ ବହୁ ପ୍ରାଚୀନ କାଳରୁ ରହି ଆସିଥିବା କଳା, ସଂସ୍କୃତି, ସଂପର୍କ ଓ ଭାଇଚାରାକୁ ମହୋତ୍ସବକୁ ଅଧିକ ସୁଦୃଢ କରିପାରିବ ବୋଲି କହିଥିଲେ। ଉତ୍ସବରେ ଅଧ୍ୟାପିକା କ୍ୟାପ୍‌ଟେନ୍ ସୀମା ମହାନ୍ତିଙ୍କ ସଂଯୋଜନାରେ ସଙ୍ଗଠନର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ସ୍ୱାଗତ ଭାଷଣ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଓ ପ୍ରାଧ୍ୟାପକ ପ୍ରଭାକର ସାମଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସୁନ୍ଦରଗଡ଼ର କିଷାନ ସାଂସ୍କୃତିକ ସଙ୍ଗଠନ, ଇନ୍ଦୁପୁର ପାୟଲ ମ୍ୟୁଜିକ୍ ସ୍କୁଲର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟାରେ ଦର୍ଶକଙ୍କୁ ବିଭୋର କରିଥିଲା। ଡେରାବିଶର ପରମାରାଧ ଶ୍ରୀଦଧିବାବନଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ, ମହୋତ୍ସବ ଜ୍ୟୋତିକୁ ଶୋଭାଯାତ୍ରା ମଧ୍ୟରେ ଉତ୍ସବ ସ୍ଥଳକୁ ଅଣାଯାଇ ସ୍ଥାପନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଡେରାବିଶ ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀ ଓ ଏସ୍‌ଆଇ ନାରାୟଣ ମହାରଣାଙ୍କ ନେତୃତ୍ୱରେ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। କାର୍ଯ୍ୟକ୍ରମକୁ ବିପିନ ବିହାରୀ ସାହୁ, ଅତୁଲ୍ୟ କୁମାର ରଥଙ୍କ ସମେତ ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ କାଉନସିଲର ଏକାଦଶ ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**କେନ୍ଦ୍ରାପଡ଼ା ଅଫିସ, ୨୫।୧୨**

କେନ୍ଦ୍ରାପଡ଼ା ପୌର ପରିଷଦ ସଭ୍ୟ (କାଉନସିଲର) ଏକାଦଶ ଓ ଜିଲା ସାମ୍ବାଦିକ ଏକାଦଶ ମଧ୍ୟରେ ଟାଉନହଲ ଖେଳ ପଡିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଟେବୁଲ ଟେନିସ ବଲ କ୍ରିକେଟ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ କାଉନସିଲର ଏକାଦଶ ୧ ରନରେ ବିଜୟୀ ହୋଇଛନ୍ତି। ଟସ୍‌ରେ ଜିତି ସାମ୍ବାଦିକ ଏକାଦଶ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୫ ଓଭର ମଧ୍ୟରେ ୩ ଉଇକେଟ ହରାଇ ସନ୍ତୋଷ ପଣ୍ଡାଙ୍କ ନେତୃତ୍ୱରେ ଦଳ ୨୪୬ ରନ କରିଥିଲା। ଏଥିରେ ମୀର ଖୁର୍ସିଦ ୯୪ ଓ ମହେଶ ପାଢ଼ୀ ୭୩ ରନ କରିଥିଲେ। ଜବାବରେ କାଉନସିଲର ଏକାଦଶର ଖେଳାଳି ପ୍ରଭାଶିଷ ପଣ୍ଡା ୧୩୦ ଓ ସେକ ଅସଲାମଙ୍କ ୪୪ ରନ ଯୋଗଦାନରେ ମୋଟ ୨୪୭ ରନ କରି ବିଜୟୀ ହୋଇଛନ୍ତି। ପୌରାଧକ୍ଷା ସରିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏଥିସହିତ ଉନ୍ନତମାନର ଖେଳ ପ୍ରଦର୍ଶନ ପାଇଁ ସୁବ୍ରତ ସାମଲ, ପ୍ରଭାଶିଷ ପଣ୍ଡା, ମୀର ଖୁର୍ସିଦ, ମହେଶ ପାଢ଼ୀ ପ୍ରମୁଖଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ ସାହୁ, ଖେଳ ଶିକ୍ଷକ ଜ୍ୟୋତିର୍ମୟ ଦାସ, ଖବରଦାତା ପ୍ରଶାନ୍ତ ନାୟକ, ରାଧାକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବିଦ୍ୟାଳୟରେ ପାଠପଢ଼ି ଆମେ ଗର୍ବିତ

**ମହାକାଳପଡ଼ା,୨୫।୧୨(ଡି.ଏନ.ଏ.)**

### ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟରେ ପ୍ରି-ଗୋଲ୍ଡେନ ଜୁବିଲି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବାରଡାଙ୍ଗ ପଞ୍ଚାୟତ ନନ୍ତାରସ୍ଥିତ ଶ୍ରୀଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରି-ଗୋଲ୍ଡେନ ଜୁବିଲି ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ସଂସଦ ପକ୍ଷରୁ ୧୯୮୭ ବ୍ୟାଚଠାରୁ ୨୦୨୨ ବ୍ୟାଚର ଛାତ୍ରୀଛାତ୍ର ଦୀର୍ଘବର୍ଷ ପରେ ମିଳିତ ହୋଇ ନିଜ ଅତୀତର ଅନୁଭୂତି ପରସ୍ପର ମଧ୍ୟରେ ବାଣ୍ଟିଥିଲେ। ସେ ସମୟରେ ଶିକ୍ଷକମାନଙ୍କ ଶିକ୍ଷାଦାନର ଶୈଳୀ, କର୍ତ୍ତବ୍ୟନିଷ୍ଠ, ଦାୟିତ୍ୱବୋଧ, ଗୁଣାତ୍ମକ ଓ ବୌଦ୍ଧିକ ଶିକ୍ଷାକୁ ଅଗ୍ରାଧିକାର ଭିତ୍ତିରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ପରୀକ୍ଷା କରାଯାଉଥିଲା। ଫଳରେ ଉତ୍ତମ ଛାତ୍ରୀଛାତ୍ର ଗଢିବାରେ ଶିକ୍ଷକମାନେ ମାର୍ଗ ଦର୍ଶକ ସାଜିଥିଲେ। ଏହି ବିଦ୍ୟାଳୟରୁ



ଶ୍ରୀଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟରେ ପ୍ରି-ଗୋଲ୍ଡେନ ଜୁବିଲିରେ ଉପସ୍ଥିତ ଅତିଥି।

ଅନେକ ମେଧାବୀ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ସରକାରଙ୍କ ବିଭିନ୍ନ ବିଭାଗ ସହ ଦେଶ ବିଦେଶରେ ବହୁ ପ୍ରତିଷ୍ଠିତ କମ୍ପାନୀରେ ଉଚ୍ଚ ପଦସ୍ଥ ଅଧିକାରୀ ହୋଇଛନ୍ତି। ବିଦ୍ୟାଳୟର ପୁରାତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଆଦିକନ୍ଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୁରାତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପୁରାତନ ଛାତ୍ରୀଛାତ୍ର ସଂସଦର ଅରବିନ୍ଦ ଜେନା, ହରେକୃଷ୍ଣ ପାତ୍ର, ବିମଳ ଦାସ, ପ୍ରଶାନ୍ତ ଗୋଚ୍ଛାୟତ, ପବିତ୍ର ଗୋଚ୍ଛାୟତ, ସାଗର ମଳିକ ପ୍ରମୁଖ ଯୋଗଦେଇଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭ ଶହରୁ ଅଧିକ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ନିଜ ଅତୀତ କାହାଣୀ ସବୁ ବଖାଣି ଥିଲେ।

# ଗହୀରମଥାରୁ ୧ ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୨୫।୧୨ (ଡି.ଏନ.ଏ.)**

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିଛି। ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗର ପାଟ୍ରୋଲିଂ ଟିମ୍ ସାତଭାୟାଠାରୁ ମା' ଶାରଦା ନାମକ ଟ୍ରଲରକୁ ଜବତ କରିଥିଲା। ଟ୍ରଲରରୁ ୫୦ କେଜି ମାଛ, ୧ ଜିପିଏସ୍, ୩ଟି ଭିଏଚଏଫ୍, ୧ ଫିସ ଫାଇଣ୍ଡର ଓ ୮ଟି ଜାଲ ଜବତ ହୋଇଥିଲା। ଗିରଫ ମତ୍ସ୍ୟଜୀବୀମାନେ ହେଲେ ଅଜୟ ମଣ୍ଡଳ, କୈଳାସ ବେହେରା, ଭରତ ମଳିକ, ସହଦେବ ଦାସ, ସୁକୁମାର ମାଇତି, ଅଶୋକ ପଟାୟତ, ବଳାଇ ଦାସ, ଆମ୍ରୁଜା ପଟ୍ଟାୟତ, ଦୁଃଶାସନ ବେହେରା।

# ଶିକ୍ଷାରୁ ମିଳିଥାଏ ସଂସ୍କାର

**ମାର୍ଶାଘାଇ,୨୫।୧୨(ଡି.ଏନ.ଏ.)**

ଶିକ୍ଷାରୁ ମିଳେ ସଂସ୍କାର, ସଂସ୍କାର ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ଗୁଣ ବିକଶିତ ହୋଇଥାଏ। ପୁଣି ସେହି ଶିକ୍ଷା ସହିତ ଆଧ୍ୟାତ୍ମିକତା ଯୋଡି ହେଲେ ଶିଶୁ ଜଣେ ଭଲ ମଣିଷ ହୋଇପାରିବ ବୋଲି ତିରୁପତି ରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ମତବ୍ୟକ୍ତ କରିଛନ୍ତି। ରବିବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଗରଜଙ୍ଗସ୍ଥିତ ତାରିଣୀ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶତପଥୀ ଯୋଗଦେଇ ଏହା କହିଥିଲେ। ଅଧ୍ୟକ୍ଷ ଜ୍ଞାନ ରଞ୍ଜନ କୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପାରାଦୀପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର ମୋହନ ମିଶ୍ର ଯୋଗଦେଇ ଶିକ୍ଷା ମଣିଷକୁ ମଣିଷପଣିଆ ଆଡକୁ ନେଇଥାଏ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ସେନ, ଶିକ୍ଷାବିତ୍ ପୀତବାସ ପଣ୍ଡା ଓ ଡା. ପ୍ରମୋଦ ମହାପାତ୍ର ଯୋଗଦେଇଥିଲେ। ଇଂଲିଶ ଅଧ୍ୟାପକ ଲକ୍ଷ୍ମୀଧର ଲେଙ୍କା ଅତିଥି ପରିଚୟ, ଅନୁଷ୍ଠାନର ଉପଦେଷ୍ଟା ଉମାକାନ୍ତ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଶ୍ରୀବତ୍ସ ପଣ୍ଡା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ୬ ଜଣ ଶିକ୍ଷାବିତ୍‌ଙ୍କ ସହ ଶିକ୍ଷାନୁଷ୍ଠାନର ଛାତ୍ର ବଦ୍ରିନାଥ ରାଉତ ଓ ଛାତ୍ରୀ ଜ୍ୟୋତିର୍ମୟୀ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭଲିବଲ୍ : ପାରାଦୀପ ପୋର୍ଟ ଟ୍ରଷ୍ଟ ଚାମ୍ପିୟନ



ଅତିଥିମାନେ ଖେଳକୁ ଉଦ୍‌ଘାଟନ କରୁଛନ୍ତି।

**ଡେରାବିଶ,୨୫।୧୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ସରକାରୀ ଚିକିତ୍ସାଳୟ ନିକଟସ୍ଥ ଖେଳ ପଡ଼ିଆରେ ଶନିବାର ବିଳମ୍ବିତ ରାତିରେ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ହରିଅଙ୍କସ୍ଥିତ ମହାବୀର ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ସ୍ଥାନରୁ ଆସିଥିବା ଭଲିବଲ୍ ଟିମ୍ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍ ପିପିଏଲ୍ ଟିମ୍ ଓ ପାରାଦୀପ ପୋର୍ଟ ଟ୍ରଷ୍ଟ ମଧ୍ୟରେ ହୋଇଥିଲା। ଏଥିରେ ପାରାଦୀପ ପୋର୍ଟ ଟ୍ରଷ୍ଟ ଚାମ୍ପିୟନ ହୋଇଥିଲା। ଖେଳକୁ ସରପଞ୍ଚ କନକଲତା ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ନୃସିଂହ ଚରଣ ନାୟକ, ଜନ୍ମେଜୟ ଜେନା, ସୁଜିତ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଜେନା ମୁଖ୍ୟବକ୍ତା ଓ ରାଜ୍ୟ ଭଲିବଲ୍ ଆସୋସିଏଶନ୍‌ର ଉପସଭାପତି ଶେକ୍ ଅକମଲ ଅଲ୍ଲୀ, ପତିତପବାନ ସ୍ୱାଇଁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ସଭାରେ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥୀ ଅଧ୍ୟକ୍ଷତା କରିଥିଲେ। କ୍ଲବର ସଭାପତି ଶୁଭଙ୍କର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଦୀପକ ପରିଡ଼ା, ଉପସଭାପତି ବିକାଶ ମହାନ୍ତି, କୋଷାଧ୍ୟକ୍ଷ ଜ୍ଞାନ ରଞ୍ଜନ ନାୟକ, କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଟି ଉଠାଠାରୁ ପିଚୁ ପର୍ଯ୍ୟନ୍ତ ଦୁର୍ନୀତିର ଗନ୍ଧ

**କେନ୍ଦ୍ରାପଡ଼ା ଅଫିସ, ୨୫।୧୨**

- ପିଏମ୍‌ଜିଏସ୍‌ୱାଇ ଅନିୟମିତତାରେ ବଢୁଛି ଅସନ୍ତୋଷ
- ଭିଜିଲାନ୍ସ ତଦନ୍ତ ଦାବି କଲେ ସ୍ଥାନୀୟ ଅଧିବାସୀ

କେନ୍ଦ୍ରାପଡ଼ା ସହରର ଟିଙ୍କିଲି ମଠଠାରୁ ବଳଭଦ୍ରପୁର ଭାୟା ଶ୍ୟାମସୁନ୍ଦରପୁର ରାସ୍ତା ନିର୍ମାଣ ଅବଧି ଡିସେମ୍ବର ୧୦କୁ ଥିଲା। ଏହି ଅବଧି ପ୍ରାୟ ୧୫ ଦିନ ପୂର୍ବେ ସରିଥିବା ବେଳେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା(ପିଏମ୍‌ଜିଏସ୍‌ୱାଇ)ର ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଧା ହୋଇନାହିଁ। ଯେତିକି ନିର୍ମାଣ ହୋଇଛି, ସେଥିରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଥିବା ଅଭିଯୋଗ ହେଉଛି। ମାଟିଠାରୁ ପିଚୁ କାମରେ ବହୁ ଅନିୟମିତତା ହୋଇଛି। ସ୍ଥାନୀୟ ଲୋକେ ଏ ନେଇ ଭିଜିଲାନ୍ସ ଦାବି ଉପସ୍ଥାପନ କରି ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ବସନ୍ତ କୁମାର ରାଉତ, ଶାରଦା ପ୍ରସାଦ ରାଉତ, ସାମାଜିକ କର୍ମୀ ପ୍ରଦୀପ ମହାନ୍ତି, ବୁଦ୍ଧିଜୀବୀ ଚିତ୍ତରଞ୍ଜନ ଦାସ କହିଛନ୍ତି, କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ ଅଧୀନରେ ଥିବା ଏହି ପ୍ରକଳ୍ପ ଦୁର୍ନୀତିର ଗନ୍ତାଘର ପାଲଟିଛି। ୬.୪୫୦ କିଲୋମିଟର ଲମ୍ବର ଏହି ରାସ୍ତା ନିର୍ମାଣ ଆରମ୍ଭ ପାଇଁ ଗତ ଜାନୁୟାରୀ ୧୧ରୁ ଠିକାଦାର ବିଭୁରଞ୍ଜନ ପରିଡାଙ୍କ ସହ ଚୁକ୍ତି ହୋଇଛି। ଏଥିପାଇଁ ୩,୭୯,୦୫,୯୮୩ ଟଙ୍କାର ବ୍ୟୟ ମଞ୍ଜୁରୀ ହୋଇଛି। ଚୁକ୍ତିନାମା ଅନୁଯାୟୀ, ଏହି ରାସ୍ତା ପାଇଁ ମାଟି କାମ ୨୧,୯୭୯ ଘନମିଟର ହେବ। ଅର୍ଥାତ୍ ୩୬୩ ଟ୍ରକ ମାଟି ଲାଗିବ। ମାତ୍ର ଠିକା ସଂସ୍ଥା ଏହି ପ୍ରକଳ୍ପରେ ନିକଟସ୍ଥ ରାସ୍ତା ପାର୍ଶ୍ୱ ଓ ବିଲରୁ ଅଳ୍ପ ପରିମାଣର ମାଟି ଉଠାଇ ଏହାର ବିଲ୍ ପାଇଁ ମସୁଧା କରିଛନ୍ତି। ଏଠାରେ ଏକ ମିଟର ମାଟି ପକାଇବା ବଦଳରେ ମାତ୍ର କେତେ ଇଞ୍ଚ ମାଟି ପକାଇଛନ୍ତି। ସେହିପରି ପୁରୁଣା ରାସ୍ତାକୁ ଖୋଳି ୩ ଓ ୬ ଇଞ୍ଚ ବହଳର ମେଟାଲିଂ ହେବା କଥା। ଏହାପରେ ପିଚୁ ବ୍ୟବସ୍ଥା କରାଯିବାକୁ ଚୁକ୍ତିନାମାରେ ନିର୍ଦ୍ଧାରିତ କରାଯାଇଛି। ମାତ୍ର ମେଟାଲିଂ ଓ ପିଚୁରେ ବହୁ ଅନିୟମିତତା ଅଛି। ନିର୍ମାଣାଧୀନ ରାସ୍ତା ମାତ୍ର ୧୫ ଦିନ ମଧ୍ୟରେ ଖାଲଖମାରେ ଭରି



ଟିଙ୍କିଲି ମଠଠାରୁ ବଳଭଦ୍ରପୁର ଭାୟା ଶ୍ୟାମସୁନ୍ଦରପୁର ରାସ୍ତା ପିଚୁ ପରେ ଗୋଡି ଉଠି ଯାଇଛି।

ଗଲାଣି। ସେହିପରି କଲଭର୍ଟ ନିର୍ମାଣରେ ଉପଯୁକ୍ତ ବିନିଯୋଗ ହେଉନାହିଁ। ଏହି ରାସ୍ତା ଏବେ ପ୍ରାୟ ୩୦ ପଞ୍ଚାୟତବାସୀଙ୍କ ଯାତାୟାତ ପଥ ହୋଇଥିବା ବେଳେ ଆରମ୍ଭରୁ ଅନିୟମିତତା ଘଟଣା ବାହାରକୁ ଆସିଛି। ରାସ୍ତାର ସ୍ଥାୟିତ୍ୱ ନେଇ ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନକୁ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଭିଜିଲାନ୍ସ ତଦନ୍ତ ହେଲେ ଏହାର ପ୍ରକୃତ ତଥ୍ୟ ବାହାରକୁ ଆସିବ ବୋଲି ସେମାନେ ନିଜର ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ରାକେଶ କୁମାର ପ୍ରଧାନଙ୍କୁ ପଚାରିବାରେ ରାସ୍ତା ନିର୍ମାଣ ତ୍ରୁଟିକୁ ନେଇ ପ୍ରଶାସନିକ ତଦନ୍ତ ହେବ। ତଦନ୍ତ ପରେ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ଚିକିଟି,୨୫।୧୨(ଡି.ଏନ.ଏ.):** ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଜକର ଗ୍ରାମ ନିକଟରେ ରବିବାର ସନ୍ଧ୍ୟାରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ପାରାଦୀପ ଅଞ୍ଚଳର ଜିତୁ ନାମକ ଜଣେ ଯୁବକ କେ. ନୂଆଗାଁ ଅଞ୍ଚଳରେ ପାଇପ ମିସ୍ତ୍ରୀ ଭାବେ କାମ କରନ୍ତି। ସନ୍ଧ୍ୟାରେ ସେ ଏକ ବାଇକରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ସହିତ ଧକ୍କା ହୋଇଥିଲା। ଫଳରେ ସେ ଛିଟିକି ପଡି ରାସ୍ତାରେ ଯାଉଥିବା ଏକ ପିକ୍‌ଅପ ଭ୍ୟାନ୍ ଚକା ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ସେମାନେ ହେଲେ ଅନୁଗୋଳ ଅଞ୍ଚଳର ରଜତ କୁମାର ସାମଲ, ଟୁଟୁ ବେହେରା। କେ.ନୂଆଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଗୁରୁତର ଆହତମାନଙ୍କୁ ମେଡିକାଲକୁ ପଠାଇଛି।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ବୁଗୁଡ଼ା,୨୫।୧୨(ଡି.ଏନ୍.ଏ.):** ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲାମୁଣ୍ଡୁଳା ଗ୍ରାମର ଏକ ପୋଖରୀରେ ଜଣେ ବୃଦ୍ଧ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ପୋଲସରା ଥାନା ଅଧିନସ୍ଥ ହାତୀପାଦପଲ୍ଲୀ ଗ୍ରାମର ନଟବର ପ୍ରଧାନ (୮୦)। ରବିବାର ନଟବର ବୁଗୁଡ଼ାରୁ ପରିବା କିଣି ଗୋଲାମୁଣ୍ଡୁଳା ଗାଁର ଗୁଡ଼ିବନ୍ଧ ହୁଡା କଡ଼େ କଡେ ଯାଉଥିବା ସମୟରେ ପୋଖରୀକୁ ଖସି ପଡ଼ିଥିଲେ। ଦମକଳବାହିନୀ ସେଠାରେ ପହଞ୍ଚି ନଟବରଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପୁଅ ମୁନା ପ୍ରଧାନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା ପ୍ରକାଶ କରିଛନ୍ତି।

### ଶ୍ରୀରାମ ଚରିତ ମାନସ ପାରାୟଣ

**କବିସୂର୍ଯ୍ୟନଗର,୨୫।୧୨(ଡି.ଏନ୍.ଏ.):** ଦେଶୀବେହେରା ସାହିଠାରେ ମହାପ୍ରଭୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଲାଗି ରବିବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ରୀତିନୀତି ଅନୁସାରେ କଳସରେ ପାଣି ଆଣି ନଗର ପରିକ୍ରମା କରି ଦେଶିବେହେରା ସାହିସ୍ଥିତ ପ୍ରବଚନ ମଣ୍ଡପରେ ପହଞ୍ଚିଥିଲେ। ନୟାଗଡ଼ ବ୍ୟାସ ଯଶୋବନ୍ତ ଶତପଥୀ, ବ୍ରହ୍ମପୁର ପୂଜକ ଶିବାନନ୍ଦ ଦାସ ଓ ପ୍ରବଚକ ହରିହର ଜେନା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ଅନ୍ନଯଜ୍ଞ, ଘୃତଯଜ୍ଞ ଓ ପୂର୍ଣ୍ଣାହୁତି ଦିଆଯିବ ବୋଲି କୁହାଯାଇଛି।

### ଜାତୀୟ ସେବା ଶିବିର

**ଆସିକା,୨୫।୧୨(ଡି.ଏନ.ଏ.):** ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ରବିବାର ଠାରୁ ଆସିକା ବ୍ଲକ ଅନ୍ତର୍ଗତ କାଳଷଣ୍ଢପୁର ଠାରେ ଏକ ସ୍ୱତନ୍ତ୍ର ସେବା ଶିବିର ଆରମ୍ଭ ହୋଇଛି। ଏହା ଆସନ୍ତା ଶନିବାର ଯାଏଁ ଚାଲିବ। କାଳଷଣ୍ଢପୁର ସରପଞ୍ଚ ଜୟନ୍ତୀ ବେହେରା ଶିବିର ଉଦଘାଟନ କରିଥିଲା ବେଳେ କାଳୁଚରଣ ପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ମାନବ ସେବା ହିଁ ମାଧବ ସେବା ମନେ କରି ଛାତ୍ରୀଛାତ୍ରମାନେ ସେବା ମନୋଭାବ ଅଧିକ ଦୃଢ଼ କରିବା ଲାଗି ପରାମର୍ଶ ଦେଇଥିଲେ। ସେବା ଯୋଜନାର ଅଧିକାରୀ ଅଧାପକ ସନାତନ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସପ୍ତାହ ବ୍ୟାପି ଏହି ଶିବିରରେ ଗ୍ରାମ୍ୟ ପରିମଳ, ସ୍ୱାସ୍ଥ୍ୟରକ୍ଷା, ଶିକ୍ଷା, ଜଳ ସଂରକ୍ଷଣ ଓ କୋଭିଡ ସତର୍କ ସୂଚନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବ।

### ବାଇକ୍, ପାଣିପମ୍ପ ମୋଟର ଚୋରି

**ବ୍ରହ୍ମପୁର ଅଫିସ,୨୫।୧୨:** ବ୍ରହ୍ମପୁର ସହର ଓ ସହରତଳି ଅଞ୍ଚଳରେ ଚୋରି ଏବେ ଧୀରେ ଧୀରେ ବୃଦ୍ଧି ପାଉଛି। ଦୁଇଟି ଥାନା ଅଞ୍ଚଳରୁ ଚୋର ଗ୍ୟାଙ୍ଗ ପୃଥକ ଭାବେ ବାଇକ, ପାଣି ପମ୍ପ ମୋଟର ଇତ୍ୟାଦି ଚୋରି କରି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଷ୍ଟେଶନ ରୋଡ୍‌ରେ ଥିବା ଏକ ହୋଟେଲରୁ ଖାଇବାକୁ ଆଣିବା ପାଇଁ ଗେଟ୍‌ବଜାର ଅଞ୍ଚଳର ଅମିତ କୁମାର ବେହେରା ଶନିବାର ଯାଇଥିଲେ। ହୋଟେଲ ସମ୍ମୁଖରେ ସେ ତାଙ୍କର ବାଇକ(ନଂ ଓଡ଼ି୦୭ ଏଚ -୯୧୬୭) ପାର୍କିଂ କରିଥିଲେ। କିନ୍ତୁ ଫେରି ଦେଖିବା ବେଳକୁ ସେ ନ ବାଇକ ପାଇ ଥାନାରେ ଅଭିଯୋଗ କରିଥିଲେ।

# ଖୋଲୁନି ମଣ୍ଡି, ଖୋଲାରେ ପଡ଼ିଛି ଧାନ

**ପାରଳାଖେମୁଣ୍ଡି,୨୫।୧୨(ଡି.ଏନ୍.ଏ.)**


ଖୋଲାରେ ଗଦା ହୋଇଥିବା ଧାନ।

ଗଜପତି ଜିଲାରେ ବର୍ତ୍ତମାନ ସୁଦ୍ଧା ଧାନ ମଣ୍ଡି ଖୋଲିପାରି ନାହିଁ। ତେବେ କେଉଁ କାରଣରୁ ଧାନମଣ୍ଡି ଖୋଲାଯାଇ ପାରିନି ସେ ନେଇ କେହି ମୁହଁ ଖୋଲୁନାହାନ୍ତି। ଚାଷୀ ଅମଳ କରିଥିବା ଧାନ ଖଳା ଏବଂ ରାସ୍ତାକଡ଼ରେ ପଡ଼ିରହିଛି। ଅପରପକ୍ଷରେ ମେଘାଚ୍ଛନ୍ନ ଆକାଶକୁ ଦେଖି ଚାଷୀକୂଳରେ ଛନକା ପଶିଛି। ଡିସେମ୍ବର ଶେଷ ହେବାକୁ ବସିଥିଲେ ମଧ ଜିଲାରେ ଧାନମଣ୍ଡି ଖୋଲିବା ପାଇଁ କୌଣସି ତତ୍ପରତା ଦେଖାଉନାହାନ୍ତି ବିଭାଗୀୟ ଅଧିକାରୀ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ୬୫ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ବେଳେ ବିଭାଗ ଏହା ପୂରଣ କରିପାରିବ କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଧାନ ମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀକୂଳ ଚିନ୍ତାରେ ଥିବା ବେଳେ ଆନ୍ଧ୍ରର ଧାନ ବ୍ୟବସାୟୀ ସକ୍ରିୟ ହୋଇଛନ୍ତି। ଆନ୍ଧ୍ରରୁ ବ୍ୟବସାୟୀମାନେ ଆସି ଚାଷୀମାନଙ୍କଠାରୁ ବହୁ କମ୍ ମୂଲ୍ୟରେ ଧାନ କିଣିବା ଆରମ୍ଭ କରିଛନ୍ତି। ପ୍ରଶାସନ ପକ୍ଷରୁ ଧାନ ମଣ୍ଡି ଖୋଲା ଯାଇ ନ ଥିବାରୁ ବାଧହୋଇ ଚାଷୀ କମ୍ ମୂଲ୍ୟରେ ବ୍ୟବସାୟୀଙ୍କୁ ଧାନ ବିକ୍ରି କରିବାକୁ ବାଧ ହେଉଛି।

# ଶରଣକୁଳକୁ ଏନ୍‌ଏସି ମାନ୍ୟତା ଦେବାକୁ ଦାବି ଉଠିଲା

**ନୟାଗଡ଼ ଅଫିସ,୨୫।୧୨**

ଶନିବାର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ନୟାଗଡ଼ ଗସ୍ତରେ ଆସି ନୟାଗଡ଼, ଓଡ଼ଗାଁ ଓ ଶରଣକୁଳ ଅଞ୍ଚଳ ଗସ୍ତ କରିଥିଲେ । ଏହି ଅବସରରେ ଶରଣକୁଳ ବାସିନ୍ଦା ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଶରଣକୁଳକୁ ଏନଏସି ମାନ୍ୟତା ପ୍ରଦାନ ପାଇଁ ଦାବି ରଖିଥିଲେ । ସୂଚନାଯୋଗ୍ୟ, ଶରଣକୁଳ ଓଡ଼ଗାଁ ବ୍ଲକରେ ରହିଛି । ଲଡୁବାବା ମନ୍ଦିର ପାଇଁ ସେହି ଅଞ୍ଚଳ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଛି । ଥାନା, ଏସ୍‌ଡିପିଓ, ପୋଷ୍ଟ ଅଫିସ, ରେଞ୍ଜ ଅଫିସ ସହ ବିଭିନ୍ନ ସରକାରଙ୍କ କାର୍ଯ୍ୟାଳୟ ସେଠାରେ ଅଛି । ଏହା ସହର ପାଇଁ ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ମଧ୍ୟ ସହର ମାନ୍ୟତା ମିଳୁ ନାହିଁ । ତାହା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି । ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

# ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ


ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ ସ୍ଥଳରେ ଭାଜପା କାର୍ଯ୍ୟକର୍ତ୍ତା ।

**ବୁଗୁଡ଼ା,୨୫।୧୨(ଡି.ଏନ.ଏ.)**

## ଭାଜପାର ସମର୍ଥନ

ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରସ୍ ଆସୋସିଏଶନ ଡାକରାରେ ୮ ଦଫା ଦାବି ନେଇ ବୁଗୁଡ଼ା ବ୍ଲକର ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଗତ ନଭେମ୍ବର ୨୩ ତାରିଖଠାରୁ ଚାଲିଥିବା ଏହି ଧାରଣା ୩୪ ଦିନରେ ପହଞ୍ଚିଥିଲେ ବି ସରକାର ଦାବି ଶୁଣୁନାହାନ୍ତି। ଏପଟେ ଆନ୍ଦୋଳନ ଯୋଗୁ ବ୍ଲକର ୧୦ଟି ସେକ୍ଟର ଅନ୍ତର୍ଗତ ୨୩୦ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧୬ଟି କେନ୍ଦ୍ରକୁ ଛାଡି ଦେଲେ ଅନ୍ୟ ସମସ୍ତ ୨୧୪ କେନ୍ଦ୍ରରେ ତାଲା ଝୁଲୁଛି। ହଜାର ହଜାର ଶିଶୁ ବିଭିନ୍ନ ସେବାରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ଚେତାବନୀକୁ ଖାତିର ନ କରି ଅଙ୍ଗନୱାଡି କର୍ମଚାରୀମାନେ ସେମାନଙ୍କ ହକ୍ ପାଇଁ ଲଢୁଛନ୍ତି ବୋଲି ସଂଘ ସଭାନେତ୍ରୀ ବାସନ୍ତୀ ପ୍ରଧାନ ଓ ସମ୍ପାଦିକା ଅନୀତା କୁମାରୀ ମିଶ୍ର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଧାରଣା ସ୍ଥଳରେ ଶୁକ୍ରବାର ଭାଜପା ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସଦସ୍ୟା ମାଧବୀ ଭୁତା, ରାଜ୍ୟ ମହିଳା ମୋର୍ଚ୍ଚା ମୋର୍ଚ୍ଚା ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ଜିଲା ସଭାନେତ୍ରୀ ମଧୁସ୍ମିତା ପୋଲାଇ, ଘୁମୁସର ସାଙ୍ଗଠନିକ ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକ ଓ ଗୌଡିଆବୋରଦା ସରପଞ୍ଚ ସୁନ୍ଦରୀ ମହାରଥାଙ୍କ ସମେତ ଅନ୍ୟାନ୍ୟ ଭାଜପା କର୍ମକର୍ତ୍ତାମାନେ ପହଞ୍ଚି ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ସେମାନଙ୍କ ସହ ଧାରଣାରେ ବସିଥିଲେ। ରାଜ୍ୟ ସରକାର ତୁରନ୍ତ ଦାବି କୁ ପୂରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦାବି ଗୁଡିକ ସମ୍ପର୍କରେ ସେମାନେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମଧ କର୍ମଚାରୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି।

## କାର୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ତୁମୁଡିବନ୍ଧ,୨୫।୧୨(ଡି.ଏନ୍.ଏ.)**

ତୁମୁଡିବନ୍ଧ ମୁଖ୍ୟବଜାର ଜଗନ୍ନାଥ ମନ୍ଦିର ନିକଟରେ ଏକ କାର୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଝିରିପାଣି ପଞ୍ଚାୟତର ହରିଜନସାହିର ପାନବୁଡୁ ନାୟକ (୫୦)। ଲାଇନପଡ଼ା ଗ୍ରାମରେ ସେ ଘର ଭଡ଼ା ନେଇ ପରିବାର ସହିତ ରହୁଥିଲେ। ରବିବାର ସେ ବଜାର ସଫେଇ କରୁଥିବା ବେଳେ ପିକନିକ୍‌ରୁ ଫେରୁଥିବା ଏକ କାର୍ (ନଂ ଓଡି୦୨ଏପି-୮୬୮୮) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି କାର୍‌କୁ ଜବତ କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମୃତ ବ୍ୟକ୍ତିଙ୍କ ପରିବାରକୁ ସ୍ଥାନୀୟ ଲୋକେ କ୍ଷତିପୂରଣ ଦେବାକୁ ଦାବି କରିବାରୁ ଥାନାଧିକାରୀ ଜୟନ୍ତ କୁମାର ସେଠୀଙ୍କ ଉପସ୍ଥିତିରେ କାର୍ ଚାଳକ ୧ ଲକ୍ଷ ୮୦ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ଫଳରେ ଉତ୍ତେଜନା ହ୍ରାସ ପାଇଥିଲା। ଏନେଇ ତୁମୁଡିବନ୍ଧ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ୧୯୮୪ ବ୍ୟାଚ୍‌ର ବନ୍ଧୁମିଳନ

**ଖଣ୍ଡପଡ଼ା,୨୫।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ୧୯୮୪ ମାଟ୍ରିକ ବ୍ୟାଚ୍‌ର ପୁରାତନ ଛାତ୍ରମାନଙ୍କ ଏକ ବନ୍ଧୁ ମିଳନ ଉତ୍ସବ ମା'ନାରାୟଣୀ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ମୋହନ ରାଉତଙ୍କ ଆବାହକତ୍ୱରେ ୭୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରମାନେ ପରିବାର ସହ ପଥରଚକଡା ମା'ନାରାୟଣୀ ପୀଠରେ ଏକତ୍ର ହୋଇଥିଲେ । ଦୀର୍ଘଦିନ ପରେ ପୁରାତନ ସହପାଠୀମାନେ ଏକାଠି ହୋଇ ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରିବା ସହ ପରସ୍ପରକୁ ଭେଟି ଭାବ ବିହ୍ୱଳ ହୋଇପଡ଼ିଥିଲେ। ପ୍ରତିବର୍ଷ ନୂଆ ବର୍ଷ କିମ୍ବା ବଡ଼ଦିନରେ ସମସ୍ତେ ଏକାଠି ହେବା ପାଇଁ ମତାମତ ପ୍ରକାଶ ପାଇଥିଲା । କେବଳ ଭୋଜିଭାତର ଆସର ନ ଜମାଇ ସମାଜର କିଛି କଲ୍ୟାଣ ମୂଳକ କାମ କରିବାକୁ ପୁରାତନ ଛାତ୍ରମାନେ ସଙ୍କଳ୍ପ ନେଇଥିଲେ। ଯଦି କେଉଁ ବନ୍ଧୁଙ୍କ ଝିଅ ବିବାହ ପାଇଁ ଅର୍ଥର ବାଧକ ସାଜିଥାଏ ତେବେ ଅନ୍ୟ ବନ୍ଧୁମାନେ ସହାୟତାର ହାତ ବଢାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ସରୋଜ କୁମାର ମିଶ୍ର, ପତିତପାବନ ମହାପାତ୍ର, ମହେଶ୍ୱର ମହାପାତ୍ର, ସୁରେଶ, ବିଜୟ, ରମାକାନ୍ତ ପ୍ରମୁଖ ସହପାଠୀ ଯୋଗ ଦେଇଥିଲେ ।

# ସ୍ୱାଭିମାନ ମଞ୍ଚର ବନ୍ଧୁ ମିଳନ ଉତ୍ସବ



**ଗଣିଆ,୨୫।୧୨(ଡି.ଏନ.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଛାଡମୂଳ ଗ୍ରାମରେ ଦଶପଲ୍ଲା ସ୍ୱାଭିମାନ ମଞ୍ଚ ତରଫରୁ ରବିବାର ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଞ୍ଚର ଆବାହକ ପ୍ରଦୋଷ କୁମାର ଜେନା ସଭାପତିତ୍ୱ କରିଥିଲେ । ସାମାଜିକ କର୍ମୀ ଶ୍ରୀହରି ନାୟକ ଯୋଗଦେଇ ଗ୍ରାମାଞ୍ଚଳର ଲୋକମାନେ ଏବେ ବି ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଲଢେଇ କରୁଛନ୍ତି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଛାଡମୂଳ, ବୁଟୁବୁରେଇ, ଭଗାମୁଣ୍ଡା, ମହୁକଣ, କୁମ୍ଭୀରଖଣି, ରାଇଗାଡିଆ ସମେତ ୧୦ ଗ୍ରାମର ୪ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ । ଶ୍ରୀହରି ନାୟକ ପ୍ରଥମେ ଛାଡମୂଳ ଗ୍ରାମ ଶନିମନ୍ଦିର ନିର୍ମାଣ ପାଇଁ ଶୁଭ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୋଖରୀଗୋଛା ସମିତି ସଭ୍ୟ ବାପୁଜୀ ସାହୁ, ଶିମିଳିସାହି ସରପଞ୍ଚ ସଞ୍ଜୟ ପଟ୍ଟନାୟକ, ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅରୁଣ ସ୍ୱାଇଁ , ଦଶପଲ୍ଲା ଏନଏସି କାଉନସିଲର ସୁଶାନ୍ତ ସିଠ ଓ ଡିହଗାଁ ପଞ୍ଚାୟତ ନାଏବ ସରପଞ୍ଚ ଜ୍ଞାନ ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ ।

# କୃତୀ ଛାତ୍ରୀଛାତ୍ରଙ୍କ ପାଇଁ ଅଭିନନ୍ଦନ ସମାରୋହ


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ନୟାଗଡ଼ ଅଫିସ,୨୫।୧୨**

ନୟାଗଡ଼ ବ୍ଲକ୍‌ର ୫ମ ଓ ୩ୟ ଶ୍ରେଣୀ ସରକାରୀ ମେଧାବୃତ୍ତି ପରୀକ୍ଷା-୨୦୨୨ ଫଳ ପ୍ରକାଶ ପାଇଛି । ନୟାଗଡ଼ ସହର ସାମନ୍ତମାର୍ଗସ୍ଥିତ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ଏଥର ବି ବାଜିମାତ କରିଛି । ବିଦ୍ୟାଳୟର ୫ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଦେଇଥିବା ୩ ଛାତ୍ରୀଛାତ୍ର ନୟାଗଡ଼ ବ୍ଲକରେ ମେରିଟ୍ ଲିଷ୍ଟରେ ପ୍ରଥମ,ଦ୍ୱିତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ସୁଶ୍ରୀ ସଙ୍ଗୀତା ସାଥୁଆ ପ୍ରଥମ, ପ୍ରତ୍ୟୁଷ କୁମାର ନାୟକ ଦ୍ୱିତୀୟ ଓ ସୌମ୍ୟରଞ୍ଜନ ସ୍ୱାଇଁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ସେହିପରି ୩ୟ ଶ୍ରେଣୀର ୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲା ବେଳେ ମେରିଟ୍ ତାଲିକାରେ ସେମାନେ ସଫଳତା ହାସଲ କରିଛନ୍ତି । ବିଶ୍ୱବିଜିତା ମହାନ୍ତି ନୟାଗଡ଼ ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲାବେଳେ ଆଦ୍ୟାଂଶୀ ପ୍ରଧାନ ତୃତୀୟ ଓ ତପୁନି ବିଶୋଇ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ଅଭିନନ୍ଦନ ସମାରୋହ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲା ସଂସ୍କୃତ ବିକାଶ ପରିଷଦର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ରଥ ଓ ନୟାଗଡ଼ ବ୍ଲକର ସିଆରସିସି ମନୋଜ କୁମାର ବେହେରା ଯୋଗଦେଇ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି କହିଥିଲେ। ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଫୁଲ ଦେଇ ଓ ମିଠା ଖୁଆଇ ସ୍ୱାଗତ କରିଥିଲେ । ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେମି ଫାଇନାଲରେ ମାଇଛେଳି ଟିମ୍

**ନୂଆଗାଁ,୨୫।୧୨(ଡି.ଏନ.ଏ.)**

## ନୂଆଗାଁ କପ୍ -୨୦୨୨

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କଲେଜ ସମ୍ମୁଖ ପଡ଼ିଆରେ ଚାଲିଥିବା ନୂଆଗାଁ କପ୍ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚରେ ମହିପୁର ଦଳକୁ ହରାଇ ମାଇଛେଳି ପଞ୍ଚାୟତ ଟିମ୍ ସେମି ଫାଇନାଲରେ ପ୍ରବେଶ କରିଛି । ରବିବାର ସପ୍ତମ ଦିବସରେ ମହିପୁର ଦଳ ସହ ମାଇଛେଳି ଟିମ୍‌ର ମୁକାବିଲା ହୋଇଥିଲା । ଏହି ମ୍ୟାଚରେ ମାଇଛେଳି ଦଳ ଟସ୍ ଜିତି ପ୍ରଥମର ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ମାଇଛେଳି ଟିମ୍ ୧୫ ଓଭରରେ ୭ ଉଇକେଟ୍ ହରାଇ ୧୨୨ ରନ ସଂଗ୍ରହ କରିଥିଲା । ପ୍ରତିପକ୍ଷ ମହିପୁର ଦଳ ୧୪ ଓଭର ୪ ବଲରେ ୧୦ ଉଇକେଟ୍ ହରାଇ ୧୧୦ ରନ ସଂଗ୍ରହ କରିଥିଲା । ତେବେ ମହିପୁର ଦଳକୁ ହରାଇ ୧୨ ରନରେ ଆଗୁଆ ରହି ମାଇଛେଳି ଦଳ ବିଜୟ ଲାଭ କରିବା ସହ ସେମି ଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚରେ ମାଇଛେଳିର ବଣ୍ଟି ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ହାସଲ କରିଛନ୍ତି । ରାମେଶ୍ୱର ସୁପର ମାର୍କେଟର ମାଲିକ ଲକ୍ଷ୍ମୀଧର ପରିଡ଼ା ଏହି ଟ୍ରଫି ପ୍ରଦାନ କରିଥିବା ଆୟୋଜକ କମିଟି ସୂଚନା ଦେଇଛି । ଆଜିର ମ୍ୟାଚରେ ସୋରଡା ପଞ୍ଚାୟତର ସମିତି ସଭ୍ୟ ସୁଶାନ୍ତ କୁମାର ସାହୁ ଓ ଯୁବ ବ୍ୟବସାୟୀ ସୁଜିତ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ମ୍ୟାଚକୁ ସଞ୍ଜୟ କୁମାର ଆଚାର୍ଯ୍ୟ ଓ ଅଞ୍ଜନ କୁମାର ଗୋଛାୟତ ପରିଚାଳନା କରିଥିଲେ । ସୋମବାର ସୋରଡା ପଞ୍ଚାୟତ ଟିମ୍ ସହ ବାହାଡାଖୋଲା ପଞ୍ଚାୟତ ଟିମ୍ ମଧ୍ୟରେ ତୃତୀୟ କ୍ୱାର୍ଟର୍ସ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟ ପରିଚାଳନା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଦଶପଲ୍ଲାରେ ସୁଶାସନ ଦିବସ ପାଳିତ

**ଦଶପଲ୍ଲା,୨୫।୧୨(ଡି.ଏନ.ଏ.):** ରବିବାର ଦଶପଲ୍ଲା ଭାରତୀୟ ଜନତା ପାର୍ଟି ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନକୁ ସୁଶାସନ ଦିବସ ରୂପେ ପାଳନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ପାଣିଗୋଛା ମଣ୍ଡଳ ସଭାପତି କିଶୋର ଚନ୍ଦ୍ର ଦଳବେହେରା, ବିଭୀଷଣ ନାୟକ, ରଞ୍ଜନ କୁମାର ସାହୁ, ଗୌରାଙ୍ଗ ଦେହୁରୀ, ରଘୁନାଥ ବେହେରା, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ତାଙ୍କର ଗୁଣଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଭାଜପା କର୍ମୀ ଯୋଗଦେଇଥିଲେ ।

# ୧୯୮୯ ବ୍ୟାଚ୍‌ର ବନ୍ଧୁମିଳନ

**ପାରଳାଖେମୁଣ୍ଡି,୨୫।୧୨(ଡି.ଏନ.ଏ.)**

## ମହାରାଜାଙ୍କ ଉଚ୍ଚ ବିଦ୍ୟାଳୟ

ସ୍ଥାନୀୟ ମହାରାଜାଙ୍କ ଉଚ୍ଚ ବିଦ୍ୟାଳୟର ୧୯୮୯ ବ୍ୟାଚର ଛାତ୍ରୀଛାତ୍ରୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ପାରଳାଖେମୁଣ୍ଡିସ୍ଥିତ ରାଧାରାଣୀ କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ ଏକତ୍ରିତ ହୋଇଥିଲେ। ଉକ୍ତ ବ୍ୟାଚ୍‌ର ରାଜେଶ ଜେନାଙ୍କ ଅକାଳ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସମସ୍ତ ବନ୍ଧୁ ନିଜର ଛାତ୍ର ଜୀବନର ସ୍ମୃତିଚାରଣ କରିଥିଲେ। ଶେଷରେ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା କରାଯାଇ ସେମାନଙ୍କ ଆଶୀର୍ବାଦ ଗ୍ରହଣ କରି ପ୍ରତିବର୍ଷ ଏହି ବନ୍ଧୁମିଳନ ଏବଂ ଗୁରୁଶିଷ୍ୟ ପରମ୍ପରା ଉତ୍ସବକୁ ଆୟୋଜନ କରିବା ପାଇଁ ସଂକଳ୍ପ ନେଇଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକମାନେ।

## ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ମହାସଭା

**ଆସିକା,୨୫।୧୨(ଡି.ଏନ.ଏ.)**

ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର ୫ମ ମହାସଭା ରବିବାର ସ୍ଥାନୀୟ ହରିହର ହାଇସ୍କୁଲ ସଂଲଗ୍ନ ମିନି ଷ୍ଟାଡିୟମ ଠାରେ ଆରମ୍ଭ ହୋଇଛି । କୁଳ ଦେବତାଙ୍କ ପୂଜା ଓ କୁଳଧ୍ୱଜା ଉତ୍ତୋଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଆସିକା ଏମପି ପ୍ରମିଳା ବିଷୋୟୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ଅଳୀ ସ୍ୱାଇଁ, ଆସିକା ଏନଏସି ଅଧକ୍ଷା ବିନେତା ସ୍ୱାଇଁ, ସମାଜର କେନ୍ଦ୍ରୀୟ ସଭାପତି ସନ୍ତୋଷ କୁମାର ଜେନା, ସମ୍ପାଦକ ନିଲାଞ୍ଚଳ ପୋଲାଇ ଓ ମହାସଭା ଆୟୋଜକ ତଥା ମୁଖ୍ୟ ସଂଗଠକ ସତ୍ୟନାରାୟଣ ସ୍ୱାଇଁ ମଞ୍ଚାସୀନ ଥିଲେ । ପ୍ରଥମ ଦିନ ମହାସଂଘର ୧୪ଟି ଅଞ୍ଚଳର ସଭାପତି, ସମ୍ପାଦକ ଓ ୧୨ଜଣ ସମାଜର ସାମନ୍ତ ପଦବୀଧାରୀଙ୍କୁ ମହାସଭା ପକ୍ଷରୁ ସମ୍ମାନିତ କରାଯାଇଥିଲା । ବିଭିନ୍ନ ବାଦ୍ୟ ବାଜଣା ପଟୁଆର ସହ ମହାସଭାରେ ଯୋଗ ଦେଇଥିବା ସମାଜର ସଦସ୍ୟଙ୍କ ଏକ ବିରାଟ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା ।

# 'ଜରୁରୀ ସେବା ପାଇଁ ସେବିକା' ଶୀର୍ଷକ କର୍ମଶାଳା ଉଦ୍‌ଯାପିତ



କର୍ମଶାଳାର ଉଦ୍‌ଯାପନୀ ଦିବସରେ ଯୋଗଦେଇଥିବା ଅତିଥିବୃନ୍ଦ।

**ବ୍ରହ୍ମପୁର ଅଫିସ,୨୫।୧୨**

## ଏମ୍‌କେସିଜି ନର୍ସିଂ କଲେଜ

ଭାରତର ତାଲିମ୍‌ପ୍ରାପ୍ତ ନର୍ସ ସଂଘ (ଟିଏନ୍‌ଏଆଇ) ପକ୍ଷରୁ ଏମ୍‌କେସିଜି ମେଡିକାଲ କଲେଜ ପରିସରରେ ଥିବା ନର୍ସିଂ କଲେଜରେ ହୋଇଥିବା 'ଜରୁରୀ ସେବାରେ ସେବିକା' ଶୀର୍ଷକ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଡିନ୍ ଦାୟିତ୍ୱରେ ଥିବା ଡା. ଦୁର୍ଗାମାଧବ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗତ ୭ ଦିନ ଧରି ଚାଲିଥିବା ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ନର୍ସିଂ କଲେଜର ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷାର୍ଥୀ ଭାବେ ଯୋଗ ଦେଇଥିଲେ। ଏଭଳି କର୍ମଶାଳା ଆୟୋଜନ କରାଯାଇଥିବାରୁ ନର୍ସିଂ କଲେଜର ଅଧକ୍ଷା ରାଜଲକ୍ଷ୍ମୀ ମିଶ୍ର ଓ ତାଙ୍କ ଟିମ୍‌କୁ ଡିନ୍ ଶତପଥୀ ପ୍ରଶଂସା କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ସହ ଜରୁରୀ ସେବା ପାଇଁ ସେବିକାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଟିଏନ୍‌ଏଆଇ ସମ୍ପାଦିକା ସଂଯୁକ୍ତା ମଲିକ ଏହି କର୍ମଶାଳାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଟିଏନ୍‌ଏଆଇର ସଭାପତି ଡା. ଫୁଲଣା କୁମାରୀ ଦେବୀ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ କହିଥିଲେ। ଅନ୍ୟ ଅତିଥି ଭାବେ କାଜଲ ରାଣୀ ସାହୁ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା କର୍ମଶାଳାରେ ଅଂଶଗ୍ରହଣ କରିଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସଙ୍ଗୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସାହାଯ୍ୟ ଆଳରେ ସାଧୁଙ୍କ ଆକାଉଣ୍ଟରୁ ଟଙ୍କା ଉଠାଣ



ପାଣିକୋଇଲି,୨୫।୧୨(ଡି.ଏନ.ଏ.): ସାହାଯ୍ୟ ଆଳରେ ଜଣେ ସାଧୁଙ୍କ ଆକାଉଣ୍ଟରୁ ଏଟିଏମ୍ କାର୍ଡ ମାଧ୍ୟମରେ ଟଙ୍କା ଉଠାଣ କରି ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବୈତରଣୀରୋଡ ଅଞ୍ଚଳର ଜଣେ ସାଧୁ ସେବକ କୃଷ୍ଣପଦ ଦାଶ ଭାରତୀୟ ଷ୍ଟେଟବ୍ୟାଙ୍କ ଏଟିଏମରୁ ଟଙ୍କା ଉଠାଇବାକୁ ଯାଇଥିଲେ। ମାତ୍ର ଟଙ୍କା କେମିତି ଉଠାଯାଏ ତାଙ୍କୁ ଜଣା ନ ଥିବାରୁ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କୁ ଟଙ୍କା ଉଠାଇ ଦେବାକୁ କହିଥିଲେ। ସାଧୁ ତାଙ୍କ କଥାରେ ରାଜି ହୋଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏଟିଏମ୍ କାର୍ଡ ଦେଇଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ଚତୁରତାର ସହ ୮ ହଜାର ୫ଶହ ଟଙ୍କା ଉଠାଇ ନେଇ ତୁମର ଟଙ୍କା ଉଠୁନି, ବ୍ୟାଙ୍କରେ ଅଭିଯୋଗ କରି କହି ଖସି ପଳାଇଥିଲେ। ବାବା କୃଷ୍ଣପଦ ପାଣିକୋଇଲି ଷ୍ଟେଟବ୍ୟାଙ୍କକୁ ଆସି ଦେଖିବା ବେଳକୁ ରବିବାର ବ୍ୟାଙ୍କ ବନ୍ଦ ରହିଛି। ସେଠାକାର ଏଟିଏମ ସିକ୍ୟୁରିଟିଙ୍କୁ କହିବା ପରେ ସେ ଯାଞ୍ଚ କରି ଜାଣିବାକୁ ପାଇଲେ ତାଙ୍କ ଜମାରାଶିରୁ ୮ ହଜାର ୫ଶହ ଟଙ୍କା ଉଠାଯାଇଛି। ଫଳରେ ସାଧୁ ଜଣଙ୍କ ନିରାଶ ହୋଇ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି।

# ନଦୀବନ୍ଧ ନିର୍ମାଣ ପାଇଁ ୧୮.୭ କୋଟି ମଞ୍ଜୁର

ଯାଜପୁର ଅଫିସ,୨୫।୧୨

ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ, ବୁଢ଼ା, ଖରସ୍ରୋତା, ବିରୂପା, କାଣୀ ଆଦି ନଦୀର ବନ୍ୟା ଜଳ ତଟାଞ୍ଚଳବାସୀଙ୍କ ପାଇଁ କାଳ ହୋଇଛି। ଜିଲାରେ ଗତ ୧୭ ବର୍ଷରେ ନିୟମିତ ବ୍ୟବଧାନରେ ୬ଟି ବଡ଼ ବନ୍ୟା ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଜିଲାରେ ୨୦୨୦ ଅଗଷ୍ଟ ବନ୍ୟାରେ ୨୫ଟି ଘାଇ ସୃଷ୍ଟି ହୋଇ ପ୍ରାୟ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲାବେଳେ ଏଥିରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ତଥାପି ପ୍ରଶାସନ ୨ ବର୍ଷ ପର୍ଯ୍ୟନ୍ତ ନିଦ୍ରାରେ ଶୋଇ ରହିଥିଲା। ଏହି କ୍ରମରେ ଗତ ଅଗଷ୍ଟରେ ଧରିତ୍ରୀରେ 'ଜୀବନ ପାଇଁ ଯୋଜନାର ଅଭାବ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏବେ ଜଳ ସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଇତିମଧ୍ୟରେ ବନ୍ୟା ନିୟନ୍ତ୍ରଣ ପାଇଁ ଷ୍ଟେଟ୍ ପାଇପଲାଇନ ପ୍ରୋଜେକ୍ଟ ଜରିଆରେ ବିଭିନ୍ନ ନଦୀବନ୍ଧ ପୁନରୁଦ୍ଧାର କରିବାକୁ ଅର୍ଥ ମଞ୍ଜୁର ହୋଇଛି। ସେଥିମଧ୍ୟରୁ ବୈତରଣୀ ନଦୀର ଡାହାଣପାର୍ଶ୍ୱ ରଣପୁରଠାରୁ ମଥୁରାପୁର ବ୍ରିଜ ପର୍ଯ୍ୟନ୍ତ ପ୍ରକଳ୍ପ ପାଇଁ ୯ କୋଟି ୯୦ ଲକ୍ଷ ୬ ହଜାର ଟଙ୍କା ଓ ବାମପାର୍ଶ୍ୱ ଭଦ୍ରକ ଜିଲାର ଦାସପାରିଠାରୁ ଅସ୍ତକ ପ୍ରକଳ୍ପ ପାଇଁ ୮ କୋଟି ୮୦ ଲକ୍ଷ ୮୫ ହଜାର ଟଙ୍କା ରହିଛି। ଏହାପୂର୍ବରୁ ବୈତରଣୀ ଡାହାଣପାର୍ଶ୍ୱ ହେମନ୍ତପୁର, ବାଲିପାଟଣା, ବଳରାମପୁର ନଦୀବନ୍ଧ ନିର୍ମାଣ କରିବାକୁ ୯ କୋଟି ୯୬ ଲକ୍ଷ ୩୦ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହି ୩ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲାର କୋରେଇ ଓ ଦଶରଥପୁର ବ୍ଲକ ଏବଂ ଭଦ୍ରକ ଜିଲାର ଭଣ୍ଡାରୀପୋଖରୀ ବ୍ଲକ ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ ହୋଇପାରିବ ବୋଲି ବିଭାଗ ପକ୍ଷରୁ ଆଶା କରାଯାଇଛି।



କୋରେଇ ବ୍ଲକର ଚାଷ ଜମିରେ ବନ୍ୟାଜଳ। (ଫାଇଲ ଫଟୋ)

ବୈତରଣୀ ଓ ବ୍ରାହ୍ମଣୀରେ ୨୦୨୦ ଅଗଷ୍ଟ ବନ୍ୟା ଯାଜପୁର ଜିଲାରେ ଏକବିଂଶ ଶତାବ୍ଦୀର ସବୁଠୁ ବଡ ବନ୍ୟା ବୋଲି କୁହାଯାଉଛି। ଏଥିରେ ଜିଲାର ସମସ୍ତ ବ୍ଲକ ଓ ଗୋଟିଏ ପୌର ପରିଷଦର ୧୪୩ ପଞ୍ଚାୟତର ୬୧୨ ଗ୍ରାମ ସହ ୧ ୱାର୍ଡର ପାଖାପାଖି ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଏହିକ୍ରମରେ ବର୍ଷା ଦିନ ଆସିଲେ ଯାଜପୁର ଜିଲା ନଦୀକୂଳିଆବାସୀ ଭୟରେ କାଳାତିପାତ କରିଥାନ୍ତି। ବନ୍ୟା ନିୟନ୍ତ୍ରଣ ପାଇଁ ସମନ୍ୱିତ ନଦୀ ପରିଚାଳନା ଯୋଜନା, ବ୍ୟାରେଜ ଆଦି ସରକାରୀ ପ୍ରତିଶ୍ରୁତିରେ ଅଟକିଛି। ଏହାବାଦ୍ ବେଆଇନ ବାଲିଖାଦାନ ସମେତ ଖଣି ଓ ଶିଳ୍ପସଂସ୍ଥାର ବର୍ଜ୍ୟବସ୍ତୁ ନଦୀଶଯ୍ୟାକୁ ପୋତି ଚାଲିଛି। ଏହାର ସମାଧାନ ପାଇଁ କେନ୍ଦୁଝର ଓ ଯାଜପୁର ଜିଲାର ଲୋକମାନେ ବିଭିନ୍ନ ସଂଗଠନ ମାଧ୍ୟମରେ ଦୀର୍ଘଦିନ ହେବ ଆନ୍ଦୋଳନ ଓ ଦାବି କରି ଆସୁଛନ୍ତି। ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ଏବଂ ବ୍ରାହ୍ମଣୀ, ଖରସ୍ରୋତା ଓ ବୁଢା ନଦୀର ବାମପାର୍ଶ୍ୱ, ବିରୂପା ନଦୀର ଦକ୍ଷିଣପାର୍ଶ୍ୱରେ ସମୁଦାୟ ପ୍ରାୟ ୨୧୦ କି.ମି. ବନ୍ଧ ଓ ଅପରପାର୍ଶ୍ୱରେ ୧୮୦ କି.ମି. ବନ୍ଧ ନିର୍ମାଣ ହୋଇଛି। କିନ୍ତୁ ଏହି ନଦୀବନ୍ଧଗୁଡ଼ିକରେ ଯେଭଳି ଘାଇ ନ ହେବ ସେଥିପ୍ରତି ସ୍ଥାୟୀ ପ୍ରତିକାର ହୋଇ ପାରିଲାନାହିଁ। ତେଣୁ ଆଗାମୀ ଦିନରେ ବନ୍ୟା ପରିସ୍ଥିତିର ନିୟନ୍ତ୍ରଣ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ଅତି ଗୁରୁତ୍ୱର ଭାବେ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରୁଥିଲେ ବି କେହି ଶୁଣି ନାହାନ୍ତି। କେବଳ ନିଜ ସମର୍ଥିତ କେତେଜଣ ପ୍ରଭାବଶାଳୀ ଠିକାଦାରଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିଭିନ୍ନ ବିକାଶମୂଳକ ଯୋଜନା ପାଇଁ ବିପୁଳ ଅର୍ଥ ବ୍ୟୟବରାଦ କରାଯାଉଛି। ଯାଜପୁର ଜିଲାର

### ବୈତରଣୀ ନଦୀରେ ବନ୍ୟା ନିୟନ୍ତ୍ରଣ ଯୋଜନା

ବୈତରଣୀ ବାମପାର୍ଶ୍ୱ ନଦୀଶଯ୍ୟାକୁ ପୋତି କେତେକ ବିକାଶମୂଳକ କାର୍ଯ୍ୟ ହୋଇଛି। ଏନେଇ ଭଦ୍ରକ ଜିଲା ଭଣ୍ଡାରିପୋଖରୀର ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ପକ୍ଷରୁ ଏନ୍‌ଜିଟିରେ ମାମଲା ମଧ୍ୟ ରୁଜୁ ହୋଇଛି। ବୈତରଣୀ ନଦୀଶଯ୍ୟାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେଉଥିବାରୁ ନଦୀପଥ ସଙ୍କୁଚିତ ହୋଇ ପାଣିର ସ୍ରୋତ ଆହୁରି ଜୋର ହେଉଛି। ଫଳରେ ତଳମୁଣ୍ଡରେ ଥିବା ନଦୀବନ୍ଧ ଦୁର୍ବଳ ହେବା ସହ ନଦୀପଥ ପରିବର୍ତ୍ତନ ଓ ଘାଇ ସୃଷ୍ଟି ହେଉଛି। ଏହି ନଦୀବନ୍ଧଗୁଡ଼ିକର ଏ ଯାବତ୍ ସୁଦୃଢ଼ୀକରଣ କରାଯାଇପାରିଲା ନାହିଁ। ବନ୍ୟା ସୁରକ୍ଷିତ ଅଞ୍ଚଳକୁ ବନ୍ୟା ସମୟରେ ଅନ୍ୟୂନ ୨୪ଟି ଫୁଙ୍କାର କରାଯାଇ କୃଷି ଉପଯୋଗୀ ଜମିକୁ ଉର୍ବର କରାଯାଇପାରନ୍ତା ବୋଲି ବନ୍ୟା ପ୍ରଭାବିତ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ସେହିଭଳି ନଦୀ ଉପତ୍ୟକା ଅଞ୍ଚଳକୁ ଅତିକମ୍‌ରେ ୨୨ଟି ନାଳ ଦ୍ୱାରା ସଂଯୋଗୀକରଣ ଏବଂ ଖରସ୍ରୋତା, ବୁଢ଼ା, ବ୍ରାହ୍ମଣୀ, ବୈତରଣୀ ନଦୀର ତଳମୁଣ୍ଡରେ ଅନ୍ତତଃ ୪ଟି ଲେଖାଏ ଚେକ୍‌ଡ୍ୟାମ୍ କରାଯିବାକୁ ବହୁ ଦିନରୁ ଦାବି ହୋଇଆସୁଛି। କିନ୍ତୁ ବିଭାଗ ପକ୍ଷରୁ କୌଣସି ଦାବିକୁ ଗ୍ରହଣ କରାଯାଉନାହିଁ। ଏହିକ୍ରମରେ ବୈତରଣୀ ନଦୀବନ୍ଧର ପୁନରୁଦ୍ଧାର ଏବଂ ସୁଦୃଢ଼ୀକରଣ ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟକାରୀ ହେଲେ ବନ୍ୟା ବିପନ୍ନ ଅଞ୍ଚଳବାସୀ ସୁରକ୍ଷିତ ରହିପାରିବେ ବୋଲି ମତପ୍ରକାଶ ପାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଲିପିନା



@ ପ୍ରତାପ



@ ପୂଜା



@ ଜ୍ୟୋତି



@ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଳା, ସାହିତ୍ୟ, ସଂସ୍କୃତିର ପୀଠ ଧର୍ମଶାଳା

### ୧୮ତମ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟିତ

ଧର୍ମଶାଳା,୨୫।୧୨(ଡି.ଏନ.ଏ.):

ଧର୍ମଶାଳାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ଲକ୍ଷ୍ୟନେଇ ରବିବାର ସନ୍ଧ୍ୟାରେ ଜାରକାଠାରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ୧୮ତମ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ମହୋତ୍ସବକୁ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ ଦେବ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, କଳା, ସାହିତ୍ୟ, ସଂସ୍କୃତିର ପୀଠ ହେଉଛି ଧର୍ମଶାଳା। ଏବେ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ମହତ ଆକାଂକ୍ଷା ରଖି ବିଭିନ୍ନ ସ୍ଥାନରେ ମହୋତ୍ସବ ହେବାକୁ ଲାଗିଛି। ବୌଦ୍ଧ କୀର୍ତ୍ତିରାଜି ପାଇଁ ଭାରତ ବର୍ଷରେ ଧର୍ମଶାଳା ଅଞ୍ଚଳ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ମେଳା, ଯାତ୍ରା ଓ ଉତ୍ସବ ଆମ ପରମ୍ପରା ଓ ଚଳଣି ସହିତ ସମନ୍ୱୟ ରକ୍ଷା କରି ଗତି କରି ଆସୁଥିଲା ବୋଲି ସେ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟ ଅତିଥି ଭାବେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇ ମହୋତ୍ସବ ମାଧ୍ୟମରେ ଆମର ଲୋକକଳା, ହସ୍ତଶିଳ୍ପ, ପାରମ୍ପାରିକ ନୃତ୍ୟଗୀତ ଇତ୍ୟାଦିର ପୁର୍ନବିନ୍ୟାଶ ହେଉଛି। ଏଥିସହିତ ସ୍ଥାନୀୟ କଳାକାର, ସାହିତ୍ୟିକଙ୍କୁ ଲୋକ ଲୋଚନକୁ ଆଣି ନିଆରା ଢଙ୍ଗରେ ସମ୍ମାନିତ କରାଯାଉଛି। ଏହା ଅତି ଆନନ୍ଦର କଥା ବୋଲି ସେ କହିଥିଲେ। ମହୋତ୍ସବ ପୂଜା କମିଟି ସଭାପତି ଜଳଧର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଧର୍ମଶାଳା ମହୋତ୍ସବ ଏବେ ଗଣପର୍ବରେ ପରିଣତ ହୋଇଛି। ଜିଲାସ୍ତରରେ ଜିଲା ମହୋତ୍ସବ ହେଉଥିବା ବେଳେ ଧର୍ମଶାଳା ଅଞ୍ଚଳରେ ପ୍ରଥମ କରି ବେସରକାରୀଭାବେ ମହୋତ୍ସବ ଆୟୋଜନ କରାଯାଇ ବେପାର ବଣିଜ, ବନ୍ଧୁମିଳନ ଓ ବିଭିନ୍ନ ସମ୍ପ୍ରଦାୟ ପ୍ରତି ଭାଇଚାରା ସୃଷ୍ଟି କରାଯାଉଥିବା ସମଗ୍ର ରାଜ୍ୟରେ ଏକ ଉଦାହରଣ ପାଲଟିଛି। ୧୨ ଦିନବ୍ୟାପୀ ହେବାକୁ ଥିବା ଏହି ମହୋତ୍ସବରେ ଜନସାଧାରଣ ଯୋଗଦେବା ପାଇଁ ସେମାନେ ନିବେଦନ କରିଥିଲେ। ସଭ୍ୟ ସବ୍ୟସାଚୀ ସୁନ୍ଦରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ସୁଦୀପ୍ତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପରେ ଚଣ୍ଡିଖୋଲ ବୀଣାପାଣି କଳା ପରିଷଦ ଓ ପୁରୀର ଲିଙ୍ଗରାଜ କଳାନିକେତନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଧର୍ମଶାଳା ପୋଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।



ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

### ସର୍ବଭାରତୀୟ ଓପନ କରାଟେରେ ଅଙ୍କିତଙ୍କୁ ୨ ବ୍ରୋଞ୍ଜ

କାଳିଆପାଣି,୨୫।୧୨(ଡି.ଏନ.ଏ.):

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ଚାଲିଥିବା ସର୍ବଭାରତୀୟ ୧୨ତମ କରାଟେ ଚମ୍ପିୟାନଶିପରେ ଅଙ୍କିତ କୁମାର ମହାନ୍ତଙ୍କୁ ୨ ବ୍ରୋଞ୍ଜ ପଦକ ମିଳିଛି। ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ପଞ୍ଚାୟତ ରାଁସୋଳ ଗ୍ରାମର ଅଙ୍କିତ ଶିକ୍ଷା ଗ୍ରହଣ କରିବା ସହ ରାଜ୍ୟ ଓ ଜାତୀୟସ୍ତରରେ ହେଉଥିବା କରାଟେ ଚମ୍ପିୟାନଶିପରେ ବହୁ ପଦକ ହାସଲ କରିଛନ୍ତି। ଚଳିତ ୨୨ ତାରିଖରୁ ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ କରାଟେ ଚାମ୍ପିୟନଶିପରେ ଅଙ୍କିତ ୧୭ ବର୍ଷ ବୟସ ବିଭାଗରେ ଭାଗ ନେଇଥିଲେ। ଅଙ୍କିତ ପ୍ରତିଯୋଗିତାରେ କାତା ଓ କୁମୁତେ ଉଭୟ ବିଭାଗରେ ତୃତୀୟ ସ୍ଥାନ ହାସଲ କରି ୨ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅଙ୍କିତଙ୍କ ପିତା ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ମାତା ଜଣେ ଗୃହିଣୀ। କାଳିଆପାଣି ପରି ଅନୁନ୍ନତ ଅଞ୍ଚଳରୁ ଅଙ୍କିତ ରାଜ୍ୟ ଓ ଜାତୀୟସ୍ତରରେ ପଦକ ହାସଲ କରିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରଶିକ୍ଷକ ସେନସାଇ ବେଣୁଧର ମଲ୍ଲିକ ଖୁସିବ୍ୟକ୍ତ କରିବା ସହ ଆଗାମୀ ଦିନରେ ତାଙ୍କର ଅଧିକରୁ ଅଧିକ କୃତିତ୍ୱ ପାଇଁ ଆଶାବାଦୀ ଅଛନ୍ତି।

# ପରିବା ବ୍ୟବସାୟୀଙ୍କ ଝିଅ ଉତ୍କଳ ବିଶ୍ୱବିଦ୍ୟାଳୟ ଟପ୍ପର

ରସୁଲପୁର,୨୫।୧୨(ଡି.ଏନ.ଏ.):

- ଓଡ଼ିଆ ଭାଷା ସାହିତ୍ୟରେ ସ୍ୱର୍ଣ୍ଣପଦକ ଜିତିଲେ
- ଜ୍ଞାନର ବାର୍ତ୍ତାବହ ହେବାକୁ ଲକ୍ଷ୍ୟ

ରସୁଲପୁର ବ୍ଲକ ଅଧୀନ ଓଡ଼ିଶୋ ପଞ୍ଚାୟତ ମାନପୁର ଗାଁର ପରିବା ବ୍ୟବସାୟୀ ନାରାୟଣ ପଣ୍ଡାଙ୍କ ଝିଅ ସଂଘମିତ୍ରା ପଣ୍ଡା ଉତ୍କଳ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଷୟ ସ୍ନାତକୋତ୍ତର ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ବିଶ୍ୱବିଦ୍ୟାଳୟ ତରଫରୁ ଆୟୋଜିତ ଏକ ସମାବର୍ତ୍ତନ ଉତ୍ସବରେ ସେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ପଦକ ସହ ପ୍ରମାଣପତ୍ର ହାସଲ କରିଛନ୍ତି। ଏଥିସହ ତାଙ୍କର ଚୟସ ବେସଡ୍ କ୍ରେଡିଟ୍ ସିଷ୍ଟମ ଜରିଆରେ କରାଯାଇଥିବା ର୍‍ୟାଙ୍କିଂରେ ତାଙ୍କୁ ଭକ୍ତକବି ମଧୁସୂଦନ ରାଓ ମେମୋରିଆଲ ସଂସ୍ଥା ପକ୍ଷରୁ ଆଉ ଏକ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି।

ସଂଘମିତ୍ରା ଦୁଇଟି ଲେଖାଏ ସ୍ୱର୍ଣ୍ଣପଦକ ଜିଣି ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ସଫଳତା ଖବର ଜାଣି ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସେ ଅଖ୍ୟାତ ପଲ୍ଲୀ ମାନପୁରରେ ଜନ୍ମଗ୍ରହଣ କରିଥିଲେ। ବାପାଙ୍କ ସ୍ୱଳ୍ପ ରୋଜଗା ଯୋଗୁ ଘରୋଇ ବିଦ୍ୟାଳୟରେ ପାଠ ନ ପଢି, ସରକାରୀ ସ୍କୁଲରୁ ପାଠପଢା ଆରମ୍ଭ କରିଥିଲେ। ଗାଁର ସ୍ୱପ୍ନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମଧୁପୁର କଲେଜ-କଲଣରେ ଡିଗ୍ରୀ ହାସଲ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ପାଇଁ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ୨୩ ଡିସେମ୍ବର, ୨୦୨୨ରେ ସ୍ନାତକୋତ୍ତର ପରୀକ୍ଷାଫଳ ପ୍ରକାଶ ପାଇଥିଲା। ସେଥିରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି ବୋଲି ଜାଣି ଖୁସି ହୋଇଥିଲେ। ମାତ୍ର ତାଙ୍କ ମା' ସତ୍ୟଭାମା ପଣ୍ଡାଙ୍କ ଅକାଳ ବିୟୋଗ ତାଙ୍କୁ ମର୍ମାହତ କରିଥିଲା। ମା'ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଯୋଗୁ ସେ ୨ବର୍ଷ ତଳେ ଆରପାରିକୁ ଚାଲିଯାଇଛନ୍ତି। ସେ ଥିଲେ ଝିଅର ସଫଳତାକୁ ଦେଖି ଖୁସି ହୋଇଥାନ୍ତେ। କିନ୍ତୁ ସେହି ସୌଭାଗ୍ୟ ତାଙ୍କ ପାଖରେ ନାହିଁ। ହେଲେ ବାପାଙ୍କ ସମର୍ଥନ, ପ୍ରେରଣା ତାଙ୍କୁ ସଫଳତା ଆଣି ଦେଇଛି ବୋଲି ସଂଘମିତ୍ରା ପ୍ରକାଶ କରିଛନ୍ତି। ସେ କଲେଜର ସହକାରୀ ପ୍ରଫେସର ଭାବେ ନିଯୁକ୍ତି ପାଇଁ ଏନ୍‌ଇଟି (ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟ) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏବେ ପିଏଚ୍‌ଡି ପାଇଁ ପଢ଼ାପଢ଼ି କରୁଛନ୍ତି। ସେ ଅଧାପନା ଦିଗରେ କାର୍ଯ୍ୟ କରିବେ। ଜ୍ଞାନର ବାର୍ତ୍ତାବାହକ ହେବେ ବୋଲି ଇଚ୍ଛା ରଖିଛନ୍ତି। ତେବେ ଆଗକୁ କ'ଣ ହେବ ତାକୁ କେହି ଦେଖି ନାହାନ୍ତି। ସମସ୍ତେ ଭଲ ହିଁ ଆଶା କରନ୍ତି ବୋଲି ସଂଘମିତ୍ରାଙ୍କ ସହ ବାର୍ତ୍ତାଳାପ ସମୟରେ ସେ କହିଛନ୍ତି।




ସଂଘମିତ୍ରା ପଣ୍ଡା

# ଟାଟା ଷ୍ଟିଲ୍ ଫାଉଣ୍ଡେଶନର ଅରୁଣିମା ଉଦ୍‌ଯାପିତ

କାଳିଆପାଣି,୨୫।୧୨(ଡି.ଏନ.ଏ.):

ସୁକିନ୍ଦା ବ୍ଲକ୍ ଅଧୀନ ସୁକିନ୍ଦା ମହାବିଦ୍ୟାଳୟ ପରିସରରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ୩ ଦିନିଆ ବାର୍ଷିକ ସମ୍ମିଳନୀ 'ଅରୁଣିମା' ଉଦ୍‌ଯାପିତ ହୋଇଯାଇଛି। ଅଞ୍ଚଳର ବିକାଶ ଯାତ୍ରାକୁ ପ୍ରଦର୍ଶିତ ସହିତ ଦୀର୍ଘସ୍ଥାୟୀ ଜୀବନଜୀବିକା ସୁଯୋଗ ସୃଷ୍ଟି ଉପରେ ପର୍ଯ୍ୟବସିତ ବିଷୟରେ ଆଲୋଚନା ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମରେ ବ୍ରାହ୍ମଣୀପାଳ, ସୁକିନ୍ଦା ଓ କଳିଙ୍ଗନଗର ଅଞ୍ଚଳର ଛାତ୍ରୀଛାତ୍ର, ମହିଳା ଉଦ୍ୟୋଗୀ ଏବଂ ଚାଷୀ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମର ଶେଷ ଦିବସଟି ଜୀବନ ଜୀବିକା ସୁଯୋଗ ସୃଷ୍ଟି ଏବଂ ଜଳ ସଂରକ୍ଷଣ ପ୍ରତି ସମର୍ପିତ ଥିଲା, ଯେଉଁଥିରେ କଳିଙ୍ଗନଗର, ବାଲେଶ୍ୱର ଓ ମେରାମଣ୍ଡଳୀର ପ୍ରାୟ ୬୦୦ ଚାଷୀ ଯୋଗଦେଇ କୃଷି ପ୍ରଣାଳୀ ପାଇଁ ଜଳର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ପର୍ଯ୍ୟାବରଣରେ ଜଳର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବାର ଦୃଢ଼ ଆବଶ୍ୟକତା ଏବଂ ଜାତିସଂଘ ପକ୍ଷରୁ ୨୦୧୮ରୁ୨୦୨୮କୁ 'ଜଳ କାର୍ଯ୍ୟ ଦଶନ୍ଧି' ରୂପେ ଘୋଷଣା କରାଯାଇଥିବାରୁ ଜଳର ଦୀର୍ଘସ୍ଥାୟୀ ବ୍ୟବହାର ଉପରେ ନୂତନ ଶିକ୍ଷା ହାସଲ କରିବା ସହିତ ଏହି କାର୍ଯ୍ୟକ୍ରମର ସମାପନ ହୋଇଥିଲା।

ଉଦ୍‌ଯାପନୀ ଦିବସରେ ବିଶିଷ୍ଟ ସମ୍ବଲପୁରୀ କବି ପଦ୍ମଶ୍ରୀ ଡ. ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀ ଏବଂ ସଶକ୍ତୀକରଣ ଓ ଜୀବନଜୀବିକା ଉନ୍ନତି କାର୍ଯ୍ୟକ୍ରମ ଓଡ଼ିଶାର ପ୍ରୋଗ୍ରାମ ଅଫିସର ରଶ୍ମିରଞ୍ଜନ ବାରିକ, ଦି ଇଣ୍ଡିଆନ କାଉନ୍‌ସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ୍ଚ-ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଫର ଓମେନ୍ ଇନ୍ ଏଗ୍ରିକଲଚରର ପ୍ରମୁଖ ନିର୍ଦ୍ଦେଶକ ଡ. ସବିତା ମିଶ୍ର, ୱାଟର ଆଣ୍ଡ୍ ଲ୍ୟାଣ୍ଡ୍ ମ୍ୟାନେଜମେଣ୍ଟ୍ ଇନଷ୍ଟିଚ୍ୟୁଟ୍‌ର କୋର୍ସ ସଂଯୋଜକ ପ୍ରଫେସର ସୁଧନ୍ୱା ପାତ୍ର, କମ୍ପାନୀ ସିଏସ୍‌ଆର୍ ଓଡ଼ିଶା ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷଜ୍ଞମାନେ ଜଳ ସଂରକ୍ଷଣ ଉପରେ ସେମାନଙ୍କ ଅଭିଜ୍ଞତା କହିଥିଲେ। ଟାଟା ଷ୍ଟିଲ୍ ଫାଉଣ୍ଡେଶନର ଏହି ପଦକ୍ଷେପକୁ ପ୍ରଶଂସା କରି ମୁଖ୍ୟ ଅତିଥି ଡ. ନାଗ ଆମ ସମସ୍ତଙ୍କ ପାଇଁ ଜଳ ଜୀବନର ଉତ୍ସ ବୋଲି କହିଥିଲେ। ଏହାସହିତ ସେ ଜଳର ଗୁରୁତ୍ୱ ସମ୍ପର୍କରେ ଏକ କ୍ଷୁଦ୍ର ସମ୍ବଲପୁରୀ କାହାଣୀ କହିଥିଲେ। ଟାଟା ଷ୍ଟିଲ୍ ଫାଉଣ୍ଡେଶନର ସୁକିନ୍ଦା ୟୁନିଟ୍ ମୁଖ୍ୟ ଦେବରଞ୍ଜନ ମୁଖାର୍ଜୀ, କଳିଙ୍ଗନଗରର ୟୁନିଟ୍ ମୁଖ୍ୟ ଆଲେନ୍ ଜୋସେଫ୍ ଓ ଯୋଡ଼ାର ୟୁନିଟ୍ ମୁଖ୍ୟ ରବୀନ୍ଦ୍ର କୁମାର ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ଅରୁଣିମା ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଖଣ୍ଡପଡ଼ା,୨୫ା୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଖଳିସାହି- କୋସକା ରାସ୍ତାର ଗିରିଡିପଲ୍ଲୀ ଗ୍ରାମ ନିକଟରେ ରବିବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାରେ କିଆଝର ପଞ୍ଚାୟତ ଅଧୀନ ପଣସପଦର ଗ୍ରାମର ନୀଳମଣି ନାଏକ(୫୧)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ନୀଳମଣି ନିକଟରେ ଥିବା ଏକ ଗୋଶାଳାରେ ଗୋରୁ ବାନ୍ଧି ଘରକୁ ଫେରୁଥିବା ବେଳେ ପଛରୁ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେଇଥିଲା । ସେ ରାସ୍ତା କଡକୁ ଛିଟିକି ପଡି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଡ଼ାକ୍ତର ଅଭିଷାର ପଣ୍ଡା ସୂଚନା ଦେଇଛନ୍ତି । ପରିବାର ବର୍ଗ ଏ ନେଇ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଦ୍ରୁତ ଓ ବେପରୁଆ ଗାଡ଼ି ଚାଳନା ଯୋଗୁ ନୀଳମଣିଙ୍କ ଜୀବନ ଗଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

### ସରପଞ୍ଚଙ୍କ ସ୍ୱାମୀଙ୍କୁ ଆକ୍ରମଣ

**ନୟାଗଡ଼ ଅଫିସ,୨୫ା୧୨:** ନୟାଗଡ଼ ବ୍ଲକ ଶରଧାପୁର ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀପ୍ରିୟା ମୁଦୁଲିଙ୍କ ସ୍ୱାମୀସନ୍ତୋଷ କୁମାରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ସନ୍ତୋଷଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପାଲାଗୁଣ୍ଡୁଣିଠାରେ ସନ୍ତୋଷ ନିଜ ପଥରଖଣିରେ ଥିବାବେଳେ ସେଠାରେ ୧୦ରୁ ଊର୍ଦ୍ଧ୍ୱ ଲୋକ ମିଳିତ ହୋଇ ଆକ୍ରମଣ କରଥିଲେ । ଆକ୍ରମଣକାରୀ ସନ୍ତୋଷଙ୍କ ଟ୍ରାକ୍ଟର ଓ ଏକ ଗାଡିକୁ ଭାଙ୍ଗି ଦେଇଛନ୍ତି । ପଥରଖଣି ବିବାଦକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି ।

### ଖଳିପାଟଣା ବିବାଦରେ ୨ ମାମଲା ରୁଜୁ

**ନୟାଗଡ଼ ଅଫିସ/ ରଣପୁର,୨୫ା୧୨(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ରଙ୍କଦେଉଳି ପଞ୍ଚାୟତ ଖଳିପାଟଣା ଗାଁରେ ଶନିବାର ସନ୍ଧ୍ୟାରେ ଘଟିଥିବା ରାଜନୈତିକ ସଂଘର୍ଷ ଥମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି । ଭାଜପା କର୍ମୀଙ୍କ ପରିବାର ଗାଁ ଛାଡି ପଳାଇ ଯାଇଥିଲେ ହେଁ ଉତ୍ତେଜନା ଲାଗି ରହିଛି । ବିଜେଡି ସମର୍ଥକମାନଙ୍କ ପକ୍ଷରୁ ଅଭିଯୋଗ ପରେ ପୋଲିସ ୨୧୬/୨୨ରେ ମାମଲା ରୁଜୁ କରିଛି । ସେହିପରି ବିପକ୍ଷ ଭାଜପା ସମର୍ଥକଙ୍କ ଅଭିଯୋଗ କ୍ରମେ ପୋଲିସ ୨୧୭/୨୨ରେ ମାମଲା ରୁଜୁ କରିଛି । ଭାଜପା କର୍ମୀଙ୍କ ଆକ୍ରମଣରେ ଶନିବାର ସନ୍ଧ୍ୟାରେ ବିଜେଡିର ରବୀନ୍ଦ୍ର ସାହୁ(୫୨), ସୁଶାନ୍ତ ପରିଡା(୩୦), ପ୍ରଶାନ୍ତ ପରିଡା(୨୯), ଶଙ୍କର୍ଷଣ ସାହୁ(୬୫) ପ୍ରଦ୍ୟୁମ୍ନ ସାହୁ(୩୦) ପ୍ରମୁଖ ୫ଜଣ କର୍ମୀ ଆହତ ହୋଇଥିଲେ । ପୋଲିସ ଉଭୟ ପକ୍ଷର ଲୋକଙ୍କୁ ଙ୍କୁ ଅଟକ ରଖି ତଦନ୍ତ କରୁଛି ।

### ବେଆଇନ ପାଣି ସଂଯୋଗ
### କାର୍ଯ୍ୟାନୁଷ୍ଠାନ ବଦଳରେ ଅନୁକମ୍ପା

**ନୟାଗଡ ଅଫିସ,୨୫ା୧୨:** ନୟାଗଡ ସହରକୁ ଖଣ୍ଡପଡାର ମହାନଦୀରୁ ଆସୁଥିବା ପାନୀୟଜଳର ପାଇପକୁ କାଟି ବଲାଙ୍ଗୀ ପାର୍କ ନିକଟରେ ଏକ ଢ଼ାବା ବେଆଇନ ସଂଯୋଗ ଦିଆଯାଇଥିବା ଅଭିଯୋଗ ହୋଇଛି । ଶାସକ ଦଳ ଚାପରେ ଜନ ସ୍ୱାସ୍ଥ୍ୟ ବିଭାଗ ନୀରବତା ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି । ନିକଟରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର କେତେଜଣ ଲୋକ ପାଇପ କାଟି ବେଆଇନ ସଂଯୋଗ ନେଇଥିବାରୁ ନୟାଗଡ ସଦର ଥାନାରେ ମାମଲା ହୋଇ ବେଆଇନ ସଂଯୋଗ କଟା ଯାଇଥିଲା । ତେବେ ଜନସ୍ୱାସ୍ଥ୍ୟ ବିଭାଗ ଢ଼ାବାକୁ ଅନୁକମ୍ପା ଦେଖାଇବା ପରେ ଏନେଇ ଆନ୍ଦୋଳନ କରାଯିବାକୁ କେତେଜଣ ସାମାଜିକ କର୍ମୀ ନିଷ୍ପତି ନେଇଛନ୍ତି ।

### ଆଖୁ କିଆରି ଜଳିଗଲା

**ଶେରଗଡ଼, ୨୫ା୧୨(ଡି.ଏନ.ଏ.):** ଶେରଗଡ଼ ପେଟ୍ରୋଲ ପମ୍ପ ପଛପଟେ ଥିବା ଆଖୁ କିଆରିରେ ରବିବାର ପୂର୍ବାହ୍ନରେ ହଠାତ ନିଆଁ ଲାଗିଯାଇଥିଲା। ଫଳରେ ୧୦ଭରଣ ଜମିର ଆଖୁ ପୋଡ଼ିଯାଇଛି। ଶେରଗଡ଼ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ଜମି ଉପର ଦେଇ ବିଦ୍ୟୁତ୍ ତାର ଯାଇଥିବାରୁ ଶର୍ଟ ସର୍କିଟରୁ ନିଆଁ ଖସି ଶୁଖିଲାପତ୍ରରେ ଲାଗି ପୁରା ଆଖୁ କିଆରୀ ଜଳି ଯାଇଥିଲା। ଆଖୁ କଟାଯିବା ସମୟ ବେଳେ ଏପରି କ୍ଷତି ହୋଇଥିବାରୁ ଚାଷୀଙ୍କୁ ଋଣ ପରିଶୋଧ ନିମନ୍ତେ ସରକାରୀ ସହାୟତା ପାଇଁ ଦାବି ହେଉଛି।

# ସମୟ ସରିଲା, ମିଳିଲା ନାହିଁ ଦରମା



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଅସ୍ଥାୟୀ କର୍ମଚାରୀ ।

**ନୟାଗଡ଼ ଅଫିସ,୨୪ା୧୨**

- ସ୍ୱାସ୍ଥ୍ୟ ବିଭାଗରେ ବଢ଼ୁଛି ଅବ୍ୟବସ୍ଥା
- ଜିଲାପାଳଙ୍କୁ ଫେରାଦ ହେଲେ କର୍ମଚାରୀ
- ଶ୍ରମ ଆଇନର ଉଲ୍ଲଂଘନ କଲେ ସିଡିଏମ୍ଓ,ଏଜେନ୍ସି

ଆଉଟ ସୋର୍ସିଂ ସଂସ୍ଥାର ସମୟ ସୀମା ଶେଷ ନ ହେଉଣୁ ଆଉ ଏକ ନୂଆ ସଂସ୍ଥା ଦାୟିତ୍ୱ ନେଇ ସାରିଛି । ତେବେ ପୁରୁଣା ଆଉଟ ସୋର୍ସିଂ ସଂସ୍ଥା ପକ୍ଷରୁ ନିୟୋଜିତ ନର୍ସିଂ ଅଫିସର, ଫାର୍ମାସିଷ୍ଟ, ଲାବରୋଟାରୀ ଟେକ୍ନସିଆନ ପ୍ରମୁଖଙ୍କ ୫ମାସର ଦରମା ଆଉଟ ସୋର୍ସିଂ ସଂସ୍ଥା ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ଦେଇ ନାହାନ୍ତି। କର୍ମଚାରୀ ଦରମା ପାଇ ନ ଥିବାବେଳେ ଏହାର ସମାଧାନ ନ କରି ନୂଆ ଆଉଟ ସୋର୍ସିଂ ସଂସ୍ଥାକୁ ଦାୟିତ୍ୱ ଦେବା ଉପରେ ସନ୍ଦେହ ଉଠିଛି । ଏଭଳି ସ୍ଥଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ନର୍ସିଂ ଅଫିସର, ଫାର୍ମାସିଷ୍ଟ, ଲାବରୋଟାରୀ ଟେକ୍ନସିଆନ ମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟି ସେମାନଙ୍କ ଦୁଃଖ ଜଣାଇଛନ୍ତି । ଆଉଟ ସୋର୍ସିଂ ସଂସ୍ଥା ଓ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟଶୈଳୀକୁ ଅନୁଧାନ କଲେ କେହି ହେଲେ କର୍ମଚାରୀଙ୍କ ସୁବିଧା ଅସୁବିଧା ବୁଝୁ ନାହାନ୍ତି । ବିନା ଦରମାରେ ସ୍ୱାସ୍ଥ୍ୟ ବିଭାଗ ଓ ଆଉଟ ସୋର୍ସିଂ ସଂସ୍ଥା ଅସ୍ଥାୟୀ କର୍ମଚାରୀଙ୍କୁ ଖଟାଇ ଚାଲିବା ଶ୍ରମ ଆଇନକୁ ଉଲ୍ଲଂଘନ କରି ଚାଲିଛି । ସିଡିଏମ୍ଓ ଓ ଆଉଟ ସୋର୍ସିଂ ସଂସ୍ଥା ଶ୍ରମ ଆଇନ ଉଲ୍ଲଂଘନ କରିଥିବାରୁ ସେମାନେ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଜଗନ୍ନାଥ ପ୍ରସାଦ ନର୍ସରୀ ଆଉଟ ସୋର୍ସିଂ ସଂସ୍ଥାର ସମୟ ସୀମା ଡିସେମ୍ବର ୨୪ରେ ଶେଷ ହୋଇଛି । ଗତ ୧୫ରୁ ଗଞ୍ଜାମ ଆଉଟ ସୋର୍ସିଂ ସଂସ୍ଥା ଦାୟିତ୍ୱ ପାଇ ସାରିଲେଣି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଗନ୍ନାଥ ପ୍ରସାଦ ନର୍ସରୀ ଆଉଟ ସୋର୍ସିଂ ସଂସ୍ଥା ମାଧ୍ୟମରେ ୧୫୦ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। ସମ୍ପୃକ୍ତ ଆଉଟ ସୋର୍ସିଂ ସଂସ୍ଥା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ କର୍ମଚାରୀମାନେ ୫ମାସର ଦରମା ପାଇ ନାହାନ୍ତି। ସେହିପରି ଜିଲାର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ କର୍ମଚାରୀ ଅନୁରୂପ ଭାବେ ୧ ବର୍ଷ, ୬ମାସର ଦରମା ପାଇ ନାହାନ୍ତି । ବିନା ଦରମାରେ କର୍ମଚାରୀମାନେ ଖଟି ଚାଲିଛନ୍ତି। ନ୍ୟାୟ ପାଇଁ ଅସ୍ଥାୟୀ କର୍ମଚାରୀମାନେ ବିଭିନ୍ନ ସମୟରେ ସିଡିଏମ୍ଓ ଓ ଆଉଟ ସୋର୍ସିଂ ସଂସ୍ଥା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳିନି। ସେହିପରି ଶ୍ରମ ବିଭାଗରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି ବୋଲି କ୍ଷୋଭର ସହ ଅସ୍ଥାୟୀ କର୍ମଚାରୀ ପ୍ରକାଶ କରିଛନ୍ତି। ଏନେଇ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ କୁହନ୍ତି, ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଥିବା ବିଭିନ୍ନ ଆଉଟ ସୋର୍ସିଂ ସଂସ୍ଥାର କର୍ମଚାରୀମାନେ ମାସ ମାସ ଧରି ଦରମା ପାଉ ନ ଥିବା ଅଭିଯୋଗ ହସ୍ତଗତ ହେବା ପରେ ଏହାର ତଦନ୍ତ ଚାଲୁ ରହିଛି । ପ୍ରାଥମିକ ତଦନ୍ତରୁ ଜଣାପଡିଛି ୫ଟି ଆଉଟ ସୋର୍ସିଂ କର୍ମଚାରୀ ନିଯୁକ୍ତି ନେଇ ସିଡିଏମ୍ଓ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ । ସିଡିଏମ୍ଓଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁସାରେ ଚଳିତ ମାସ ଡିସେମ୍ବର ୨୪ରେ ଆଉଟ ସୋର୍ସିଂ ସଂସ୍ଥାର ଅବଧି ଶେଷ ହୋଇଛି। ଏଭଳିସ୍ଥଳେ କର୍ମଚାରୀଙ୍କୁ ତୁରନ୍ତ ବକେୟା ପ୍ରାପ୍ୟ ଦେବା ପାଇଁ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ଚିଠି ମାଧ୍ୟମରେ ଆଉଟ ସୋର୍ସିଂ ସଂସ୍ଥା ଓ ସିଡିଏମଓଙ୍କୁ ଅବଗତ କରାଯାଉଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିନି। ଅବଧି ମଧ୍ୟରେ ବକେୟା ପ୍ରାପ୍ୟ ତୁରନ୍ତ ପଇଠ ହୋଇ ନ ଥିବାରୁ ଶ୍ରମ ଆଇନର ବିଭିନ୍ନ ଧାରା ଓ ନିୟମ ଉଲ୍ଲଂଘନ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ସିଡିଏମ୍ଓଙ୍କୁ ଯୋଗାଯୋଗ କରିବାରୁ ଯେଉଁମାନେ ଅଭିଯୋଗ କରୁଛନ୍ତି ସେମାନେ ଦରମା ନେଇ ସାରିଲେଣି । ଦରମା ପାଇ ନ ଥିଲେ ଅଭିଯୋଗ କରିବା ଦରକାର । ଅନ୍ୟପକ୍ଷେ ନୂଆ ଆଉଟ ସୋର୍ସିଂ ସଂସ୍ଥା ନିୟୋଜିତ ହୋଇଥିଲେ ମଧ୍ୟ କର୍ମଚାରୀଙ୍କ କିଛି ଅସୁବିଧା ହେବନି ବୋଲି ସେ କହିଛନ୍ତି ।

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

metroselfie@gmail.com



@ ଲିପିକା



@ ପ୍ରତାପ



@ ପୂଜା



@ ଜ୍ୟୋତି



@ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଡ଼ଦିନ ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମିଲା



**ଖଣ୍ଡପଡ଼ା,୨୫ା୧୨(ସ୍ୱ.ପ୍ର.)**

**ନୀଳମାଧବ,ଗୋକୁଳାନନ୍ଦଙ୍କ ପୀଠ ଲୋକାରଣ୍ୟ**

ରବିବାର ବଡ଼ଦିନ ପାଇଁ କଣ୍ଟିଲେ ନୀଳମାଧବ ପୀଠ ଓ ମହାନଦୀ କୂଳରେ ଥିବା ଗୋକୁଳାନନ୍ଦଙ୍କ ପୀଠରେ ପର୍ଯ୍ୟଟକ ଭିଡ଼ ଜମିଥିଲା । ବଣଭୋଜି କରିବା ପାଇଁ ଶତାଧିକ ପର୍ଯ୍ୟଟକ ନୀଳମାଧବ ଓ ନିକଟସ୍ଥ ନାରାୟଣୀ ପୀଠରେ ସମାଗମ ହୋଇଥିଲେ । ପ୍ରବଳ ଜନ ଗହଳି ସତ୍ତ୍ୱେ ନୀଳମାଧବଜୀଉଙ୍କ ଦର୍ଶନରେ କୌଣସି ଅସୁବିଧା ପରିଲକ୍ଷିତ ହୋଇ ନ ଥିଲା । ସେହିଭଳି ବଣଭୋଜି ପାଇଁ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ପୀଠ ଓ ହନୁମନ୍ତ ପ୍ରସାଦ ଶ୍ରୀରଘୁନାଥ ଆଶ୍ରମରେ ଲୋକମାନଙ୍କ ଭିଡ଼ ଲାଗି ରହିଥିଲେ ମଧ୍ୟ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା । ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶ ମଧ୍ୟରେ ବଣଭୋଜିର ମଜା ଉଠାଇଥିଲେ । ସେହିପରି ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟସ୍ଥଳୀକୁ ଜିଲା ତଥା ଜିଲା ବାହାରୁ ବହୁ ସଂଖ୍ୟକ ପର୍ଯ୍ୟଟକ ସେମାନଙ୍କ ପରିବାର ବର୍ଗଙ୍କ ସହ ଆସିଥିଲେ । ସେମାନେ ଭୋଜିଭାତର ଆୟୋଜନ କରିଥିଲେ । ତେବେ କେତେଜଣ ଯୁବକ ଏକ ପିକଅପ୍ ଭ୍ୟାନରେ ଗୋକୁଳାନନ୍ଦ ପୀଠକୁ ଆସୁଥିବା ବେଳେ ରାସ୍ତା କଡରେ ଥିବା ଏକ ବିଦ୍ୟୁତ ଖୁଣ୍ଟିରେ ତାଙ୍କ ଗାଡ଼ିଟି ଧକ୍କା ହୋଇଥିଲା । ଫଳରେ ବିଦ୍ୟୁତ ଖୁଣ୍ଟି ଭାଙ୍ଗି ପଡିବା ସହ ତାର ଛିଣ୍ଡି ଯାଇଥିଲା । ଏଥିପାଇଁ ସିଧାମୂଳା ଅଞ୍ଚଳକୁ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବନ୍ଦ ରହିଥିଲା ।

### ବିପଦରେ ୩୩ କେଭି ଲାଇନ, ବିଦ୍ୟୁତ୍ ସେବା ବ୍ୟାହତ

**ଓଡଗାଁ,୨୫ା୧୨(ସ୍ୱ.ପ୍ର.)**

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ଆମ୍ବରପୁର ନିକଟରେ ଆଇଓସିଏଲ ତରଫରୁ ପାଇପ ଲାଇନ ବେପରୁଆ ଭାବେ ଖୋଳା ଯିବାରୁ ୩୩ କେଭି ବିଦ୍ୟୁତ୍ ଲାଇନ ପ୍ରତି ବିପଦ ସୃଷ୍ଟି ହୋଇଛି । ଏହି ଅଏଲ କମ୍ପାନୀ ତରଫରୁ ବିଦ୍ୟୁତ୍ ବିଭାଗକୁ ସୂଚନା ଦିଆ ନ ଯାଇ ଶନିବାର ଅପରାହ୍ନରେ ଆମ୍ବରପୁର ନିକଟରେ ଜେସିବିରେ ଖୋଳା ଯାଇଥିଲା । ନୟାଗଡ଼ରୁ ଓଡ଼ଗାଁ ଆସିଥିବା ୩୩ କେଭି ଲାଇନ ବିଦ୍ୟୁତ ଖୁଣ୍ଟକୁ ଲାଗି ବେପରୁଆ ଭାବେ ଖୋଳାଯାଇଛି । ଫଳରେ ଗୋଟିଏ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଏନେଇ ବିଭାଗୀୟ ଅଧିକାରୀ ସୂଚନା ପାଇବା ପରେ ମରାମତି ଆରମ୍ଭ କରିଛନ୍ତି । ହେଲେ ସନ୍ଧ୍ୟାରୁ ଏହି କାମ ପାଇଁ ଓଡ଼ଗାଁକୁ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିଥିଲା ବୋଲି ବାଣିଜ୍ୟ ପରିଚାଳକ ମନୋଜ ଭୋଇ ପ୍ରକାଶ କରିଛନ୍ତି ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଗୁରୁତ୍ୱ ନାହିଁ

**ନୟାଗଡ଼ ଅଫିସ,୨୫ା୧୨:** ନୟାଗଡ଼ ଜିଲାରେ ୧୯୬ ଡାକ୍ତର ପଦବୀ ଖାଲି ପଡିଛି । ଯେଉଁ ଡାକ୍ତରଖାନାରେ ଡାକ୍ତର ଅଛନ୍ତି ସେଠାରେ ସେବା ମିଳୁନି । ପୁଣି ଉପଯୁକ୍ତ ନିଦାନ ଚିକିତ୍ସା କରା ନ ଯାଇ ରୋଗୀଙ୍କୁ ଭୁବନେଶ୍ୱର ଓ କଟକ ରେଫର କରିଦିଆଯାଉଛି । ଏଭଳି ସ୍ଥଳେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏପରି କି ଶନିବାର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ନୟାଗଡ଼ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ । ହେଲେ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତରେ କୌଣସି ଗୁରୁତ୍ୱ ଦେଇ ନ ଥିଲେ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରମାକେୟାର ସେଣ୍ଟର କାମ କରୁନି। ଅଲଟ୍ରାସାଉଣ୍ଡ ମେଶିନ ଅଚଳ ହୋଇ ପଡିଥିବା ବେଳେ ସିଟିସ୍କାନ ମେଶିନ ନାହିଁ। ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ ସରିଥିଲେ ମଧ୍ୟ ଲୋକାର୍ପଣ ହୋଇ ପାରୁନାହିଁ । ଜିଲାରେ ୧୩ ଲକ୍ଷ ଅଧିବାସୀଙ୍କ ପାଇଁ ଏମ୍‌ବିବିଏସ୍, ଆୟୁଷ ମିଶାଇ ମାତ୍ର ୧୧୬ ଡାକ୍ତର କାର୍ଯ୍ୟ କରୁଛନ୍ତି । ଜିଲାରେ ଥିବା ଡାକ୍ତରଖାନାରେ କାମ କରୁଥିବା ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଆଉଟସୋର୍ସିଂ କମ୍ପାନୀ ୬ ମାସ ଧରି ଦରମା ଦେଉନି। ଜିଲା ମୁଖ୍ୟ ଚିକିତ୍ସାଳୟର ଏହି ସମସ୍ୟାଗୁଡିକ ଉପରେ ମୁଖ୍ୟ ଶାସନ ସଚିବ ମହାପାତ୍ର ଦୃଷ୍ଟି ନ ଦେଇ କେବଳ ୧ଶହ ଶଯ୍ୟା ବିଶିଷ୍ଟ କୋଠା ନିର୍ମାଣ କାର୍ଯ୍ୟ ତଦାରଖ କରି ଫେରିଯିବା ଜିଲାବାସୀଙ୍କୁ ବ୍ୟଥିତ କରିଛି ବୋଲି ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ୍ ଦାଶ ପ୍ରେସ ବିବୃତିରେ କହିଛନ୍ତି। ସେହିପରି କୁସୁମୀ ବ୍ୟାରେଜ ପାଇଁ ଜିଲାର ୪ ବିଧାୟକ ୨୦୧୯ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ୨ ବର୍ଷ ମଧ୍ୟରେ ବ୍ୟାରେଜ ନିର୍ମାଣ କାମ ସମ୍ପୂର୍ଣ୍ଣ ହେବ, ମୁଖ୍ୟମନ୍ତ୍ରୀ ସେହି ବ୍ୟାରେଜ୍‌କୁ ଉଦ୍‌ଘାଟନ କରିବେ ବୋଲି ଘୋଷଣା କରିଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ କୁସୁମୀ ବ୍ୟାରେଜ କାମ ମାତ୍ର ୪୦ ପ୍ରତିଶତ ହୋଇ ପାରିନାହିଁ। ଏହାପରେ ବି ବ୍ୟାରେଜ୍ ନିର୍ମାଣ କରୁଥିବା ଠିକାସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଏଥିରେ ନେତା-ଠିକାଦାର କୋଳାକୋଳି ସ୍ପଷ୍ଟ ହୋଇଛି। ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ପାଇଁ ମୂଳ ଅଟକଳ ଅର୍ଥରାଶି ବଢ଼ି ଦୁଇଗୁଣ ହେଲାଣି । ରାଜ୍ୟ ରାଜକୋଷରୁ ବହୁ କୋଟି ଟଙ୍କା ବରବାଦ ହେଉଛି । କିନ୍ତୁ ମୁଖ୍ୟ ଶାସନ ସଚିବ ଏଥିପ୍ରତି ଗୁରୁତ୍ୱ ଦେଇନାହାନ୍ତି ବୋଲି ଜିଲା କଂଗ୍ରେସ ଅନୁରୂପ ଅଭିଯୋଗ ଆଣିଛି । ସେହିଭଳି ନୟାଗଡ଼ ବଲାଙ୍ଗୀ ପାର୍କ ପ୍ରକଳ୍ପ ପାଇଁ ଅଟକଳ ହୋଇ ପାରିନାହିଁ । ତଥାପି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି । ଏହି ପ୍ରକଳ୍ପର ଡିଟେଲ ପ୍ରୋଜେକ୍ଟ ରିପୋର୍ଟ ନ ଥିବା ଯୋଗୁ ଏଥିରେ ୫-ଟିର ସ୍ୱଚ୍ଛତା ନାହିଁ । ମୁଖ୍ୟ ଶାସନ ସଚିବ ଏଥିପ୍ରତି ଧ୍ୟାନ ଦେବା ଉଚିତ ବୋଲି ଜିଲା କଂଗ୍ରେସ ସଭାପତି କହିଛନ୍ତି।

# ନୟାଗଡ଼ ମାଟି ଦିଏ ନୂଆ ଚେତନା

**ନୟାଗଡ଼ ଅଫିସ,୨୫ା୧୨**



ଜିଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରମାନେ ପାଲା ପରିବେଷଣ କରୁଛନ୍ତି।

**ଜିଲା ମହୋତ୍ସବର ୨ୟ ସନ୍ଧ୍ୟା**

ରବିବାର ଥିଲା ନୟାଗଡ଼ ଜିଲା ମହୋତ୍ସବର ୨ୟ ସନ୍ଧ୍ୟା । ସ୍ଥାନୀୟ ଷ୍ଟାଡିୟମରେ ଆୟୋଜିତ ଏହି ଉତ୍ସବର ଶିତୁଆ ସନ୍ଧ୍ୟାରେ ଦେଖିବାକୁ ମିଳିଥିଲା ପ୍ରବଳ ଜନସମାଗମ । ନୂଆ ସ୍ଥାନ, ସହର ଠାରୁ ଦୂର ଓ ରୁଖି ପାହାଡ ତଳେ ହେଉଥିବାରୁ ଲୋକଙ୍କ ଭିଡ କମିବା ଆଶା କରାଯାଉଥିଲା । ହେଲେ ଦିନକୁ ଦିନ ଲୋକ ସଂଖ୍ୟାବଢ଼ି ଚାଲିଛି । ମଞ୍ଚରେ ଅପରାହ୍ନରେ ପାଲା ଦେଖିବାକୁ ମିଳିଥିଲା । ପାଲା ବଖାଣିଲା ନୟାଗଡ଼ ଜିଲାର ଐତିହ୍ୟ, ଭାଇଚାରା ଓ ସାହିତ୍ୟର କଥା । ଏଠାର ମାଟି ଦେଉଛି ନୂଆ ଚେତନା । ମାଟି ସଂସ୍ପର୍ଶରେ ଆସି ଅନେକ ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣିବା ସହ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି । ଘୁମୁସରରୁ ଆସି କବି ଉପେନ୍ଦ୍ର ଭଞ୍ଜ ବୈଦେହୀଶ ବିଳାସ ଲେଖି କବି ସମ୍ରାଟ ହୋଇ ପାରିଛନ୍ତି। ଆଠଗଡରୁ ଆସି ଯଦୁମଣି ହାସ୍ୟ କବି ଅଥବା ଉତ୍କଳ ଘଣ୍ଟ ଉପାଧି ପାଇଥିଲେ। ତାନ୍‌ସେନ ସିଂଙ୍କ ଆସ କିଏ ଖାଇବେ ହୋ ଆମ ରାଜା ବାବୁ ଘର ଖାନା, ନବ ମିଶ୍ର ଭଜନରେ ନାଁ କମାଇ ପାରିଥିଲେ। ପଠାଣି ସାମନ୍ତଙ୍କ ବାଉଁଶ ନଳୀରେ ଗ୍ରହ ଓ ନକ୍ଷତ୍ର ଗଣନା ବିଶ୍ୱକୁ ଦିଗ୍ ଦର୍ଶନ ଦେଇଥିଲା । ପୁଅ ଗଦାଧର ସିଂହ ସାମନ୍ତଙ୍କ ଡୁମ୍ପା ସଙ୍ଗୀତ ଲୋକପ୍ରିୟତା ବଜାଇ ରଖିଛି । ଗୋଡିପଡାର ଉଦ୍ୟନାଥ ପୃଷ୍ଟି ଓଡ଼ିଶୀ କୀର୍ତ୍ତନରେ ଜଣେ ଆଗଧାଡିର ଗାୟକ ହୋଇ ନାଁ ରଖିଛନ୍ତି। ବିଶ୍ୱନାଥ ପଟ୍ଟଯୋଶୀ ପାଲାଜଗତର ସମ୍ରାଟ ହୋଇ ନୟାଗଡ଼ର ସୁନାମ ଆଣିଛନ୍ତି । ଗୋଡିପଡ଼ାର ଶ୍ରୀଧର ଦାଶ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀର ସଭାପତି ଥିଲେ ବୋଲି ମନୋଜ ମିଶ୍ରଙ୍କ ପାଲା ରେ ଦେଖିବାକୁ ମିଳିଛି । ଗୋଡିପଡାର ମନୋଜ ମିଶ୍ରଙ୍କ ପାଲା ଦଳରେ ବାୟକ ଦୀନବନ୍ଧୁ ସାହୁ, ପାଳିଆ ଫକୀର ମୋହନ ସେନାପତି, ରମେଶ ମଲ ସାମିଲ ଥିଲେ । ସେହିପରି ଗୋଡିପଡା ହରିଡାବନ୍ଧର ଗୋପାଳ ସିଠ ଓ ଖଣ୍ଡପଡା ଶାଳଝରିଆର ଲଡୁକିଶୋର ଶୁକ୍ଲଙ୍କ ଦାଶକାଠିଆ ଅନୁରୂପ ଆକର୍ଷଣ ଥିଲା । ସେହିପରି ବର୍ଷା ଡ୍ୟାନ୍ସ ଗ୍ରୁପର ନୟାଗଡ଼ ବନ୍ଦନା ଓ ରକ୍‌ଷ୍ଟାର ଡ୍ୟାନ୍ସ ଗ୍ରୁପର ସ୍ୱଚ୍ଛ ନୟାଗଡ଼ ନୃତ୍ୟରେ ଦର୍ଶକ ବୁଡି ରହିଥିଲେ । ଶୀଳତପୀଙ୍କ ପ୍ରଦର୍ଶନୀ ଥିଲା ନିଆରା । ସେହିପରି ସଙ୍ଗୀତ ସାଧନା ଲୋଇସିଂହା ବଲାଙ୍ଗୀରର ରସରକେଳି, ରଙ୍ଗବତୀ, ନଚିନିଆ, ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ସେହିପରି ଆର୍ଯ୍ୟନ୍ ମଡର୍ଣ୍ଣ ଡ୍ୟାନ୍ସ ଭୁବନେଶ୍ୱର ପକ୍ଷରୁ ମେଲୋଡି ସିଙ୍ଗର, ମଡର୍ଣ୍ଣ ଡ୍ୟାନ୍ସ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ, ଖଣ୍ଡପଡା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଏସ୍‌ପି ଅଲେଖ ଚନ୍ଦ୍ର ପାହି, ଜିଲା ପରିଷଦ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।



ଆମେରିକାର ନର୍ଦର୍ନ କାଲିଫର୍ନିଆସ୍ଥିତ ଲୋଦି ସହରରେ ମିକି ହୋଥି ମେୟର ଭାବେ ନିଯୁକ୍ତ ହୋଇଛନ୍ତି। ସେ ହେଉଛନ୍ତି ପ୍ରଥମ ଶିଖ୍ ଯେ, କାଲିଫର୍ନିଆ ସହରରେ ମେୟର ଦାୟିତ୍ୱ ଗ୍ରହଣ କରିଛନ୍ତି। ନବନିର୍ବାଚିତ କାଉନ୍‌ସିଲ-ଓମ୍ୟାନ୍ ଲିସା କ୍ରେଗ୍‌ଙ୍କ ଦ୍ୱାରା ମିକି ମନୋନୀତ ହୋଇଛନ୍ତି। ପୂର୍ବରୁ ମିକି ଭାଇସ୍ ମେୟର ଭାବେ କାର୍ଯ୍ୟ କରୁଥିଲେ।

## ସଂକ୍ଷେପରେ

### ବିଶ୍ୱରେ ଶାନ୍ତିର ମରୁଡ଼ି: ପୋପ୍

**ଭାଟିକାନ୍ ସିଟି,୨୫।୧୨:** ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ନିନ୍ଦା କରିବା ସହ ଯୁଦ୍ଧାବସାନ ପାଇଁ ଆହ୍ୱାନ ଦେଇଛନ୍ତି। ନିଜ ଦଶମ ଖ୍ରିଷ୍ଟମାସ ଦିବସ ସମ୍ବୋଧନ ବେଳେ ପୋପ୍ କହିଛନ୍ତି, ସମ୍ପ୍ରତି ବିଶ୍ୱ 'ଶାନ୍ତିର ମରୁଡ଼ି'କୁ ସାମ୍ନା କରୁଛି। ଏଭଳି ସମୟରେ ଖାଦ୍ୟକୁ ଯୁଦ୍ଧର ଏକ ଅସ୍ତ୍ର ଭାବେ ବ୍ୟବହାର କରା ନ ଯାଉ। ସେହିପରି ମଧ୍ୟପ୍ରାଚ୍ୟ, ମ୍ୟାନ୍‌ମାର, ହାଇତି ଓ ଆଫ୍ରିକାର ସହେଲ ଅଞ୍ଚଳରେ ସଂଘର୍ଷ ଯୋଗୁ ମାନବିକ ସଙ୍କଟ ସୃଷ୍ଟି ହୋଇଥିବା ୮୬ ବର୍ଷୀୟ ପୋପ୍ କହିଛନ୍ତି।

### ମାଙ୍ଗାଲୁରୁରେ ୧୪୪ ଧାରା

**ବେଙ୍ଗାଲୁରୁ, ୨୫।୧୨:** କର୍ନାଟକ ମାଙ୍ଗାଲୁରୁର କାଟିପାଲ୍ଲାରେ ଜଣେ ୪୫ ବର୍ଷୀୟ ଯୁବକଙ୍କ ହତ୍ୟା ପରେ ସୁରାଧକାଲ, ବାଜପେଲ କଭୁର ଏବଂ ପାନାମ୍ବୁର ଅଞ୍ଚଳରେ ଜିଲାପାଳ ୧୪୪ ଧାରା ଜାରି କରିଛନ୍ତି। ରବିବାରଠାରୁ ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ଏହା ଜାରି ରହିବ। ତେବେ ନୂଆ ବର୍ଷ ଅବସରରେ ଏଭଳି ଅଘଟଣ ଆଶଙ୍କା କରି ଏ ପ୍ରକାର ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ମୃତକ ଜଲିଲ ଶନିବାର କାଟିପାଲ୍ଲାର ଏକ ଦୋକାନ ସାମ୍ନାରେ ଛିଡ଼ା ରହିଥିବାବେଳେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଜଲିଲଙ୍କୁ ଆହତ ଅବସ୍ଥାରେ ନିକଟସ୍ଥ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୁକ୍ତଙ୍କ ଚିହ୍ନଟ ହୋଇ ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଉରି ସେକ୍ଟରରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ

**ଶ୍ରୀନଗର,୨୫।୧୨(ପି.ଟି.):** ଜମ୍ମୁ-କଶ୍ମୀରର ବାରମୂଲ୍ଲା ଜିଲା ଅନ୍ତର୍ଗତ ଉରି ସେକ୍ଟରରୁ ସୈନ୍ୟବାହିନୀ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ କରିଛି। ଜବତ ଅସ୍ତ୍ର ମଧ୍ୟରେ ୮ଟି ଏକେ-୭୪ ରାଇଫଲ,୨୪ ଏକେ-୭୪ ରାଇଫଲ ମାଗାଜିନ, ଗୁଳିଗୋଳା, ୧୨.୩୦ଏମ୍‌ଏମ୍ ଚାଇନା ପିସ୍ତଲ, ୨୪ ଚାଇନା ପିସ୍ତଲ ମାଗାଜିନ, ୯ଟି ଚାଇନା ହ୍ୟାଣ୍ଡ ଗ୍ରେନେଡ, ୫ ପାକିସ୍ତାନୀ ହ୍ୟାଣ୍ଡ ଗ୍ରେନେଡ୍ ଏବଂ 'ଆଇ ଲଭ୍ ପାକିସ୍ତାନ' ଲେଖାଥିବା ୮୧ଟି ବେଲୁନ୍ ରହିଥିବା ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। କିଛି ଦିନ ହେଲା ପାକିସ୍ତାନ ପଟୁ ଆତଙ୍କବାଦୀମାନେ କଶ୍ମୀରରେ ଅନୁପ୍ରବେଶ କରିବା ସହ ନିଶାଦ୍ରବ୍ୟ ଏବଂ ଅସ୍ତ୍ରଶସ୍ତ୍ର ପ୍ରେରଣ କରିବା ଲାଗି ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ଏକାଧିକ ଗୋଇନ୍ଦା ତଥ୍ୟ ଆଧାରରେ ଶୁକ୍ରବାର ସୁରକ୍ଷା ବଳ ଦୀର୍ଘ ୮ ଘଣ୍ଟାର ତଲାସି ଅଭିଯାନ ପରେ ଅସ୍ତ୍ରଶସ୍ତ୍ର, ଯୁଦ୍ଧଭଳି ଭଣ୍ଡାର ଜବତ କରିଥିଲା ବୋଲି ସେନାର ଜେନେରାଲ କମାଣ୍ଡିଂ ଅଫିସର ଅଜୟ ଚାନ୍ଦପୁରିଆ କହିଛନ୍ତି।

### ଆଫଗାନ୍ ମହିଳାଙ୍କୁ ଏନ୍‌ଜିଓରେ କାମ କରିବା ବାରଣକୁ ଆମେରିକାର ନିନ୍ଦା

**କାବୁଲ,୨୫।୧୨:** ଆଫଗାନ୍ ମହିଳାଙ୍କୁ ଅଣ ସରକାରୀ ସଙ୍ଗଠନ (ଏନ୍‌ଜିଓ)ରେ କାମ କରିବାକୁ ତାଲିବାନ ସରକାର ମନା କରିବା ପରେ ଆମେରିକା ଏହାକୁ ନିନ୍ଦା କରିଛି। କଠୋରପନ୍ଥୀ ତାଲିବାନର ଏହି ନିଷ୍ପତ୍ତି ଅନେକ ନିୟୁତ ଲୋକଙ୍କ ସୁରକ୍ଷାକୁ ବିପଦରେ ପକାଇ ଦେଇଛି। ଗତବର୍ଷ ଅଗଷ୍ଟରେ ତାଲିବାନ୍ କାବୁଲ୍‌କୁ ବଳପୂର୍ବକ ନିଜ ଦଖଲକୁ ଆଣିବା ପରେ ଦେଶର ଅର୍ଥନୀତି ଦୁର୍ବଳ ହୋଇପଡ଼ିଛି। ଅନ୍ୟପକ୍ଷେ ୩ ବିଦେଶୀ ଏନ୍‌ଜିଓ ଆଫଗାନ୍‌କୁ କରୁଥିବା ସହଯୋଗ ବନ୍ଦ କରିଦେଇଛନ୍ତି। ଏନ୍‌ଜିଓରେ କାମ କରୁଥିବା ମହିଳାମାନେ ଇସ୍‌ଲାମୀୟ ନିୟମ ଅନୁସାରେ ମୁଣ୍ଡରେ ହେଡ୍ ସ୍କାର୍ଫ ପିନ୍ଧୁ ନ ଥିବା ଯୋଗୁ ତାଲିବାନ ସରକାରଙ୍କ ପକ୍ଷରୁ ଏ ପ୍ରକାର ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

# ସିଏଜି ଧରିଲେ ଏନ୍‌ଆର୍‌ସି ଅନିୟମିତତା

## ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡ଼ିଛନ୍ତି ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଆବେଦନକାରୀ

**ନୂଆଦିଲ୍ଲୀ,୨୫।୧୨**



୨୦୧୯ ଜୁଲାଇ ୩୦ରେ ଚୂଡ଼ାନ୍ତ ଚିଠା ପ୍ରକାଶ ପାଇବା ପରେ ନଗାଓଁ ସେବା କେନ୍ଦ୍ରରେ ନାମ ଯାଞ୍ଚ ପାଇଁ ଥିବା ମହିଳାମାନେ।

ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଅପ୍‌ଡେଟ୍ ବେଳେ ବ୍ୟାପକ ଅନିୟମିତତା ହୋଇଥିବା ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ(ସିଏଜି) ଜାଣିବାକୁ ପାଇଛନ୍ତି। ଏନ୍‌ଆର୍‌ସି ତାଲିକା ଅପ୍‌ଡେଟ୍ ପାଇଁ ଉପଯୁକ୍ତ ଯୋଜନା କରାଯାଇ ନ ଥିଲା। ୨୧୫ ସଫ୍ଟୱେରକୁ ଅବ୍ୟବସ୍ଥିତ ଢଙ୍ଗରେ ବ୍ୟବହାର କରାଯାଇଥିଲା। ଏପରି କି ସଫ୍ଟୱେର ଡେଭେଲପ୍‌ମେଣ୍ଟ ପାଇଁ ଆବଶ୍ୟକ ପ୍ରକ୍ରିୟାର ଅନୁସରଣ ମଧ୍ୟ କରାଯାଇ ନ ଥିଲା। ଆସାମ ବିଧାନସଭାରେ ଶୁକ୍ରବାର ଉପସ୍ଥାପିତ ସିଏଜି ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ୧,୫୭୯.୭୮ କୋଟି ଟଙ୍କା ଖର୍ଚ୍ଚ ଏବଂ ୪୦,୦୦୦ରୁ ୭୧,୦୦୦ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସତ୍ତ୍ୱେ ଉପରୋକ୍ତ ଅନିୟମିତତା ଯୋଗୁ ଏକ ବୈଧ, ତ୍ରୁଟିମୁକ୍ତ ଜାତୀୟ ନାଗରିକ ପଞ୍ଜିକା ପ୍ରସ୍ତୁତି ଲକ୍ଷ୍ୟ ପୂରଣ ହୋଇପାରି ନାହିଁ ବୋଲି ସିଏଜି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଆସାମରେ ୧୯୭୧ ମାର୍ଚ୍ଚ ୨୫ ପରଠାରୁ ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୯୫୧ ଏନ୍‌ଆର୍‌ସିକୁ ଅପ୍‌ଡେଟ୍ କରାଯାଇଥିଲା। ଏନ୍‌ଆର୍‌ସି ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ୩୩ ନିୟୁତ ଲୋକ ଆବେଦନ କରିଥିଲେ। ୨୦୧୯ ଅଗଷ୍ଟ ୩୧ରେ ପ୍ରକାଶିତ ଚୂଡ଼ାନ୍ତ ଏନ୍‌ଆର୍‌ସି ତାଲିକାରେ ୩,୧୧,୨୧,୦୦୪ ଲୋକଙ୍କୁ ସାମିଲ କରାଯାଇଥିବାବେଳେ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଜଣଙ୍କୁ ଅଯୋଗ୍ୟ ଦର୍ଶାଯାଇ ବାଦ୍ ଦିଆଯାଇଥିଲା। ଆସାମରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀମାନଙ୍କୁ ଚିହ୍ନଟ କରିବା ଏହାର ଉଦ୍ଦେଶ୍ୟ ବୋଲି ଏନ୍‌ଆର୍‌ସି ପକ୍ଷରୁ କୁହାଯାଇଥିଲା। ତେବେ ଏହି ତାଲିକାରେ ସ୍ଥାନ ପାଇ ନ ଥିବା ବ୍ୟକ୍ତିଙ୍କୁ ବିଦେଶୀ ଘୋଷଣା କରାଯିବ ନାହିଁ ଏବଂ ସେ ଫରେନର୍ସ ଟ୍ରିବ୍ୟୁନାଲରେ ଆବେଦନ କରିପାରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସେତେବେଳେ ସ୍ପଷ୍ଟ କରିଥିଲା। ୨୦୨୦ ମାର୍ଚ୍ଚ ୩୧ରେ ଶେଷ ହେଉଥିବା ଆର୍ଥିକ ବର୍ଷ ପାଇଁ ସିଏସି ପ୍ରସ୍ତୁତ କରିଥିବା ରିପୋର୍ଟକୁ ଶୁକ୍ରବାର ଆସାମ ବିଧାନସଭାରେ ଉପସ୍ଥାପନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଏନ୍‌ଆର୍‌ସି ଅପ୍‌ଡେଶନ୍ ପ୍ରକ୍ରିୟା ପାଇଁ ଏକ ଉଚ୍ଚ ସୁରକ୍ଷିତ ଓ ବିଶ୍ୱସ୍ତ ସଫ୍ଟୱେର ବିକଶିତ କରିବା ଆବଶ୍ୟକ ଥିଲା। କିନ୍ତୁ ଏହା ଉପରେ ଉପଯୁକ୍ତ ଯୋଜନା ନ କରି ୨୧୫ ସଫ୍ଟୱେର ସୁବିଧାକୁ ଅବ୍ୟବସ୍ଥିତ ଢଙ୍ଗରେ ବ୍ୟବହାର କରାଯାଇଥିଲା। ସଫ୍ଟୱେର ଡେଭେଲପ୍‌ମେଣ୍ଟ ପାଇଁ ଆବଶ୍ୟକ ପ୍ରକ୍ରିୟାର ଅନୁସରଣ ନ କରି ଏସବୁ କରାଯାଇଥିଲା। ଏପରି କି ସଫ୍ଟୱେରଗୁଡ଼ିକର ବିକ୍ରେତାଙ୍କ ଚୟନ କ୍ଷେତ୍ରରେ ଜାତୀୟସ୍ତରୀୟ ଯୋଗ୍ୟତା ମାପଦଣ୍ଡକୁ ଆପଣାଯାଇ ନ ଥିଲା। ଏଥିଯୋଗୁ ଏନ୍‌ଆର୍‌ସି ତଥ୍ୟ ସଂଗ୍ରହ ଓ ସଂଶୋଧନ କ୍ଷେତ୍ରରେ ଡେଟା ଟ୍ୟାମ୍ପରିଂ ହୋଇଛି। ଏସବୁ ସକାଶେ କୌଣସି ଅଡିଟ୍ ଟ୍ରାଏଲ୍ ମଧ୍ୟ କରାଯାଇ ନ ଥିଲା। ଉପଯୁକ୍ତ ସମୀକ୍ଷା କରାଯାଇଥିଲେ ଏନ୍‌ଆର୍‌ସି ଡେଟାର ସତ୍ୟନିଷ୍ଠତା ପାଇଁ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରାଯାଇପାରିଥାଆନ୍ତା ବୋଲି ସିଏଜି ନିଜ ରିପୋର୍ଟରେ ଦର୍ଶାଇଛନ୍ତି। ସିଏଜି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୧,୫୭୯.୭୮ କୋଟି ଟଙ୍କା ଖର୍ଚ୍ଚ ଏବଂ ୪୦,୦୦୦ରୁ ୭୧,୦୦୦ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସତ୍ତ୍ୱେ ଉପରୋକ୍ତ ଅନିୟମିତତା ଯୋଗୁ ଏକ ବୈଧ, ତ୍ରୁଟିମୁକ୍ତ ଜାତୀୟ ନାଗରିକ ପଞ୍ଜିକା ତାଲିକା ପ୍ରସ୍ତୁତି ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ୨୦୧୪ରେ ଏନ୍‌ଆର୍‌ସି ପ୍ରସ୍ତୁତି ପାଇଁ ୨୮୮.୧୮ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ହୋଇଥିଲା। କିନ୍ତୁ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାରେ ଆହୁରି ୫ ବର୍ଷ ଲାଗିବାରୁ ଏନ୍‌ଆର୍‌ସିର ମୂଳ ସଫ୍ଟୱେର ଅପ୍‌ଡେଟ୍ ଲାଗି ପ୍ରୋଜେକ୍ଟ ଖର୍ଚ୍ଚ ୧,୬୦୨.୬୬ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ତେଣୁ ଏନ୍‌ଆର୍‌ସି ରାଜ୍ୟ କୋ-ଅର୍ଡିନେଟର(ସମନ୍ୱୟକାରୀ)ଙ୍କୁ ଏହି ଅନିୟମିତତା ପାଇଁ ଉତ୍ତରଦାୟୀ କରାଯାଉ। ଏଥିସହ ସମୟବଦ୍ଧ ଭାବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସିଏଜି ସୁପାରିସ କରିଛନ୍ତି। କେବଳ ଏତିକି ନୁହେଁ, ଡାଟା ଏଣ୍ଟ୍ରି ଅପରେଟର୍ସଙ୍କୁ ସର୍ବନିମ୍ନ ମଜୁରିଠାରୁ କମ୍ ଦେୟ ଦିଆଯାଇଥିବାରୁ ମିନିମମ୍ ୱେଜେସ୍ ଆକ୍ଟ ଉଲ୍ଲଂଘନ ଲାଗି ସିଷ୍ଟମ୍ ଇଣ୍ଟିଗେଟର୍ ୱିପ୍ରୋ ଲିମିଟେଡ୍ ବିରୋଧରେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସିଏଜି ନିର୍ଦ୍ଦେଶ ଦେଇଛନ୍ତି।

ଏନେଇ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଏନ୍‌ଆର୍‌ସି ଅପ୍‌ଡେଶନ୍‌ରେ ଅନିୟମିତତା ସମ୍ପର୍କିତ ସିଏଜି ରିପୋର୍ଟକୁ ଆମେ ଅପେକ୍ଷା କରିଥିଲୁ। ଏବେ ଉକ୍ତ ରିପୋର୍ଟ ଉପସ୍ଥାପନ ହୋଇସାରିଛି। ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆମେ ବିଚାରବିମର୍ଶ କରିବୁ। ପ୍ରକାଶ ଯେ, ୨୦୧୯ ଅଗଷ୍ଟରେ ଏନ୍‌ଆର୍‌ସି ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବାର କିଛି ସପ୍ତାହ ମଧ୍ୟରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ପ୍ରତୀକ ହାଜେଲା ଏନ୍‌ଆର୍‌ସି କୋ-ଅର୍ଡିନେଟର ଥିଲେ। ହାଲେଜାଙ୍କ ତତ୍ତ୍ୱାବଧାନରେ ଏହି ପ୍ରକ୍ରିୟା ଶେଷ ହେବା ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଜ ରାଜ୍ୟ ମଧ୍ୟପ୍ରଦେଶକୁ ବଦଳି କରାଯାଇଥିଲା। ଅନ୍ୟପକ୍ଷେ ଚୂଡ଼ାନ୍ତ ଏନ୍‌ଆର୍‌ସିରେ ଅନେକ ଅନିୟମିତତା ଥିବା ଏବଂ ସେଥିରୁ ଯୋଗ୍ୟ ବ୍ୟକ୍ତିମାନେ ବାଦ୍ ପଡ଼ିବା ସହ ବେଆଇନ ଅନୁପ୍ରବେଶକାରୀଙ୍କୁ ତାଲିକାରେ ସାମିଲ କରାଯାଇଥିବା ଦର୍ଶାଇ ରାଜ୍ୟର ଭାଜପା ନେତୃତ୍ୱାଧୀନ ସରକାର ଏହାକୁ ଖାରଜ କରିଦେଇଥିଲେ। ସମ୍ପୂର୍ଣ୍ଣ ପ୍ରକ୍ରିୟାର ସମୀକ୍ଷା ପାଇଁ ଆସାମ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟର ଅନ୍ୟ କେତେକ ସଙ୍ଗଠନ ମଧ୍ୟ ଏହି ତାଲିକାକୁ ଅଗ୍ରାହ୍ୟ କରିବା ସହ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ବର୍ତ୍ତମାନ ଏହି ସବୁ ପିଟିଶନ ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ ମଧ୍ୟ ଏନ୍‌ଆର୍‌ସି ତାଲିକା ଉପରେ କୌଣସି ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ଗତ ମେ'ରେ ଷ୍ଟେଟ୍ କୋ-ଅର୍ଡିନେଟର ହିତେଶ ଦେବଶର୍ମା ତାଙ୍କ ପୂର୍ବସୂରୀ ହାଜେଲାଙ୍କ ବିରୋଧରେ ଥାନାରେ ଦେଶଦ୍ରୋହ ମାମଲା ରୁଜୁ ପାଇଁ ଏତଲା ଦେଇଥିଲେ।

### ଆସାମ ବିଧାନସଭାରେ ରିପୋର୍ଟ ଉପସ୍ଥାପିତ

- ତାଲିକା ଅପ୍‌ଡେଟ୍ ପାଇଁ ଉପଯୁକ୍ତ ଯୋଜନା କରାଯାଇ ନ ଥିଲା
- ୨୧୫ ସଫ୍ଟୱେରକୁ ଅବ୍ୟବସ୍ଥିତ ଢଙ୍ଗରେ ବ୍ୟବହାର କରାଯାଇଥିଲା
- ଏକ ବୈଧ, ତ୍ରୁଟିମୁକ୍ତ ଜାତୀୟ ନାଗରିକ ପଞ୍ଜିକା ପ୍ରସ୍ତୁତ ହୋଇପାରିନି

### ବିମାନବନ୍ଦର ନିକଟରେ ରହୁଥିଲେ ମିଳିବନି ୫ଜି ସେବା



**ନୂଆଦିଲ୍ଲୀ,୨୫।୧୨**

ଭାରତରେ ୫ଜି ଟେଲିକମ୍ ସେବା ଗତ ଅକ୍ଟୋବର ମାସରୁ ଆରମ୍ଭ ହୋଇଛି। ୩ଜି ଏବଂ ୪ଜି ତୁଳନାରେ ଏହା ଅଧିକ ଉନ୍ନତ ଓ ଦ୍ରୁତ ସେବା ଯୋଗାଇଦେବ। ଖୁବ୍‌ଶୀଘ୍ର ଦେଶର କୋଟି କୋଟି ଲୋକ ସେମାନଙ୍କ ମୋବାଇଲ ଫୋନ୍ ଏବଂ କମ୍ପ୍ୟୁଟରରେ ଦ୍ରୁତ ଷ୍ଟ୍ରିମିଂ, ଗେମିଂ ଏବଂ କାର୍ଯ୍ୟ କରିବାର ଅଭିଜ୍ଞତା ଅନୁଭବ କରିବେ। ତେବେ ଦେଶର ବିମାନବନ୍ଦର ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଲକ୍ଷ ଲକ୍ଷ ଲୋକ ୫ଜି ସେବା ପାଇବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଏହି ସି-ବ୍ରାଣ୍ଡ୍ ୫ଜି ଏୟାରୱେଭ୍ ବିମାନର ରେଡିଓ ଅଲ୍‌ଟିମିଟର (ରାଡାର) ପାଇଁ ସମସ୍ୟା ସୃଷ୍ଟି କରିବ। କାରଣ ବିମାନ ଉଡ଼ାଣ ଓ ଅବତରଣ ସମୟରେ ପାଇଲଟ୍‌ମାନେ ରାଡାର ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ସେଥିପାଇଁ ବିମାନବନ୍ଦରର ୨.୧ କିଲୋମିଟର ପରିଧି ମଧ୍ୟରେ ସି-ବ୍ୟାଣ୍ଡ୍ ୫ଜି ଟାୱାର ସ୍ଥାପନ ନ କରିବାକୁ ଟେଲିକମ୍ ବିଭାଗ ନିକଟରେ ଭାରତୀ ଏୟାରଟେଲ୍, ରିଲାଏନ୍ସ ଜିଓ ଏବଂ ଭୋଡାଫୋନ୍‌କୁ ପତ୍ର ଲେଖିଛି। ୩,୩୦୦ରୁ ୩,୬୭୦ ମେଗାହର୍ଜର ୫ଜି/ଆଇଏମ୍‌ଟି ବେସ୍ ଷ୍ଟେଶନ ବିମାନବନ୍ଦର ରନ୍‌ୱେର ଉଭୟ ମୁଣ୍ଡରୁ ୨,୧୦୦ ମିଟର ଏବଂ ରନ୍‌ୱେ ସେଣ୍ଟର ଲାଇନଠାରୁ ୯୧୦ ମିଟର ଦୂରତା ମଧ୍ୟରେ ସ୍ଥାପନ କରାଯାଇପାରିବ ନାହିଁ ବୋଲି ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ କୁହାଯାଇଛି। ଏୟାରଟେଲ୍ ନାଗପୁର, ବେଙ୍ଗାଲୁରୁ, ନୂଆଦିଲ୍ଲୀ, ଗୁଆହାଟୀ ଏବଂ ପୁଣେ ବିମାନବନ୍ଦର ନିକଟରେ ୫ଜି ବେସ୍ ଷ୍ଟେଶନ ସ୍ଥାପନ କରିଥିବାବେଳେ ଜିଓ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ବେସ୍ ଷ୍ଟେଶନ ବସାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିମାନବନ୍ଦରଗୁଡ଼ିକରୁ ସମସ୍ତ ରେଡିଓ ଅଲ୍‌ଟିମିଟର ଫିଲ୍ଟର ନ ହଟାଇବା ପର୍ଯ୍ୟନ୍ତ ଏହି ନିୟମ ଲାଗୁ ହେବ।

# ବମ୍ବ ସାଇକ୍ଲୋନ୍‌ରେ ୧୮ ମୃତ



ଆମେରିକାରେ ଶୀତଦିନିଆ ଝଡ଼ବାତ୍ୟାରେ ରାସ୍ତା ଓ ଘର ଉପରେ ବରଫ ଜମିଯାଇଛି।

**ୱାଶିଂଟନ,୨୫।୧୨**

ଆମେରିକାରେ ବମ୍ବ ସାଇକ୍ଲୋନ୍ (ଶୀତଦିନିଆ ବାତ୍ୟା)ରେ ୧୮ ଜଣଙ୍କ ଜୀବନ ଗଲାଣି। ବମ୍ବ ସାଇକ୍ଲୋନ୍ ଯୋଗୁ ଦେଶରେ ଶୀତ ସବୁ ରେକର୍ଡ ଭାଙ୍ଗିଛି। ଅନେକ ଅଞ୍ଚଳରେ ତାପମାତ୍ରା ବିୟୁକ୍ତ ୪୫ ଡିଗ୍ରୀକୁ ଖସିବା ଫଳରେ ଲକ୍ଷାଧିକ ଆମେରିକୀୟଙ୍କ ଖ୍ରୀଷ୍ଟମାସ ଛୁଟି ଯୋଜନାକୁ ଫିକା କରିଦେଇଛି। ବିମାନ ବାତିଲ ଯୋଗୁ ହଜାର ହଜାର ଯାତ୍ରୀ ଅଟକି ରହିଛନ୍ତି। ଶୁକ୍ରବାର ୫,୯୩୪ ବିମାନ ବାତିଲ ହୋଇଥିଲା। ଭୀଷଣ ପାଗକୁ ନେଇ ଆମେରିକାର ନ୍ୟାଶନାଲ ୱେଦର ସର୍ଭିସ ୨୪ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ସତର୍କ କରାଇଛି। ଶୀତରୁ ବର୍ତ୍ତିବା ଲାଗି ଲାଇବ୍ରେରି, ଥାନା ଆଦି ସର୍ବସାଧାରଣ ସ୍ଥାନରେ ୱାର୍ମିଂ ସେଣ୍ଟର ଖୋଲାଯିବା ସହ ବାସହୀନଙ୍କ ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳର ବ୍ୟବସ୍ଥା କରାଯାଇଛି।

### ୭ ଲକ୍ଷ ଲୋକ ଅନ୍ଧାରରେ

### ତୁନିଷା ଶର୍ମା ଆତ୍ମହତ୍ୟା ମାମଲା

## ଶିଜନ ଖାନ୍ ଗିରଫ

**ମୁମ୍ବାଇ,୨୫।୧୨**

ଟେଲିଭିଜନ ଅଭିନେତ୍ରୀ ତୁନିଷା ଶର୍ମା ଆତ୍ମହତ୍ୟା ମାମଲାରେ ତାଙ୍କର ସହ ଅଭିନେତା ଶିଜନ ମହମ୍ମଦ ଖାନ୍‌ଙ୍କୁ ଗିରଫ କରାଯାଇଛି। ଅଭିନେତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ଖାନ୍ ବାଧ କରିଥିବା ନେଇ ମାମଲା ରୁଜୁ ହୋଇଛି। ରବିବାର ମୁମ୍ବାଇର ବସଇ କୋର୍ଟରେ ଖାନ୍‌ଙ୍କୁ ହାଜର କରିବା ପରେ ପୋଲିସ ୪ ଦିନିଆ ରିମାଣ୍ଡରେ ନେଇଛି।



ଏହା ବ୍ୟତୀତ ଅନ୍ୟ ଜଣେ ସହଅଭିନେତା ପାର୍ଥ ଜୁତ୍‌ଶିଙ୍କୁ ପୋଲିସ ଡକାଇ ପଚରାଉଚରା କରିଛି। ୧୫ ଦିନ ପୂର୍ବରୁ ଶିଜନ ଖାନ୍‌ଙ୍କ ସହ ବ୍ରେକ୍‌ଅପ୍ ହେବାରୁ ତୁନିଷା ମାନସିକ ଚାପରେ ରହିଥିଲେ, ଯାହା ତାଙ୍କୁ ଚରମ ପଦକ୍ଷେପ ନେବା ଲାଗି ବାଧ୍ୟକଲା ବୋଲି କୁହାଯାଇଛି। ଶବବ୍ୟବଚ୍ଛେଦ ରିପୋର୍ଟରୁ ତୁନିଷାଙ୍କ ଶରୀରରେ କୌଣସି ଆଘାତ ଦାଗ ନାହିଁ। ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। 'ଆଲି ବାବା:ଦସ୍ତାନ-ଇ-କାବୁଲ' ଶୋ'ରେ କାର୍ଯ୍ୟ କରୁଥିବା ୧୪ ଜଣଙ୍କୁ ବୟାନ ରେକର୍ଡ କରିଛି ପୋଲିସ।

# ଚାଇନା ଫେରନ୍ତା କୋଭିଡ୍ ପଜିଟିଭ୍

**ଆଗ୍ରା, ୨୫।୧୨**

ଚାଇନାରୁ ଉତ୍ତର ପ୍ରଦେଶ ଫେରିଥିବା ଯୁବକ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। କୋଭିଡ୍-୧୯ ଆକ୍ରାନ୍ତ ଜଣାପଡ଼ିବା ପରେ ସମ୍ପୃକ୍ତ ଯୁବକଙ୍କୁ ସଙ୍ଗରୋଧରେ ରଖାଯାଇଥିବା ମୁଖ୍ୟ ମେଡିକାଲ ଅଫିସର ଅରୁଣ ଶ୍ରୀବାସ୍ତବ କହିଛନ୍ତି। ଜିନୋମ ସିକ୍ୱେନ୍ସିଙ୍ଗ୍ ପାଇଁ ତାଙ୍କ ନମୁନା ଲକ୍ଷ୍ନୌ ଲ୍ୟାବ୍‌କୁ ପଠାଯାଇଛି। ତେବେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଘରର ଅନ୍ୟ ସଦସ୍ୟଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ଡିସେମ୍ବର ୨୩ରେ ଯୁବକ ଜଣକ ଚାଇନାରୁ ଦିଲ୍ଲୀ ଦେଇ ଆଗ୍ରାରେ ଥିବା ନିଜ ଘରେ ପହଞ୍ଚିଥିଲେ। ନଭେମ୍ବର ୨୫ ପରଠାରୁ ରାଜ୍ୟରେ କୌଣସି ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବାବେଳେ ଏହା ପ୍ରଥମ ମାମଲା ବୋଲି କୁହାଯାଉଛି। ଚାଇନାରେ କରୋନା ସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିଥିବାବେଳେ ଆଉ କିଛି ଦେଶରେ ମଧ୍ୟ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର କୋଭିଡ୍ ନିୟମ ପାଳନର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଚାଇନା, ଜାପାନ, ଦକ୍ଷିଣ କୋରିଆ, ସିଙ୍ଗାପୁର ଏବଂ ଥାଇଲାଣ୍ଡରୁ ଆସୁଥିବା ଯାତ୍ରୀଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। କୋଭିଡ୍ ଚିକିତ୍ସା ବ୍ୟବସ୍ଥା ସହିତ ଏ ନେଇ ଆବଶ୍ୟକ ଔଷଧ, ଅକ୍ସିଜେନ୍ ଏବଂ ଅନ୍ୟ ଉପକରଣ ସବୁ ପ୍ରସ୍ତୁତ ରଖିବାକୁ ସରକାର ଗାଇଡ୍ ଲାଇନ୍ ଜାରି କରିଛନ୍ତି। ଏ ନେଇ ଆସନ୍ତା ୨୭ରେ ରାଜ୍ୟଗୁଡ଼ିକ ପକ୍ଷରୁ ମକ୍ ଡ୍ରିଲ୍ କରାଯିବ।

### ସଂକ୍ରମଣ ସଂଖ୍ୟା ପ୍ରକାଶନ ବନ୍ଦକଲା ଚାଇନା

**ବେଜିଂ,୨୫।୧୨**

ଚାଇନାରେ ଗତ ୨୦ ଦିନ ମଧ୍ୟରେ ପାଖାପାଖି ୨୫ କୋଟି ଲୋକ କୋଭିଡ୍‌ରେ ସଂକ୍ରମିତ ହୋଇଥିବାର ସରକାରୀ ଦସ୍ତାବିଜ୍ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ନ୍ୟାଶନାଲ ହେଲ୍‌ଥ କମିଶନ (ଏନ୍‌ଏଚ୍‌ସି) ଦୈନିକ ସଂକ୍ରମଣ ସଂଖ୍ୟା ପ୍ରକାଶନ ବନ୍ଦ କରିଦେଇଛି। ରବିବାର ଏନ୍‌ଏଚ୍‌ସି ଏ ସମ୍ପର୍କରେ ସୂଚନା ଦେଇଥିବାବେଳେ ନୀତି ବଦଳାଇବାର କାରଣ ସମ୍ପର୍କରେ କିଛି କହିନାହିଁ। ଚାଇନାରେ କଠୋର ଟେଷ୍ଟିଂ ନିୟମ ହଟିବା ପରେ ସଂକ୍ରମଣ ମାମଲା ଅତ୍ୟଧିକ ବୃଦ୍ଧି ପାଇଛି। ସାରା ଦେଶର ସଂକ୍ରମଣ ସଂଖ୍ୟା ଚିହ୍ନଟ କରିବା ସମ୍ଭବ ନୁହେଁ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଚାଇନାରେ ଗୋଟିଏ ଦିନରେ ସର୍ବାଧିକ ୩.୭ କୋଟି ଲୋକ କୋଭିଡ୍ ସଂକ୍ରମିତ ହୋଇଥିବାବେଳେ କ୍ରମାଗତ ୪ ଦିନରେ କେହି ପ୍ରାଣ ହରାଇ ନ ଥିବା ଏନ୍‌ଏଚସି ପ୍ରକାଶ କରିଥିଲା।

# କୋଭିଡ୍ ବଢୁଥିବାରୁ ସତର୍କ ରହିବାକୁ ପରାମର୍ଶ

**ନୂଆଦିଲ୍ଲୀ,୨୫।୧୨**

ଚାଇନା ଓ ଅନ୍ୟ ଦେଶରେ କୋଭିଡ୍ ସଂକ୍ରମଣ ବଢୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚଳିତ ବର୍ଷର ଶେଷ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସତର୍କ କରାଇଛନ୍ତି। ନିରାପଦ ରହିବାକୁ ହେଲେ ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ଭଳି ପ୍ରତିଷେଧକ ପଦକ୍ଷେପ ନେବା ସହ ବୁଷ୍ଟର ଡୋଜ୍ ନେବାକୁ ସେ ପରାମର୍ଶ ଦେଇଛନ୍ତି।

କଳା, ସାହିତ୍ୟ ଓ ସଂସ୍କୃତି ସମାଜର ସାମୂହିକ ସମ୍ପତ୍ତି। ଏହାକୁ ସମୃଦ୍ଧ କରିବା ସମାଜର ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ ୯୬ତମ ମନ୍ କୀ ବାତ୍‌ରେ କହିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



ବିଦାୟୀ ବର୍ଷ ୨୦୨୨ ଭାରତ ପାଇଁ ପ୍ରେରଣାଦାୟୀ ଏବଂ ଚମତ୍କାର ବର୍ଷ ଥିଲା। ଏହି ସମୟରେ ଭାରତ ଅନେକ ସଫଳତା ହାସଲ କରି ବିଶ୍ୱ ଦରବାରରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଭାରତ ବିଶ୍ୱର ପଞ୍ଚମ ବୃହତ ଅର୍ଥ ବ୍ୟବସ୍ଥା ମାନ୍ୟତା ହାସଲ କରିଛି। ଦେଶରେ ବର୍ତ୍ତମାନ ସୁଦ୍ଧା ୨୨୦ କୋଟି କୋଭିଡ୍ ଟିକା ଡୋଜ୍ ଦିଆଗଲାଣି ଏବଂ ରପ୍ତାନି ୪୦୦ ବିଲିୟନ ଡଲାର ଅତିକ୍ରମ କରିଛି। ଆତ୍ମନିର୍ଭର ଭାରତ ସଂକଳ୍ପ ନେଇ ଦେଶ ଏହାର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧବିମାନବାହୀ ରଣତରୀକୁ ସ୍ୱାଗତ କରିଛି। ଏହା ବ୍ୟତୀତ ମହାକାଶ, ଡ୍ରୋନ୍ ଏବଂ ପ୍ରତିରକ୍ଷା ସେକ୍ଟରରେ ଭାରତ ଅନେକ ଗୌରବ ହାସଲ କରିଥିବା ମୋଦି କହିଛନ୍ତି। ଭାରତ ସ୍ୱାଧୀନତାର ୭୫ ବର୍ଷ ପୂରଣ କରିଥିବାବେଳେ ଦେଶ ପାଇଁ ଅମୃତ କାଳ ଆସିଛି ଓ ଏହା ନୂଆ ଗତି ହାସଲ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ୟୁକ୍ରେନ୍ ଉପରେ ଆଲୋଚନା ପାଇଁ ପ୍ରସ୍ତୁତ: ପୁଟିନ୍

**ମସ୍କୋ,୨୫।୧୨**

ୟୁକ୍ରେନ୍ ଯୁଦ୍ଧର ସମସ୍ତ ପକ୍ଷଙ୍କ ସହ ଆଲୋଚନା ପାଇଁ ରୁଷିଆ ପ୍ରସ୍ତୁତ। କିନ୍ତୁ କିଭ୍ ଓ ଏହାର ପାଶ୍ଚାତ୍ୟ ସମର୍ଥନକାରୀମାନେ ଆଲୋଚନା ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛନ୍ତି ବୋଲି ରବିବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପ୍ରକାଶ କରିଛନ୍ତି।

ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ) ନିର୍ଦ୍ଦେଶକ ୱିଲିୟମ୍ ବର୍ନ୍ସ ନିକଟରେ ପ୍ରକାଶିତ ଏକ ସାକ୍ଷାତ୍‌କାରରେ କହିଥିଲେ, ଅଧିକାଂଶ ସଂଘର୍ଷ ଆଲୋଚନା ଜରିଆରେ ହିଁ ଶେଷ ହୋଇଥାଏ। କିନ୍ତୁ ରୁଷିଆ ଯୁଦ୍ଧ ଶେଷ ପାଇଁ ଗମ୍ଭୀର ଥିବା ଭଳି ମନେହେଉନାହିଁ। ରୁଷିଆର ଏକ ସରକାରୀ ଟିଭି ଚ୍ୟାନେଲକୁ ରବିବାର ସାକ୍ଷାତ୍‌କାର ଦେଇ ଷ୍ଟ୍ରଙ୍ଗମ୍ୟାନ୍ ଭ୍ଲାଡିମିର ପୁଟିନ୍ କହିଛନ୍ତି, ସମାଧାନର ଗ୍ରହଣଯୋଗ୍ୟ ପନ୍ଥା ବାହାର କରିବା ପାଇଁ ଆମେ ସମସ୍ତ ସମ୍ପୃକ୍ତ ପକ୍ଷଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତୁତ ଅଛୁ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପରାମର୍ଶଦାତା ମିଖାଇଲୋ ପୋଡୋଲୟାକ୍‌ଙ୍କ ମତରେ ପୁଟିନ୍ ବାସ୍ତବତାକୁ ଫେରିବା ଆବଶ୍ୟକ। ରୁଷିଆ ଏକୁଟିଆ ୟୁକ୍ରେନ୍‌କୁ ଆକ୍ରମଣ କରି ନାଗରିକମାନଙ୍କୁ ହତ୍ୟା କରିଛି। ମସ୍କୋ ଆଲୋଚନା ଚାହୁଁନାହିଁ, ବରଂ ନିଜ ମୁଣ୍ଡରୁ ଉତ୍ତରଦାୟିତ୍ୱ ଖସାଇବାକୁ ଚାହୁଁଛି। ପ୍ରକାଶ ଯେ, ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠୁ ଏହା ହେଉଛି ୟୁରୋପରେ ସବୁଠୁ ଘାତକ ସଂଘର୍ଷ। ସେହିପରି ୧୯୬୨ କ୍ୟୁବା ମିଶାଇଲ୍ କ୍ରାଇସିସ୍ ପରେ ମସ୍କୋ ଓ ପାଶ୍ଚାତ୍ୟ ମଧ୍ୟରେ ସବୁଠୁ ବଡ଼ ମୁହାଁମୁହିଁ। ଇତିମଧ୍ୟରେ ଏହି ଯୁଦ୍ଧକୁ ୩୦୫ ଦିନ ବିତିଥିବାବେଳେ ରୁଷିଆର ସବୁ ଲକ୍ଷ୍ୟ ହାସଲ ନ ହେବା ଯାଏ ଲଢ଼େଇ ଜାରି ରହିବ ବୋଲି କ୍ରେମ୍‌ଲିନ୍ କହିଛି। କିଭ୍‌ର କହିବା ହେଲା କ୍ରିମିଆ ସମେତ ସମ୍ପୂର୍ଣ୍ଣ ୟୁକ୍ରେନୀୟ ଭୂଖଣ୍ଡରୁ ପ୍ରତ୍ୟେକ ରୁଷୀୟ ସୈନ୍ୟଙ୍କୁ ନ ଘଉଡ଼ାଇବା ପର୍ଯ୍ୟନ୍ତ ଲଢ଼େଇ କରାଯିବ।



# ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି କର୍ମଚାରୀ ଗୁରୁତର

**ଝୁମ୍ପୁରୀ,୨୫।୧୨(ଡି.ଏନ୍.ଏ.):**

ଦଶରଥପୁର ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ଏକ ଘରୋଇ ସଂସ୍ଥାର କର୍ମଚାରୀ ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ଦଶରଥପୁର ବ୍ଲକ୍ ଅଧୀନ ରାମବାଗ ପଲଲ୍ଲାସାହି ଅଞ୍ଚଳର ଧୀରେନ୍ଦ୍ର ଯେନା। ଶନିବାର ସନ୍ଧ୍ୟା ସମୟରେ ସେ କନିକାପଡ଼ା ପଞ୍ଚାୟତ ମଧୁପୁର ଷ୍ଟ୍ରକ୍ଚର ଅଧୀନରେ ଟଣାଯାଇଥିବା ୧୧ କେଭି ଖୁଣ୍ଟରେ ଚଢ଼ି କାର୍ଯ୍ୟ କରୁଥିଲେ। ଏହି ସମୟରେ ୧୧ କେଭି ବିଦ୍ୟୁତ୍ ତାର ଉପରେ ଟଣାଯାଇଥିବା ୩୩ କେଭି ହାଇ ଭୋଲ୍ଟେଜ୍ ବିଦ୍ୟୁତ୍ କରେଣ୍ଟର ଇଣ୍ଡକ୍ସନ ପ୍ରଭାବରେ ଧୀରେନ୍ଦ୍ର ପ୍ରଭାବିତ ହୋଇପଡ଼ିବା ସହିତ ଖୁଣ୍ଟରୁ ଖସିପଡ଼ି ସଂଜ୍ଞାହୀନ ହୋଇଥିଲେ। ତାଙ୍କ ମୁଣ୍ଡ, ଛାତି ଓ ଗୋଡ଼ରେ ଗୁରୁତର ଆଘାତ ଲାଗିଥିଲା। ଦଶରଥପୁର ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟର କର୍ମଚାରୀ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସେ ଚିକିତ୍ସାଧୀନ ଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାଯାଇଛି। ଏ ସମ୍ପର୍କରେ ଦଶରଥପୁର ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ବ୍ରଜକିଶୋର ଧଳଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିବା ସହିତ ଧୀରେନ୍ଦ୍ରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ରାତିଅଧିଆ ମୋରମ ଚୋରାଚାଲାଣ

**ରସୁଲପୁର,୨୫।୧୨(ଡି.ଏନ.ଏ.):**

ରସୁଲପୁର ତହସିଲ ପହଁଗା ରାଜସ୍ୱ ନିରୀକ୍ଷକ ସର୍କଲ ଅଧୀନ ଲକ୍ଷ୍ମୀନଗର ପଞ୍ଚାୟତ ବାଲିଆପଶି ଗାଁର କାଜୁ ଜଙ୍ଗଲ ନିକଟସ୍ଥ ମଙ୍ଗଳା ମନ୍ଦିର ପାଖରୁ ରାତିଅଧିଆ ମୋରମ ଚୋରା ଚାଲାଣ ହେଉଛି। ହେଲେ ଏନେଇ ତହସିଲ ପ୍ରଶାସନ ପାଖରେ ଖବର ନ ଥିବା ଜଣାଯାଇଛି। ଚୋରା ଚାଲାଣକାରୀ ରାତିରେ ଜେସିବି ଓ ଟ୍ରାକ୍ଟର ଲଗାଇ ମୋରମ ପରିବହନ କରୁଛନ୍ତି। ଫଳରେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ସୃଷ୍ଟି ହେଉଛି। ହେଲେ ଚାଲାଣ ହେଉଥିବା ଲଘୁଖଣିଜ ସାମଗ୍ରୀ ଆଇନସିଦ୍ଧ କି ନାହିଁ ସେ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ଅବଗତ ନ ଥିବାରୁ ଅଭିଯୋଗ କରି ପାରିନାହାନ୍ତି ବୋଲି ସେମାନଙ୍କଠାରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଏହାକୁ ସୁଯୋଗ ମନେକରି ମାଫିଆ ଲଘୁ ଖଣିଜ ସାମଗ୍ରୀ ଚାଲାଣ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ ମତ ରଖିଛନ୍ତି। ବାଲିଆପଶି ଓ ଛୋଟରାୟପୁର ଗାଁର କେତେଜଣ ପ୍ରଭାବଶାଳୀ ଲୋକଙ୍କ ସହାୟତାରେ ବାହାରକୁ ମୋରମ ଚାଲାଣ ହେଉଛି ବୋଲି ସୂଚନା ମିଳିଛି। ତେବେ ମୋରମ ଚାଲାଣ ବେଆଇନ ବୋଲି ଜାଣିବା ପରେ ଲୋକେ ଏହାକୁ ବିରୋଧ କରିବା ସହ ତହସିଲ ପ୍ରଶାସନର ସହାୟତା ନେବାକୁ ସଜବାଜ ହେଉଥିବା କହିଛନ୍ତି।

ସୂଚନା ମୁତାବକ, କୋରେଇ ଓ ରସୁଲପୁର ବ୍ଲକ ସୀମାବର୍ତ୍ତୀ ଅଞ୍ଚଳରେ ବାଲିଆପଶି ଗାଁ। ଏହି ଗାଁଟି ରସୁଲପୁର ତହସିଲରୁ ୧୫ କ.ମି.ରୁ ଊର୍ଦ୍ଧ୍ୱ ଦୂରରେ ଅବସ୍ଥିତ ଥିବା ବେଳେ ବ୍ୟାସନଗର ତହସିଲଠାରୁ ଅନତିଦୂରରେ ରହିଛି। ଏହି ଅଞ୍ଚଳରେ କୋରେଇ ଓ ବ୍ୟାସନଗର ପୌରପରିଷଦ ରାଜନେତା, ପ୍ରଶାସନିକ ଅଧିକାରୀ, ଠିକାଦାରଙ୍କ ପ୍ରଭାବ ଅଧିକ ରହୁଛି। ଏହି ପଞ୍ଚାୟତର ଜନସାଧାରଣଙ୍କ ଚଳଣି ବ୍ୟାସନଗର ପୌରପରିଷଦ ଅଞ୍ଚଳରେ ଅଧିକା। ମୋରମ ଭଳି ମୂଲ୍ୟବାନ ଲଘୁ ଖଣିଜ ସାମଗ୍ରୀ ଜିଲାର କାଁଭାଁ ସ୍ଥାନକୁ ଛାଡି ଦେଲେ ପ୍ରାୟତଃ ଅନ୍ୟ କୌଣସି ସ୍ଥାନରେ ଖନନ ପାଇଁ ପ୍ରଶାସନିକ ଅନୁମତି ନାହିଁ। ଠିକାଦାର ଓ ମାଫିଆ ବାଲିଆପଶି ଗାଁକାଜୁ ଜଙ୍ଗଲକୁ ମାଟିମିଶା ମୋରମ ଚୋରି କରିବା ପାଇଁ ନିଶାଣା କରି ଏଭଳି ପଦକ୍ଷେପ ନେଇଛନ୍ତି। ହେଲେ ତହସିଲ ପ୍ରଶାସନ ଏହାର ଟେର ପାଉନାହିଁ। ବ୍ୟାସନଗର ତହସିଲ ପାଇଁ ସବୁ ଖୋଲାମେଲା ହୋଇଥିଲେ ବି ଅଞ୍ଚଳଟି ଉକ୍ତ ତହସିଲ ଅଧୀନରେ ଆସୁନାହିଁ। ତେଣୁ ବ୍ୟାସନଗର ତହସିଲ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ।


ଟ୍ରାକ୍ଟର ଯୋଗେ ମୋରମ ଚୋରା ଚାଲାଣ ହେଉଛି।

### ତହସିଲ ପ୍ରଶାସନ ନିକଟରେ ଖବର ନାହିଁ

ଏ ସମ୍ପର୍କରେ ପହଁଗା ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ ଏ ନେଇ ଅବଗତ ନାହାନ୍ତି। ମୋରମ ଉଠାଇବା ପାଇଁ ବାଲିଆପଶି ଗାଁରେ କୌଣସି ସୈରାତ ନିଲାମ ଦିଆଯାଇ ନାହିଁ। ମାତ୍ର ଏ ସମ୍ପର୍କରେ ସୂଚନା ପାଇଥିବାରୁ ସେ ସଜାଗ ଅଛନ୍ତି। ରାତି ଅଧିଆ ଏନଫୋର୍ସମେଣ୍ଟ କରାଯାଇ ଚାଲାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରାଯିବ ବୋଲି ସେ ମତ ରଖିଛନ୍ତି। ସ୍ଥାନୀୟ ସରପଞ୍ଚ ସର୍ବେଶ୍ୱର ସାହୁଙ୍କୁ ପଚାରିବାରୁ ସେ ଅବଗତ ନ ଥିବା ପ୍ରକାଶ କରିଛନ୍ତି। ଯଦି ମାଟି ଓ ମୋରମ ଉଠୁଥାଏ ତେବେ ତାହା ବେଆଇନ ବୋଲି ସେ କହିଛନ୍ତି।

# ବଡ଼ଦିନରେ ଓଳାଶୁଣୀ ପୀଠରେ ପ୍ରବଳ ଭିଡ଼


ସ୍କୁଲ୍ ପିଲାମାନେ ପୀଠ ବୁଲିବାକୁ ଧାଡ଼ିରେ ଯାଉଛନ୍ତି।

**ଚଣ୍ଡିଖୋଲ,୨୫।୧୨(ଡି.ଏନ୍.ଏ.):**

ଶୀତ ଋତୁ ହେଉଛି ପିକ୍‌ନିକ୍ ଋତୁ। ଏହି ସମୟରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ତେବେ ୨ବର୍ଷ ଧରି କରୋନା କଟକଣା ରହିଥିବାରୁ ବିଶେଷ ପର୍ଯ୍ୟଟକଙ୍କ ଦେଖା ମିଳୁ ନ ଥିଲାବେଳେ ଚଳିତ ବର୍ଷକିନ୍ତୁ ବଣ ଭୋଜି ପାଇଁ ଓଳାଶୁଣୀ ପୀଠରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ରବିବାର ବଡ଼ଦିନ ଥିବାରୁ ଏହି ପୀଠରେ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। କେତେଜଣ ସାଙ୍ଗସାଥୀ, ପରିବାର ଓ ବିଦ୍ୟାଳୟ ପିଲାମାନେ ବଣଭୋଜୀ କରୁଥିବା ଦେଖାଯାଇଥିଲା। ଭିଡ଼କୁ ଦେଖି ବାଲିଚନ୍ଦ୍ରପୁର ପୋଲିସ ତରଫରୁ କଡ଼ା ନଜର ରଖାଯାଇଥିଲା। ଯେଉଁମାନେ ଖୋଲାଖୋଲି ମଦ ପିଇବାକୁ ଯୋଜନା କରିଥିଲେ ତାହାକୁ ପୋଲିସ ଭଣ୍ଡୁର କରିଥିଲା। ଡିଜେ ବଜାଇ ନାଚଗୀତ କାର୍ଯ୍ୟକ୍ରମ କରୁଥିବା ପିକ୍‌ନିକ ପାର୍ଟିକୁ ଡିଜେ ନ ବଜାଇବା ପାଇଁ ମଧ ପୋଲିସ ତରଫରୁ ତାଗିଦ କରାଯାଇଥିଲା। ନୂଆବର୍ଷ ଜାନୁୟାରୀ ୧ ରବିବାର ପଡୁଥିବା ହେତୁ ଏଥର ପ୍ରବଳ ଭିଡ଼ ମଧ ହେବ ବୋଲି ଓଳାଷୁଣୀ ଉନ୍ନୟନ ପରିଷଦ ତରଫରୁ କୁହାଯାଇଛି।

# ସମ୍ଭବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସହାୟତା

**ଛତିଆ,୨୫।୨୨(ଡି.ଏନ.ଏ.):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ନିକଟ ସୋଲର ପଞ୍ଚାୟତର ବାଘୁଆ ଓ ମୂଳିଝରର ଆଦିବାସୀ ଗ୍ରାମରେ ରବିବାର ସ୍ୱେଚ୍ଛାସେବୀ ସଂଗଠନ ସମ୍ଭବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ ଏଠାରେ ଥିବା ଆଦିବାସୀ ପରିବାରଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦିକା ପ୍ରମିଳା ସିଂ, ମଙ୍ଗୁ ସାହୁ, ସୁମିତ୍ରା ସାହୁ, ଆମୂଲ୍ୟ କୁମାର ସାହୁ, ଭାଗ୍ୟଧର ପଣ୍ଡା ଓ ରୋଶନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦେଶୀ ମଦ ବ୍ୟବସାୟୀ ଗିରଫ

**ଛତିଆ,୨୫।୨୨(ଡି.ଏନ.ଏ.):**

ବଡ଼ଚଣା ବ୍ଲକ ଛତିଆ ବିଟ୍ ହାଉସ ଅଧୀନ ଇଷ୍ଟର୍ନ ରାଇସ ମିଲ ନିକଟରୁ ପୋଲିସ ରବିବାର ଚୋରା ବିଦେଶୀ ମଦ ଜବତ କରିବା ସହ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସକାଳେ ବିଟ ହାଉସ ଅଧିକାରୀ ନାରାୟଣ ପ୍ରସାଦ ବେହେରା କୌଣସି ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଏହି ସମୟରେ ବଡ଼ଚଣା ଥାନା ଅଧୀନ ବନ୍ଦାଳ ଗ୍ରାମର ପ୍ରଶାନ୍ତ ମହାନ୍ତି ମଦ ନେଇ ଯାଉଥିବାବେଳେ ତାଙ୍କୁ ଗିରଫ କରିଥିଲେ।

# ଜିଲା ହ୍ୟାଣ୍ଡବଲ ଆସୋସିଏଶନ୍‌ର ବଡ଼ଦିନ ପାଳନ


ବଡ଼ଦିନ ପାଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କ୍ରୀଡ଼ାବିତ ଓ ଅତିଥି।

**ଚଣ୍ଡିଖୋଲ/ଛତିଆ, ୨୫।୧୨(ଡି.ଏନ୍.ଏ.):**

ଯାଜପୁର ଜିଲା ହ୍ୟାଣ୍ଡବଲ ଆସୋସିଏଶନ ପକ୍ଷରୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ପରିସରରେ ରବିବାର ବଡ଼ଦିନ ପାଳନ କରାଯାଇଛି। ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲା ଓ ଜିଲାବାହାରୁ ଆସିଥିବା ହ୍ୟାଣ୍ଡବଲ ଖେଳାଳି ସାମିଲ ହୋଇଥିଲେ। ଖେଳରୁ ଅବସର ନେଇଥିବା ଖେଳାଳି ମଧ ଯୋଗ ଦେଇଥିଲେ। କୋଚ୍ ଭାବେ ହରିହର ବିଶ୍ୱାଳ, ମନୋରଞ୍ଜନ ସାହୁ, ଭବାନୀ ଶଙ୍କର ମହାପାତ୍ର, ପ୍ରକାଶ ଚନ୍ଦ୍ର ପୃଷ୍ଟି , ନିଗମ ବେହେରା, କବି ଅଶୋକ ସାମଲ, ଖବରଦାତା ବେଣୁଧର ପଣ୍ଡା, ପଦୀପ୍ତ କୁମାର ପୃଷ୍ଟି, ଜୟକାନ୍ତ ରାଉତ, ସୌମ୍ୟରଞ୍ଜନ ସାହୁ, ହେମନ୍ତ ଦାସ, ମହେଶ୍ୱର ରାଉତ, ଉତ୍କଳ କେଶରୀ ସାମଲ, ବିକାଶ ବାଗୋରିଆ, ଭବାନୀ ବେହେରା, ସୁଶାନ୍ତ ସାହୁ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ସହିତ ବଡ଼ଦିନ ପାଳନ କରିଥିଲେ। କ୍ରୀଡ଼ାର ବିକାଶ ପାଇଁ ଛତିଆସ୍ଥିତ ହ୍ୟାଣ୍ଡବଲ ଆସୋସିଏଶନ ୨୭ବର୍ଷ ଧରି କାର୍ଯ୍ୟକରି ଆସୁଛି। ଏଠାରୁ ଶତାଧିକ ଖେଳାଳି ବାହାରି ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛନ୍ତି। ଏପରିକି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳାଳି ପହଞ୍ଚିଥିବାରୁ ସମସ୍ତଙ୍କୁ ଆସୋସିଏଶନ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ଡିଭାଇଡରରେ ପିଟି ହୋଇ ଦମ୍ପତି ଗୁରୁତର

**ପାଣିକୋଇଲି,୨୫।୧୨(ଡି.ଏନ.ଏ.)**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବ୍ରଜନଗର ଗ୍ରାମ ନିକଟରେ ସ୍କୁଟିରେ ଯାଉଥିବା ଦମ୍ପତି ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟି ହୋଇ ଆହତ ହୋଇଛନ୍ତି । ରବିବାର ସକାଳେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ଡା. ପ୍ରଦୀପ ସାହା ଏବଂ ତାଙ୍କ ସ୍ତ୍ରୀ ଡା. ମୈତ୍ରୀପାଲ ଭୁବନେଶ୍ୱରରୁ ଏକ ସ୍କୁଟିରେ ଉଲବେରିଆ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଖବର ପାଇ ପୋଟ୍ରୋଲିଂ ସବ୍‌ଇନ୍ସପେକ୍ଟର ଅଶୋକ ବଳ ସଦଳବଳେ ଘଟଣାସ୍ଥଳେ ପହଞ୍ଚି ଆହତମାନଙ୍କ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଇଥିଲେ।

# ପୁରାତନ ଛାତ୍ରୀଙ୍କ ବନ୍ଧୁ ମିଳନ

**ଯାଜପୁର ରୋଡ,୨୫।୧୨(ଡି.ଏନ୍.ଏ.)**

ଶଶିଭୂଷଣ ସରକାରୀ ଉଚ୍ଚବିଦ୍ୟାଳୟରେ ରବିବାର ମୋ ସ୍କୁଲ ଅଭିଯାନର ପୁରାତନ ଛାତ୍ରୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ରଞ୍ଜିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପକ ଦୁଷ୍ମନ୍ତ ନାୟକ ମୁଖ୍ୟଅତିଥି, ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା ମୁଖ୍ୟବକ୍ତା, କଳ୍ପନା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରୀମାନଙ୍କ ସଫଳତା ଆଜିର ଛାତ୍ରୀମାନଙ୍କ ପାଇଁ ଆଦର୍ଶ ହେବା ଉଚିତ ବୋଲି ମତ ରଖିଥିଲେ। ଏଥିରେ ପୁରାତନ ଶିକ୍ଷୟିତ୍ରୀ ଆରତୀ ନାୟକ, ପ୍ରେମଲତା ପଟ୍ଟନାୟକ, ବିଦ୍ୟୁତଲତା ସ୍ୱାଇଁ, ସରୋଜିନୀ ଦାସ, ଆନନ୍ଦମୟୀ ଦାସ, ରମା ବର୍ମନ ରାୟ, ଲଳିତା ପତି, ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ରମେଶଚନ୍ଦ୍ର ଥାଟୋଇ, ବର୍ତ୍ତମାନର ଶିକ୍ଷୟିତ୍ରୀ ସଙ୍ଗୀତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ରୀ ଅନିନ୍ଦିତା ଦାସ ଅତିଥି ପରିଚୟ କରାଇଥିଲେ। ପୁରାତନ ଛାତ୍ରୀ ମୀନାକୁମାରୀ ମହାପାତ୍ର, ଅୟସକାନ୍ତ ସାହୁ, ଦେବୀରାଣୀ ଦାସ, ବର୍ଷାରାଣୀ ମଲ୍ଲ, କଳ୍ପିତା ସାହୁ, ଗୀତାଞ୍ଜଳି ତ୍ରିପାଠୀ, ସ୍ମିତାଞ୍ଜଳି ରାଉତଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଭବାନୀ ଶଙ୍କର ମହାପାତ୍ର ଓ ଉଦୟନାରାୟଣ ବେହେରା ସହଯୋଗ କରିଥିଲେ।


ବନ୍ଧୁମିଳନରେ ସାମିଲ ହୋଇଥିବା ପୁରାତନ ଛାତ୍ରୀ ଓ ଅନ୍ୟମାନେ।

# ୟଙ୍ଗ୍ ଷ୍ଟାର୍ କ୍ଲବ୍ କ୍ରିକେଟ: ସେମିରେ ମା' ବାଟ ମଙ୍ଗଳା

**ବ୍ରହ୍ମବରଦା,୨୫।୧୨(ଡି.ଏନ.ଏ.):**

ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ହାଜିରହିମିଆଁ ହାଇସ୍କୁଲ ଖେଳପଡ଼ିଆଠାରେ ୟଙ୍ଗ୍ ଷ୍ଟାର୍ କ୍ରିକେଟ କ୍ଲବ୍ ପକ୍ଷରୁ ରବିବାର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା' ବାଟ ମଙ୍ଗଳା କ୍ରିକେଟ୍ କ୍ଲବ୍ ଗୋଳକୁଣ୍ଡ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି।

ଏହି ମ୍ୟାଚ୍ ମା' ବାଟ ମଙ୍ଗଳା କ୍ରିକେଟ୍ କ୍ଲବ୍ ଗୋଳକୁଣ୍ଡ ସହିତ ଗୋପବନ୍ଧୁ କ୍ରିକେଟ୍ କ୍ଲବ୍ କେନ୍ଦ୍ରାପଡ଼ା ମଧ୍ୟରେ ହୋଇଥିଲା। ବାଟ ମଙ୍ଗଳା କ୍ରିକେଟ୍ କ୍ଲବ୍ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ଖେଳି ୭ ଉଇକେଟ ବିନିମୟରେ ୨୦୮ରନ ସଂଗ୍ରହ କରିଥିଲା। ଗୋପବନ୍ଧୁ କ୍ରିକେଟ୍ କ୍ଲବ୍ ୨୩.୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୯୬ରନ କରି ପରାଜୟ ବରଣ କରିଥିଲା। ବାଟ ମଙ୍ଗଳା କ୍ରିକେଟ କ୍ଲବ୍‌ର ବ୍ୟାଟସ୍ ମ୍ୟାନ ଜ୍ଞାନରଞ୍ଜନ ସ୍ୱାଇଁ ୩୯ ବଲ ଖେଳି ୫୫ ରନ ସଂଗ୍ରହ କରିଥିଲେ। ଲେଲିନ ବଳ ୫୧ବଲରେ ୫୩ ରନ କରି ପ୍ରତିପକ୍ଷ ଦଳ ବିରୋଧରେ ୪ ଓଭର ବୋଲିଂ କରି ୧ ଉଇକେଟ୍ ନେଇ ଦଳକୁ ଜିତାଇବାରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥିଲେ। ତାଙ୍କୁ ମ୍ୟାନ୍-ଅଫ୍‌ଦି-ମ୍ୟାଚ୍ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ଓସିଏ ପ୍ୟାନେଲର ଅମ୍ପାୟାର ସତ୍ପଜିତ୍ କର ଓ ସୁବ୍ରତ ଜେନା ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ମଣ୍ଟୁ ଦାସ, ବିରେଶ ମାହାନ୍ତି, ଅମିୟ କାନ୍ତ ପରିଡ଼ା ଓ ସ୍କୋରର ଭାବେ ରାଜେଶ ଦେଓ, ଜୁଲଫିକର ଅଲ୍ଲୀ ଓ ସୁମନ ବେହେରା ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କ୍ଲବ୍ ସଭାପତି ରାକେଶ ଦେଓ, ସମ୍ପାଦକ ଅମୂଲ୍ୟ ରାଉତ, ସହସମ୍ପାଦକ ସଂଗ୍ରାମ ମହାନ୍ତି ଓ ଶ୍ରୀକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବାଜପେୟୀଙ୍କ ଜୟନ୍ତୀ ପାଳିତ



ଭାଜପା କର୍ମୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳନ କରୁଛନ୍ତି।

**ଧର୍ମଶାଳା,୨୫।୧୨(ଡି.ଏନ.ଏ.):**

ଧର୍ମଶାଳା ଭାଜପା ପକ୍ଷରୁ ଧର୍ମଶାଳା କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୫୪ ପଞ୍ଚାୟତର ଶତାଧିକ କର୍ମୀ ଯୋଗ ଦେଇଥିଲେ। ଆର୍ତ୍ତବନ୍ଧୁ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିବଂଗତ ନେତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହି, ଯାଜପୁର ଜିଲା ଭାଜପା ଉପସଭାପତି ବିଭୁତି ଭୂଷଣ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱନାଥ ପଣ୍ଡା, ଜିଲା ସମ୍ପାଦକ ମୁରଲୀ ପାଣ୍ଡା, ଏସ୍‌ସି ସେଲ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ତରାଇ, ୫ ମଣ୍ଡଳର ମଣ୍ଡଳ ସଭାପତି ହେମନ୍ତ ଆଚାର୍ଯ୍ୟ, ମାନସ ମହାନ୍ତି, ତପନ ମାହୁନ୍ତ, ଅର୍ଜୁନ ନାୟକ, କୁଳମଣି ମଳିକ, ଜିଲା ଯୁବ ଉପସଭାପତି କିରଣ ଜେନା, ଅରୁଣ ସାହୁ, ରବି ରଥ, ପାର୍ବତୀ ବେହେରା, ଆଲୋକ ଲେଙ୍କା, ରମେଶ ରାଉତ, ଅନନ୍ତ ସାହୁ, ମଦୁସୂଦନ ପଣ୍ଡା, ପ୍ରଶାନ୍ତ ଦାସ ଓ ଅରୁଣ ଲେଙ୍କାଙ୍କ ସମେତ ପ୍ରତ୍ୟେକ ପଞ୍ଚାୟତର ଯୁବ ସଭାପତିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଜିଲା ବିଜେଡିର ନୂତନ କାର୍ଯ୍ୟକାରିଣୀ କମିଟି ଘୋଷିତ

**ଯାଜପୁର ଟାଉନ/ଝୁମ୍ପୁରୀ, ୨୫।୧୨(ଡି.ଏନ୍.ଏ.):**

ଯାଜପୁର ଜିଲା ବିଜେଡିର ନୂତନ କାର୍ଯ୍ୟକାରିଣୀ କମିଟି ଘୋଷଣା କରାଯାଇଛି। ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଜିଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ଅନୁମୋଦନକ୍ରମେ ଏହି କମିଟିକୁ ଜିଲା ସଭାପତି ସରୋଜ ମହାପାତ୍ର ଘୋଷଣା କରିଛନ୍ତି। ଏଥିରେ ୨୭ ଉପସଭାପତି, ୨୬ ସାଧାରଣ ସମ୍ପାଦକ ଓ ୪୦ ସମ୍ପାଦକଙ୍କୁ ମନୋନୀତ କରାଯାଇଛି।

ଉପସଭାପତିଭାବେ ଶାରଦା ପ୍ରସାଦ ମହାନ୍ତି, ପ୍ରଦୀପ ମହାନ୍ତି, ପ୍ରକାଶ ତ୍ରିପାଠୀ, ପର୍ଶୁରାମ ରାଉତ, ଲାୟକ ଅଲ୍ଲୀ ଖାନ୍, ନୀରଞ୍ଜନ ବଳ, ସରୋଜିନୀ ବଳ, ଆର୍ତ୍ତବନ୍ଧୁ ସାମଲ, ପବିତ୍ର ମୋହନ ମହାପାତ୍ର, ଉମାକାନ୍ତ ପରିଡ଼ା, ମୁରଲୀଧର ବେହେରା, ନିର୍ମଳ ଚନ୍ଦ୍ର ରାଉତ, ଗଣେଶ ଚନ୍ଦ୍ର ସାହୁ, ଧରଣୀଧର ଧୀର, ତାରକେଶ୍ୱର ମହାନ୍ତି, ଧବେଳେଶ୍ୱର ପ୍ରଧାନ, ସୁବାସ ଚନ୍ଦ୍ର ନାୟକ, ଅମର ପ୍ରସାଦ ମହାନ୍ତି, ସୁଲେଖା ନାୟକ, କିଶୋର ଚନ୍ଦ୍ର ବେହୁରିଆ, ଧୀରେନ୍ଦ୍ର ଦାସ, ଗଣେଶ ଚନ୍ଦ୍ର ମହାକୁଡ଼, ପ୍ରତାପ ଜେନା, ଗୋବିନ୍ଦ ଚନ୍ଦ୍ର ଜେନା, ବିଦ୍ୟାଧର ପାତ୍ର, ମହେଶ୍ୱର ଗୁରୁ, ହିମାଂଶୁ ପରିଡ଼ାଙ୍କ ନାମ ଘୋଷଣା କରାଯାଇଥିବାବେଳେ ସାଧାରଣ ସମ୍ପାଦକଭାବେ ଅନନ୍ତ ଚରଣ ପାତ୍ର, ପ୍ରଦୀପ ନାୟକ, ଅଭୟ ପତି, ଅଥୟ ମହାନ୍ତି, ମୁକ୍ତିକାନ୍ତ ସାମଲ, ଦର୍ପନାରାୟଣ ଦାସ, ଚତୁର୍ଭୁଜ ଦ୍ୱିବେଦୀ, ବିଜୟ ନାୟକ, ମିହିର ପ୍ରତାପ ଦାସ, ପ୍ରବୀର ସାମଲ, ଚନ୍ଦ୍ରଶେଖର ସ୍ୱାଇଁ, ଅମୀୟ ପରିଡ଼ା, ରଞ୍ଜିତ ବେହୁରା, ରମେଶ ଚନ୍ଦ୍ର ମୁର୍ମୁ, ପ୍ରକାଶ ଚନ୍ଦ୍ର ସାମଲ, ଲକ୍ଷ୍ମୀଧର ସାହୁ, ଯତୀନ୍ଦ୍ର ସାହୁ, ଗଦାଧର ସାହୁ, କାମଦେବ ଧଳ, ଅଶ୍ୱିନୀ ବିଶ୍ୱାଳ, ବେଣୁଧର ଦାସ, ରୁଦ୍ର ମାଧବବଳ ସାମନ୍ତ, ବିମ୍ବାଧର ବିଶ୍ୱାଳ, ରଘୁନାଥ ବେହେରା, ଏସ୍‌କେ କମାରୁଦ୍ଦିନ୍ ଖାନ୍, ଚୈତନ୍ୟ ସାମଲଙ୍କ ନାମ ଘୋଷିତ ହୋଇଛି।

ସମ୍ପାଦକଭାବେ ଅମରେନ୍ଦ୍ର ମିଶ୍ର, ରମାକାନ୍ତ ସାମଲ, ରଞ୍ଜିତ ଦାସ, ନିମାଇଁ ଚରଣ ମଲ୍ଲିକ, ଧନେଶ୍ୱର ବାରିକ, ଶ୍ରୀଧର ବିଶ୍ୱାଳ, ଧୀରେନ୍ଦ୍ର ମଲ୍ଲିକ, ମନୋରଞ୍ଜନ ଦାସ, ଶୈରେନ୍ଦ୍ର ସାମଲ, ସୁଲଭ ମଲ୍ଲିକ, ସସ୍ମିତ ନାୟକ, ବିଜୟ ଦାସ, ରଶ୍ମିରଞ୍ଜନ ଦାସ, ଦିଲ୍ଲୀପ ରାଉତ, ପ୍ରବୋଧ ଶତପଥୀ, ବିକାଶ ବେହେରା, ପ୍ରଭାକର ନାୟକ, ମଦନ ମୋହନ ନାୟକ, ପ୍ରଦ୍ୟୁମ୍ନ ବାରିକ, ପ୍ରମୋଦ ଜେନା, ଜିତେନ୍ଦ୍ର ଦାସ, ଦେବୀ କିଂକର ନାୟକ, ମୀର ଆଜାଦ ଅଲ୍ଲୀ, ରମେଶ ଚନ୍ଦ୍ର ସାହୁ, ହେମନ୍ତ ମହାପାତ୍ର, ଶ୍ରବଣ ଜେନା, ବିଜୟ ସାମଲ, ଅନୀଲ ସାହାଣୀ, ପବନେଶ୍ୱର ଜେନା, ଏସ୍‌କେ ମାସିର ଆଲମ, ପ୍ରଫୁଲ୍ଲ ସାହାଣୀ, ବିକାଶ ଦାସ, ନକୁଳ ଚନ୍ଦ୍ର ନାୟକ, କୁଶ ଚନ୍ଦ୍ର ମହନ୍ତ, ଗୋଲଖ ମାଝି, ବିବେକାନନ୍ଦ ମହାନ୍ତି, ରବି ସାହୁ, ନିରଞ୍ଜନ ନାୟକ, ବନୋଜ ଜେନା, ପ୍ରଦ୍ୟୁମ୍ନ ପାତ୍ର ପ୍ରମୁଖଙ୍କ ନାମ ସ୍ଥାନ ପାଇଛି। କମିଟିରେ ସ୍ଥାନ ପାଇଥିବା ନେତାମାନେ ଦଳର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପ୍ରୀତିରଞ୍ଜନ ଘଡ଼ାଇ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ ବଳ ଓ ବରୀ ବିଧାୟିକା ସୁନନ୍ଦା ଦାସ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

# 'କୋରେଇ ସର୍ବଧର୍ମର ମାଟି, ସବୁଲୋକଙ୍କ ମଧ୍ୟରେ ସମନ୍ୱୟ ରହିଛି'

### କୋରେଇ ମହୋତ୍ସବ ଉଦ୍‌ଘାଟିତ

**ପାଣିକୋଇଲି,୨୫।୧୨(ଡି.ଏନ.ଏ.)**

କୋରେଇ ହେଉଛି ସର୍ବଧର୍ମର ମାଟି। ଏଠାରେ ସବୁ ଜାତିର ଲୋକ ରହୁଥିବା ବେଳେ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରହିଛି ବୋଲି କୋରେଇ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କୋରେଇ ମଣ୍ଡଳ ସାହିତ୍ୟ ସଂସଦର ଆନୁକୂଲ୍ୟରେ ଅନୁଷ୍ଠିତ ୪୦ତମ କୋରାଇ ମହୋତ୍ସବ-୨୦୨୨ର ଉଦ୍‌ଘାଟକ ଭାବେ ବିଶିଷ୍ଟ କବି ତଥା ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ଶିଶୁ ସାହିତ୍ୟିକ ମାନେ 'ବିଜ୍ଞାନ ଭିତ୍ତିକ ଲେଖା ଲେଖିବା ସହ ରାଜାରାଣିଠାରୁ ଅସୁରଅସୁରୁଣି ଓ ପଶୁପକ୍ଷୀଙ୍କ ଉପରେ ଅଧାରିତ କାହାଣୀ ଲେଖିବା ଉଚିତ ବୋଲି କହିଥିଲେ । ଉଦ୍‌ଘାଟନୀ ପର୍ବ 'କୃଷ୍ଣପ୍ରସାଦ ବସୁ ମଞ୍ଚ' ର ସଭାପତି ନନ୍ଦକିଶୋର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡକ୍ଟର କୁମରବର ଦାସ ଯୋଗଦେଇ ଓଡିଆ ସାହିତ୍ୟ ତଥା କୋରାଇ ସାହିତ୍ୟର ଉତ୍ତରରୋତର ଉନ୍ନତି କାମନା କରିଥିଲେ । ସମ୍ମାନିତ ଅତିଥିଭାବେ ନୂଆଦିଲ୍ଲୀ ଭିଭି ଗିରି ଲେବର ଇନଷ୍ଟିଚ୍ୟୁଟ୍ ପ୍ରାଧ୍ୟାପକ ଅମିତାଭ ପ୍ରିୟଦର୍ଶନ ଖୁଣ୍ଟିଆ ଯୋଗଦେଇ ଉର୍ଦ୍ଦୁ ସାହିତ୍ୟ ଓ ଓଡିଆ ସାହିତ୍ୟର ତୁଳନାତ୍ମକ ଭାବନା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ବକ୍ତାଭାବେ ପ୍ରାଧ୍ୟାପକ ଶିବଚରଣ ମାଝି ଯୋଗଦେଇଥିଲେ । ସଂସଦର କାର୍ଯ୍ୟକାରୀ ସମ୍ପାଦକ ଦୟାନିଧି ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ସଂସଦର ମୁଖପତ୍ର 'କସ୍ତୁରୀ' ଓ ଅଧାପକ ମଳୟ କୁମାର ମଲ୍ଲିକଙ୍କ ସମ୍ପାଦନାରେ ପ୍ରକାଶିତ ଶିଶୁ ସାହିତ ଇ-ପତ୍ରିକା 'ମହକଭରା କୋରେଇଫୁଲ' ଓ ଡକ୍ଟର ଚିତ୍ତରଞ୍ଜନ ବେହେରାଙ୍କ ଲିଖିତ କୃଷ୍ଣଚରଣ ବେହେରାଙ୍କ ସାହିତ୍ୟ ସର୍ଜନା ଦିଗନ୍ତ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ସଂସଦର ସାମ୍ପାଦକ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ ବାର୍ଷିକ ବିବରଣୀ ପ୍ରଦାନ କରିଥିଲା ବେଳେ ପ୍ରାଧ୍ୟାପକ ଅକ୍ଷୟକୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲା ବେଳେ ସଙ୍ଗଠନ ସମ୍ପାଦକ ଭୁବନମୋହନ ମହାନ୍ତି ଧନ୍ୟବାନ ଅର୍ପଣ କରିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପୂର୍ବାହ୍ନରେ ଅନୁଷ୍ଠିତ ପ୍ରଥମ ଅଧିବେଶନ ତଥା 'ବାଜିରାଉତ ମଞ୍ଚକୁ ଉପସଭାପତି ବିନୋଦ ବିହାରୀ ସାହୁ ଉଦଘାଟନ କରିଥିଲେ । ସାଂସ୍କୃତିକ ସମ୍ପାଦକ ବାଇଧର ମାଝୀଙ୍କ ପରିଚାଳନାରେ ଡକ୍ଟର ମୋହନଚରଣ ଖୁଣ୍ଟିଆ ଓ ପଣ୍ଡିତ ଅକ୍ଷୟକୁମାର ଦାଶଙ୍କ ସଂଯୋଜନାରେ କୋରାଇ ଶିକ୍ଷାମଣ୍ଡଳ ଅଧୀନ ବିଦ୍ୟାଳୟ ସମୂହ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସଂସଦ ସଭାପତି ନନ୍ଦକିଶୋର ସିଂହ, ଓ କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଶିବଚରଣ ମାଝି ଓ ଖବରଦାତା ଡ. ଚିତ୍ତରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ କୃତି ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଘର ତାଲା ଭାଙ୍ଗି ଟଙ୍କା, ସୁନାଗହଣା ଚୋରି

**ନାଉଗାଁ,୨୫।୧୨(ସ୍ୱ.ପ୍ର.):** ନାଉଗାଁ ଥାନା ଅନ୍ତର୍ଗତ ଓଷକଣା ପଞ୍ଚାୟତ ପୂର୍ବ ଓଷକଣା ଗ୍ରାମର ପ୍ରଭାସ ଚନ୍ଦ୍ର ନାୟକଙ୍କ ଘରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ପ୍ରଭାସଙ୍କ ଅଭିଯୋଗ ଅନୁଯାୟୀ, ସେ ୨୨ ଡିସେମ୍ବରରେ ଘରେ ତାଲା ପକାଇ ଭଉଣୀଙ୍କ ଘରକୁ ଯାଇଥିଲେ। ସେଠାରୁ ୨୪ ଡିସେମ୍ବରରେ ଫେରିବା ବେଳକୁ ଘର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଭିତରକୁ ଯିବା ପରେ ଘରେ ଥିବା ବାକ୍ସ ଭଙ୍ଗାଯାଇ ସେଥିରୁ ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସମେତ ୧୯ ଗ୍ରାମର ସୁନା ଗହଣା ଆଦି ଚୋରି ହୋଇଯାଇଥିବା ଜାଣିପାରିଥିଲେ। ଥାନାରେ ଅଭିଯୋଗ ପରେ ମାମଲା (ନଂ. ୨୯୧/୨୨) ରୁଜୁ ହୋଇଛି।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ମାର୍ଶାଘାଇ, ୨୫।୧୨ (ଡି.ଏନ.ଏ.):** ମାର୍ଶାଘାଇ ବ୍ଲକ ଜୟଚନ୍ଦ୍ରପୁର ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ୩ ଦିନ ଧରି ଆୟୋଜିତ ଉତ୍ସବରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶହେ ମିଟର, ୨ଶହ ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଜାଭେଲିନ, ଡିସ୍କସ, ଶଟପୁଟ ଥ୍ରୋ, ସ୍ଲୋ ସାଇକେଲ ରେସ ଓ ମିଉଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ରାମକୃଷ୍ଣ ମହାପାତ୍ର ଓ ବାଳିକା ବିଭାଗରେ ରୂପାଲୀ ଦାସ ଚାମ୍ପିୟନ ହୋଇଥିଲେ। ଏହି ଉତ୍ସବରେ ଅଧକ୍ଷ ଉମାକାନ୍ତ ଦାସ, ଅଧାପକ ବିକାଶ ଚନ୍ଦ୍ର ଦାସ, ସମୀର କୁମାର ରାଉତ, ମନୋଜ ଦାସ, ଦିଲୀପ ଦାସ, ଅଧାପିକା ମମତା ଶତପଥୀ, ଶୈଳବାଳା ମହାନ୍ତି ଉପସ୍ଥିତ ଥିଲେ। କ୍ରୀଡା ଶିକ୍ଷକ ଗଙ୍ଗାଧର ଦାସ ଖେଳକୁ ପରିଚାଳନା କରିଥିଲେ।

### ସ୍ୱାସ୍ଥ୍ୟ ଶିବିରରେ ୩୭୨ ରୋଗୀଙ୍କ ଚିକିତ୍ସା

**ବିରିଡି/ବାଲିଆ, ୨୫।୧୨ (ଡି.ଏନ୍.ଏ./ସ୍ୱ.ପ୍ର):** ବିରିଡି ବ୍ଲକ ୨୨ ମୌଜାର ମଇନ୍ଦପୁର କମଳପୁର ଯୁବକ ସଂଘ ସହଯୋଗରେ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ମଙ୍ଗଳାବାଗ କଟକ ପକ୍ଷରୁ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରରେ ୩୭୨ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ଟ୍ରଷ୍ଟର ଉପଦେଷ୍ଟା ଡା. ଉମେଶ ରାୟ ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ଟ୍ରଷ୍ଟର ସଭାପତି ମନୋଜ ପଣ୍ଡା, ଯୁବକ ସଂଘ ସଭାପତି ରାସ ବିହାରି ଦାସ , ସମ୍ପାଦକ ସୁବ୍ରତ ପଟ୍ଟନାୟକ, ଡା. ଶୁଭ ଦାଶ , ବିଦ୍ୟାଧର ଦାଶ, ପ୍ରବିର ଦାସ, ହେମନ୍ତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ହୃଦ ରୋଗ , ମେଡିସିନ , ଡାଇବେଟିସ, ସର୍ଜରୀ, ଚକ୍ଷୁ, କର୍ଣ୍ଣ, ନାଶା ଓ ଦନ୍ତ ବିଭାଗର ଡାକ୍ତରମାନେ ଯୋଗଦେଇଥିଲେ । ଏଥିସହ ଫିଜିଓଥେରାପି ଓ ଆୟୁର୍ବେଦିକ ଚିକିତ୍ସା ମଧ କରାଯାଇଥିଲା। ଡା. ସତ୍ୟବ୍ରତ ସାହୁ, ଡା. ଦୁର୍ଗା ପ୍ରସାଦ ନାୟକ, ଡା. ଚିରଞ୍ଜୀବ ଖଟୁଆ, ଡା. ରଞ୍ଜନ ପ୍ରଧାନ , ଡା. ସୁଧାକର ଆଚାର୍ଯ୍ୟ, ଡା. ତ୍ରିଲୋଚନ ଦାସ, ଡା. ସୁଭାଶିଷ ଦାସ, ଡା. ତୁଷାର ମନୋହରି, ଡା. ରୋହିତ ସାହୁ, ଡା. ଆକାଶ ଦାସ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

# 'ଉପକୂଳ ରାଜପଥ ୯ ପଞ୍ଚାୟତର ଜୀବନରେଖା'

**ବାଲିକୁଦା,୨୫।୧୨(ସ୍ୱ.ପ୍ର.)**


ସମାରୋହରେ ଯୋଗଦେଇଥିବା ମହିଳାମାନେ।

- ନକ୍ସା ପରିବର୍ତ୍ତନ ବିରୋଧରେ ସମାବେଶ
- ଯୋଗଦେଲେ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା

ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗା ପୂଜା ପଡ଼ିଆରେ ଉପକୂଳ ରାଜପଥକୁ ନେଇ ରବିବାର ଏକ ସମାବେଶ ଆୟୋଜନ କରାଯାଇଥିଲା। ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ନିଜ ହକ ପାଇଁ ଦାବି କରିଥିଲେ। ଗତ କିଛି ମାସ ହେବ ଏହାକୁ ନେଇ ଉପକୂଳ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନାତ୍ମକ ପନ୍ଥା ଆପଣେଇ ଆସିଛି। ଏନେଇ କମିଟି ରାଜ୍ୟଠାରୁ ଆରମ୍ଭ କରି କେନ୍ଦ୍ର ସରକାର ପର୍ଯ୍ୟନ୍ତ ସବୁଠି ଦାବି କରିଛି ବୋଲି କମିଟି ପକ୍ଷରୁ ସମାବେଶରେ କୁହାଯାଇଥିଲା। ଏହି ଅବସରରେ କମିଟିର ନେତୃମଣ୍ଡଳୀ କହିଥିଲେ, ଉପକୂଳ ରାଜପଥ ପାଇଁ ପ୍ରଥମେ ଯେଉଁ ନକ୍ସା ପ୍ରସ୍ତୁତ ହୋଇଥିଲା ତାହାକୁ ପରିବର୍ତ୍ତନ କରାଯାଇଛି। ଉକ୍ତ ରାଜପଥକୁ ଉପକୂଳଠାରୁ ୨୫ କିଲୋମିଟର ଦୂରରେ ନିର୍ମାଣ ପାଇଁ ଯୋଜନା କରାଯାଇଛି। ଏହାକୁ ଉପକୂଳ କ୍ରିୟାନୁଷ୍ଠାନ କମିଟି କେବେ ହେଲେ ବରଦାସ୍ତ କରିବ ନାହିଁ। କାରଣ ଉପକୂଳ ରାଜପଥ ଆମ ୯ ପଞ୍ଚାୟତର ଜୀବନ ରେଖା ସଦୃଶ। ନିଜର ହକ୍ ପାଇଁ ଏହି ଲଢ଼େଇ ଜାରି ରହିବ। ଆବଶ୍ୟକ ପଡ଼ିଲେ କୌଣସି ଅଧିକାରୀଙ୍କୁ ଅଞ୍ଚଳରେ ପୂରାଇ ଦିଆଯିବ ନାହିଁ ବୋଲି ନେତୃମଣ୍ଡଳୀ ଚେତାବନୀ ଦେଇଥିଲେ।

ଏଥିରେ ଇଂ.ଚଣ୍ଡେଶ୍ୱର ବେହେରା ଅଧ୍ୟକ୍ଷତା କରିଥିବା ବେଳେ ସତ୍ୟବ୍ରତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ରମେଶ ବହିରା ଧନ୍ୟବାଦ ଦେଇଥିଲେ। ସମାବେଶରେ ବାଲିକୁଦା ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ଜିଲା ପରିଷଦ ସଦସ୍ୟା ତଟିନା ସ୍ୱାଇଁ, ଆଇନଜୀବୀ ଡ. ସୁଶାନ୍ତ କାନୁନ୍‌ଗୋ, ପୂର୍ବତନ ବିଧାୟକ ସ୍ୱର୍ଗତ ଉମେଶ ସ୍ୱାଇଁଙ୍କ ପୁଅ ଚିରାଗ ସ୍ୱାଇଁ ଓ ବୋହୂ ଶିଖା ସ୍ୱାଇଁ, ଡା, ଶଶାଙ୍କ ସାହାଣୀ, ସୁବାସ ନାୟକ, ରବି ସେନାପତି, ସଦାନନ୍ଦ ବେହେରା, ପ୍ରଫେସର ମାନସ ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷି ଥିଲେ।

# 'ଶିକ୍ଷାନୁଷ୍ଠାନ ଏକ ମନ୍ଦିର ସଦୃଶ'


ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିମାନେ।

**ରଘୁନାଥପୁର,୨୫।୧୨(ଡି.ଏନ୍.ଏ.)**

### ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ରଘୁନାଥପୁର ବ୍ଲକ ଅନ୍ତର୍ଗତ ଅଯୋଧ୍ୟାପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ସମ୍ପାଦକ ହେମନ୍ତ କୁମାର ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ଏନେଇ ଆୟୋଜିତ ସଭାରେ ବାବା ଶ୍ରୀ ବଂଶୀଧର ଦାସ ମହାରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ପରିବାରରେ ହେଉ କିମ୍ବା ଶିକ୍ଷାନୁଷ୍ଠାନରେ ହେଉ ଛାତ୍ରୀଛାତ୍ର ଆହରଣ କରୁଥିବା ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଭଲମଣିଷ ହେବାକୁ ଚେତନା ଜାଗ୍ରତ କରେ ବୋଲି କହିଥିଲେ। ଡା. ନାରାୟଣ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ ଏକାଠି ହେଉଥିବା ଅନୁଷ୍ଠାନ ଏକ ମନ୍ଦିର ସଦୃଶ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଚିତ୍ରା ପଣ୍ଡା ଯୋଗଦେଇ ଶିଶୁଙ୍କ ପାଇଁ ମାତାପିତା ଜୀବନ୍ତ ଠାକୁର ବୋଲି କହିଥିଲେ। ସାମାଜିକ କର୍ମୀ ସରିତ ମହାପାତ୍ର ନିର୍ମଳ ଜେନା, ଆଇନ୍‌ଜୀବୀ ଦୋଳଗୋବିନ୍ଦ ମହାପାତ୍ର, ସତ୍ୟବ୍ରତ ରଥ, ମିତାଲି ବରାଳ ଓ ଶିକ୍ଷାବିତ୍ ବାବାଜୀ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଷ୍ଟ୍ରପତିଙ୍କଠାରୁ ଫ୍ଲୋରେନ୍ସ ନାଇଟ ଏଙ୍ଗେଲ ଉପାଧିରେ ସମ୍ମାନିତ ହୋଇଥିବା ବରିଷ୍ଠ ସେବିକା ଖୁଲଣା ବାରିକଙ୍କୁ ବିଦ୍ୟାମନ୍ଦିର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏଥିସହ କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉପଦେଷ୍ଟା ଅଜୟ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ, ଅଙ୍କିତା ସାହୁ ବିବରଣୀ ପଠନ ଓ ଅଂଶୁମାନ ଆଚାର୍ଯ୍ୟ ଅତିଥି ପରିଚୟ କରିବା ସହ ଧନ୍ୟବାଦ ଦେଇଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅମିତା ପଣ୍ଡା, ସବିତା ସେଠୀ, ସସ୍ମିତା ବେହେରା, ବନ୍ଦନା ପଣ୍ଡା, ପ୍ରକାଶ ସାହୁ, ଦୀପକ ସେଠୀଙ୍କ ସହ ସମସ୍ତ ଗୁରୁମା ଗୁରୁଜୀ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ।

## ବେପାରୀଙ୍କଠାରୁ ଲକ୍ଷାଧିକ ଟଙ୍କାର କାଠ ଲୁଟି ନେଲେ କାରିଗର

**ଆଳି,୨୫।୧୨ (ଡି.ଏନ.ଏ.)**

ଆଳି ଥାନା ଅଞ୍ଚଳରେ କାଠ ବେପାର କରୁଥିବା ୩ ଜଣ ବ୍ୟବସାୟୀଙ୍କ ସମେତ ସାଧାରଣ ଲୋକଙ୍କୁ ଠକି ଜଣେ ବଙ୍ଗାଳି କାରିଗର ମିଥୁନ ବଳ ପ୍ରାୟ ୩୦ ଲକ୍ଷ ଟଙ୍କା ମୂଲ୍ୟର କାଠ ସାମଗ୍ରୀ ଲୁଟି ନେଇଥିବା ରବିବାର ଅଭିଯୋଗ ହୋଇଛି। ବ୍ୟବସାୟୀ ପ୍ରହ୍ଲାଦ ପଣ୍ଡା, ଶିବ ପ୍ରସାଦ ମହାନ୍ତି ଓ ତପନ କୁମାର ଧଳ ଥାନାରେ ଏହି ଅଭିଯୋଗ କରିଛନ୍ତି। ସେମାନେ ମିଥୁନଙ୍କ ମୋବାଇଲକୁ ଫୋନ କଲେ ସେ ଉଠାଉ ନାହାନ୍ତି। ମିଥୁନ ଭୂଇଁପୁର ଛକ ନିକଟରେ ଦୋକାନ କରି ସେଠାରେ ବିଭିନ୍ନ ପ୍ରକାର କାଠ ସାମଗ୍ରୀ ତିଆରି କରୁଥିଲେ। ମିଥୁନ ସେମାନଙ୍କ ନିକଟରୁ ନିୟମିତ କାଠ ନେଇଥାନ୍ତି। ମାତ୍ର ଶନିବାର ରାତିରୁ ମିଥୁନ ଦୋକାନ ବନ୍ଦ କରି ଫେରାର ହୋଇଯାଇଛନ୍ତି। ପ୍ରାୟ ୩୦ ଲକ୍ଷ ଟଙ୍କାର କାଠ ମିଥୁନ ଠକି ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ମିଥୁନ ପ୍ରହ୍ଲାଦ ପଣ୍ଡାଙ୍କ ନିକଟରୁ ଦୁଇଟି ପଲଙ୍କ ତିଆରି ନିମନ୍ତେ କାଠ ନେଇଥିବା ବେଳେ ଦୋକାନ ପାଇଁ ପ୍ରାୟ ୨ ଲକ୍ଷ ଟଙ୍କାର ପ୍ଲାଇ ବାକିରେ ନେଇଥିଲେ। ସେହିପରି ଶିବ ପ୍ରସାଦ ମହାନ୍ତିଙ୍କ ନିକଟରୁ ଗୋଟିଏ ବକ୍ସ ଖଟ ଓ ୨ ହଳ କବାଟ ନିମନ୍ତେ କାଠ ନେବା ସହ ମଜୁରୀ ବାବଦେ ୩୦ ହଜାର ଟଙ୍କା ନେଇଥିବା ବେଳେ ତପନଙ୍କ ନିକଟରୁ ଖଟ, କବାଟ, ଝରକା ତିଆରି କରିବା ନିମନ୍ତେ ଶହେ କେବିରୁ ଊର୍ଦ୍ଧ୍ୱ କାଠ ନେଇଥିଲେ। ଅପର ପକ୍ଷରେ ମିଥୁନ ଆଳି ଅଞ୍ଚଳର କେତେଜଣ ଲୋକଙ୍କ ନିକଟରୁ ଏଭଳି ଟଙ୍କା ଓ କାଠ ନେଇଥିବା ଠକିଥିବା ଜଣାପଡ଼ିଛି।

# ସାହିତ୍ୟ ସାମାଜିକ ଚେତନା ସୃଷ୍ଟି କରେ

**ଏରସମା,୨୫।୧୨(ସ୍ୱ.ପ୍ର.)**

### ପ୍ରେରଣା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ଏରସମା ବ୍ଲକ ଅନ୍ତର୍ଗତ ପଏଦା ପଞ୍ଚାୟତସ୍ଥିତ ବଡ଼ପାଳ ଗ୍ରାମରେ ରବିବାର ପ୍ରେରଣା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ପୀତାମ୍ବର ତରାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ସାହିତ୍ୟ ବିନା ସମାଜର ସ୍ଥିତି ଅସମ୍ଭବ। ସାହିତ୍ୟ ହିଁ ପ୍ରତ୍ୟେକ କ୍ଷେତ୍ରରେ ସାମାଜିକ ଚେତନା ସୃଷ୍ଟି କରେ। ଅନୁଷ୍ଠାନର ସଭାପତି ନଗେନ୍ଦ୍ରନାଥ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାକୁ ବିଶିଷ୍ଟ ପାଲା ଗାୟକ ବୈଦ୍ୟନାଥ ମିଶ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ନାଟ୍ୟକାର ରଘୁନାଥ ସାହୁ, ପ୍ରାବନ୍ଧିକ ବରଦା ପ୍ରସନ୍ନ ନାୟକ, ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା ବ୍ରହ୍ମାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ସାହିତ୍ୟ ସଭା ଶୀର୍ଷକ ବିଷୟରେ ବକ୍ତବ୍ୟ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ପଣ୍ଡିତ ନାଗୁ ଚରଣ ଦେବତା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଷ୍ଣୁପ୍ରିୟା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପ୍ରଫେସର ବିଷ୍ଣୁପ୍ରିୟା ଦାସ, ବୃନ୍ଦାବନ ବିହାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସବିତା ଦାସ, ନିତମ୍ବିନୀ ସାମନ୍ତରାୟ, ପ୍ରଭାତୀ ମାଝୀଙ୍କ ସଂଯୋଜନାରେ କବି ଅରୁଣ କୁମାର ବେହେରା, କୈଳାସ ଚନ୍ଦ୍ର ପ୍ରଧାନ,କ୍ଷୀରୋଦ ସେଠୀ ପ୍ରମୁଖ କବିତା ପାଠ କରିଥିଲେ। ଅତିଥିମାନେ ଅନୁଷ୍ଠାନର ମୁଖପତ୍ର ପ୍ରେରଣାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅରୂପାନନ୍ଦ ସ୍ୱାଇଁ, ତୃପ୍ତିରଞ୍ଜନ ମହାନ୍ତି, ବିଭୂଷିତା ଦାସ, ବାସବ କୁମାର ନନ୍ଦ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ୧୭ ଜଣ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗାଳ୍ପିକ ଦୀପ୍ତି ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ।


ଅତିଥିମାନେ ମୁଖପତ୍ର ପ୍ରେରଣାକୁ ଉନ୍ମୋଚନ କରୁଛନ୍ତି।

# ୨୩ରୁ ସମାବର୍ତ୍ତନ ଉତ୍ସବ

**ଜଗତ୍‌ସିଂହପୁର ଅଫିସ, ୨୫। ୧୨**

### ଅଳକା ଆଶ୍ରମ ଶତବାର୍ଷିକୀ ସମାରୋହ

ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡିଶାଳ କୁହାଯାଉଥିବା ଅଳକା ଆଶ୍ରମର ଶତବାର୍ଷିକୀ ସମାରୋହ ପାଳନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ୨୦୨୨ ଶ୍ରୀପଞ୍ଚମୀଠାରୁ ଆରମ୍ଭ ହୋଇଥିବା ଏହି ସମାରୋହ ୨୦୨୩ ଶ୍ରୀପଞ୍ଚମୀରେ ଉଦ୍‌ଯାପିତ ହେବ। ଏହାର ସମାବର୍ତ୍ତନ ସମାରୋହ ଆସନ୍ତା ୨୦୨୩ ଜାନୁୟାରୀ ୨୬ ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ସ୍ମରଣୀୟ ଓ ସୁଦୂର ପ୍ରସାରୀ କରିବା ପାଇଁ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସକ୍ରିୟ ହୋଇ ଉଠିଛନ୍ତି। ଏନେଇ ଜଗତ୍‌ସିଂହପୁର ପୌରପରିଷଦ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନାରେ ଅଳକା ଆଶ୍ରମ ଶତବାର୍ଷିକୀ ସମାରୋହର ଆବାହକ ଦେବେନ୍ଦ୍ର ନାଥ ରାଉତ ଯୋଗଦେଇ ଶତବାର୍ଷିକୀ ସମାରୋହର କାର୍ଯ୍ୟସୂଚୀ ଓ ଏଥିପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ଜିଲାର ବିଭିନ୍ନ ଶିକ୍ଷା, ସାଂସ୍କୃତିକ, ସାହିତ୍ୟ ସାମାଜିକ ଅନୁଷ୍ଠାନକୁ ଏଥିରେ ସାମିଲ କରାଯିବ। ଦେଶ,ବିଦେଶର ଗାନ୍ଧୀବାଦୀ, ବୁଦ୍ଧିଜୀବୀ ଓ ନେତୃବର୍ଗଙ୍କ ଉପସ୍ଥିତିରେ ଏହି ଐତିହାସିକ ପର୍ବ ଅନୁଷ୍ଠିତ ହେବ ବୋଲି ପୌରାଧ୍ୟକ୍ଷା ସିଂ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୌର ପରିଷଦର ବିଶଦ ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଳକା ଆଶ୍ରମ ଶତବାର୍ଷିକୀ କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ଗୌରାଙ୍ଗ ଚରଣ ହୋତା, ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋଇ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ନିତ୍ୟାନନ୍ଦ ମହାନ୍ତି ଏହାକୁ ସଂଯୋଜନା କରିଥିବା ବେଳେ ପୌରପରିଷଦର କର୍ମଚାରୀ ଓ ଅଳକା ଆଶ୍ରମ ଶତବାର୍ଷିକୀ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।



ପ୍ରସ୍ତୁତି ବୈଠକରେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ ଓ ଅନ୍ୟମାନେ।

## ଜିଲା ମହୋତ୍ସବ, ପୁସ୍ତକ ମେଳା ପାଇଁ ଭୂମିପୂଜା



ଭୂମିପୂଜାରେ ଯୋଗଦେଇଥିବା ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ଓ ଅନ୍ୟମାନେ।

**ଜଗତ୍‌ସିଂହପୁର ଅଫିସ, ୨୫୧୨**

ଜଗତ୍‌ସିଂହପୁରସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ରବିବାର ଜିଲା ମହୋତ୍ସବ କଲ୍ଲୋଳ ଓ ପୁସ୍ତକ ମେଳା ନେଇ ଭୂମି ପୂଜା କରାଯାଇଛି। ଏନେଇ ସ୍ଥାନୀୟ ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ମହାମନ୍ତ୍ର ଜପ କରାଯାଇଛି। ଏଥିରେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ଡିଆରଡିଏ ଡେପୁଟି ସିଇଓ ସତ୍ୟସୁନ୍ଦର ଶିବରାମ ପାଇଟାଳ, ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ବିପ୍ଳବ ଚୌଧୁରୀ, ବିବୁଧ ମହାନ୍ତି, ସାରଦା ପ୍ରସାଦ ଦାସ, ବିଜୟ କୁମାର ରାଉତ, ନରେଶ କୁମାର ଦାସ, ଅବନୀ କାନ୍ତ ମହାରଣା, ସୁଧୀର ମହାନ୍ତି, ପ୍ରଭାତ କୁମାର ଦାଶ,ଲୋକନାଥ ସାହୁ ଓ ସଂଗ୍ରାମ ପଟ୍ଟନାୟକ, ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପରିଷଦର କର୍ମଚାରୀ ଓ ପୌର ପରିଷଦ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜାନୁୟାରୀ ୧୫ ରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲା ମହୋତ୍ସବ ସହ ପୁସ୍ତକ ମେଳା, ପଲ୍ଲିଶ୍ରୀ ମେଳା, କୃଷି ମେଳା ସହ ବିଭାଗୀୟ ପ୍ରଦର୍ଶନୀ,ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲାପାଳ ପାରୁଲ ପଟୱାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ୨ ସଙ୍ଗଠନ ସମାନ୍ତରାଳରେ ପାଳିଲେ ବାଜପେୟୀଙ୍କ ଜୟନ୍ତୀ

**ପାରାଦୀପ,୨୫।୧୨(ସ୍ୱ.ପ୍ର.)**



ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ।

ପାରାଦୀପର ନୂଆବଜାରରେ ରବିବାର ଦୁଇଟି ସ୍ଥାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମାତ୍ର ୨୦୦ ମିଟର ବ୍ୟବଧାନରେ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ଓ ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସମାନ୍ତରାଳ ଭାବେ ଏବଂ ସମାନ ସମୟରେ ଏହାକୁ ପାଳନ କରାଯାଇଛି। ବାଜପେୟୀ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମୂହ ଦୀପଦାନ, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ରୋଗୀଙ୍କୁ ଫଳ ବଣ୍ଟନ ଆଦି କରାଯାଇଥିଲା। ସନ୍ଧ୍ୟାରେ ଟ୍ରଷ୍ଟ ପରିସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଅଜୟ ଦାସ, ଧ୍ରୁତିଧର ଦାଶ, ଶୈଳେନ୍ଦ୍ରୀ ସେନାପତି, ପୂର୍ବତନ ଭାଜପା ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଟ୍ରଷ୍ଟ ଅଧ୍ୟକ୍ଷ ଅଜିତ ଦାସ ସଭାପତିତ୍ୱ କରିଥିବାବେଳେ ଅରୁଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସେହିପରି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସଭାପତି ସମ୍ପଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ସମ୍ମାନିତ ଅତିଥି ଭାବେ ବିରୋଧୀ ଦଳ ଉପସଚେତକ ମୋହନ ମାଝୀ, ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ପ୍ରତାପ ମିଶ୍ର, ପ୍ରତାପ ନାୟକ, ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ମେମୋରିଆଲ ଟ୍ରଷ୍ଟରେ ଯୋଗ ଦେଇଥିବା ଅତିଥିମାନେ ଅଟଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ସହ ମଥାନତ କରି ସମ୍ମାନ ଜଣାଇଥିଲେ। ଏହା ଚର୍ଚ୍ଚାର ବିଷୟ ପାଲଟିଥିଲା। କାରଣ ଗତବର୍ଷ ଏହି ପ୍ରତିମୂର୍ତ୍ତି ଲୋକାର୍ପଣ ଘଟଣାକୁ ନେଇ ଭାଜପା ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା।

### ଗତବର୍ଷ ପ୍ରତିମୂର୍ତ୍ତି ଲୋକାର୍ପଣକୁ ନେଇ ଭାଜପାରେ ବିବାଦ ହୋଇଥିଲା

ବାଜପେୟୀ ଟ୍ରଷ୍ଟ ପକ୍ଷରୁ ଲୋକାର୍ପଣ ପାଇଁ ସେତେବେଳେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଅତିଥି କରାଯାଇଥିଲା। ଭାଜପାର ଜିଲା ନେତାମାନେ ଏହାକୁ ବିରୋଧ କରି ଲୋକାର୍ପଣ କାର୍ଯ୍ୟକ୍ରମଠାରୁ ଦୂରେଇ ରହିଥିଲେ। ଏହି ଘଟଣା ପରେ ଅପରାଜିତାଙ୍କୁ ନିମନ୍ତ୍ରଣ କରିଥିବା ଦଳର କର୍ମୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠା ନିଆଯାଇଥିଲା। ଦଳର ମଣ୍ଡଳ ସଭାପତି କୈଳାସ ସାହୁ, ଜିଲା ଉପ ସଭାପତି ଅଜିତ ଦାସ, ଅରୁଣ ସ୍ୱାଇଁ, ଶୈଳେନ୍ଦ୍ରୀ ସେନାପତି ପ୍ରମୁଖଙ୍କୁ ବହିଷ୍କାର କରାଯାଇଥିଲା। ଏବେ ବର୍ଷକ ମଧ୍ୟରେ ୩ ଜଣ କେନ୍ଦ୍ର ମନ୍ତ୍ରୀ ଏକାଧିକବାର ପାରାଦୀପ ଗସ୍ତ କରିଛନ୍ତି। ସରକାରୀ କାର୍ଯ୍ୟକ୍ରମ ବ୍ୟତିତ ଦଳୀୟ କାର୍ଯ୍ୟକ୍ରମ କରିଛନ୍ତି। ସମସ୍ତ ମନ୍ତ୍ରୀ ଜୟଦେବ ସଦନରେ ବୈଠକ କରିଛନ୍ତି। କିନ୍ତୁ କୌଣସି ମନ୍ତ୍ରୀ କିମ୍ବା ଦଳୀୟ ନେତା ବାଜପେୟୀଙ୍କ ପ୍ରତିମୂର୍ତ୍ତି ପାଖକୁ ଯାଇ ନ ଥିଲେ। ରବିବାର କିନ୍ତୁ ଚକିତ କରି ରାଜ୍ୟ ସଭାପତି ମହାନ୍ତି ଓ ଅନ୍ୟ ନେତା ପ୍ରଥମକରି ଉକ୍ତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।


ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସମାରୋହରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ଦିଗପହଣ୍ଡିରେ ଖୋଲିଲା ଧାନମଣ୍ଡି

**ଦିଗପହଣ୍ଡି,୨୫।୧୨(ଡି.ଏନ.ଏ.):** ଦିଗପହଣ୍ଡି ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ରବିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମବାୟ ସମିତି ସମ୍ପାଦକ ସୁରେଶ କୁମାର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମବାୟ ସମିତି ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ସେବା ସମବାୟ ସମିତିର ପୂର୍ବତନ ସଭାପତି ଅଶ୍ୱିନୀ କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀ କମିଟି ସଦସ୍ୟ ଏମ୍. ବାଇନାଥ, ଲବ ମହାନ୍ତି, ରାମଚନ୍ଦ୍ର ପୂଜାରୀ, କିଶୋର ଜେନା, କୀର୍ତ୍ତି ଚନ୍ଦ୍ର ପୂଜାରୀ, ଏନ୍.ତ୍ରିନାଥ, ବି. କାନେୟା ରେଡ୍ଡୀଙ୍କ ସମେତ ବହୁସଂଖ୍ୟକ ଚାଷୀ ଓ ମିଲ ମାଲିକ ଗୌରାଙ୍ଗ ସାହୁ, ଭି.ଉଦୟ ନାଥ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ସରକାରଙ୍କ ଦ୍ୱାରା ମଣ୍ଡିରେ ସାଧାରଣ ଧାନର ଧାର୍ଯ୍ୟଦର କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ରହିଥିବା ବେଳେ ଗ୍ରେଡ ଏ ଧାନର ମୂଲ୍ୟ ୨୦୬୦ ଟଙ୍କା ରହିଛି। ଧାନମଣ୍ଡି ଉଦ୍‌ଘାଟନର ପ୍ରଥମ ଦିନରେ ଚାଷୀମାନଙ୍କଠାରୁ ୨୭୫ କୁଇଣ୍ଟାଲ ୩୦ କେଜି ଧାନ କ୍ରୟ କରାଯାଇଥିବା ସମ୍ପାଦକ ଜଣାଇଛନ୍ତି।

### ଉତ୍କଳ ସମ୍ମିଳନୀର ନୂତନ କର୍ମକର୍ତ୍ତା ନିର୍ବାଚନ

**ପାରଳାଖେମୁଣ୍ଡି,୨୫।୧୨(ଡି.ଏନ୍.ଏ.):** ପାରଳାଖେମୁଣ୍ଡିଠାରେ ଥିବା ଉତ୍କଳ ହିତୈଷିଣୀ ସମାଜ ସଭା ଗୃହରେ ଉତ୍କଳ ସମ୍ମିଳନୀ ଗଜପତି ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସର୍ବ ସମ୍ମତି କ୍ରମେ କର୍ମକର୍ତ୍ତା ନିର୍ବାଚନରେ ନିର୍ବାଚିତ ହୋଇଥିବା ସଭ୍ୟ ସଭ୍ୟାମାନେ ହେଲେ ଉପଦେଷ୍ଟା ମଣ୍ଡଳୀରେ ମୁଖ୍ୟ ଉପଦେଷ୍ଟା-ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପଦେଷ୍ଟା ଭାବେ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ଅନାଦି ପାଣିଗ୍ରାହୀ, ଦୁର୍ଗା ମାଧବ ପଣ୍ଡା, ହିରାଚାନ୍ଦ ପଟ୍ଟନାୟକ। ସେହିପରି ସଭାପତି ଭାବେ ଭାରତ ଭୂଷଣ ମହାନ୍ତି, ଉପସଭାପତି ଭାବେ ଆଶାଲତା ପାଣିଗ୍ରାହୀ, ବିଧାନ ଚନ୍ଦ୍ର ଚୌଧୁରୀ, ସମ୍ପାଦକ ଭାବେ ଲିଙ୍ଗରାଜ ପ୍ରସାଦ ଦାସ, ସହସମ୍ପାଦକ ଭାବେ ବିଚିତ୍ରାନନ୍ଦ ବେବର୍ତ୍ତା, ଗୌରହରି ପଟନାୟକ, କୋଷାଧ୍ୟକ୍ଷ ଭାବେ ପ୍ରମୋଦ ଚନ୍ଦ୍ର ପାଢ଼ୀ ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଏହାପରେ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ୨୦ଜଣଙ୍କୁ ସଦସ୍ୟ ଭାବେ ମନୋନୀତ କରିଥିଲେ। ଏହି କର୍ମକର୍ତ୍ତା ନିର୍ବାଚନ ସଭା ଶେଷରେ ଗୌର ହରି ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଭକ୍ତଙ୍କ ଦାନ

**ପାରଳାଖେମୁଣ୍ଡି,୨୫।୧୨(ଡି.ଏନ୍.ଏ.):** ପାରଳାଖେମୁଣ୍ଡିଠାରେ ଚାଲିଥିବା ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟରେ ଜଗନ୍ନାଥ ପ୍ରେମୀ ବା ଶ୍ରଦ୍ଧାଳୁ ସହଯୋଗର ହାତବଢ଼ାଇ ଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ନିର୍ମାଣ କାର୍ଯ୍ୟ ଲାଗି ବ୍ୟବହୃତ ବିଭିନ୍ନ କାମରେ ନିୟୋଜିତ ଶ୍ରମିକଙ୍କ ପାରିଶ୍ରମିକ ଆଦି ପାଇଁ ଲୋକେ ଯାହାର ଯେତିକି ସାମର୍ଥ୍ୟ ଅନୁସାରେ ସ୍ୱଇଚ୍ଛାରେ ପ୍ରଦାନ କରୁଛନ୍ତି। ଏପରି ଭକ୍ତ ବା ଶ୍ରଦ୍ଧାଳୁମାନେ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ସକାଶେ ବେଶ ମନବଳାଇ ଆଗଭର ହୋଇ ସହାୟତା ପ୍ରଦାନ କରୁଥିବାର ଲକ୍ଷ୍ୟ କରାଯାଉଛି। ରବିବାର ଜଗନ୍ନାଥ ଭକ୍ତ ତଥା ସହରର ଜଣାଶୁଣା ବ୍ୟକ୍ତିବିଶେଷ ଏସ୍‌ବିଆଇର ଅବସରପ୍ରାପ୍ତ ଅଧିକାରୀ ସାରଳାଦେବ ପଟ୍ଟନାୟକ ୫୦ହଜାର ଟଙ୍କା ଜଗନ୍ନାଥ ସେବା ଦଳର ସଭ୍ୟମାନଙ୍କୁ ପ୍ରଦାନ କରିଛନ୍ତି।

### ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

**ରମ୍ଭା,୨୫।୧୨:** ସାନଘାଟି ଛକ ପାର୍ଶ୍ୱ ମା ତାଲଖାଇ ମନ୍ଦିର ପରିସରରେ ଷ୍ଟୁଡେଣ୍ଟସ ନୋଡାଲ ହାଇସ୍କୁଲ ସାବୁଲିୟା ୧୯୮୧-୮୨ ମସିହା ମ୍ୟାଟ୍ରିକ ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁ ମିଳନ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୫୦ ଜଣ ପୁରାତନ ଛାତ୍ରୀଛାତ୍ରମାନେ ପାରିବାରିକ ଜୀବନର ଅନୁଭୂତି ବାଣ୍ଟିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିସମ୍ବର ପଲେଇ, ଲକ୍ଷ୍ମୀଧର ପ୍ରହରାଜ, ରବୀନ୍ଦ୍ର ପଲେଇ, ବିଜୟ କୁମାର ଦାସ ଅଭିଭାଷଣ ମାଧମରେ ଉପସ୍ଥିତ ଥିଲେ। ପୁରାତନ ବନ୍ଧୁମାନଙ୍କ ମଧ୍ୟରେ ପ୍ରଦୀପ, ପ୍ରକାଶ, ନବକିଶୋର, ତ୍ରିନାଥ, ନିଳାଞ୍ଚଳ, ମଦନ, ଚନ୍ଦ୍ରଶେଖର, ରବିନ୍ଦ୍ର, ଚନ୍ଦ୍ର ରେଡ୍ଡୀ, ନିରଞ୍ଜନ, ସନ୍ୟାସୀ, ଲକ୍ଷ୍ମୀ, ଭୁଜବଳ, ପ୍ରଫୁଲ୍ଲ, ବିଜୟ, ଧୁଶାସନ, ଭାସ୍କର, ଶିବାଜୀ ଓ ଛାତ୍ରୀ ମାନଙ୍କ ମଧ୍ୟରେ ହରପ୍ରିୟା, ଜୋସ୍ନା, କୁନି, ସାଧନା, ତ୍ରିବେଣୀ, ଇନ୍ଦୁଲତା, ମିନାକ୍ଷୀ, ବବିତା, ସୁଷମା, କୁନ୍ତଳା ପ୍ରମୁଖ ଉପସ୍ଥିତ ଥିଲେ।

# ଶୃଙ୍ଖଳାରେ ପାଳିତ ହେଲା ବଡ଼ ଦିନ

**ବଳସକୁମ୍ପା/ବାଲିଗୁଡା,୨୫।୧୨**

କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ବଡ଼ଦିନ ପାଳନ କରାଯାଇଛି। ଖଜୁରିପଡ଼ା ଥାନା ଅନ୍ତର୍ଗତ କଣ୍ଡିଆନାଳ, ଖଜୁରିପଡ଼ା, ଆର ନୂଆଁଗାଁ, ଝାଡ଼ ବଳସକୁମ୍ପାଠାରେ ଥିବା ଚର୍ଚ୍ଚ ଗୁଡିକରେ ରବିବାର ଖ୍ରୀଷ୍ଟ ଧର୍ମାବଲମ୍ବିମାନେ ବହୁ ଜାକଯମକ ସହିତ ପ୍ରଭୁ ଯୀଶୁଙ୍କ ଜନ୍ମ ଦିନ ବଡ଼ ଦିନ ପର୍ବ ପାଳନ କରିଛନ୍ତି। ଗତ ୨୪ ତାରିଖ ମଧ୍ୟରାତ୍ରିରେ ପ୍ରଭୁ ଯୀଶୁ ଜନ୍ମ ଗ୍ରହଣ କରିଛନ୍ତି। ତେଣୁ ପ୍ରତ୍ୟେକ ବାପଟିଷ୍ଟ ଏବଂ କେଥଲିକ୍ ଚର୍ଚ୍ଚ ଗୁଡିକ ବିଭିନ୍ନ ରଙ୍ଗ ବେରଙ୍ଗରେ ସଜ୍ଜା ଯାଇ ବଡ଼ ଦିନ ପାଳନ କରାଯାଇଛି। ସେହିପରି ବାଲିଗୁଡାରେ ବଡ଼ଦିନ ପର୍ବ ଶାନ୍ତି ଶୃଙ୍ଖଳାର ସହିତ ପାଳିତ ହୋଇଯାଇଛି। ଅନ୍ୟପଟେ ଆଦିବାସୀ ନେତା ଶହୀଦ ଖଗେଶ୍ୱର ମଳିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଡିସେମ୍ବର ୨୦୦୭ରେ କୁଇ ସମାଜ ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲଇଥିଲା ବାରଖମାରେ ଏକ ରାଲିରେ ଯାଉଥିବା ବେଳେ ଦୁର୍ବୃତ୍ତଙ୍କ ହତ୍ୟାର ଶିକାର ହୋଇଥିଲା। ସେହି ଦିନକୁ ମନେପକାଇବା ପାଇଁ ଏବଂ ଆଦିବାସୀ ନିଜ ଅଧିକାର ପାଇଁ ଲଢେଇ କରିବାକୁ ଦୀର୍ଘ ପନ୍ଦର ବର୍ଷ ହେବ ଏହି କାର୍ଯ୍ୟକ୍ରମ କରି କରି ଆସୁଛି। ପାରମ୍ପରିକ ରୀତିନୀତିରେ ଶହୀଦ ଖଗେଶ୍ୱରର ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହିତ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ବାଲିଗୁଡା ବ୍ଲକ ଅଧ୍ୟକ୍ଷା ନିଶାବତୀ ମଳିକ, ସମ୍ମାନିତ ଅତିଥିଭାବେ ରେବୀଙ୍ଗିଆ ସରପଞ୍ଚ ରଞ୍ଜୁଲତା ମଳିକ, କୁଇ ସମାଜ ସଭାପତି ଧନସିଂ ମାଝୀ, ଯୁଗେଶ୍ୱର ମାଝୀ, ମନୋଜ ମଳିକ, ଶ୍ରୀକାନ୍ତ ମଳିକ, ସିଲି ମାଝୀ ପ୍ରମୁଖ ଯୋଗଦେଇଥିବା ବେଳେ ପାର୍ଥବ କହଁର ରଘୁନାଥ ମଳିକ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।



ଚର୍ଚ୍ଚରେ ସାମୁହିକ ପ୍ରାର୍ଥନା।

# ଚର୍ଚ୍ଚରେ ଶ୍ରଦ୍ଧାଳୁଙ୍କ ଭିଡ଼

**କୁକୁଡ଼ାଖଣ୍ଡ,୨୫।୧୨(ଡି.ଏନ୍.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଫାଦ୍ରୀପଲ୍ଲୀ ଗ୍ରାମରେ ଥିବା ଚର୍ଚ୍ଚରେ ରବିବାର ବଡଦିନ ପାଳିତ ହୋଇଯାଇଛି। ଗ୍ରାମବାସୀ ସମେତ ଚର୍ଚ୍ଚ କମିଟି ଉପସ୍ଥିତ ରହି ପ୍ରଭୁଙ୍କର ଜନ୍ମଦିନ ଦିନ ଉତ୍ସବକୁ ସୁଚାରୁ ରୂପେ ପରିଚାଳନା କରିଛନ୍ତି। ଶନିବାର ସନ୍ଧ୍ୟାରେ ଗ୍ରାମ ପରିଭ୍ରମଣ, ରାତିରେ ଖ୍ରୀଷ୍ଟିଆନ ରୀତିନୀତି ଅନୁଯାୟୀ ପ୍ରଭୁଙ୍କୁ ପ୍ରାର୍ଥନା, ରବିବାର ଗ୍ରାମର ପ୍ରତ୍ୟେକ ଘର ପରିଭ୍ରମଣ ଏବଂ ପ୍ରାର୍ଥନା ପ୍ରାତଃ ଏବଂ ଦ୍ୱିପହରେ ଉପାସନା କାର୍ଯ୍ୟକ୍ରମ ସହ କୁନି କୁନି ପିଲାମାନଙ୍କ ଦ୍ୱାରା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷା ଓ ଦାନ ସଂଗ୍ରହ ସହ ନାଚ, ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଯୁବକ ସମିତି ଏବଂ ମହିଳା ସମିତିର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପାଷ୍ଟର ଥୋମାସ, ଜନସନ ଦେବିଡ, ସାମୁଏଲ ସାହୁ, ସୁଶାନ୍ତ ସେଠୀ, ସନ୍ଦୀପ କୁମାର ପାତ୍ର, ଦୀପକ ପାତ୍ର, ଶଠଜିବ ପାତ୍ର, ବୁଗୁନି ପାତ୍ର ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟରେ ସ୍ୱଚ୍ଛତା ସଚେତନତା କର୍ମଶାଳା

**ବ୍ରହ୍ମପୁର ଅଫିସ,୨୫।୧୨**

ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଶୀତକାଳୀନ ଶିବିରର ତୃତୀୟ ଦିନରେ ରବିବାର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସ୍ୱଚ୍ଛତା ସମ୍ପର୍କିତ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ.କାହ୍ନୁ ଚରଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ.ବନିତା ମିଶ୍ର ଓ ଡ.ପ୍ରିୟଦର୍ଶନୀ ପଣ୍ଡାଙ୍କ ନେତୃତ୍ୱରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧୦୦ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଏହି ରାଲି ମହାବିଦ୍ୟାଳୟରୁ ବାହାରି ନିକଟସ୍ଥ ୨୫ନମ୍ବର ୱାର୍ଡ଼ ବିଜିପୁର ଅଞ୍ଚଳରେ ସାହି ବାସିନ୍ଦାଙ୍କୁ ସ୍ୱଚ୍ଛତା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଥିଲେ। ବିଜିପୁର ଅଞ୍ଚଳରେ ସାହିର ମହିଳାମାନଙ୍କ ସହ ମିଶି ପରିବେଶ ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରିବା ସହ ସଫେଇ କାର୍ଯ୍ୟ ମଧ୍ୟ କରିଥିଲେ। ଏହି ଅବସରରେ ୨୫ ନମ୍ବର ୱାର୍ଡ କର୍ପୋରେଟର ନରସିଂହ ସେଠୀ ଓ ତାଙ୍କ ସହଯୋଗୀ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ସଂସ୍କୃତ ଭାଷା ବିକାଶ ସମାବେଶ

**ବ୍ରହ୍ମପୁର ଅଫିସ୍,୨୫।୧୨**

ସଂସ୍କୃତ ଭାରତୀ ଉତ୍କଳ ଶାଖା ପକ୍ଷରୁ ରାଜ୍ୟସ୍ତରୀୟ ସଂସ୍କୃତ ଭାଷା ବିକାଶ କାର୍ଯ୍ୟକର୍ତ୍ତାଙ୍କ ବାର୍ଷିକ ସମାବେଶ ସହର ଉପକଣ୍ଠସ୍ଥ ଲାଠି ଆଦର୍ଶ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପାଳ କୃଷ୍ଣ ପାଢୀ ଅଧ୍ୟକ୍ଷତା କରିଥିଲେ। ସାମାଜିକକର୍ମୀ ତ୍ରିନାଥ ମହାରଣା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ ସଂସ୍କୃତ ଭାରତୀ ସଂଗଠନ ମନ୍ତ୍ରୀ ସତ୍ୟ ନାରାୟଣ ଭଟ୍ଟ ଯୋଗଦେଇ ପ୍ରାଚୀନ ତଥା ଦେବ ଭାଷା ସଂସ୍କୃତର ବିଲୋପ ହେବାକୁ ବସିଲାଣି। କିନ୍ତୁ ଭାରତର ଭାଷା, ସଂସ୍କୃତି ଓ ଧର୍ମର ସୁରକ୍ଷା ପାଇଁ ମଠାଧୀଶ ଧର୍ମାଚାର୍ଯ୍ୟ ସର୍ବଦା ଚେଷ୍ଟିତ ଅଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଭାତ କୁମାର ମିଶ୍ର ଯୋଗ ଦେଇଥିଲେ। ସଂସ୍କୃତ ଅନୁଷ୍ଠାନ ରାଜ୍ୟ ସରକାରଙ୍କ ଅବହେଳାରୁ ବିଲୁପ୍ତପ୍ରାୟ। ସହରରେ ରହିଥିବା ରାମାଧୀନ ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ନ ହେବାରୁ ସଂସ୍କୃତ ଭାଷା ବିକାଶରେ ବାଧା ସୃଷ୍ଟି ହେଉଛି ବୋଲି ମିଶ୍ର କହିଥିଲେ। ଏଣୁ ସଂସ୍କୃତ ଭାଷାର ବିକାଶ ଦିଗରେ ପଣ୍ଡିତ ଓ ଶିକ୍ଷା ବିଭାଗର ପୂର୍ଣ୍ଣ ସହଯୋଗର ଆବଶ୍ୟକତା ରହିଛି। ସଂଘ ରାଜ୍ୟ ସମ୍ପାଦକ ଅଜିତ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାଳୟର ସହକାରୀ ପ୍ରଫେସର ରମାକାନ୍ତ ସାହା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମିଳା ଷଡଙ୍ଗୀ, ରମେଶ ଚରଣ ତ୍ରିପାଠୀ, ପ୍ରାନ୍ତ ସଂଗଠନ ମନ୍ତ୍ରୀ ଜୟାନନ୍ଦ ସ୍ୱାଇଁ ଓ ସୁନୀଲ କୁମାର ପାଣିଗ୍ରାହୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।




ସମାବେଶରେ ଉପସ୍ଥିତ ଅତିଥି ବୃନ୍ଦ।

### ପ୍ରଧାନ ସମାଜ କର୍ମକର୍ତ୍ତା ବୈଠକ

**ପାତ୍ରପୁର,୨୫।୧୨(ଡି.ଏନ୍.ଏ.)**

ପ୍ରଧାନ ସମାଜର ବୈଠକ କେନ୍ଦ୍ର କାର୍ଯ୍ୟାଳୟ କେଲୁଆଠାରେ ରବିବାର କେନ୍ଦ୍ର ସଭାପତି ମୁରଲୀ ପ୍ରଧାନଙ୍କ ପୌରୋହିତରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ସମାଜର ପୂର୍ବରୁ ଥିବା ବାଇ–ଲ'କୁ ପୁନଃ ସଂସ୍କରଣ କରାଯାଇ ଉନ୍ମୋଚନ କରାଗଲା। ପ୍ରଧାନ ସମାଜକୁ କେନ୍ଦ୍ର ସରକାରଙ୍କ ପଛୁଆବର୍ଗ ଓବିସିରେ ଅନ୍ତର୍ଭୁକ୍ତ କରିବା ପାଇଁ ନିଆଯାଇଥିବା ପଦକ୍ଷେପକୁ ଆଲୋଚନା ସହ ଏକ ପାଞ୍ଚ ଜଣିଆ କମିଟି ଗଠନ କରାଗଲା। କେନ୍ଦ୍ର ସମ୍ପାଦକ ମଦନ ମୋହନ ପ୍ରଧାନ ନିଜର ବ୍ୟକ୍ତିଗତ ଅସୁବିଧା ଯୋଗୁ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ଉକ୍ତ ପଦବୀ ନିମନ୍ତେ ଜରଡ଼ା ତାଲୁକା ସଭାପତି ଶଶାଙ୍କ କୁମାର ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଗଲା। ବୈଠକରେ କେନ୍ଦ୍ର କର୍ମକର୍ତ୍ତା ବିଭିନ୍ନ ତାଲୁକା କର୍ମକର୍ତ୍ତା ବ୍ୟତୀତ ପ୍ରଫେସର ଡ. ଅଲେଖ ଚନ୍ଦ୍ର ପ୍ରଧାନ, ପୂର୍ବତନ ପ୍ରଶାସକ ଅଧିକାରୀ ଉଦୟନାଥ ପ୍ରଧାନ। ସାମାଜିକ କର୍ମୀ ବିପିନ ଚନ୍ଦ୍ର ପ୍ରଧାନ, ସହଦେବ ପ୍ରଧାନ, ବିଜୟ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ପ୍ରଧାନ, ସୀତାରାମ ପ୍ରଧାନ, ଶ୍ରୀବତ୍ସ ପ୍ରଧାନ, ଲଡୁକିଶୋର ପ୍ରଧାନ ବୈଠକରେ ଭାଗନେଇ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଞ୍ଜୟ ପ୍ରଧାନ, ଗାଣ୍ଟୁ ପାଢ଼ୀ, ଦୀନବନ୍ଧୁ ପ୍ରଧାନ, ଜଗନ୍ନାଥ ପ୍ରଧାନ ସହଯୋଗ କରିଥିଲେ। ଜରଡ଼ା ତାଲୁକା କୋଷାଧ୍ୟକ୍ଷ ବୃନ୍ଦାବନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଣି ପମ୍ପ ଚୋରି

**ଶେରଗଡ଼,୨୫।୧୨(ଡି.ଏନ.ଏ.)**

ରାମଗିରି ଗ୍ରାମକୁ ପିଇବା ପାଣି ଯୋଗାଉ ଥିବା ପମ୍ପ ଶୁକ୍ରବାର ରାତିରେ ଚୋରି ହୋଇଯାଇଛି। ଫଳରେ ରାମଗିରି ଗ୍ରାମକୁ ପିଇବା ପାଣି ଯୋଗାଣ ବନ୍ଦ ହୋଇଛି। ଶନିବାର ସକାଳୁ ପମ୍ପ ଚାଳକ ଦେଖିବା ପରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଶେରଗଡ଼ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଯାଇଛି। ଗ୍ରାମବାସୀ ଅଭିଯୋଗ ପତ୍ର ଦେଲା ପରେ ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ମୋଟର କିଣାଯିବ ବୋଲି ସହକାରୀ ଯନ୍ତ୍ରୀ ଗ୍ରାମ୍ୟ ମଳୟ ନାୟକ କହିଛନ୍ତି।

# ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ




**ଭଞ୍ଜନଗର,୨୫।୧୨(ଡି ଏନ ଏ)**

**ମେଡିକାଲରେ ଡାକ୍ତର ନ ଥିବାରୁ ଅସନ୍ତୋଷ**

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ବାରଟା ଗ୍ରାମର ରଞ୍ଜିତ ବେହେରା ଦାଦନ ଶ୍ରମିକ ଭାବେ କାମ କରିବାକୁ ହାଇଦ୍ରାବାଦ ଯାଇଥିଲେ। ଶନିବାର ସେ ଗ୍ରାମକୁ ଫେରୁଥିବାବେଳେ ହାଇଦ୍ରାବାଦ ପ୍ଲାଟଫର୍ମରେ ହଠାତ ଅସୁସ୍ଥ ହୋଇପଡ଼ିବାରୁ ମୃତ୍ୟୁ ଘଟିଥିଲା। ରବିବାର ଅପରାହ୍ନରେ ରଞ୍ଜିତଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରଞ୍ଜିତଙ୍କ ସ୍ତ୍ରୀ ଅଚେତ ହୋଇପଡିବାରୁ ତାଙ୍କୁ ପାଇଲିପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ତାଙ୍କୁ ଗୋବରା ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସମସ୍ୟା ନେଇ ଉତ୍ତ୍ୟକ୍ତ ଲୋକେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଫୋନରେ ଜଣାଇଥିଲେ। ଆଗାମୀ ଦିନରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଅପରପକ୍ଷେ ରଞ୍ଜିତ ଗରିବ ପରିବାରର ହୋଇଥିବା ବେଳେ ତାଙ୍କ ମୃତଦେହ ଧରି ଆସିଥିବା ଆମ୍ବୁଲାନ୍ସ ଭଡା ଦେବା ପାଇଁ ପରିବାର ଲୋକଙ୍କ ପାଖରେ ଟଙ୍କା ନ ଥିଲା। ପରେ ବନ୍ଧୁ ସମ୍ପର୍କୀୟଙ୍କ ସହଯୋଗରେ ଭଡା ଟଙ୍କା ଦିଆଯାଇଥିଲା।

# ନିୟୁଏରା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା



କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ କରାଯାଉଛି।

**ବୁଗୁଡ଼ା,୨୫।୧୨(ଡି.ଏନ.ଏ)**

ବୁଗୁଡ଼ା ନିୟୁଏରା ପବ୍ଲିକ ସ୍କୁଲରେ ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବ ଅବସରରେ ବଳଦେବ ମନ୍ଦିରୁ କ୍ରୀଡ଼ା ଜ୍ୟୋତି ଅଣାଯାଇ ବିଦ୍ୟାଳୟ ପରିଚାଳନା ସମିତି ସଭାପତି କାଳୀ ଚରଣ ଦାଶଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ ସହ ପ୍ରତିଯୋଗୀଙ୍କ ଶପଥ ପାଠ କରାଯାଇଥିଲା। ବରିଷ୍ଠ ଶିକ୍ଷକ ମନୋଜ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅନିରୁଦ୍ଧ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ, ସଟପୁଟ ଥ୍ରୋ, ଡିସକ୍ସ ଥ୍ରୋ, ସେକ ରେସ, ମ୍ୟୁଜିକ ଚେୟାର୍, ରଙ୍ଗୋଲି ଆଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀ ଚୟନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତା ଗୁଡିକୁ କ୍ରୀଡ଼ା ଶିକ୍ଷକ ବୈଷ୍ଣବ ଚରଣ ଦାଶ ପରିଚାଳନା କରିଥିବା ବେଳେ ଏଥିରେ ଶିକ୍ଷକ ସୀମାଞ୍ଚଳ ଦାଶ, ରୁଦ୍ର ପ୍ରତାପ ପ୍ରଧାନ, ନାରାୟଣ ସେଠୀ, ତପନ କୁମାର ମହାରଣା, ଶଙ୍କର ନାୟକ ଏବଂ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର, ଜ୍ୟୋତ୍ସ୍ନା ମହାରଣା, ଅଦିତି ପୋଲାଇ, ଦିପ୍ତିମୟୀ ସାହୁ, ଶୁଭଶ୍ରୀ ଜେନା, ସ୍ୱପ୍ନା ବେହେରା, କବିତା ସେଠୀ, ସୁଦୀପ୍ତା ମିଶ୍ର, ନର୍ମଦା ନାୟକ, ନମିତା ପଟ୍ଟନାୟକ, ମାନସୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବ ଅବସରରେ କ୍ରୀଡ଼ା ପତାକା ଅବତରଣ ଏବ ଜ୍ୟୋତି ନିର୍ବାପନ ସହ ପରିସମାପ୍ତି ଘୋଷଣା କରାଯାଇଥିଲା।କକପ

# ଧରାକୋଟ ଜୋନ୍‌ର ନୂତନ କର୍ମକର୍ତ୍ତା ଚୟନ

**ଧରାକୋଟ,୨୫।୧୨(ଡି.ଏନ୍.ଏ.)**

**ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣି ସମାଜ**

ଧରାକୋଟ ଜୋନ୍(ମୁଣ୍ଡମରାଇ) ଶାକାହାରୀ ରଙ୍ଗଣି ସମାଜର ନୂତନ କର୍ମକର୍ତ୍ତା ଚୟନ ପାଇଁ ଏକ ବୈଠକ ସଭାପତି ରଞ୍ଜନ କୁମାର ସାହୁଙ୍କ ଦ୍ୱାରା ଶ୍ରୀ ଶ୍ରୀ ଗଙ୍ଗାଧରେଶ୍ୱରଙ୍କ ପୀଠରେ ଆହ୍ୱାନ କରାଯାଇଥିଲା। ସେଥିରେ ଉପଦେଷ୍ଟା କବିରାଜ ସାହୁଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଶ୍ୱନାଥ ସାହୁଙ୍କ ଦ୍ୱାରା ମାଙ୍ଗଳିକ ଶ୍ଳୋକ ଗାନ କରାଯାଇଥିଲା। ଉପସଭାପତି ଉତ୍ତମ କୁମାର ସାହୁଙ୍କ ଦ୍ୱାରା ସଭାମଞ୍ଚ ପରିଚାଳନା କରାଯାଇ ଉପଦେଷ୍ଟାମାନଙ୍କ ମାର୍ଗଦର୍ଶନ ଲୋଡ଼ାଯାଇଥିଲା। ଉଦୟନାଥ ସାହୁ ଏବଂ କୈଳାସ ଚନ୍ଦ୍ର ସାହୁ ନିଜର ମନ୍ତବ୍ୟ ପ୍ରକାଶ କରିଥିଲେ। କୁଳ ସମାଜର ଆବଶ୍ୟକତା ଉପରେ ସଭାପତି ଆଲୋକପାତ କରିବା ପରେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶେଷରେ ସର୍ବସମ୍ମତିକ୍ରମେ ରଞ୍ଜନ କୁମାର ସାହୁଙ୍କୁ ସଭାପତି, ସୂର୍ଯ୍ୟନାରାୟଣ ସାହୁଙ୍କୁ ଉପସଭାପତି, ମୁରଲୀ ସାହୁଙ୍କୁ କାର୍ଯ୍ୟକାରୀ ସଭାପତି, ଉତ୍ତମ କୁମାର ସାହୁଙ୍କୁ ସମ୍ପାଦକ, ତାରିଣୀ ସାହୁଙ୍କୁ ସହସମ୍ପାଦକ, ଜିତେନ୍ଦ୍ର କୁମାର ସାହୁଙ୍କୁ କୋଷାଧ୍ୟକ୍ଷ, ଉପେନ୍ଦ୍ର କୁମାର ସାହୁ ଏବଂ ମୁକୁନ୍ଦ ଦାସଙ୍କୁ ବ୍ୟବସ୍ଥା ପ୍ରମୁଖ ରୂପେ ଚୟନ କରାଯାଇଥିଲା।

# ଯାଦବ କୁଳ ଗୋଲା ସମାଜର ବିବାଦ ସମାଧାନ

**ବେଗୁନିଆପଡ଼ା,୨୫।୧୨**

ବେଗୁନିଆପଡ଼ା ନିକଟସ୍ଥ ଝାଡେଶ୍ୱର ମନ୍ଦିରଠାରେ ରବିବାର ୧୮ ଖଣ୍ଡ ଗ୍ରାମବାସୀଙ୍କୁ ନେଇ ଯାଦବ କୁଳ ଗୋଲା ସମାଜର ଏକ ସମାବେଶ ଆୟୋଜିତ ହୋଇଯାଇଛି। ଖଲ୍ଲିକୋଟ ଯାଦବ କୁଳ ଗୋଲା ସମାଜର ପୂର୍ବତନ ପଦାଧିକାରୀ ମାନଙ୍କୁ ନେଇ ବିବାଦ ଉପୁଜିଥିଲା ଏବଂ ଏହି ବିବାଦ କୋଦଳା ଥାନାରେ ପହଞ୍ଚିଥିଲା। ଗତ ନଭେମ୍ବର ୭ରେ କୋଦଳା ଥାନାଧିକାରୀଙ୍କ ପରାମର୍ଶ ପ୍ରକାରେ ଉଭୟ ପ୍ରତିଦ୍ୱନ୍ଦୀ ମାନଙ୍କୁ ନେଇ ଏକତ୍ରୀତ ହୋଇ ସଭା କରାଇବା ସହ ଉକ୍ତ ସମାଜର ନୂତନ କର୍ମକର୍ତ୍ତା ଚୟନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ରବିବାର ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରାୟ ୫୦୦ ଜଣ ସମାଜର ସଭ୍ୟ ଏକତ୍ରୀତ ହୋଇ ନୂତନ କର୍ମକର୍ତ୍ତା ଚୟନ କରିଛନ୍ତି। ସର୍ବସମ୍ମତି କ୍ରମେ ଭାସ୍କର ପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଭାବେ ଏ ଭୀମ ପାତ୍ର, ଉପ ସଭାପତି ଏନ୍ ସମା ପାତ୍ର, ଅଧିକାରୀ ବି ସୁବାସ ପାତ୍ର, କୋଷାଧ୍ୟକ୍ଷ ଭାବେ ଏସ୍ ଦୁର୍ଯ୍ୟୋଧନ ପାତ୍ର ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ସମାଜର ସମସ୍ତ ପ୍ରକାର ବାଦ ବିବାଦ ସମାଧାନ କରିବା ସହ ହିସାବ କିତାବ ଠିକ୍ ଭାବେ ପରିଚାଳନା କରିବା ଏବଂ କୁଳ ସମାଜର ଉନ୍ନତି ସାଧନ ନିମନ୍ତେ ସମସ୍ତ ଚେଷ୍ଟା କରିବେ ବୋଲି କହିଛନ୍ତି ନୂତନ ସଭାପତି ଭାସ୍କର ପାତ୍ର।

# ମହିଳାଙ୍କ ଋତୁକାଳୀନ ଚକ୍ରରେ ସ୍ୱଚ୍ଛତା ସଚେତନତା ଶିବିର

**ବ୍ରହ୍ମପୁର ଅଫିସ,୨୫।୧୨**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିରର ଚତୁର୍ଥ ଦିବସ ରବିବାର ଅନ୍ତରବାଟିଆ ଓ ମାଣ୍ଡିଆପଲ୍ଲୀ ଗ୍ରାମରେ ମାସିକ ଋତୁଚକ୍ର ସମୟରେ ଆବଶ୍ୟକତା ସ୍ୱଚ୍ଛତା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ଡ.ଜୟନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ରଙ୍ଗେଇଲୁଣ୍ଡା ସରପଞ୍ଚ ନମିତା ମହାଙ୍କୁଡ଼ ଉପସ୍ଥିତ ଥିଲେ। ଏହି ଅବସରରେ ସକାଳୁ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀଙ୍କ ସହଯୋଗରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀମାନେ ବିଶ୍ୱବିଦ୍ୟାଳୟରୁ ବାହାରି ରଙ୍ଗେଇଲୁଣ୍ଡା ଓ ଅନ୍ତରବାଟିଆ ଗ୍ରାମ ପରିଭ୍ରମଣକରି ମହିଳାଙ୍କୁ ସଚେତନ କରାଇଥିଲେ। ମାସିକ ଋତୁକ୍ରିୟା ସମୟରେ ମହିଳାମାନେ ଭୋଗୁଥିବା ବିଭିନ୍ନ ଅସୁବିଧା, ଏହାର କାରଣ ଓ ନିରାକରଣ ଏବଂ ଏହାକୁ ନେଇ ଥିବା ଅନ୍ଧବିଶ୍ୱାସ ସମ୍ପର୍କରେ ଗ୍ରାମବାସୀ ଓ ମହିଳାଙ୍କୁ ସଚେତନ କରାଇଥିଲେ। ଋତୁକ୍ରିୟା ସମ୍ପର୍କରେ ଅଧିକରୁ ଅଧିକ କିପରି ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦିଆଯାଇପାରିବ ସେ ସମ୍ପର୍କରେ ସଚେତନ କରିଥିଲେ। ଏଥିସହ ୨୦୦୦ ସାନିଟାରୀ ପ୍ୟାଡ଼ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟ ୟୁନିଟର ଏନ୍‌ଏସ୍‌ଏସ୍ ସଂଯୋଜକ ଶକ୍ତିରଞ୍ଜନ ଦାସ, ଡ. ଅଲିତା ମିଞ୍ଜ ଏବଂ ଡ.ଇକବାଲ ଅହମ୍ମଦ ଭଟ୍ଟ ପରିଚାଳନା କରିଥିଲେ।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**



ଋତୁଚକ୍ର ସମ୍ପର୍କିତ ସ୍ୱତନ୍ତ୍ର ସଚେତନତା କର୍ମଶାଳା।

**ଆସନ୍ତା ବର୍ଷ କମିବ ଭାରତର ଅଭିବୃଦ୍ଧି**

**ନୂଆଦିଲ୍ଲୀ:** ଗତ କିଛି ମାସ ହେବ କ୍ରମାଗତ ଭାବେ ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଲାଗି ରହିଥିବା ବେଳେ କୋଭିଡ ସଂକ୍ରମଣର ଭୟ ପୁନର୍ବାର ସାରା ବିଶ୍ୱ ଓ ଭାରତକୁ ଚିନ୍ତାର ପକାଇଛି। ବିଶେଷକରି ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ପ୍ରାୟ ୬.୮% ରହିବ ବୋଲି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପକ୍ଷରୁ ନିକଟରେ ଆକଳନ କରାଯାଇଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ପ୍ରାୟ ୬.୧%କୁ ହ୍ରାସ ପାଇବ ବୋଲି ଆଇଏମ୍ଏଫ୍ ଆଶାବ୍ୟକ୍ତ କରିଥିବା ଜଣାପଡିଛି।

# ‘ଚାପରେ ରହିପାରେ ସ୍ମାର୍ଟଫୋନ୍ ବଜାର’

**ନୂଆଦିଲ୍ଲୀ,୨୫।୧୨**

ଗତ କିଛି ବର୍ଷ ହେବ ସ୍ମାର୍ଟଫୋନ ବଜାରରେ ମାନ୍ଦାବସ୍ଥା ଜାରି ରହିଛି, ଏପରିକି କୋଭିଡ ସଂକ୍ରମଣଠାରୁ ସ୍ମାର୍ଟଫୋନ ନିର୍ମାଣ ଓ ଉତ୍ପାଦନରେ ମଧ୍ୟ ବ୍ୟାପକ ପରିମାଣରେ ହ୍ରାସ ଘଟିଛି। ଫଳରେ ଭାରତୀୟ ସ୍ମାର୍ଟଫୋନ୍ ବଜାରରେ ଏହାର ପ୍ରଭାବ ଦେଖାଦେଇଛି। ଏପରିକି ମୁଦ୍ରାସ୍ଫୀତି ମାକ୍ରୋ ପରିବେଶ ତଥା ଯୋଗାଣ ଶୃଙ୍ଖଳା ସମସ୍ୟା କାରଣରୁ ଅନେକ ସମସ୍ୟା ଦେଖାଦେଉଛି। ବିଶେଷ କରି ସ୍ମାର୍ଟଫୋନ ଉପାଦାନର ବ୍ୟାପକ ଅଭାବ ଯୋଗୁ ୨୦୨୨ ରେ ୫% ପଞ୍ଜିକରଣ ହ୍ରାସ ପାଇଥିବା ଜଣାପଡିଛି। ଅପରପକ୍ଷରେ ରୁଷିଆ-ୟୁକ୍ରେନ ଯୁଦ୍ଧ ସାଙ୍ଗକୁ ଅନ୍ୟାନ୍ୟ ବିଶ୍ୱସ୍ତରୀୟ କାରଣଗୁଡିକ ସ୍ମାର୍ଟଫୋନ ବଜାରର ମାନ୍ଦାବସ୍ଥା ସୃଷ୍ଟି କରିଥିଲା। ସେହିଭଳି ଆସନ୍ତା ବର୍ଷ ମଧ୍ୟ ସ୍ମାର୍ଟ ଫୋନ ବଜାର ଚାପରେ ରହିବ ବୋଲି ବଜାର ବିଶେଷଜ୍ଞମାନେ ଆଶାଙ୍କ କରୁଥିବା ଜଣାପଡିଛି।

ଅପରପକ୍ଷରେ ଚାଇନାରେ କୋଭିଡ ସଂକ୍ରମଣ ଶୀର୍ଷରେ ରହିଥିବାରୁ ସ୍ମାର୍ଟଫୋନ ବଜାର ଓ ବ୍ୟବସାୟୀ ଆଶା ଓ ଆଶଙ୍କାରେ ରହିଛନ୍ତି। କାରଣ ସ୍ମାର୍ଟ ଫୋନ ଉତ୍ପାଦନ ଓ ଆବଶ୍ୟକୀୟ ସାମଗ୍ରୀର ପ୍ରମୁଖ ବଜାର ଚାଇନା ହୋଇଥିବାରୁ ଅନ୍ୟ ଉତ୍ପାଦନ ରାଷ୍ଟ୍ର ଉପରେ ମଧ୍ୟ ଚାପ ପଡୁଛି। ନିକଟରେ ଦେଶର ପ୍ରମୁଖ ସ୍ମାର୍ଟଫୋନ କମ୍ପାନୀଗୁଡିକର ବଜାର ଅଭାବୀ ଦେଖାଦେଇଛି। ବର୍ତ୍ତମାନ ଭାରତରେ ୬୦୦ ମିଲିୟନରୁ ଅଧିକ ସ୍ମାର୍ଟଫୋନ ବ୍ୟବହାରକାରୀ ଅଛନ୍ତି, ଯାହା ଅଧିକ ବୈଶିଷ୍ଟ୍ୟ ଫୋନ୍ ବ୍ୟବହାରକାରୀ ସ୍ମାର୍ଟଫୋନକୁ ସ୍ଥାନାନ୍ତରିତ ହେବା ସହ ସମୟ ସହିତ ବୃଦ୍ଧି ପାଇବ ବୋଲି ମଧ୍ୟ ଆଶା କରାଯାଉଛି।



ଉଲ୍ଲେଖଯୋଗ୍ୟ କାଉଣ୍ଟର ପଏଣ୍ଟ ରିସର୍ଚ୍ଚ ଅନୁଯାୟୀ ୨୦୨୨ରେ ସ୍ମାର୍ଟଫୋନର ପ୍ରାୟ ଏକ ତୃତୀୟାଂଶ ଭାରତ ବଚାରରେ ସ୍ମାର୍ଟଫୋନ୍ ପାଇଁ ୫ଜି ରହିଥିଲା। ଆସନ୍ତା ବର୍ଷ ସମସ୍ତ ସ୍ମାର୍ଟଫୋନର ୫୦% ପାଖାପାଖି ୫ଜି ହେବ ବୋଲି କୁହାଯାଉଛି। ଯଦିଓ ୫ଜି ସ୍ମାର୍ଟଫୋନ୍ ବଜାରରେ ଖବର ପ୍ରଚାର କରୁଛି, ସେମାନେ ୨୦୨୩ ରେ ବଜାରର ଏକ ତୃତୀୟାଂଶ ପାଇଁ ହିସାବ ଦେବେ ଭାରତୀୟ ଗ୍ରାହକଙ୍କ ଇଚ୍ଛା ତାଲିକାରେ ୫ଜି ଅଧିକ ରହିଛି ଏବଂ ବର୍ତ୍ତମାନ ୫ଜି ନେଟୱାର୍କ ଉପଲବ୍ଧ ଥିବାରୁ ଅନେକ ଗ୍ରାହକ ୨୦୨୩ରେ ସେମାନଙ୍କର ୪ଜି ସ୍ମାର୍ଟଫୋନ୍ ବଦଳାଇବେ ସରକାରୀ ସ୍ମାର୍ଟଫୋନ୍ କ୍ରୟ ବିକ୍ରୟକୁ ମଧ୍ୟ ଆଗକୁ ବଢାଇବ ବୋଲି ଜଣାପଡିଛି।

## ୧.୬୯ ଲକ୍ଷ କୋଟିର ପୁଞ୍ଜି ହ୍ରାସ

**ନୂଆଦିଲ୍ଲୀ,୨୫।୧୨**

ଭାରତୀୟ ଷ୍ଟକ୍ ମାର୍କେଟରେ ପଞ୍ଜୀକୃତ ଶ୍ରେଷ୍ଠ ୧୦ ନିବେଶକ କମ୍ପାନୀଗୁଡ଼ିକର କାରବାର ଫଳାଫଳ ରବିବାର ପ୍ରକାଶିତ ହୋଇଛି। ଏପରିକି ଶେୟାର ବଜାରର ଉକ୍ତ (ଶ୍ରେଷ୍ଠ୧୦) କମ୍ପାନୀଗୁଡିକର ପ୍ରାୟ ୧.୬୯ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ହ୍ରାସ ଘଟିଥିବା ଜଣାପଡିଛି। ଶ୍ରେଷ୍ଠ ୧୦ ନିବେଶକ ସଂସ୍ଥାଗୁଡ଼ିକର ମିଳିତ ବଜାର ମୂଲ୍ୟରେ ପ୍ରାୟ ୧,୬୮,୫୫୨.୪୨ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଥିବା ସୂଚନା ମିଳିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ସର୍ବାଧିକ ୪୨,୯୯୪.୪୪ କୋଟି ଟଙ୍କାରୁ ହ୍ରାସ ପାଇ ୧୬,୯୨,୪୧୧.୩୭ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ତା'ର ବଜାର ମୂଲ୍ୟରେ ୨୬,୧୯୩.୭୪ କୋଟି ଟଙ୍କାରୁ ହ୍ରାସ ପାଇ ୫,୧୨,୨୨୮.୦୯ କୋଟି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୨୨,୭୫୫.୯୬ କୋଟି ଟଙ୍କାରୁ ହ୍ରାସ ହୋଇ ୮,୯୦,୯୭୦.୩୩ କୋଟି ଟଙ୍କାରେ ପହଞ୍ଚିଛି।

## ଗିଫ୍ଟରେ ‘ଗାମେକ୍ସ-୨କେ୨୨’




**ଭୁବନେଶ୍ୱର,୨୫।୧୨**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ‘ଗିଫ୍ଟ ସ୍ୱୟଂଶାସିତ କଲେଜ’ ପରିସରରେ ୧୨ତମ ଆଲୁମ୍ନି ମିଟ୍ ‘ଗାମେକ୍ସ-୨କେ୨୨’ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗିଫ୍ଟରୁ ଉତ୍ତୀର୍ଣ୍ଣ ହୋଇ ବେଙ୍ଗାଲୁରୁ, ଦିଲ୍ଲୀ, ମୁମ୍ବାଇ, ନାଗପୁର, ହାଇଦ୍ରାବାଦ, କୋଲକାତା, ଚେନ୍ନାଇ ଓ ଭୁବନେଶ୍ୱର ଭଳି ସହରରେ ଅବସ୍ଥିତ କମ୍ପାନୀର ବିଭିନ୍ନ ସେକ୍ଟରରେ ନିଯୁକ୍ତି ପାଇଥିବା ଗିଫ୍ଟିୟାନମାନେ ଯୋଗ ଦେଇଥିଲେ। ଉକ୍ତ ସମାରୋହରେ ଗିଫ୍ଟର ଭାଇସ୍ ଚେୟାରମ୍ୟାନ ଡ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡ. ସି.ଏଚ୍.ଭି.ଏସ୍.ପରମେଶ୍ୱର ରାଓ, ଡିନ୍ ଏକାଡେମିକ ଡ. ରବିନାରାୟଣ ପଣ୍ଡା, ଓଏସ୍‌ଡି ଇଂ. ସମୀର ରଞ୍ଜନ ପଣ୍ଡା, ରେଜିଷ୍ଟ୍ରାର ଡ. ମନୋରଞ୍ଜନ ମିଶ୍ର, ଡିନ୍ ଏସ୍‌ଡିପି ଡ. ରତିକାନ୍ତ ଦାଶଙ୍କ ସମେତ କାର୍ଯ୍ୟକ୍ରମ ଉପଦେଷ୍ଟା ପ୍ରଫେସର ମିନତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ହିମାଦ୍ରୀ ଓ ଲୋପିତା ପରିଚାଳନା କରିଥିବାବେଳେ ଶେଷରେ ଡିନ୍ ଏକାଡ଼େମିକ୍ ଡ. ଆର୍.ଏନ୍. ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଲା ପକ୍ଷରୁ ମୁଭ୍‌ଓଏସ୍‌୩ର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୫।୧୨**

ଦେଶର ପ୍ରମୁଖ ଇଲେକ୍ଟ୍ରି ଭେହିକିଲ(ଇଭି) ଉତ୍ପାଦନକାରୀ କମ୍ପାନୀ ଓଲା ଇଲେକ୍ଟ୍ରିକ୍‌ର ନୂତନ ସଫ୍ଟୱେର ଅପ୍‌ଡେଟ୍ ମୁଭ୍‌ଓଏସ୍ ୩ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଶୁଭାରମ୍ଭ ଦ୍ୱାରା ୧ଲକ୍ଷରୁ ଅଧିକ ଓଲା ଗ୍ରାହକ ଓଭର୍-ଦ-ଏୟାର (ଓଟିଏ) ଅପ୍‌ଡେଟ୍ ଗ୍ରହଣ କରିବେ। ଯାହା ସେମାନଙ୍କ ସ୍କୁଟର୍‌ଗୁଡିକର ବାସ୍ତବ କ୍ଷମତାକୁ ଅନ୍‌ଲକ୍ କରିବ ଏବଂ ସେଗୁଡିକୁ ଦେଶରେ ଉପଲବ୍ଧ ଟେକ୍ନୋଲୋଜି ଦୃଷ୍ଟିରୁ ସବୁଠାରୁ ଅତ୍ୟାଧୁନିକ ଓ ଫିଚର-ସମୃଦ୍ଧ ୨ଚକ୍କୀରେ ପରିଣତ କରିବ। ମୁଭ୍‌ଓଏସ୍‌୩ ହେଉଛି ଏକ ବର୍ଷ ମଧ୍ୟରେ ଓଲାର ୩ୟ ପ୍ରମୁଖ ସଫ୍ଟୱେର ଅପ୍‌ଡେଟ୍, ଯାହା ଓଲାର ଏସ୍୧ ସ୍କୁଟର୍‌ଗୁଡିକରେ ବିଦ୍ୟମାନ ରହିଥିବା ଏକାଧିକ ଫିଚରଗୁଡିକ ସହ ଆହୁରି ନୂଆ ଓ ଉତ୍ସାହଜନକ ଫିଚରଗୁଡିକୁ ସାମିଲ କରିବ। ଏହି ବହୁପ୍ରତୀକ୍ଷିତ ସଫ୍ଟୱେର ଅପ୍‌ଡେଟ୍ ସ୍କୁଟର୍‌ଗୁଡିକରେ ପ୍ରମୁଖ ପ୍ରଦର୍ଶନ ଉନ୍ନତୀକରଣ ଆଣିବା ସହ ବର୍ଦ୍ଧିତ ପହଞ୍ଚ ପ୍ରଦାନ କରିବ। ଏହି ଅପ୍‌ଗ୍ରେଡ୍ ପ୍ରଦାନ କରିବାକୁ ଥିବା ଅନ୍ୟ ଏକ ପ୍ରମୁଖ ସୁବିଧା ହେଉଛି ଓଲା ସ୍କୁଟର୍‌ଗୁଡିକର କମ୍ପାନୀର ଦ୍ରୁତବେଗରେ ସମ୍ପ୍ରସାରିତ ହେଉଥିବା ହାଇପରଚାର୍ଜର ନେଟ୍‌ୱର୍କ ସହ କମ୍ପାଟିବିଲିଟି, ଏହି ନେଟ୍‌ୱର୍କ ବର୍ତ୍ତମାନ ଭାରତର ୨୭ଟି ରାଜ୍ୟରେ ଉପଲବ୍ଧ ରହିଛି। ଉପଭୋକ୍ତାମାନେ ଓଲା ହାଇପରଚାର୍ଜରେ କେବଳ ୧୫ ମିନିଟ୍‌ର ଫାଷ୍ଟ ଚାର୍ଜିଙ୍ଗ୍ ସହିତ ୫୦ କିମି ରେଞ୍ଜ୍ ସାମିଲ କରିବାକୁ ସକ୍ଷମ ହେବେ। ଏ ସମ୍ପର୍କରେ ଓଲା ଇଲେକ୍ଟ୍ରିକ୍‌ର ପ୍ରତିଷ୍ଠାତା ଓ ସିଇଓ ଭାବିଶ ଅଗ୍ରୱାଲ କହିଛନ୍ତି, ପ୍ରତିଶ୍ରୁତି ଅନୁଯାୟୀ ଆମେ ଚଳିତ ସପ୍ତାହରେ ସମସ୍ତ ଓଲା ଏସ୍୧ ମାଲିକଙ୍କ ପାଇଁ ମୁଭ୍‌ଓଏସ୍‌୩ର ରୋଲ୍‌ଆଉଟ୍ ଆରମ୍ଭ କରିଛୁ। ଏକ ବର୍ଷ ମଧ୍ୟରେ ଏହା ଆମର ୩ୟ ବୃହତ୍ ସଫ୍ଟୱେର ଅପ୍‌ଗ୍ରେଡ୍ ଏବଂ ଏଭଳି ବେଗରେ ବିଶ୍ୱସ୍ତରୀୟ ଟେକ୍ନୋଲୋଜିକୁ କାର୍ଯ୍ୟକାରୀ କରିବା ପଛରେ ରହିଥିବ। ଆମର ଇଞ୍ଜିନିୟରମାନଙ୍କୁ ନେଇ ମୁଁ ଖୁବ୍ ଗର୍ବିତ।

## ‘କମ୍ପ୍ୟୁଟର ଇଞ୍ଜିନିୟରିଂରେ ଉଚ୍ଚତର ଗବେଷଣା ଆବଶ୍ୟକ’

### ଡ୍ରିମ୍ସରେ ୨ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ

**କଟକ,୨୫।୧୨**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ‘ଡ୍ରିମ୍ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ’ ପକ୍ଷରୁ ନିକଟରେ ଏକ ୨ ଦିନିଆ ଜାତୀୟ କର୍ମଶାଳାର ଆୟୋଜନ କରାଯାଇଥିଲା। ବିଶେଷକରି ‘ଇଣ୍ଟରନ୍ୟାଶନାଲ କନ୍‌ଫରେନ୍ସ ଅନ୍ ଆଡଭାନ୍ସ କମ୍ପ୍ୟୁଟିଂ ଆଣ୍ଡ ଇଣ୍ଟେଲିଜେଣ୍ଟ ଇଞ୍ଜିନିୟରିଂ’ (ଆଇସିଏସିଆଇଇ-୨୦୨୨) ଶୀର୍ଷକ ବିଷୟବସ୍ତୁ ଉପରେ ୭ମ ଆନ୍ତର୍ଜାତିକ ସମ୍ମିଳନୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ୨ ଦିନିଆ ଜାତୀୟ ସମ୍ମିଳନୀରେ ଦେଶ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ଇଞ୍ଜିନିୟରମାନେ ମଧ୍ୟ ଅଂଶଗ୍ରହଣ କରି ନିଜ ନିଜର ମତ ବିନିମୟ କରିଥିଲେ।




ସେହିଭଳି ଉକ୍ତ କର୍ମଶାଳାରେ କମ୍ପ୍ୟୁଟର ଜ୍ଞାନକୌଶଳ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଉଚ୍ଚତର ଗବେଷଣା ଏବଂ ତା'ର ଉପଯୋଗିତା ସମ୍ପର୍କିତ ୫୬ଟି ମନୋନୀତ ଗବେଷଣାତ୍ମକ ନିବନ୍ଧ ମଧ୍ୟ ଉପସ୍ଥାପିତ ହୋଇଥିଲା।

ଏହି ପରିପ୍ରେକ୍ଷୀରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉକ୍ତ ସମ୍ମିଳନୀକୁ ଉଦଘାଟନ କରି ଛାତ୍ରୀଛାତ୍ର ଓ ଗବେଷକଙ୍କ ପାଇଁ ଏହା ବେଶ୍ ପ୍ରେରଣାଦାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସମ୍ମିଳନୀର ଉଦଘାଟନୀ ଉତ୍ସବରେ ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକ୍ଷ ଡ. ଓଁକାର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଶିଳ୍ପାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗ ସୁଦୃଢ ହେଲେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ସେହିପରି ଟିସିଏସ୍‌ର ବରିଷ୍ଠ ବିଜ୍ଞାନୀ ଡ. ହେମନ୍ତ କୁମାର ରଥ,ମରିସସ୍ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ସିଭେନ୍ ଆମିକ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ମିଳନୀର ସୁଦୂରପ୍ରସାରୀ ପ୍ରଭାବ ଉପରେ ବିସ୍ତୃତ ଆଲୋକପାତ କରିଥିଲେ।

## ‘ପ୍ରାଇମା ଫାର୍ମ ଫୁଡ୍‌ସ’ର ଶୁଭାରମ୍ଭ

**ଭୁବନେଶ୍ୱର,୨୫।୧୨**

ରାଜ୍ୟର ପ୍ରଥମ ଫାର୍ମ ଟୁ ପ୍ଲେଟ୍ ଷ୍ଟାର୍ଟଅପ ୟୁନିଟ୍ ‘ପ୍ରାଇମା ଫୁଡ୍‌ସ ପ୍ରାଇଭେଟ ଲିମିଟେଡ’ ପକ୍ଷରୁ ‘ପ୍ରାଇମା ଫାର୍ମ ଫୁଡ୍‌ସ’ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭୁବନେଶ୍ୱରଠାରେ ଥିବା ଏହାର କ୍ଲାଉଡ କିଚେନରୁ ମିଲେଟ ମାଣ୍ଡିଆଭିତ୍ତିକ ସ୍ୱତନ୍ତ୍ର ଖାଦ୍ୟର ଶୁଭାରମ୍ଭ ହୋଇଯାଇଛି। ଏପରିକି ପ୍ରାଇମା ଫୁଡ୍‌ସ ଏକ ଷ୍ଟାର୍ଟଅପ ୟୁନିଟ୍ ଭାବେ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ଷ୍ଟାର୍ଟଅପ କାର୍ଯ୍ୟକ୍ରମ ଅଧୀନରେ ପଞ୍ଜୀକୃତ ହୋଇଥିବା ଜଣାପଡିଛି। ସେହିଭଳି ଏଠାରେ ମାଣ୍ଡିଆଭିତ୍ତିକ ସିଙ୍ଗଡା (ଆମିଷ-ନିରାମିଷ), ଦୋସା-ଉପମା, ଉପମା, ରୁଟି, ପରଟା, କେକ୍ ଏବଂ ମୋମୋ ଆଦି ଖାଦ୍ୟ ମିଳିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏପରିକି ସେସବୁ ଖାଦ୍ୟ ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଥିବାରୁ ଏହା ଦୀର୍ଘସ୍ଥାୟୀ ଆକାରରେ ସୁସ୍ୱାଦୁ କରିବା ନିମନ୍ତେ ଅତି ନିଖୁଣ ଭାବେ ପ୍ରସ୍ତୁତ କରାଯାଇଛି। ଫଳରେ ଗ୍ରାହକମାନେ ବର୍ତ୍ତମାନ ସେମାନଙ୍କ ପ୍ରାତଃଭୋଜନ, ମଧ୍ୟାହ୍ନଭୋଜନ ଏବଂ ରାତ୍ରଭୋଜନରେ ମାଣ୍ଡିଆରୁ ପ୍ରସ୍ତୁତ ସ୍ୱାସ୍ଥ୍ୟକର ବିକଳ୍ପ ଖାଦ୍ୟ ଖାଇବାର ସୁଯୋଗ ପାଇପାରିବେ। ଉପରୋକ୍ତ ଖାଦ୍ୟକୁ ପ୍ରାଇମା ଫାର୍ମ ଫୁଡ୍‌ସର ମୋବାଇଲ ଆପରେ ଉଭୟ ଆଣ୍ଡ୍ରଏଡ ଏବଂ ଆଇଫୋନ୍, ଜୋମାଟୋ ଏବଂ ହ୍ୱାଟ୍‌ସ ଆପ ଜରିଆରେ ୯୦୭୮୭୧୦୫୯୦ରେ ଅର୍ଡର ଦେଇପାରିବେ। ଉଲ୍ଲେଖଯୋଗ୍ୟ ଫାର୍ମ ଟୁ ପ୍ଲେଟ ଚିନ୍ତାଧାରା ଦୀର୍ଘବର୍ଷ ତଳେ ଜନ୍ମ ନେଇଥିଲା ଏବଂ ସେଥିରେ ରହିଯାଇଥିବା ଅନେକ ଦୋଷତ୍ରୁଟିକୁ ପ୍ରାଇମା ଫାର୍ମ ଫୁଡ୍‌ସ ସମାଧାନ କରିବା ସହ ଗତ ୨ବର୍ଷ ଧରି ତାହାକୁ ସଫଳତାର ସହିତ ପ୍ରଦର୍ଶନ କରିଆସୁଛି।

**ଫୁର୍‌ସତ୍**

# ଗେମ୍ ଖେଳି କୋଟିପତି




**ୱାଶିଂଟନ୍**

ଅଫିସ୍‌ରେ ଗେମ୍ ଖେଳି ଜଣେ ମହିଳା ଦେଢ଼କୋଟି ଟଙ୍କା ଜିତିଯାଇଛନ୍ତି। ଆମେରିକାର କେଣ୍ଟୁକିରେ ରହୁଥିବା ଲୋରି ଜନେସ୍‌ଙ୍କ ଅଫିସ୍‌ରେ କିଛିଦିନ ପୂର୍ବରୁ ‘ୱାଇଟ୍ ଏଲିଫ୍ୟାଣ୍ଟ ଗିଫ୍ଟ ଏକ୍ସଚେଞ୍ଜ’ ଗେମ୍‌ର ଆୟୋଜନ ହୋଇଥିଲା। ଏଥିରେ ପ୍ରଥମ ରାଉଣ୍ଡରେ ତାଙ୍କୁ ଏକ ୨ ହଜାର ଟଙ୍କାର ଗିଫ୍ଟ କାର୍ଡ ମିଳିଥିଲା। ପୁଣି ଦ୍ୱିତୀୟ ରାଉଣ୍ଡରେ ତାଙ୍କୁ ୨ ହଜାର ଟଙ୍କାର ୨ଟି ଲଟେରି ଟିକେଟ୍ ମିଳିଥିଲା। ପ୍ରଥମ ଟିକେଟ୍ ସ୍କ୍ରାଚ୍ କଲାପରେ ସେଥିରୁ ୪ ହଜାର ଟଙ୍କାର ଗିଫ୍ଟ କାର୍ଡ ବାହାରିଥିଲା। ଅନ୍ୟ ଟିକେଟ୍‌ରୁ ମଧ୍ୟ ତାଙ୍କୁ ଦେଢ଼ କୋଟି ଟଙ୍କା ପୁରସ୍କାର ରାଶି ମିଳିଥିଲା। ଏ ବିଷୟରେ ଲୋରି ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ହେଲେ ଏହା ତାଙ୍କୁ ପ୍ରଥମେ ବିଶ୍ୱାସ ହୋଇ ନ ଥିଲା।

## ‘ମେ ଅଟଲ ହୁଁ’

**ମୁମ୍ବାଇ:** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରି ବାଜପେୟୀଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କ ଆତ୍ମଜୀବନୀ ଉପରେ ଆଧାରିତ ସିନେମା ‘ମେ ଅଟଳ ହୁଁ’ର ପୋଷ୍ଟର ରିଲିଜ୍ ହୋଇଛି। ଏଥିରେ ପଙ୍କଜ ତ୍ରିପାଠୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ପଙ୍କଜ ତାଙ୍କର ଏହି ଫଟୋ ପୋଷ୍ଟକରି ଲେଖିଛନ୍ତି, ‘ନା ମୁଁ କେଉଁଠି ଟଳିଛି, ନା ମୁଁ କେଉଁଠି ମୁଣ୍ଡ ନୁଆଁଇଛି, ମୁଁ ଅଟଳ।’ ଜାତୀୟ ପୁରସ୍କାରପ୍ରାପ୍ତ ରବି ଯାଦବ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିବାବେଳେ ସିନେମାଟିକୁ ଲେଖିଛନ୍ତି ଉତ୍କର୍ଷ ନୈଥାନି। ତେବେ ସିନେମାଟି ୨୦୨୩ ଡିସେମ୍ବରରେ ମୁକ୍ତିଲାଭ କରିବାକୁ ଯାଉଛି।




## ଫଟୋଗ୍ରାଫରଙ୍କୁ ସୋନମଙ୍କ ଆକଟ

**ମୁମ୍ବାଇ**

ବଲିଉଡ୍ ସେଲିବ୍ରିଟିମାନେ ନିଜ ପିଲାମାନଙ୍କୁ ନେଇ ଅଧିକ ସମ୍ବେଦନଶୀଳ। କାରଣ ଅନେକ ସମୟରେ ଦେଖାଯାଇଛି ଯେ, ବାହାରକୁ ଗଲାବେଳେ ସେଲିବ୍ରିଟିମାନଙ୍କ ଫଟୋ ଉଠାଇବା ଲାଗି ଅନେକ ଫଟୋଗ୍ରାଫର ଛିଡ଼ା ହୋଇଥାନ୍ତି। କଳାକାରମାନେ ତାଙ୍କ ପିଲାମାନଙ୍କ ଫଟୋ ଉଠାଇବାକୁ ସେମାନଙ୍କୁ ସବୁବେଳେ ମନା କରନ୍ତି। ସମାନ ଘଟଣା ରବିବାର ମୁମ୍ବାଇ ଏୟାରପୋର୍ଟରେ ଘଟିଛି। ବଲିଉଡ୍‌ର ଫ୍ୟାଶନ୍ ଆଇକନ୍ କୁହାଯାଉଥିବା ସୋନମ କପୁର ରବିବାର ଏୟାରପୋର୍ଟରେ ପହଞ୍ଚିଥିଲେ। ସେଠାରେ ସେ ବିଭିନ୍ନ ପୋଜ୍ ଦେଇ ଫଟୋ ଉଠାଇ ଥିବାବେଳେ ଫଟୋଗ୍ରାଫରମାନଙ୍କୁ ତାଙ୍କ ପୁଅ ବାୟୁଙ୍କ ଫଟୋ ଉତ୍ତୋଳନ ନ କରିବାକୁ ବାରଣ କରି କହିଥିଲେ, ‘ମୋ ପୁଅ ପଛରେ ଆସୁଛି ତା’ ଫଟୋ କେହି ଉଠାଇବ ନାହିଁ।’ ସୋନମଙ୍କ କଥା ରଖି ସେମାନେ କେହି ଫଟୋ ଉଠାଇ ନ ଥିଲେ। ଚଳିତବର୍ଷ ଅଗଷ୍ଟ ୨୦ରେ ସୋନମ ଏବଂ ଆନନ୍ଦଙ୍କ ପୁଅ ବାୟୁ ଜନ୍ମ ହୋଇଥିଲେ। ୨୦୨୦ରେ ସୋନମ ଶେଷଥର ପାଇଁ ଥ୍ରିଲର ଫିଲ୍ମ ‘ଏକେ ଭିଏସ୍ ଏକେ’ରେ ନଜରକୁ ଆସିଥିଲେ।



## ପକ୍ଷୀ ଥଣ୍ଟ ଭଳି ମାସ୍କ



**ନୂଆଦିଲ୍ଲୀ**

ନିକଟରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଜଣେ ବ୍ୟକ୍ତି ଅଜବ ପ୍ରକାରର ମାସ୍କ ପିନ୍ଧିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସମୟରେ କରୋନା ଭୂତାଣୁ ପୁଣି ବ୍ୟାପିବାରେ ଲାଗିଥିବାବେଳେ ସମସ୍ତେ ମାସ୍କ ବ୍ୟବହାର କରୁଛନ୍ତି। ହେଲେ ମାସ୍କ ପିନ୍ଧିଥିବା ସମୟରେ ଖାଦ୍ୟ ଖାଇବାକୁ ଅସୁବିଧା ହୁଏ। ସେଥିପାଇଁ ଉକ୍ତ ବ୍ୟକ୍ତି ଏପରି ଏକ ମାସ୍କ ପିନ୍ଧିଛନ୍ତି, ଯେଉଁଥିରେ ସେ ପାଟି ଖୋଲିଲେ ମାସ୍କଟି ଖୋଲୁଛି। ଏହାଦ୍ୱାରା ସେ ଖାଦ୍ୟ ଖାଉଛନ୍ତି, ଯାହା ଏକ ବତକ ପାଟି ପରି ଦେଖାଯାଉଛି। ଏପରି ଅଜବ ପ୍ରକାର ମାସ୍କ ଦେଖି ଲୋକେ ସୋସିଆଲ ମିଡିଆରେ ମଜାଳିଆ ପ୍ରତିକ୍ରିୟା ରଖିଛନ୍ତି।

## ଦିନରେ ଛାତ୍ର, ରାତିରେ ଚା ବିକାଳି



**ଇନ୍ଦୋର:** ସୋସିଆଲ ମିଡିଆର ସାଇକେଲରେ ଜଣେ ଯୁବକ ଚା ବିକ୍ରି କରୁଥିବାର ଭିଡିଓ ଏବେ ଖୁବ୍ ଭାଇରାଲ ହେବାରେ ଲାଗିଛି। ତେବେ ଇନ୍ଦୋରର ଅଜୟଙ୍କର ଏହି ଭାଇରାଲ ଭିଡିଓ। ଅଜୟ ଦିନରେ ପାଠ ପଢୁଥିବାବେଳେ ଟ୍ୟୁଶନ୍ ଫି ପାଇଁ ସେ ରାତିରେ ଚା ବିକ୍ରି କରନ୍ତି। ‘ସାଇକେଲ ବାଲି ଚା’ ଲେଖାଥିବା ଏକ ନାମଫଳକ ତାଙ୍କ ସାଇକେଲ ଆଗରେ ଥିବା ଦେଖିବାକୁ ମିଳିଛି। ଗୋବିନ୍ଦ ଗୁଜର ନାମରେ ଜଣେ ସ୍ଥାନୀୟ ଖବରଦାତା ଅଜୟଙ୍କ ଏହି ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଫୋନ୍‌ରେ ଭିଡିଓ କରିବା ସହିତ ଗୋବିନ୍ଦ ତାଙ୍କ ସହ କଥା ହେଉଥିବା ଭାଇରାଲ ଭିଡିଓରେ ଦେଖାଯାଇଛି। ଉଚ୍ଚଶିକ୍ଷା ଲାଭ କରି ଅଜୟ ଜଣେ ଭଲ ଅଫିସର ହେବାକୁ ଲକ୍ଷ୍ୟ ରଖିଛନ୍ତି। ଯେତେବେଳେ ଅଜୟ ସଫଳ ହୋଇଯିବେ ସେତେବେଳେ ଏହି ଭିଡିଓ ତାଙ୍କ ପ୍ରକୃତ ପରିଶ୍ରମ କଥା ମନେ ପକାଇବ ବୋଲି ସେ କହିଛନ୍ତି। ଦୃଢ଼ ଇଚ୍ଛାଶକ୍ତି ବଳରେ ମଣିଷ ପ୍ରତ୍ୟେକ କାର୍ଯ୍ୟକୁ ଅତି ସହଜରେ କରିପାରେ।

# ଭୁବନେଶ୍ୱରରେ ହକି ବିଶ୍ୱକପ୍ ଟ୍ରଫି ଟୁର୍




ଭୁବନେଶ୍ୱର ବିମାନ ବନ୍ଦରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ କରୁଛନ୍ତି।



ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ୧୧୦ କଳାକାରଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ।

## 'ଓଡ଼ିଶା ହକିର ହବ୍ ବୋଲି ଦେଖାଇବାକୁ ପଡ଼ିବ'

ଭୁବନେଶ୍ୱର,୨୫।୧୨
(କ୍ରୀଡ଼ା ପ୍ରତିନିଧି)

ପୁରୁଷ ବିଶ୍ୱକପ୍ ହକି ଟ୍ରଫି ରବିବାର ଭୁବନେଶ୍ୱରର ବିଭିନ୍ନ ସ୍ଥାନ ପରିକ୍ରମା କରିବା ପରେ ଶେଷରେ କିଟ୍ ପରିସରରେ ପହଞ୍ଚିଥିଲା। କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ୨ରୁ କିଟ୍ ଓ କିସ୍‌ର ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ଟ୍ରଫିକୁ କିଟ୍ ଷ୍ଟାଡିୟମ୍ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରାରେ ନେଇଯାଇଥିଲେ। ସେଠାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଟ୍ରଫି ଗ୍ରହଣ କରିଥିଲେ। ଏହି ଅବସରରେ ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ''କ୍ରମାଗତ ଭାବେ ଓଡ଼ିଶାକୁ ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ହକି ଆୟୋଜନ କରିବାକୁ ସୁଯୋଗ ଦିଆଯାଇଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏବେ ଆମକୁ ଓଡ଼ିଶା ହକିର ବିଶ୍ୱ ହବ୍ ଭାବେ ଦେଖାଇଦେବାକୁ ପଡ଼ିବ।'' କିଟ୍‌ରେ ଆୟୋଜିତ ଟ୍ରଫି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଚ୍ୟୁତଙ୍କ ସମେତ ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ବିଏମ୍‌ସି କମିଶନର ବିଜୟ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ। ଅଲିମ୍ପିଆନ୍ ଦୂତି ଚାନ୍ଦ, ସିଏ ଭବାନୀ ଦେବୀ, ଶିବପାଲ ସିଂ, ଆଥଲେଟ୍ ଅମିୟ ମଲିକ ଓ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେବାକୁ ଆସିଥିବା ୧୫ ହଜାର କ୍ରୀଡ଼ାବିତ୍, କୋଚ୍ ଓ ଅଫିସିଆଲଙ୍କ ଉପସ୍ଥିତିରେ ହକି ବିଶ୍ୱକପ୍ ଟ୍ରଫିକୁ କିଟ୍‌ରେ ସ୍ୱାଗତ କରାଯିବା କିଟ୍ ଓ କିସ୍ ପାଇଁ ଗୌରବର ବିଷୟ ବୋଲି ଅଚ୍ୟୁତ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପ୍ରତି ରହିଥିବା ଅହେତୁକ ସ୍ନେହ ଓ ଶ୍ରଦ୍ଧା ପାଇଁ ଆଜି ଓଡ଼ିଶା ଦୁଇଥର ହକି ବିଶ୍ୱକପ୍ ଆୟୋଜନ କରିବାରେ ସମର୍ଥ ହେବା ସହ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଅଚ୍ୟୁତ କହିଥିଲେ। ଏହି ଅବସରରେ କିସ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆତସବାଜି ପ୍ରଦର୍ଶନ କରାଯାଇଥିଲା।




କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ବିଧାୟକ ସୁଶାନ୍ତ କୁମାର ରାଉତ ଓ ଅନ୍ୟମାନେ।

## 'ମୁଖ୍ୟମନ୍ତ୍ରୀ ନୂତନ ପରିଚୟ ସୃଷ୍ଟି କରିଛନ୍ତି'

ପୁରୁଣା ଭୁବନେଶ୍ୱର, ୨୫।୧୨ (ଡିଏନ୍‌ଏ)

କ୍ରିକେଟ ମାନିଆ ଯୁବ ସମାଜକୁ ହକି ପ୍ରତି ଆକୃଷ୍ଟ କରିବାରେ ଉଦାହରଣ ପାଲଟିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆମ ରାଜ୍ୟରେ ହକି ବିଶ୍ୱକପ୍ କ୍ରମାଗତ ଦ୍ୱିତୀୟଥର ଆୟୋଜନ କରି ସେ ନୂତନ ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ରବିବାର ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ବିଶ୍ୱକପ୍ ହକି ଟ୍ରଫିକୁ ସ୍ୱାଗତ କରିବା ଅବସରରେ ବିଜ୍ଞାନ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ବିଶ୍ୱ ହକି ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଏଥିପାଇଁ ଉଭୟ ଭୁବନେଶ୍ୱର ଏବଂ ରାଉରକେଲା ଷ୍ଟାଡିୟମରେ ପରିମଳ ବ୍ୟବସ୍ଥା ସହ ସହରକୁ ସୁନ୍ଦରଭାବେ ସଜାଯାଇଛି ବୋଲି ସେ କହିଛନ୍ତି। ବିଭିନ୍ନ ଜିଲାର ମୁଖ୍ୟ କାର୍ଯ୍ୟାଳୟରେ ଟ୍ରଫି ପରିକ୍ରମା କରିବାକୁ ସ୍ଥିର ହୋଇଛି ବୋଲି ହକି ଇଣ୍ଡିଆ ସଭାପତି ଦିଲିପ ତିର୍କୀ କହିଥିଲେ। ମନ୍ଦିର ସମ୍ମୁଖରେ ଟ୍ରଫିକୁ ସ୍ୱାଗତ କରିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୁରୀରୁ ଆସିଥିବା ୫୧ ଜଣ ବ୍ରାହ୍ମଣ ଏକକାଳୀନ ବେଦପାଠ କରିଥିଲେ। ଗୋଟିପୁଅ ନୃତ୍ୟ, ଯୋଡ଼ି ଶଙ୍ଖ, ଓଡ଼ିଶୀ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ମହାମାୟା ସ୍ୱାଇଁ ଓ ବିଏମ୍‌ସି ଅଧିକାରୀମାନେ ଉପସ୍ଥିତ ଥିଲେ।




ଲିଙ୍ଗରାଜ ମନ୍ଦିର ନିକଟରେ ବିଜ୍ଞାନ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟ ଅତିଥିବୃନ୍ଦ।



ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱକପ ଟ୍ରଫିକୁ ସ୍ୱାଗତ କରାଯାଉଛି।

## ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ



ଅତିଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୂର୍ବତନ ଭାରତୀୟ କ୍ରିକେଟର ଗୌତମ ଗମ୍ଭୀର ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

### ସର୍ବଭାରତୀୟ ଅନୁଗୋଳ କପ୍ କ୍ରିକେଟ୍ ଉଦ୍‌ଯାପିତ

ଅନୁଗୋଳ ଅଫିସ, ୨୫।୧୨

ଅନୁଗୋଳ ଜିଲା କ୍ରିକେଟ ସଂଘର ରୌପ୍ୟ ଜୟନ୍ତୀ ଅବସରରେ ଆୟୋଜିତ ସର୍ବଭାରତୀୟ ଅନୁଗୋଳ କପ୍ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅନୁଗୋଳ କ୍ରିକେଟ୍ କ୍ଲବକୁ ହରାଇ କଟକର ୟୁନିୟନ ସ୍ପୋର୍ଟିଂ ଟିମ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ସଦସ୍ୟ ତଥା ପୂର୍ବ ଦିଲ୍ଲୀର ଏମ୍‌ପି ଗୌତମ ଗମ୍ଭୀର ଯୋଗଦେଇଥିଲେ।

ସହରର କଦମ ପଡ଼ିଆରେ ଖେଳାଯାଇଥିବା ଏହି ହାଇ ଭୋଲଟେଜ ଫାଇନାଲ ମ୍ୟାଚରେ ଅନୁଗୋଳ କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ୧୩୫ ରନ କରିଥିଲା। ଦଳ ପକ୍ଷରୁ ଦେବେନ୍ଦ୍ର କୁଅଁର ୫୭ ବଲ୍‌ରୁ ୮୧ ରନ୍ କରିଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ୧୭.୫ ଓଭରରେ ୩ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ୬୨ ରନ କରିଥିବା ଚାମ୍ପିୟନ ଦଳର ଅରବିନ୍ଦ ସିଂହ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଏବଂ ୫୫ ରନ କରିଥିବା ଲିଳାଧର ପ୍ରଧାନ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ୧ ଲକ୍ଷ ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୭୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓଡ଼ିଶା କ୍ରିକେଟ ଆସୋସିଏଶନ୍‌ର ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ପଙ୍କଜ ଲୋଚନ ଦାସ, ଦୁଲାଲ ପ୍ରଧାନ, ଅନୁଗୋଳ ଜିଲା କ୍ରିକେଟ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚର ମୁଖ୍ୟ ଆକର୍ଷଣ ଗୌତମ ଗମ୍ଭୀର ସ୍ୱଳ୍ପ ସମୟ ପାଇଁ ଉପସ୍ଥିତ ଥିଲେ ମଧ୍ୟ ତାଙ୍କୁ ଦେଖିବାକୁ ପଡ଼ିଆରେ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

## ରାଉରକେଲାରେ ଟିକେଟ୍ ଶେଷ

ଭୁବନେଶ୍ୱର,୨୫।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱର ଓ ରାଉରକେଲାରେ ଆସନ୍ତା ଜାନୁୟାରୀ ୧୩ରୁ ୨୯ ଯାଏ ଆୟୋଜିତ ହେବାକୁଥିବା ହକି ବିଶ୍ୱକପ୍‌କୁ ନେଇ ଫ୍ୟାନ୍‌ଙ୍କ ମଧ୍ୟରେ ଦେଖାଦେଇଛି ପ୍ରବଳ ଉତ୍ସାହ। ସମଗ୍ର ବିଶ୍ୱର ନଜର ଏହି ଟୁର୍ନାମେଣ୍ଟ ଉପରେ ରହିଛି। ବିଶ୍ୱର ୧୬ଟି ଶକ୍ତିଶାଳୀ ଦଳ ଟାଇଟଲ ହାସଲ ପାଇଁ ମୁକାବିଲା କରିବେ। ରାଉରକେଲାରେ ନବନିର୍ମିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ପ୍ରଥମଥର ପାଇଁ ହକିଖେଳ ହେବାକୁ ଯାଉଥିବା ବେଳେ ଡିସେମ୍ବର ୧୯ରୁ ଆରମ୍ଭ ହୋଇଛି ଟିକେଟ ବିକ୍ରି। ପ୍ରଥମଥର ପାଇଁ ଏକ ଅନ୍ତର୍ଜାତୀୟ ଇଭେଣ୍ଟ ଦେଖିବାକୁ ପ୍ରସ୍ତୁତ ଥିବା ରାଉରକେଲାରେ ସମାପ୍ତ ହୋଇଛି ଟିକେଟ ବିକ୍ରି। ଟିକେଟ କାଉଣ୍ଟର ବାହାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିବା ବେଳେ ସପ୍ତାହ ମଧ୍ୟରେ ସମସ୍ତ ଟିକେଟ ବିକ୍ରି ସରିଛି। ହକିର ନୂତନ ଠିକଣା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚଳିତ ବିଶ୍ୱକପ୍‌ର ୨୦ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ ୨୪ଟି ମ୍ୟାଚ୍। ଦେଶର ସର୍ବବୃହତ୍ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ଦର୍ଶକ କ୍ଷମତା ୨୦ ହଜାର ଥିବା ବେଳେ କଳିଙ୍ଗ ଷ୍ଟାଡିୟମରେ ବସିପାରିବେ ୧୫,୦୦୦ ଦର୍ଶକ। କ୍ରସ୍ ଓଭର ସମେତ ସମସ୍ତ ନକ୍‌ଆଉଟ୍ ମ୍ୟାଚ୍ ଓ ଫାଇନାଲ ଭୁବନେଶ୍ୱରରେ ଖେଳାଯିବ। ଭାରତ ପୁଲ୍ ଡି'ରେ ସ୍ପେନ୍, ଇଂଲଣ୍ଡ ଓ ୱେଲ୍ସ ସହ ସ୍ଥାନ ପାଇଛି। ୧୩ ତାରିଖରେ ଭାରତ ସ୍ପେନ୍ ବିପକ୍ଷରେ ନିଜର ପ୍ରଥମ ଅଭିଯାନ ଆରମ୍ଭ କରିବ। ଏହାର ଦୁଇ ଦିନ ପରେ ଦଳ ଇଂଲଣ୍ଡକୁ ଭେଟିବ। ପ୍ରଥମ ଦୁଇ ମ୍ୟାଚ୍ ରାଉରକେଲାରେ ଖେଳିବା ପରେ ୧୯ ତାରିଖରେ ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଦଳ ଭୁବନେଶ୍ୱରରେ ଖେଳିବ। ଭାରତର ସମସ୍ତ ମ୍ୟାଚ୍ ସନ୍ଧ୍ୟା ୭ଟାରେ ଖେଳାଯିବ। ଏଥିରେ ଭାରତ ସମେତ ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା, ଜର୍ମାନୀ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଫ୍ରାନ୍ସ, କୋରିଆ, ମାଲେସିଆ, ସ୍ପେନ୍, ଦକ୍ଷିଣ ଆଫ୍ରିକା, ଜାପାନ, ଚିଲି ଓ ୱେଲ୍ସ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ମ୍ୟାଚ୍‌ଗୁଡିକ ପାଇଁ ୱେଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦ ଟଙ୍କା ରହିଥିବା ବେଳେ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୪୦୦ ଏବଂ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଟଙ୍କା ରହିଛି। ଭାରତ ଖେଳୁ ନ ଥିବା ମ୍ୟାଚ୍‌ଗୁଡିକ ପାଇଁ ୱେଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦ ଟଙ୍କା ରହିଥିବା ବେଳେ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଏବଂ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। କ୍ୱାଲିଫାୟରରୁ ଫାଇନାଲ ପର୍ଯ୍ୟନ୍ତ ୱେଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦ ଟଙ୍କା ରହିଥିବା ବେଳେ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୪୦୦ ଏବଂ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଟଙ୍କା ରହିଛି। ସେହିପରି ରାଉରକେଲାରେ ଅନୁଷ୍ଠିତ ହେବାକୁ ଥିବା ପୋଜିଶନିଂ ମ୍ୟାଚ୍(୯-୧୬ ସ୍ଥାନ) ପାଇଁ ୱେଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦ ଟଙ୍କା ରହିଥିବା ବେଳେ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଏବଂ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୧୦୦ ଟଙ୍କା ରହିଛି। ଗୋଟିଏ ଟିକେଟରେ ସେହି ଦିନର ସମସ୍ତ ମ୍ୟାଚ୍ ଦେଖିବାର ସୁଯୋଗ ମିଳିବ।

**ହକି ବିଶ୍ୱକପ୍**

FIH ODISHA HOCKEY MEN'S WORLD CUP 2023 BHUBANESWAR - ROURKELA

**ଆଉ ୧୮ ଦିନ**



ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଅଲ୍‌ଇଣ୍ଡିଆ ଓପନ କରାଟେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ମନକୁ ନିୟନ୍ତ୍ରଣ କରିବ ରୋବୋ



ୟୁନିଭର୍ସିଟି ଅଫ୍ ଟେକ୍ସସାସ୍‌ର ବୈଜ୍ଞାନିକମାନେ ଏକ ଉନ୍ନତ ଜ୍ଞାନକୌଶଳବିଶିଷ୍ଟ ରୋବୋ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ଏହାକୁ ବ୍ୟବହାର କରାଯାଇ ଜଣେ ବ୍ୟକ୍ତିର ମାନସିକ ସ୍ଥିତି ବିଷୟରେ ଜାଣିହେବ। ଉକ୍ତ ରୋବୋ ମସ୍ତିଷ୍କର କାର୍ଯ୍ୟଧାରାକୁ ତନ୍ନ ତନ୍ନ କରି ପରୀକ୍ଷା କରିବା ପରେ ଜଣେ ବ୍ୟକ୍ତିଙ୍କ ମାନସିକ ଅବସ୍ଥାକୁ ଅନୁଧ୍ୟାନ କରିପାରିବ। ତା' ସହ କେତେକ ମାନସିକ ରୋଗ ସମ୍ପର୍କରେ ମଧ୍ୟ ଏଥିରୁ ସୂଚନା ମିଳିବ ବୋଲି ପ୍ରସ୍ତୁତକାରୀ ବୈଜ୍ଞାନିକମାନେ ଆଶା ପ୍ରକଟ କରିଛନ୍ତି। ତେବେ ଏହି ହାଇଟେକ୍ ରୋବୋ ବଜାରରେ ଉପଲବ୍ଧ ହେବାକୁ ଆଉ କିଛି ମାସ ସମୟ ଲାଗିବ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ସୂଚନା ଦିଆଯାଇଛି।

## କ୍ୟାନ୍‌ସର ଆଶଙ୍କା ଓ ହଳଦୀ



ନିୟମିତ ହଳଦୀ ଖାଇବା ଦ୍ୱାରା ଏଥିରେ ଥିବା 'କରକ୍ୟୁମିନ୍' ନାମକ ତତ୍ତ୍ୱ କେତେକାଂଶରେ କ୍ୟାନ୍‌ସରଠାରୁ ଦୂରେଇ ରଖିପାରିବ ବୋଲି ମତବ୍ୟକ୍ତ କରିଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସର୍ଭେ ପରିସରଭୁକ୍ତ ପ୍ରତିଦିନ ହଳଦୀ ଖାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସରର ଲକ୍ଷଣ ଦେଖିବାକୁ ମିଳି ନ ଥିଲା ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

## ମନୁଷ୍ୟର ରଙ୍ଗ ବଦଳାଇବ ଚିପ୍



କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ଚିପ୍ସ ଭବିଷ୍ୟତରେ ମଣିଷ ନିଜର ରଙ୍ଗ, ରୂପ ଏବଂ ବୁଝିବା ଶକ୍ତି କିପରି ହେବ ତାହା ସ୍ଥିର କରିବ। ଏକ ପରିକଳ୍ପିତ ମନୁଷ୍ୟର ଶରୀର ଭିତରେ ଅନେକ ପ୍ରକାର ମେଶିନ ଏବଂ ମସ୍ତିଷ୍କରେ ଏକ ଚିପ୍ ରହିବ। ଏହି ମେଶିନ ଏବଂ ଚିପ୍ ଦ୍ୱାରା ମଣିଷର ମାନସିକ ଓ ଶାରୀରିକ ଦକ୍ଷତା ବର୍ତ୍ତମାନ ଅପେକ୍ଷା ଢେର୍ ଗୁଣ ବଢ଼ିଯିବ ବୋଲି ସେମାନେ ଆଶାପ୍ରକଟ କରିଛନ୍ତି।

# ଦୃଷ୍ଟାନ୍ତ

**ଶେଷ ପାଦରେ ଉପନୀତ ୨୦୨୨ । ଚଳିତବର୍ଷ ସ୍ୱାସ୍ଥ୍ୟ ଓ ବିଜ୍ଞାନ କ୍ଷେତ୍ରରେ ସଂଘଟିତ ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା...**

## 'ପୃଥ୍ୱୀ-୨'ର ରାତ୍ରି ପରୀକ୍ଷଣ

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆର୍ ପରିସରରେ 'ପୃଥ୍ୱୀ-୨' କ୍ଷେପଣାସ୍ତ୍ରର ସଫଳ ରାତ୍ରି ପରୀକ୍ଷଣ କରାଯାଇଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା ଏହି ସ୍ୱଳ୍ପ ଦୂରଗାମୀ ବାଲାଷ୍ଟିକ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ରହିଛି ୨୫୦-୩୦୦ କି.ମି.। ଏହି କ୍ଷେପଣାସ୍ତ୍ର ୧୦୦୦ କି.ଗ୍ରା. ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିପାରିବ। ଏହାର ଲମ୍ବ ରହିଛି ୮.୫୬ ମି.।



## ଇସ୍ରୋର ନୂଆ ଅଧ୍ୟକ୍ଷ



ଏସ୍. ସୋମନାଥନ

ବରିଷ୍ଠ ରକେଟ ବୈଜ୍ଞାନିକ ଏସ. ସୋମନାଥନଙ୍କୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଦଶମ ଅଧ୍ୟକ୍ଷ ଭାବରେ ନିଯୁକ୍ତି ଦିଆଯାଇଛି। ସେ ମହାକାଶ ବିଭାଗର ସଚିବ ଭାବରେ ମଧ୍ୟ କାର୍ଯ୍ୟ କରିବେ। 'ଚନ୍ଦ୍ରୟାନ-୨'ର ଲ୍ୟାଣ୍ଡର ଇଞ୍ଜିନ ଏବଂ ଜିସାଟ୍-୯ର ଇଲେକ୍ଟ୍ରିକ ପ୍ରପଲର୍ଶନ ସିଷ୍ଟମ ପ୍ରସ୍ତୁତିରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

### ଏକାଠି ଦୃଶ୍ୟମାନ ପାଞ୍ଚଟି ଗ୍ରହ

କୋଟି କୋଟି କିମି ଦୂରରେ ନିଜ କକ୍ଷ ପଥରେ ପରିକ୍ରମଣ କରୁଥିବା ପାଞ୍ଚଟି ଗ୍ରହ- ବୁଧ, ମଙ୍ଗଳ, ଶୁକ୍ର, ବୃହସ୍ପତି ଏବଂ ଶନି ଏକ ସରଳରେଖାରେ ଦୃଶ୍ୟମାନ ହୋଇଛନ୍ତି। ୨୦୦୪ରେ ଏହି ପାଞ୍ଚଟି ଗ୍ରହ ଶେଷ ଥର ପାଇଁ ଦେଖାଯାଇଥିଲେ।

### ମଙ୍ଗଳରେ ଜଳ ଥିବା ସ୍ଥାନ ଚିହ୍ନଟ

ମଙ୍ଗଳ ଗ୍ରହରେ ଏକଦା ଜଳ ରହିଥିବା ବିଷୟରେ ପୂର୍ବରୁ ସୂଚନା ମିଳିଥିଲା। ଚଳିତ ବର୍ଷ ୟୁରୋପୀୟ ମହାକାଶ ସଂସ୍ଥା (ଇଏସ୍ଏସ୍) ଏହି ଗ୍ରହରେ ଜଳ ଥିବା ନିର୍ଦ୍ଦିଷ୍ଟ ସ୍ଥାନକୁ ଚିହ୍ନଟ କରିଛି।

### 'ସୁପର ଆର୍ଥ' ଠାବ

ପୃଥିବୀ ଭଳି ଜୀବଜଗତ ଉପଯୋଗୀ ଗ୍ରହକୁ ଠାବ କରାଯାଇଛି। ଏହାକୁ 'ଟିଓଆଇ-୧୪୫୨' ନାମରେ ନାମିତ କରାଯାଇଛି। ଏହାକୁ ମଧ୍ୟ 'ସୁପର ଆର୍ଥ' ବୋଲି ସମ୍ବୋଧନ କରାଯାଉଛି।

### 'ମଙ୍ଗଳାୟନ ମିଶନ' ଶେଷ

ଭାରତର ପ୍ରଥମ ମଙ୍ଗଳ ମିଶନ 'ମଙ୍ଗଳାୟନ' ଶେଷ ହୋଇଛି। ୨୦୧୩ରେ ଏହାକୁ ସଫଳତାର



ସହ ମଙ୍ଗଳ କକ୍ଷରେ ଅବସ୍ଥାପିତ କରାଯାଇଥିଲା। ଏହାର ବ୍ୟାଟେରି ଏବଂ ଇନ୍ଧନ ଶେଷ ହେବାରୁ ତାହାକୁ ପୁନଃକାର୍ଯ୍ୟକ୍ଷମ କରାଇବା କଷ୍ଟକର ହେବା ଫଳରେ ଏହି ମିଶନକୁ ଶେଷ କରାଯାଇଛି।

**'ଅଭ୍ୟାସ'ର ସଫଳ ପରୀକ୍ଷଣ:** ବାଲେଶ୍ୱର ଜିଲା ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ହାଇସ୍ପିଡ୍ ଏକ୍ସପେଣ୍ଡେବଲ ଏରିଅଲ ଟାର୍ଗେଟ୍ (ହିଟ୍) କ୍ଷେପଣାସ୍ତ୍ର 'ଅଭ୍ୟାସ'ର ସଫଳ ପରୀକ୍ଷଣ କରାଯାଇଛି।

## ଭାରତର ପ୍ରଥମ ଘରୋଇ ରକେଟ୍

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଶ୍ରୀହରିକୋଟା ଉତ୍‌କ୍ଷେପଣ କେନ୍ଦ୍ରରୁ ଭାରତର ପ୍ରଥମ ଘରୋଇ ରକେଟ୍ 'ବିକ୍ରମ-୧'କୁ ସଫଳତାର ସହ ମହାକାଶକୁ ପ୍ରେରଣ କରାଯାଇଛି। ହାଇଦ୍ରାବାଦସ୍ଥିତ ଷ୍ଟାର୍ଟଅପ୍ ସଂସ୍ଥା ସ୍କାଏରୁଟ୍ ଏରୋସ୍ପେଶ ଏହି ରକେଟ୍‌କୁ ପ୍ରସ୍ତୁତ କରିଛି। ସୂଚନାଯୋଗ୍ୟ ଭାରତର ପ୍ରଥମ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି।

## ବ୍ଲଡ୍ କ୍ଲଟ୍ ହେବାର ନୂଆ କାରଣ

ବ୍ଲଡ କ୍ଲଟ୍ ହେବା ଦ୍ୱାରା ଆମ ଶରୀରରେ ରକ୍ତ ସଞ୍ଚାଳନ ବ୍ୟାହତ ହୋଇଥାଏ। ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଦର୍ଶାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ସମୟ ଟିଭି ଦେଖନ୍ତି, ତେବେ ତାହାର ଖରାପ ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡ଼ିବାର ଆଶଙ୍କା ରହିଛି। ଏପରି କି ଏହାଦ୍ୱାରା ବ୍ଲଡ୍ କ୍ଲଟ୍ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।



## ଭାରତର ପ୍ରଥମ ଲିକ୍ୟୁଡ୍ ମିରର ଟେଲିସ୍କୋପ୍

ଭାରତ, ବେଲ୍‌ଜିୟମ ଏବଂ କାନାଡ଼ାର ଜ୍ୟୋତିର୍ବିଜ୍ଞାନୀଙ୍କ ସହାୟତାରେ ଲିକ୍ୟୁଡ୍ ମିରର ଟେଲିସ୍କୋପ ନିର୍ମାଣ କରାଯାଇଛି। ଏହା ହେଉଛି ଭାରତର ପ୍ରଥମ ସର୍ବବୃହତ୍ ଦୂରବୀକ୍ଷଣ ଯନ୍ତ୍ର।



## ଅଗ୍ନି-୫ର ବ୍ୟବହାରିକ ପରୀକ୍ଷଣ

ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଧାମନଗର ଅବଦୁଲ କଲାମ ଦ୍ୱୀପରୁ ଅନ୍ତଃଦେଶୀୟ ବାଲାଷ୍ଟିକ ମିଶାଇଲ 'ଅଗ୍ନି-୫'ର ବ୍ୟବହାରିକ ପରୀକ୍ଷଣ କରାଯାଇଛି। ଏହାର ଲକ୍ଷ୍ୟଭେଦ କ୍ଷମତା ରହିଛି ୫୫୦୦ କି.ମି.।



## ଅତ୍ୟଧିକ ଟେନ୍‌ସନ୍ ହୋଇପାରେ ଆଜ୍‌ମାର କାରଣ

ଆପଣ ଅଧିକାଂଶ ସମୟ ଟେନ୍‌ସନ୍‌ରେ ରହିଲେ ତାହା ଭବିଷ୍ୟତରେ ଆଜ୍‌ମା ପରି ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି ସୂଚନା ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଅଧିକାଂଶ ସମୟ ଟେନ୍‌ସନ୍‌ର ବଶବର୍ତ୍ତୀ ହେଉଥିବା କିଛି ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେମାନେ ଏକଥା ଜାଣିପାରିଥିଲେ। କେବଳ ଆଜ୍‌ମା ନୁହେଁ, ଅତ୍ୟଧିକ ଟେନ୍‌ସନ୍ ଯୋଗୁ ହୃଦ୍‌ରୋଗ, ଡାଇବେଟିସ୍ ଏବଂ ମେଦବହୁଳତା ବା ଓବେସିଟି ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି।

## ପାଟିର ଦୁର୍ଗନ୍ଧ ହୋଇପାରେ ଡାଇବେଟିସ୍‌ର ଲକ୍ଷଣ

ପାଟିର ଦୁର୍ଗନ୍ଧ ଦୀର୍ଘଦିନ ଧରି ଲାଗିରହିଲେ ତାହା ଡାଇବେଟିସ୍‌ର କାରଣ ହୋଇପାରେ। ଏହି ରୋଗରେ ଜୀବାଣୁ ଦାନ୍ତକୁ ମଜଭୁତ କରୁଥିବା ଟିସୁ ଏବଂ ହାଡ଼କୁ ଦୁର୍ବଳ କରିଥାଏ। ଉକ୍ତ ରୋଗ ହେଲେ ପାଟିରୁ ଦୁର୍ଗନ୍ଧ ବାହାରିବା ସହ ମାଢ଼ି ଲାଲ୍ ପଡ଼ିଯାଏ, ରକ୍ତ ବାହାରେ ଏବଂ ଦାନ୍ତ ଦୁର୍ବଳ ହୋଇପଡ଼େ। ଦୁଇ ଥର (ସକାଳେ ଏବଂ ରାତ୍ରଭୋଜନ କରିବା ପରେ) ବ୍ରଶ କରନ୍ତୁ।

## ମହାକାଶରେ ହେବ ସୋଲାର ଫାର୍ମ

ବିଦ୍ୟୁତ୍ ଶକ୍ତି ସଙ୍କଟ ଦୂର କରିବା ଲାଗି ମହାକାଶରେ ସୋଲାର ଫାର୍ମ ପ୍ରତିଷ୍ଠା କରିବା ପାଇଁ ୟୁରୋପୀୟ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ସ୍ଥିର କରିଛନ୍ତି। କାରଣ ପୃଥିବୀ ପୃଷ୍ଠରେ ପଡୁଥିବା ସୂର୍ଯ୍ୟାଲୋକର ୧୦ ଗୁଣା ମହାକାଶରେ ପଡ଼ିଥାଏ। ତେଣୁ ସେଠାରେ ଏକ ସୋଲାର ଫାର୍ମ ପ୍ରତିଷ୍ଠା କରି ତାହାକୁ ବିଦ୍ୟୁତ୍‌ର ବିକଳ୍ପ ଭାବରେ ବ୍ୟବହାର କରିହେବ।



## ନୋବେଲ ବିଜ୍ଞାନୀ

### ପଦାର୍ଥ ବିଜ୍ଞାନ

ଫ୍ରାନ୍ସର ଆଲେନ୍ ଆସ୍ପେକଟ୍, ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ କ୍ଲାଉଜର ଏବଂ ଅଷ୍ଟ୍ରିଆର ଆଣ୍ଟୋନ୍ ଜେଲିଙ୍ଗରଙ୍କୁ ପଦାର୍ଥ ବିଜ୍ଞାନ ଲାଗି ଚଳିତ ବର୍ଷର ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। କ୍ୱାଣ୍ଟମ୍ ଯାନ୍ତ୍ରିକୀରେ ଅଭିନବ ଆବିଷ୍କାର ପାଇଁ ଏହି ତିନି ଜଣ ପଦାର୍ଥ ବିଜ୍ଞାନୀଙ୍କୁ ଉକ୍ତ ପୁରସ୍କାର ମିଳିଛି। ନୋବେଲ କମିଟି ଅନୁଯାୟୀ, ଫାଳ (ଏଣ୍ଟାଙ୍ଗଲମେଣ୍ଟ)ରେ ଥିବା ଫୋଟନରେ ପରୀକ୍ଷଣ, ବେଲ୍ ଅସମାନତାର ଅମାନ୍ୟ ସିଦ୍ଧାନ୍ତ ସ୍ଥାପନ ଏବଂ କ୍ୱାଣ୍ଟମ୍ ତଥ୍ୟ ବିଜ୍ଞାନରେ ସେମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ପଦାର୍ଥ ବିଜ୍ଞାନରେ ପୂର୍ବରୁ ନିଉଟନ୍ ମାଧ୍ୟାକର୍ଷଣ ନିୟମ ଅନୁଯାୟୀ ପାରମ୍ପରିକ ଯାନ୍ତ୍ରିକୀ ପ୍ରଚଳିତ ଥିଲା।



ଆଲେନ୍ ଆସ୍ପେକଟ୍ ଜନ୍ କ୍ଲାଉଜର ଆଣ୍ଟୋନ୍ ଜେଲିଙ୍ଗର

### ଭେଷଜ ବିଜ୍ଞାନ



ସ୍ୱାଣ୍ଟେ ପାବୋ

ସ୍ୱଇଡେନ୍‌ର ଷ୍ଟକ୍‌ହୋମ୍‌ରେ ଜନ୍ମିତ ଏବଂ ୬୭ ବର୍ଷ ବୟସ୍କ ଜୀବ ରସାୟନ ବିଜ୍ଞାନୀ ସ୍ୱାଣ୍ଟେ ପାବୋ ଚଳିତ ବର୍ଷ ଲାଗି ଶରୀର ବିଜ୍ଞାନ ବା ଭେଷଜ ବିଜ୍ଞାନରେ ସମ୍ମାନଜନକ ନୋବେଲ ପୁରସ୍କାର ପାଇଛନ୍ତି। ସମ୍ପ୍ରତି ସେ ଏହି ପ୍ରତିଷ୍ଠାନର ନିର୍ଦ୍ଦେଶକ ରହିଥିବା ସହ ଜାପାନର ଓକିନାୱା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ମଧ୍ୟ ପ୍ରଫେସର ଭାବେ ଅଧିଷ୍ଠିତ। ତାଙ୍କ ପିତା ସୁନେ ବର୍ଗଷ୍ଟମ୍ ମଧ୍ୟ ଥିଲେ ଜଣେ ଜୀବ ରସାୟନବିତ୍ ଏବଂ ୧୯୮୨ରେ ସେ ମଧ୍ୟ ଭେଷଜ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଥିଲେ। ସମ୍ପ୍ରତି ବିଲୁପ୍ତ ହୋଇଯାଇଥିବା ଆମ ମଣିଷଙ୍କର ପୂର୍ବଜମାନଙ୍କର ଜିନ୍ ସଂରଚନା ଏବଂ ମାନବର ବିବର୍ତ୍ତନ ସଂକ୍ରାନ୍ତ ଆବିଷ୍କାର ଲାଗି ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି।

### ରସାୟନ ବିଜ୍ଞାନ

କ୍ଲିକ୍ କେମେଷ୍ଟ୍ରି ଉପରେ ସ୍ୱତନ୍ତ୍ର ଭାବେ ଗବେଷଣା କରି ଏ କ୍ଷେତ୍ରକୁ ଭିନ୍ନ ଭିନ୍ନ ଦିଗରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବାରୁ ଆମେରିକାର କେ. ବାରୀ ସାର୍ପଲେସ୍‌ଙ୍କ ସହିତ ଡେନ୍‌ମାର୍କର କୋପେନହାଗେନ୍ ବିଶ୍ୱବିଦ୍ୟାଳୟର ମୋର୍‌ଟେନ୍ ପିଟର୍ ମେଲ୍‌ଡାଲ୍ ଏବଂ ଆମେରିକାର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର କ୍ୟାରୋଲିନ୍ ଆର୍. ବେର୍‌ଟୋଜିଙ୍କୁ ମିଳିତ ଭାବରେ ପ୍ରଦାନ କରାଯାଇଛି ଚଳିତ ବର୍ଷର ରସାୟନ ବିଜ୍ଞାନ ପାଇଁ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର। ତମ୍ବା ଉତ୍‌ପ୍ରେରକ ବ୍ୟବହାର କରି 'ଆଜାଇଡ୍' ଏବଂ ଆଲ୍‌କାଇନ୍ ମଧ୍ୟରେ ମୁଦ୍ରାକାର ସଂଯୋଗ ଉପରେ ମଧ୍ୟ ମେଲ୍‌ଡାଲ୍‌ଙ୍କ ଗବେଷଣା ଆଧାରିତ ଥିଲା, ଯାହାକି ତାଙ୍କୁ ନୋବେଲ ପୁରସ୍କାର ଆଣି ଦେଇଥିଲା। ବରଟୋଜି ଜୀବକୋଷ ଉପରେ ଗବେଷଣା କରି ଉଦ୍ଭାବନ କରିଥିଲେ 'ବାୟୋ-ଅର୍ଥଗୋନାଲ' ପ୍ରତିକ୍ରିୟା।



କ୍ୟାରୋଲିନ୍ ଆର୍. ବେର୍‌ଟୋଜି ମୋରଟେନ୍ ପି. ମେଲ୍‌ଡାଲ୍ କେ.ବାରୀ ସାର୍ପଲେସ୍

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


MARUTI SUZUKI
NEXA
THE ADVANCED
GRAND VITARA
RULE EVERY ROAD
INTELLIGENT ELECTRIC HYBRID
ALLGRIP
Scan the QR code to experience Grand Vitara at NEXAVerse.
NEXA Verse
CREATE. INSPIRE.
PANORAMIC SUNROOF
DIGITAL MULTI-INFORMATION DISPLAY
HEAD UP DISPLAY
IN-BUILT SUZUKI CONNECT
VENTILATED SEATS
EV MODE
DRIVE MODE SELECTOR
HILL DESCENT CONTROL
TYRE PRESSURE MONITORING SYSTEM
6 AIRBAGS
NEXA Safety Shield
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH -
FULL FRONTAL IMPACT
FRONTAL OFFSET IMPACT
SIDE IMPACT
Contact us at
1800-200-6392
1800-102-NEXA
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR: NEXA TWIN CITY (SKY AUTOMOBILES PH: 9776497764, 7440000642), NEXA GAJAPATI NAGAR (TUSHI MOTORS PVT. LTD. PH: 6372802153),
NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898), NEXA CYBER CITY (JYOTE MOTORS PH: 7064499300), CUTTACK: NEXA STADIUM RD (JYOTE MOTORS PH: 7440005202).
SMART FINANCE
AN ONLINE END-TO-END CAR FINANCE SOLUTION
Multiple financiers
Digital Document Upload
Live Loan status
Complete transparency (associated fees & charges)
Scan to know more.
Creative visualization | Black glass on the vehicle is due to lighting effect | Features are variant specific | For details on functioning of safety features, including air bag, kindly refer to the Owner's Manual.